ଚନ୍ଦ୍ରଶେଖର ରଥ

Digitized by srujanika@gmail.com

ନବଜାତକ

ଶ୍ରୀ ଚନ୍ଦ୍ରଶେଖର ରଥ

ଗ୍ରନ୍ଥ ମନ୍ଦିର

Digitized by srujanika@gmail.com

ପ୍ରକାଶକ :

ଅଭିରାମ ମହାପାତ୍ର

ଗ୍ର ନ୍ଥ ମ ନ୍ଦି ର

ବିନୋଦବିହାରୀ, କଟକ-୨

ମୁଦ୍ରକ :

ପ୍ରମୋଦ କୁମାର ମିଶ୍ର

ଜଗନ୍ନାଥ ପ୍ରିଣ୍ଟର୍ସ

ମେରଆବଜାର, କଟକ-୧

ପ୍ରଥମ ସଂସ୍କରଣ : ଅଗଷ୍ଟ, ୧୯୮୧

ପୁନର୍ମୁଦ୍ରଣ : ଏପ୍ରିଲ୍ ୧୯୯୦

ମୂଲ୍ୟ :

ସାଦା 30/00

Digitized by srujanika@gmail.com

ମୈତ୍ରୀକୁ

କରୁଣାକୁ

ଦେବାବ୍ରତରଣଙ୍କୁ ॥

Digitized by srujanika@gmail.com

ସହରର ଉପାନ୍ତରେ ସେ କେତେବେଳୁ ଆସି ଠିଆ ହୋଇଥିଲା, କେହି କହି ପାରିବେ ନାହିଁ । ସେ କିଏ, କାହିଁକି ଆସିଲା, କେମିତି ବା ଆସିଲା— ଏ କଥା ବି କାହାକୁ ଜଣାନାହିଁ ।

ସରୁ ସରୁ ଲତା ପରି ତା' ମୁଣ୍ଡରେ କୁଞ୍ଚକୁଞ୍ଚିଆ ଥୋଲ୍‌ଥୋଲ୍ ବାଳ । ଭଅଁର ପରି ଆଖି ଯୋଡ଼ିକ ନିଘଞ୍ଚ କଳା । କିନ୍ତୁ କାଚ କଣ୍ଢେଇ ଭିତରୁ ବତି ଜଳିଲା ପରି ତା'ର ସୁକୁମାର ଦେହଟି ସାରା କେମିତି କେଜାଣି ଝଲମଲ ।

କେଉଁଠୁ ସତେ ସେ ଆସିଛି ? କେମିତି ଆସିଛି ? କେଉଁ ମେଘରୁ ସେ ସ୍ୱଚ୍ଛ ବୁନ୍ଦାଏ ମଣିଷ ଖସି ପଡ଼ିଛି ସହରର ଉପାନ୍ତରେ ? ଯା' ପାଇଁ କୌଣସି ଉତ୍ତର ନଥିଲା ।

ସେ କାହାକୁ କିଛି କହୁ ନ ଥାଏ । ସେ ବୋଧହୁଏ କୌଣସି ଭାଷା ଜାଣି ନଥିଲା । ସେ ସମ୍ପୂର୍ଣ୍ଣ ଉଲଗ୍ନ ଠିଆହୋଇଥାଏ । ସେ ହୁଏତ କୌଣସି ସାମାଜିକ ଆଚରଣ ଜାଣି ନଥିଲା । ସେ ଆଚମ୍ବିତ ଚାହିଁଲା ପରି ଦିଶୁଥାଏ । ସ୍ୱପ୍ନାବିଷ୍ଟ ପରି ଦିଶୁଥାଏ । ସେ କିନ୍ତୁ ସଂପୂର୍ଣ୍ଣ ନୀରବ, ନିସ୍ପନ୍ଦ ଠିଆରହିଥାଏ କୌଣସି ଉଦ୍ଭିଦ ପରି; ଜହ୍ନ ପରି ।

କାହୁଁ ଆସି ଧୂଳିଧୂସରିଆ ଲଙ୍ଗଳା ପିଲା ଗୁଡ଼ିଏ ତା' ସାମ୍ନାରେ ଠିଆହୋଇଗଲେ । ଧାଇଁ ଧାଇଁ ଆସିଥିବାରୁ ସେମାନଙ୍କ ବୁକୁ ଦାଉଁ ଦାଉଁ ହେଉଥାଏ । ସେମାନେ ବୁଢ଼ା ଆଙ୍ଗୁଠି ଚୂଚୁମି ନାକପୁଡ଼ା ଫୁଲେଇ ଜଳଜଳ ଆଖିରେ ତାକୁ ଚାହିଁରହିଥାନ୍ତି । ତାଙ୍କର ବିଶ୍ୱାସ ଯେ ଆଉ କିଛି ସମୟ ପରେ ସେ ଉଜ୍ଜ୍ୱଳ ନିରାବରଣ ମଣିଷଟି ତାଙ୍କ ସାଙ୍ଗେ ଖେଳିପାରେ ।

କଅଁଳ ହଂସ ପରି ଗୁଡ଼ିଏ ମା' ଆସି ଘେରିଗଲେ । ଗାଲରେ, ଚିବୁକରେ ଟିପ ଦେଇ ଦୁଧିଆଳୀ ଗାଈ ପରି ଚାହିଁରହିଲେ । ମନକୁ ମନ କ୍ଷୀର ଝରି ଯିବାରୁ ଥନବନ୍ଧ ଉପରେ ପାତଳ ଲୁଗା ଲାଖିଗଲା । ଫୁଟିଲା ପଦ୍ମ ପରି ଏ

Digitized by srujanika@gmail.com

ସୁନ୍ଦର ପୁଅ କ'ଣ କାହାର କୋଳ ମଣ୍ଡନ କରିପାରେ ? କିଏ ସେ ଭାଗ୍ୟବତୀ ମା' ? କିଏ ସେ ନିଜେ ? କାହାର ପୁଅ ? ଘର କେଉଁଠି ?

ସହର ସାରା ଖବର ବ୍ୟାପିଗଲା । କିଏ କହିଲା ଆକାଶରୁ ଖସି ଆସିଛି ଅନ୍ୟ ଗ୍ରହର ମଣିଷ । ଆଉ କିଏ କହିଲା ସେ ହୁଏତ ଗୋଟିଏ ଅଦ୍ଭୁତ, ଅସଭ୍ୟ ଜନ୍ତୁ । ତା'ର ଆଖି ନାହିଁ କି ଜିଭ ନାହିଁ । ସେ ଦେଖିପାରୁ ନାହିଁ କି କହିପାରୁନାହିଁ । ସେ ଲୁଗା ପିନ୍ଧି ଶିଖିନାହିଁ ।

ସହରର ସବୁରାସ୍ତାରେ ଏକମୁହାଁ ଅସଂଖ୍ୟ କୌତୂହଳୀ ମଣିଷ ଧାଇଁବାକୁ ଲାଗିଲେ । ନଈ ଆଡ଼କୁ ସେମିତି ସେମାନେ ପ୍ରାୟ ଯାଆନ୍ତି ନାହିଁ । ସେପଟ ଆଡ଼କୁ ଚାହିଁବା ମଧ୍ୟ ସେମାନଙ୍କର ଅଭ୍ୟାସ ନୁହେଁ । ସେ ଦିନର କୌତୂହଳ ଅବଶ୍ୟ ସ୍ୱତନ୍ତ୍ର ।

ସେଇ ନିଘୁଞ୍ଚିଆ ନଈକୂଳ ବାଲିବନ୍ଧ ଉପରେ ସହରର କେହି ଜଣେ ଦୀର୍ଘତମ ଏବଂ ପ୍ରାଚୀନତମ ମଣିଷ ରହନ୍ତି ବୋଲି ଅନେକ କାଳ ହେଲା ଲୋକପ୍ରସିଦ୍ଧି ଟାଏ ଅଛି । ତାଙ୍କ ମୁଣ୍ଡରେ ତମ୍ବାବର୍ଣ୍ଣର ଦୀର୍ଘ ଜଟା । ଆଣ୍ଠୁ-ପର୍ଯ୍ୟନ୍ତ ଲମ୍ବି ରହିଥିବା ସେମିତି ସ୍ୱର୍ଣ୍ଣାଭ ଦାଢ଼ି । ତାଙ୍କ ବୟସ କେହି କହି ପାରିବେ ନାହିଁ । ସେ କେଉଁଠୁ ଅଥବା କେବେ ସେ ସହରକୁ ଆସିଛନ୍ତି ବା ଆସି ନାହାନ୍ତି ସେ କଥା କାହାକୁ ଜଣା ନାହିଁ । ବାଲିବନ୍ଧ ଆଡ଼େ କେହି କେବେ ଆଖି ଟେକି ଚାହିଁଦଅନ୍ତି ନାହିଁ । ଏଣୁ କେହି କେବେ ତାଙ୍କୁ ଦେଖିଛି ବୋଲି ମଧ୍ୟ ଜଣାନାହିଁ ।

ତଥାପି ଲୋକପ୍ରସିଦ୍ଧି ରହିଆସିଛି ଯେ ସେ କୁଆଡ଼େ ଅନେକଦିନ ତଳେ ଗଛରୁ ଫୁଟେଇ ପତ୍ର, ନଈରୁ ଚଳେ ପାଣି ଆହାର କରୁଥିଲେ । ଏବେ ପବନ ପିଇ ବସିଥା'ନ୍ତି । ସେ କେବେ ନିଜକୁ ଆବୃତ କରି ନାହାନ୍ତି । ସେ ଇଚ୍ଛା ଅନୁସାରେ ଭ୍ରମଣ କରନ୍ତି । ସେ କେତେବେଳେ କେଉଁଠି ରହନ୍ତି ବା ନରହନ୍ତି କେହି କହି ପାରିବେ ନାହିଁ । ଏ ସହରର ସେ ଏକ କିଂବଦନ୍ତୀ ।

ସେଦିନ ସହର ଉପାନ୍ତରେ ସମବେତ ଜନତା ସହସା ଆଡ଼ ହୋଇଗଲା । ସମସ୍ତଙ୍କ ମୁଣ୍ଡ ଉପରକୁ ତାଙ୍କର ବିଶାଳ ବୁକୁ, ସିଂହଶିଟା ପରି ଜଟାଭାର ଉଭାର ରହିଲା । ସେ ତାଡିଲା ତମ୍ବାରଙ୍ଗର ମଣିଷକୁ ସମସ୍ତେ ଅବାକ୍ ହୋଇ

Digitized by srujanika@gmail.com

ଗୁହାଁ ରହିଲେ । ଏଇ ତା' ହେଲେ ସେଇ ପ୍ରାଚୀନତମ ଅଧିବାସୀ ଯେ ପାଣିରେ ପଦ୍ମପତ୍ର ପରି ଏଠି ଥାଏ, ଅଥଚ ନଥିଲା ପରି ରହିଥାଏ । ହଂସ ପରି ପହଁରୁଥାଏ । ଅଥଚ ଓଦା ହୁଏ ନାହିଁ । ଖାଏ ନାହିଁ କି ଶୁଏ ନାହିଁ । ଇଚ୍ଛା ହେଲେ ଦେଖେ ଅବା ଦେଖେ ନାହିଁ । ଇଚ୍ଛା ହେଲେ ଥାଏ, ଇଚ୍ଛା ହେଲେ ଯାଏ । ଏଇ ସେଇ ନାହିଁ ନଥିବା ମଣିଷ !

ସେ ଆସି ଆଗନ୍ତୁକକୁ ସେମିତି ଗୁହାଁ ରହିଲେ । ସେ ନିସ୍ପନ୍ଦ ରୂପଟି କ୍ଷଣକ୍ ଚଞ୍ଚଳ ହେଲା ବୋଧହୁଏ । ଦୁହେଁ ଦୁହିଁଙ୍କୁ ଗୁହାଁ ରହିଲେ କେବଳ । ଜନତା କୋଳାହଳ କଲା । କିଏ କହିଲା ସେମାନେ ମନେ ମନେ ଆଳାପ କରୁଛନ୍ତି । କିଏ କହିଲା ଦୁହେଁ ମୂକ; ସେମାନେ ଅବାକ୍ ଜନ୍ତୁ ଭଳି ଗୁହାଁ ରହିଛନ୍ତି ପରସ୍ପରକୁ ।—'ସେ ସୁନ୍ଦର, ସେ ସ୍ୱଚ୍ଛ, ସେ ଦିବ୍ୟ !'—'ନା ନା ସେ ଆଦିମ, ସେ ଅସଭ୍ୟ, ସେ ଉଲଗ୍ନ, ସେ ନିର୍ବାକ୍ !'

ଜନତା କିନ୍ତୁ ଆଉ ଥରେ ଗୁହାଁଲାବେଳକୁ ସେମାନେ ହାତଧରାଧରି ହୋଇ ବାଲିବନ୍ତ ଉପରକୁ ପହଁରି ଯାଉଥାନ୍ତି । କେମିତି କେତେବେଳେ ଏବଂ କେଉଁବାଟେ ସେ ଘେର ଭିତରୁ ସେମାନେ ବାହାରିଗଲେ କେହି ଜାଣିପାରିଲେ ନାହିଁ ।

ସୂର୍ଯ୍ୟ ସବୁଦିନ ସେ ବାଲିବନ୍ତ ଉପରୁ ଉଦୟ ହୁଅନ୍ତି । ମୁହୂର୍ତ୍ତେ ଉଇଁ ଆସୁଥିବା ସୂର୍ଯ୍ୟ ଦେହରେ ମିଶିଗଲା ପରି ଛୋଟ ବଡ଼ ଦୁଇଟି ଆକୃତି ବାଲିବନ୍ତ ଉପରେ ଥମିଗଲେ । ତା'ପରେ ଓହ୍ଲେଇଗଲେ ଆରପାଖକୁ ।

କୃଳମାନ ସୂର୍ଯ୍ୟକୁ ଗୁହାଁବା ଏ ସହରର ଅଭ୍ୟାସ ନୁହେଁ । ବାଲିବନ୍ତ ଏପାରି କମ୍ବା ସେପାରି ପକ୍‌କାରସ୍ତା ନାହିଁ । ଦୀର୍ଘତମ ମଣିଷର ବିଶାଳ ପାଦଚିହ୍ନ ଉପରେ ଏ ବାଲିର ପାହାଡ଼ ପାରି ହେବାର ଅର୍ଥ କିଛି ନାହିଁ । କ'ଣ ମିଳିବ ସେ ପଟେ ?

କୌଣସି କୌତୂହଳକୁ ସୁଦ୍ଧା ଧାରଣ କରିବା ସେ ସହରର ଅଭ୍ୟାସ ନୁହେଁ । ସେ ଅଦ୍ଭୁତ ଆଗନ୍ତୁକ ଉପରେ ଉଦ୍ଭଟ ମନ୍ତବ୍ୟ ଦେଇ ଦେଇ କ୍ଷୁଧାତୁର ନରନାରୀଙ୍କର ପଟୁଆର ଆସ୍ତେ ସହରର ଆଡ଼ୁଆଳକୁ ଅପସରିଗଲା । ଅସଂଖ୍ୟ ଗୁଳି ଭିତରେ ସେ ମା'ଗୁଡ଼ିକ କାହିଁ କୁଆଡ଼େ ଲୁଚିଗଲେ । ସେ ଧୂଳିଧୂସର ପିଲା ଗୁଡ଼ିକ ହଜିଗଲେ ଅସଂଖ୍ୟ ମଲିମଣି ଗୋଡ଼ମାନଙ୍କ

Digitized by srujanika@gmail.com

ଅରଣ୍ୟରେ । ଅଜଣା ଗହ୍ୱରରୁ ମୁଣ୍ଡ ଟେକିଥିବା ଅଦ୍ଭୁତ ଘିଟନାଟି ଉପରେ ଦୈନନ୍ଦିନ ସମୁଦ୍ରର ଲହଡ଼ି ଘୋଡ଼େଇ ହୋଇଗଲା ।

ନଦୀକୂଳ ବଟଗଛ ଛାଇରେ ଦୁହେଁ ମୁହାଁମୁହିଁ ବାଲିବନ୍ତ ଉପରେ ବସି ପରସ୍ପରକୁ ଚାହିଁଲେ । ଦେହର ଆବରଣକୁ ଭେଦ ଯାଉଥିଲା ସେ ଦୃଷ୍ଟି । ଦୁଇଟି ହୃଦୟ ପରସ୍ପରକୁ ଗ୍ରହଣ କଲାପରେ ସେମାନଙ୍କର ଭାବ ବିନିମୟ ହେଉଥାଏ । ଭାଷାଭଳି କୌଣସି ସ୍ଥୂଳ ମାଧ୍ୟମର ସେଥିପାଇଁ ପ୍ରୟୋଜନ ନଥାଏ ।

"ଏଠି ଚଳିବାକୁ ହେଲେ ଅନ୍ୟ ଉପାୟ ନାହିଁ । ମୋର ଏ ରୂପ ସହିତ ଗୋଟିଏ ନାମ ମଧ୍ୟ ଖଞ୍ଜି ହେବାକୁ ପଡ଼ୁଛି । ଲୋକାଚାରର ଅନୁସାରେ ମୋ ନାଁ ବୃହସ୍ପତି । ଆପଣଙ୍କର ଏ ରୂପ କିନ୍ତୁ ଏଠି ଚଳିବ ନାହିଁ । ପାଞ୍ଚଟି ଉପାଦାନରୁ ତିନୋଟି ସ୍ଥୂଳ ଉପାଦାନ ଏଥିରେ ନାହିଁ । ଯାହାକୁ ନେଇ ଆପଣ କ'ଣ କରିବେ ? ଅବଶ୍ୟ ଏ ଜଗତକୁ ପ୍ରବେଶ କରିବାରେ ଆପଣଙ୍କର ଅଭିଳାଷ କ'ଣ ମୁଁ ଜାଣିନାହିଁ ।"

"ଅଭିଳାଷ ତ ମାତ୍ର ସେଇ ଗୋଟିଏ ଯାହା ସହିତ ଅନନ୍ତକାଳ ଅବଧି ସାଧନା ଚାଲିଛି । ଅସଂଖ୍ୟ ଜଗତରେ ଯୁଗ ଯୁଗ ଧରି ସେଇ ଶ୍ରେଷ୍ଠତମ ଏବଂ ଗହ୍ୱରତମ ରହସ୍ୟକୁ ଖୋଜା ଚାଲିଛି । ସେ ତଥାପି ଅପସ୍ତୃପ୍ରମାଣ । ଦ୍ରବ୍ୟ ଏବଂ ସୂକ୍ଷ୍ମାତିସୂକ୍ଷ୍ମ ଜଗତରେ ଦେଶକାଳ ଅତି ବିଶୁଦ୍ଧ ଏବଂ ବିସ୍ତୀର୍ଣ୍ଣ । ସେଠି ମଧ୍ୟ ଖୋଜା ଚାଲିଛି । ଏ ଜଗତ ଅପେକ୍ଷାକୃତ ଅନେକ ସ୍ଥୂଳ । ଏ ପ୍ରବାହରେ ଥରେ ପଶି ଦେଖିବାକୁ ଇଚ୍ଛା । କିନ୍ତୁ ଅନେକ ବ୍ୟବଧାନ ରହିଯାଉଛି । କ'ଣ କରିବା ?"

"ଏଠି ତ ନାନାବିଧ ରୂପ । ଯେ କୌଣସି ରୂପକୁ ସ୍ୱୀକାର କରିନେଲେ ପ୍ରବେଶ କରିହେବ । ସେ ଏଠି ଅତି ସାନ୍ଦ୍ର ଏବଂ ନିରବଚ୍ଛିନ୍ନ ଭାବରେ ଅଛି ଭଳି ଲାଗେ । ଏଣୁ ଅନେକେ ଦ୍ୱିପଦ, ଚତୁଷ୍ପଦ, ଅଣ୍ଡଜ ଉଦ୍ଭିଜ୍ଜ ରୂପରେ ଏଠି ତପସ୍ୟା କରୁଛନ୍ତି । ତଥାପି ମଣିଷ ରୂପଟିଏ ନେଲେ ସାଧନା ପାଇଁ ସବୁଠାରୁ ପ୍ରଶସ୍ତ କ୍ଷେତ୍ର ମିଳେ । ଜଡ଼ଗୁଣରେ ଦେହଟି ଯେତିକି ଆଚ୍ଛନ୍ନ,

Digitized by srujanika@gmail.com

ମନୋଭୂମିରେ ଚେତନା ତାହା ଅପେକ୍ଷା ଅନେକ ଗୁଣରେ ଉନ୍ନତ । ମଣିଷ ଇତରଙ୍କ ପରି ଜୀବଟିଏ ସତ; କିନ୍ତୁ ଏଇ କାରଣରୁ ଦୁର୍ଲ୍ଲଭ ଜୀବଟିଏ । ଯଦି ତାର ସଂପୂର୍ଣ୍ଣ ଜୀବଦ୍ଦଶା ସ୍ୱୀକାର କରିବାକୁ ଚାହାନ୍ତି, ତା'ହେଲେ ମାନବୀ ଗର୍ଭରେ ଜନ୍ମ ନେବାକୁ ହେବ ଏବଂ ଅପେକ୍ଷା କରିବାକୁ ହେବ । ମନ ଏବଂ ଶରୀରର ଆୟତନ ପୂର୍ଣ୍ଣ ବିକଶିତ ହେଲେ ହିଁ ସଚେତନ ଏବଂ ସକ୍ରିୟ ସାଧନା ସମ୍ଭବ ।"

"ଏହା ମୁଁ କେତେକାଂଶରେ ଅନୁଭବ କରିଥିଲି । ସିଧାସଳଖ ସଂଗ୍ରାମ ଏବଂ ସାଧନାର ଭୂମିରେ ପ୍ରବେଶ କରିବାକୁ ମୁଁ ମଣିଷ ଆକୃତିର ସମର୍ଥ ରୂପ ପାଇଁ ଅଭିଳାଷ କରିଥିଲି ।"

ବୃହତ୍ କିଛି କ୍ଷଣ ନୀରବ ରହି କହିଲେ, "ଆପଣ ଯେଉଁ ସ୍ତରରେ ଥାଇ ଅଭିଳାଷ କରିଥିଲେ ସେଇଠି ତ' ଆଉ ଭୂମି ନାହିଁ, ଜଳ ନାହିଁ କିମ୍ବା ବାୟୁ ନାହିଁ । ସେଥିପାଇଁ ଆପଣଙ୍କର ଇଚ୍ଛାକଳେବର ଏଭଳି ତେଜୋମୟ କିଶୋର ରୂପ ଗ୍ରହଣ କଲା ।" କିଛି ସମୟ ଚିନ୍ତାକରି ପୁଣି କହିଲେ, "ଯଦି ଆପଣ ଚାହାନ୍ତି, ତେବେ ଏଇଠି ଗୋଟିଏ ସଦ୍ୟରକ୍ଷିତ ଦେହପିଣ୍ଡ ଅଛି । ଆପଣ ସେଥିରେ କାୟା ପ୍ରବେଶ କରିପାରନ୍ତି ।"

ସେ କୌତୂହଳରେ ପ୍ରଶ୍ନ କଲାପରି ଭ୍ରୂରୁ ଟେକି ଚାହିଁଲେ । ବୃହତ୍ ବୁଝିଗଲେ । କହିଲେ, "ଭିକ୍ଷୁ ରୂପରେ କୈଶୋର ଅବସ୍ଥାରୁ ହିଁ ସେ ଅଠର-ବର୍ଷ ଏଠି ଭ୍ରମିବା ପରେ ହଠାତ୍ ଦେହରକ୍ଷା କଲେ । ସଂସାର ତାଙ୍କୁ ଅକୁଳାନ ବୋଧ ହେଲା । ତାଙ୍କ ଉପରେ ସଂସାର ପ୍ରବାହ ମଡ଼େଇ ହୋଇ ରହିଥିଲା କିଛି ଦିନ । ସେ ସୁଅକାଟି ଉପରକୁ ମୁଣ୍ଡ ଟେକି ଉଠି ପାରୁନଥିଲେ । ଏଇଠି ତାଙ୍କର ମୁକ୍ତି ଉଦ୍ଧାର ହେଲା । ଆଖି ମିଟିଥାଇ ଥରେ ଚାହିଁବା ପରେ ସେ ଆଉ ଏ ଭିତରେ ପଶିବାକୁ ଇଚ୍ଛା କଲେ ନାହିଁ । ଶରୀର ରକ୍ଷା କରି ଚାଲିଗଲେ । କ୍ଷେତ୍ର ବିଶୁଦ୍ଧ ଅଛି । ଆପଣ କାୟା ପ୍ରବେଶ କଲେ ତାଙ୍କର ଭୂମିକା ଗ୍ରହଣ କରିବାକୁ ହେବ । ସେ ଏଠି ଦୀକ୍ଷିତ ଭିକ୍ଷୁ ନାମରେ ପରିଚିତ ଥିଲେ ।"

'ଅସ୍ତୁ !'

ବାଳକୁଦ ଉପରେ ଦୃଷ୍ଟି ନିବଦ୍ଧ କଲେ ବୃହତ୍ । ପବନ ଭଉଁରି କାଟି ବାଲି ଆଡ଼େଇ ଦେଲା । ଫୁର୍‌ଫୁର୍ ପାତଳ ଲୁଗାଟିଏ ପରି ଶୁଖିଲା

Digitized by srujanika@gmail.com

ବାଳଗୁଡ଼ିକ ଉଡ଼ିଗଲା ପରେ ଶବ୍ଦ ହୋଇ ଶୋଇରହିଥିବା ଶରୀରଟି ଦୃଶ୍ୟ ହେଲା । ସେଇ ଆଡ଼କୁ ହାତରେ ଇଙ୍ଗିତ କରି ସ୍ୱାଗତ ଜଣାଇଲେ ବୃହତ୍ । କହିଲେ, 'ଆସନ୍ତୁ !'

ତାଙ୍କର ସେ ତେଜସ୍ୱୀନ୍ ରୂପଟି ରଣକୁହୁଡ଼ି ପରି ପାତଳ ଝଲମଲ ଦେଖାଗଲା । ଉତ୍ତାନ ଶୋଇ ରହିଥିବା ଶରୀରର ମୁଣ୍ଡ ପାଖରେ କିଛି ସମୟ ଧୂଆଁ ରେଖାଏ ପରି ଲାଗିରହିଲା । ତା'ପରେ ହଠାତ୍ ଅଦୃଶ୍ୟ ହୋଇଗଲା ।

ଘନ ଅନ୍ଧାର ଭିତରେ ଅତି ସଙ୍କୀର୍ଣ୍ଣ ପଥଟିଏ । ଈଷତ୍ ଉଷ୍ଣ ଏବଂ ବାୟୁଶୂନ୍ୟ । ରୁଦ୍ଧଦେଲା ପରି ଅସ୍ୱସ୍ତିକର । ସେଇ ଅନ୍ଧାର ଭିତରେ ବୃହତ୍‌ଙ୍କର ସ୍ୱର ଶୁଭିଲା, "ଏହା ହିଁ ପ୍ରବେଶ ଦ୍ୱାର ! ଆପଣ ଆଗେଇ ଯାଆନ୍ତୁ !"

ଅନ୍ଧାର ସମୁଦ୍ରରେ ଢେଉ ଉଠିଲା । ନିଃଶ୍ୱାସ ଚଳିଲା । ଆଖିପତା ଥରି ଉଠିଲା । ସମଗ୍ର ଶରୀରଟି ଈଷତ୍ କମ୍ପିତ ହେଲା । ଜାଗ୍ରତ ହେଲା । ଅସଂଖ୍ୟ ନାଡ଼ି, ଶିରା, ଅସ୍ଥି ମେଦ ମଜ୍ଜାର ଗୋଟାଏ ପଙ୍କିତ ମଞ୍ଜେଇ ହୋଇପଡ଼ିଲା । ···ଓଃ,···ସେ ଅଂଧାରର, ଆଲୋଡ଼ନ, ପାଣି କି ପବନ, କି ଭାରି ଭାରି ପଥର କିଛି ଜଣାଗଲାନାହିଁ ।

ପ୍ରତି ଲୋମକୂପରୁ ଟକ୍ ଟକ୍ ହୋଇ ଝାଳ ଝରିଗଲା । ଧର୍ଷିତ ଭିକ୍ଷୁ ଉଠି ଚାହିଁଲେ ଚତୁର୍ଦ୍ଦିଗକୁ । ସେ ଘନନୀଳ ପଦାର୍ଥ କ'ଣ ଆକାଶ ? ସେ ପ୍ରଚଣ୍ଡ ଅଗ୍ନିପିଣ୍ଡ କ'ଣ ସୂର୍ଯ୍ୟ ?

ବୃହତ୍ ଉଚ୍ଚାରଣ କରି କହିଲେ, 'ଓଁ !' ଚମକି ପଡ଼ିଲେ ଭିକ୍ଷୁ । କାନରେ ହାତ ଦେଇ ତାଙ୍କୁ ଚାହିଁଲେ । ବୃହତ୍ କହିଲେ, "କେମିତି ଲାଗୁଛି ? ପ୍ରଥମେ ଶରୀରଟିକୁ ବୁଝି ନିଅନ୍ତୁ । ନିଜର ପୃଥକ୍ ସତ୍ତାଟିକୁ ନିର୍ଭୁଲ୍ ଭାବରେ ଅନୁଭବ କରନ୍ତୁ । ତା'ପରେ ଅନ୍ୟ କଥା ।"

ଭିକ୍ଷୁ କୌତୂହଳୀ ହୋଇପରି ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଚାହିଁଥାନ୍ତି । ମୁହୂର୍ତ୍ତକ ପାଇଁ ତାଙ୍କର ଭାବାନ୍ତର ଆସିଲା । ସେ ବୃହତ୍‌ଙ୍କୁ ଚାହିଁ ପଚାରିଲେ, "ଏଇଟା ପୁଣି କ'ଣ ?"

ବୃହତ୍ ଏଥର ଅଳ୍ପ ହସିଲେ । କହିଲେ, "ଏଇ ପରା ହେଲା ଶରୀରର କ୍ଷୁଧା । ଏହାର ନିରାକରଣ ନାହିଁ । ଶରୀର ଥିବାଯାଏ ଏହା ରହିଥିବ ।

Digitized by srujanika@gmail.com

ସ୍ତ୍ରୀକୁ ନିଜଠାରୁ ପୃଥକ୍ ରଖିଥିବେ । ନଚେତ୍ ସେ ତାପିତ କରିବ, ଧୂମାଚ୍ଛନ୍ନ କରିବ ।"

ଭିକ୍ଷୁ ଆସ୍ତେ ଉଠିଲେ । "ବେଶ୍ ଆମୋଦକର ହୋଇଛି ଏ ସବୁ । ଏଠି କିଛି ଦିନ ଏ ଶରୀର-ଘର ନେଇ ଚଳି ଶିଖିଲା ପରେ ସଂସାରରେ ପଶିବା ।"

ବୃଦ୍ଧ ତାଙ୍କ ଆଖି ଭିତରକୁ ଚାହିଁ କହିଲେ, "ଅସ୍ତୁ ! କିନ୍ତୁ ଆପଣ ପରା ସଂସାରରେ ପ୍ରବେଶ କରିସାରିଲେଣି !"

ଉଭୟେ ଆମୋଦିତ ବୋଧକଲେ ।

"କିଓ, ଇଏ କ'ଣ ଅବିକଳ ତା'ର ଭଳି ଦିଶୁଚ ! ଏ କ'ଣ ସେଇ ?"

"ଆଚ୍ଛା, ତୁମେ କିଏ ?"

"ତୁମେ କ'ଣ ଦୀକ୍ଷିତ ଭିକ୍ଷୁ ?"

"କହିତ ନା ନାହିଁ, ଦେଖିବୁ ଏଇନେ !"

ସେ ଚାହିଁଲେ ଜଣକ ପରେ ଜଣକୁ । ବିସ୍ମିତ ହେଲାପରି ଜଣାଗଲେ, ନିଜ ଉପରେ, ସେମାନଙ୍କ ଉପରେ । ସେମାନେ ସହଜ ଅଭ୍ୟାସରେ ପ୍ରଶ୍ନଟିଏ କରିଛନ୍ତି । ସେମାନଙ୍କ କୌତୂହଳ ମଧ୍ୟ ସ୍ୱାଭାବିକ । କିନ୍ତୁ ସେ କ'ଣ କହି ସେମାନଙ୍କୁ ଉତ୍ତର ଦେବେ ? ଅଦୃଶ୍ୟ ଲଇଟାଏ ତାଙ୍କ ଗୁଳିଆଡ଼େ ଗୁଡ଼େଇ ହୋଇଗଲା ପରି ସେ ଅନୁଭବ କଲେ । ଏଇ ବୋଧହୁଏ ସଂସାରର ପ୍ରଥମ ସ୍ପର୍ଶ । ଦୀକ୍ଷିତ ଭିକ୍ଷୁଙ୍କର ଭୂମିକାକୁ ସ୍ୱୀକାର କଲାପରେ ସେ ଏଇଠି ଆଉ କ'ଣ ବୋଲି ପରିଚୟ ଦେଇପାରିବେ ? ମୁହୂର୍ତ୍ତକରେ ଜାଲଟିକୁ ଆଡ଼େଇ ଦେଇ ସେ କହିଲେ, "ନାମ-ରୂପ ଉଭୟ ମିଥ୍ୟା !"

ତିନିଜଣଯାକ କରକର ହସିଲେ । ଜଣେ ସେଥିରୁ କହିଲା—"ସେଇଟା ବି ଏମିତି ଗୁଡ଼ାଏ ବାଉଳିବତାଉଳି ଗପୁଥିଲା ।"

Digitized by srujanika@gmail.com

ଆଉ ଜଣେ କହିଲା, "ଖାଲି କ'ଣ ସେତିକ ? ଏଇ ବରଗଛ ମୂଳେ ସେ ପ୍ରଥମେ ଆସି ବସି ନଥିଲା କ ?—ଟିକିଏ ମନେପକାଅ । ସେଇଠୁ ତ' ଲାଗିଲା ରଙ୍ଗ ଯେ କାହିଁରେ କ'ଣ !"

ଶେଷ ଜଣକ କହିଲା, "ଏଇ ପରା ସେଇ ! ତମକୁ କ'ଣ ଭେଳକ ଲାଗିଛି କ, ଚିହ୍ନି ପାରୁନାହଁ ! ଚାଲ, ବଜାର ଛକରେ କହିଦେବା ଯେ ପାଷଣ୍ଡ ଭିକ୍ଷୁ ଆସିଗଲେ ।"

ହୋ, ହୋ, ହୋ । ତିନିଜଣଯାକ ସମସ୍ୱରରେ ହସିଉଠିଲେ ।

...ତାଙ୍କ ହାତ ଯୋଡ଼ିକୁ ପଛରେ ଛନ୍ଦ ଲୁହା ଶିକୁଳିରେ ବାନ୍ଧି ଦିଆଗଲା । ଅଣ୍ଟାରେ ଦଉଡ଼ି ବାନ୍ଧି ଆଗରୁ ଟଣାଗଲା । ତାଙ୍କ ଚାରିଆଡ଼େ ଜନତା ରୁହାଟିଲା । ତାଙ୍କ ମୁହଁରେ ଛେପ ପକେଇଲା । କଳା କଳା ଦୁର୍ଗନ୍ଧ ଶବ୍ଦ ଗୁଡ଼ାଏ ଅହରହ ସେମାନଙ୍କ ମୁହଁରୁ ବର୍ଷା ହେଲା । କାନର ପର୍ଦା ଉପରେ କର୍କଶ ହେଲା ଗର୍ଜନର ବଜ୍ରବୁନ୍ଦ ଲହଡ଼ି । ସେ ବହିରା ହୋଇ ଅନେଇଁଲେ ।

କ'ଣ ଏ ସବୁ ?...କିଏ ଏମାନେ ?...ଏମିତି କାହିଁକି ହେଉଛନ୍ତି ?

କେହି ଜଣେ ଖର ଖର ଜୋତା ପିନ୍ଧି ଲାତଟାଏ ବସେଇ ଦେଲା ପଛରୁ । ଶିକୁଳି ଆଉ ଦଉଡ଼ି ଉଭୟ ଅଡ଼ୁଆ ଟାଣି ହୋଇଗଲେ । ଆଗରୁ ଆଉ କେହି ଜଣେ ମୁହଁ ଉପରକୁ ଲାଖକରି ଟେକା ଫୋପାଡ଼ିଲା । କପାଳ ଫାଟି ରକ୍ତ ଝରିଗଲା । ଶରୀରଟି ଅସହାୟ ଗଛଟିଏ ପରି ଛଟପଟ ହେଲା । ଚିତ୍କାର କଲା । ସେ ଶରୀରର ଯନ୍ତ୍ରଣାକୁ ଅଙ୍ଗୀକାର କଲେ । ଏଇ ବୋଧହୁଏ ପ୍ରଥମ ପରୀକ୍ଷା ! ଦେଖାଯାଉ । ସେ ଯନ୍ତ୍ରଣାର ବୋଝକୁ ନିର୍ବିକାର ପିଠି ଉପରେ ଧରି ଆଗେଇଲେ ଖରା, ଧୂଳି ଓ ଚିତ୍କାର ଭିତରେ ।

ଲମ୍ବା ଲମ୍ବା ଦେବଦାରୁ ଗଛ ଗୁଡ଼ିଏ ବାଟରେ ଠିଆ ରହିଗଲେ; ଘୁଞ୍ଚିଲେ ନାହିଁ । ଗୁଡ଼ାଏ ଘୁଷୁରିପିଲା, ମଣିଷପିଲା ଏବଂ ଗୋରୁ ଆଗରୁ

Digitized by srujanika@gmail.com

ଦୌଡ଼ ଗ୍ଳଲଗଲେ; ପଛକୁ ଫେର ଗ୍ଳହିଁଲେ ନାହିଁ । ଉପରେ ଗୋଟାଏ ପାର୍ ସର୍ ସର୍ ଉଡ଼ ଗ୍ଳଲଗଲେ । ତା' ଉପରକୁ ନିଶ୍ଚିନ୍ତ ଭଙ୍ଗିରେ କାଟୁଥିବା ଡେନୋଟି ମାଟିଶିଳ ଏବଂ ସବା ଉପରେ ନୀଳ ଦର୍ପଣ ପରି ଚୁପ୍‌ଚାପ୍ ଆକାଶ !

ଏ ସମସ୍ତକୁ ସେ ଆଖି କୁଞ୍ଚେଇ ଗ୍ଳହିଁଲେ । ମନକୁମନ ଗୁଣୁଗୁଣୁ ହେଲେ, "ମୁଁ ଦୀକ୍ଷିତ ଭିକ୍ଷୁ । ମୁଁ ସଂସାରରେ ଅଛି । ପୀଡ଼ା ପାଉଛି । ପୀଡ଼ା ସତ୍ୟ । ମୁଁ ସତ୍ୟ । ସଂସାର ସତ୍ୟ ।"

ପଥର ଘରେ ପଥରର ଘଣ୍ଟା, ପଥର ହାତୁଡ଼ି । ହାତୁଡ଼ି ପଡ଼ିବାମାତ୍ରେ ସ୍ତବ୍ଧ ହୋଇଗଲା ଜନତା । ଉଚ୍ଚ କାନ୍ଥ ଉପରେ ହୃତ୍‌ପିଣ୍ଡ ପରି ଘଣ୍ଟାଟିଏ କେବଳ ଟିକ୍ ଟିକ୍ ହେଉଥିଲା ।

ମଞ୍ଚ ଉପରେ ତିନୋଟି ନିଶ୍ଚଳ ମଣିଷମୂର୍ତ୍ତି । କଳା ପୋଷାକ, ଧଳା ଚଉଁରୀ । ଘନ ଭ୍ରୂଲତା, ଘନ ଚଷମା । ପଥର ଘରର ପଥର ଆସବାବ ଗୁଡ଼ାଏ ସେମାନେ । ବୋଧହୁଏ ସେମାନେ ସେଇ ହାତୁଡ଼ିର ଅବୟବ ।

ହାତୁଡ଼ି କହିଲା, "ଉପସ୍ଥିତ ମୁଦାଲି ଜାରଜ ଦୀକ୍ଷିତ ଭିକ୍ଷୁ ! ପିତା ଅଜ୍ଞାତ —ମାତା ଦେବକୀ ବେଶ୍ୟା—ଜନ୍ମସ୍ଥାନ ବଧଶାଳ—ତୁମକୁ ଚରମ ଦଣ୍ଡ ଦେବା ପୂର୍ବରୁ ଏହି ଉଚ୍ଚତମ ନ୍ୟାୟାଳୟ ଆଉଥରେ ତୁମର ବୟାନ ଶୁଣିବାକୁ ସଦୟ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଣୁ ତୁମେ ଶେଷଥର ପାଇଁ ପଚରାଯାଉଥିବା ପ୍ରଶ୍ନର ଉତ୍ତର ଦେଇପାର ।"

"ତୁମେ ଦୀକ୍ଷିତ ଭିକ୍ଷୁ ନ୍ୟାୟଶାସନକୁ ଉପେକ୍ଷା କରି ଏବଂ ନିଜ ନାମରେ ମୃତ୍ୟୁ ପ୍ରଗ୍ଳର କରି ଏତେ ଦିନ ଲୁଚି ରହିଥିଲ । ନ୍ୟାୟଶକ୍ତି ସ୍ୱୟଂ ତୁମକୁ ଏଠାରେ ଆଣି ଅର୍ପଣ କରିଛନ୍ତି । ଜାଣିରଖ ଯେ ତୁମର ବଞ୍ଚିବା କିମ୍ବା ମରିବା ପାଇଁ ଏ ସର୍ବୋଚ୍ଚ ଅନୁଷ୍ଠାନର ଅନୁମତି ପ୍ରୟୋଜନ ।"

ଧଳା କଇଁ କଢ଼ଟିଏ ପରି ସେ ନୀରବ ।

Digitized by srujanika@gmail.com

"ତୁମେ କ'ଣ ଏବେ ମଧ୍ୟ ବିଶ୍ୱାସ କରୁଛ ଯେ ଏ ସମଗ୍ର ସଂସାର ମିଥ୍ୟା ? ତୁମ ଆଖିକୁ କ'ଣ ଏତେ ସବୁ ବୈଚିତ୍ର୍ୟ ଦିଶୁନାହିଁ ?"

ସେ କଳା ମଚମଚ ଆଖିରେ କୌଣସି ଉତ୍ତର ନାହିଁ ।

"ମହାମହିମ ସମ୍ରାଟ ଏବଂ ସେ କୁକୁର ଭିତରେ କୌଣସି ତାରତମ୍ୟ ନାହିଁ ।" ଗାରୁ ଗାରୁ ଗର୍ଜିଲା କ୍ଷୁବ୍ଧ ଜନତା । କୁକୁର ମିଟିମିଟି ଚାହିଁ ରହିଲା ।

"ସେ କୁକୁର ଏବଂ ଏ କାନ୍ଥ ଭିତରେ କିଛି ପାର୍ଥକ୍ୟ ନାହିଁ ?" ଜନତା ଠିସ୍ ଠିସ୍ ହସିଲା । କୁକୁର କନ୍‌କନ୍ ହେଲା । କାନ୍ଥ ନିର୍ବିକାର ।

"ଏଇ ମୁହୂର୍ତ୍ତରେ ଏଇଠି ତୁମର ବିଚାର ହେଉଥିବା କ'ଣ ମିଥ୍ୟ ?" ଦୁହୁଦୁହୁ କମ୍ପିଲା ପଥର ଘର ହସ ଏବଂ ନାନା ପ୍ରକାର କୁହାଟରେ । ହାକିମ ଗର୍ଜିଲା । ସବୁ ସ୍ତବ୍ଧ ।

"ଶୁଣ, ଜାରଜ ଘୃଣିତ ଭିକ୍ଷୁ ! ତୁମେ ସମଗ୍ର ମାନବଜାତିର ବିଶ୍ୱାସ ଭଙ୍ଗ କରିଛ । ଅପମାନ କରିଛ ତାର ସୃଷ୍ଟି, ତାର କୃତି ଏବଂ ତା'ର ଯାବତୀୟ ଅନୁଷ୍ଠାନକୁ । ଏଭଳି ସାଙ୍ଘାତିକ ଅପରାଧ ପାଇଁ ତୁମକୁ ଚରମ ଶାସ୍ତି ବିଧାନ କରାଗଲା । ଆଜିର ଏ ନ୍ୟାୟ ବିଚାର ଏବଂ ଏ ଦଣ୍ଡ ଚିରଦିନ ଅମର ହୋଇ ରହିବ ।"

ହାଉଁ ହାଉଁ ହେଲା ଜନତା । ହୁଲୁକଲା ପଥରକାନ୍ଥ କିଛି ସମୟ ଧରି ।···"ତୁମକୁ ଏଇଠି, ସମସ୍ତଙ୍କ ଆଗରେ, ଏଇ ପଥର କାନ୍ଥରେ କଣ୍ଟା ମାରି ଦିଆଯିବ । ଦଶଟି ବନ୍ଧୁକରୁ ଦଶଥର ଗୁଳିମାରି ତୁମ ଶରୀରକୁ ବିଦୀର୍ଣ୍ଣ କରିଦିଆଯିବ । ବଳକା ଅଙ୍ଗକୁ ଖଣ୍ଡଖଣ୍ଡ କରି କୁକୁରଙ୍କୁ ବାଣ୍ଟି ଦିଆଯିବ ।"

ଭୟଙ୍କର ଉନ୍ମତ୍ତ ଚିତ୍କାରରେ କଣ୍ଟା ଏବଂ ହାତୁଡ଼ିର ପଟୁଆର, ବନ୍ଧୁକ ଏବଂ ବନ୍ଧୁକଧାରୀଙ୍କ ପଟୁଆର ମାଡ଼ିଆସିଲେ ।

ସେ ପୂର୍ବପରି ନିଶ୍ଚଳ ଠିଆରହିଥା'ନ୍ତି । ତାଙ୍କ ଭିତରେ ବାହାରେ ତୁମୁଳ ଝଡ଼ । ଭିତରେ ତାଙ୍କୁ ଶୁଭିଲା, ବୁଦ୍ଧ କହୁଛନ୍ତି, "ଏ ପରୀକ୍ଷା କ'ଣ ଆପଣ ନେବାକୁ ଚାହୁଁଛନ୍ତି ? ଯୀଶୁ' ପରେ କିନ୍ତୁ ଏ ଜଗତରେ ଆଉ କିଛି

Digitized by srujanika@gmail.com

ସମ୍ଭବ ନୁହେଁ ।" ବାହାରକୁ ସେ ସାମାନ୍ୟ ହସିଲା ପରି ଦେଖାଗଲେ । କାନ୍ଥ ଉପରେ ତାଙ୍କ ବାହୁ ଯୋଡ଼ିକୁ ଓସାରି ଦିଆହୋଇଥିଲା । ସେ ନୀରବ ଉତ୍ତର ଦେଲେ, "ଯାହା ସମୟ-ସ୍ରୋତରେ ବନ୍ଧିଯାଏ ତାହା ମିଥ୍ୟା । ମୁଁ ଶରୀରକୁ ସ୍ୱୀକାର କରୁଛି । ତା'ର ଯନ୍ତ୍ରଣାକୁ ମଧ୍ୟ ସ୍ୱୀକାର କରୁଛି । ଦେଖାଯାଉ । ଥରେ ନୁହେଁ, ବାରମ୍ବାର ଯଦି ଏ ସମୟକୁ ଧାରଣ କରିଯାଇପାରେ !"

ପ୍ରଥମ କଣ୍ଟାରେ ପ୍ରଥମ ହାତୁଡ଼ିର ପାହାର ଖାଇ ପଥର କାନ୍ଥ ଦୁଲୁକିଲା । ପାଣିରେ ଢଳଢଳ ବିମ୍ବ ପରି ସବୁ କେମିତି ପହଁରିବାକୁ ଲାଗିଲା । ଧୂଆଁ ଟାଏ ଘୋଡ଼େଇ ହୋଇଗଲା ମଣିଷ, କାଠ, ପଥର ଏବଂ ଲୁହା ଉପରେ । କଣ୍ଟା ପରେ କଣ୍ଟା । ହାତୁଡ଼ି ପରେ ହାତୁଡ଼ି । ହଜାରେ ହଳ ଆଖି ପ୍ରତି ପାହାରରେ ମିଚ୍ ମିଚ୍ ବୁଜି ହୋଇ ଯାଉଥାଏ । ଶୀତେଇ ଯାଉଥାଏ ହଜାରେ ଉହଉହ ତାତିଲା ଦେହ ।

ଗୁଳିର ଆବାଜ ସାଙ୍ଗରେ ଝଡ଼ି ପଡ଼ିଲା ଛେଚା ଛେଚା ରକ୍ତାକ୍ତ ପଥର । ହୃତ୍‌ପିଣ୍ଡଗୁଡ଼ିକ ପିଟିହେଲେ ପଞ୍ଜରାରେ । ଥମିଗଲା ଉଞ୍ଚ କାନ୍ଥର ଘଣ୍ଟା । ସମୟର ଓଠ ଆଣ୍ଠେଇ ପଡ଼ିଲା ସେ ଗୁରୁତ୍ୱର ମୁହୂର୍ତ୍ତର ପାହାଡ଼ ତଳେ ।

ସେମିତି ପାଣିରେ ଢଳଢଳ ବିମ୍ବ ପରି ଦୋହଲି ଦୋହଲି ତଳକୁ ମୁଣ୍ଡ ପୋତି କୃତକାର୍ଯ୍ୟ ପଟୁଆର ମୁହଁ ଫେରେଇଲା । ଜନତା ଉଠିଲା । ମଞ୍ଚ ଉପରୁ ତିନୋଟି ମୂର୍ତ୍ତି ଉଠିଲେ । ସମସ୍ତେ ସେଇଠୁ ବାହାରି ଯିବା ପାଇଁ ନୀରବ ପହଁରିଗଲେ ଦ୍ୱାରଦେଶ ପର୍ଯ୍ୟନ୍ତ । ସ୍ୱପ୍ନ ପରି ସବୁ ନୀରବ ଏବଂ ଢଳଢଳ । ଆଖି ମଟକା ମାରିଲା ବେଳକୁ ସମସ୍ତେ ଯେ ଯାହା ସ୍ଥାନରେ ଅବିଚଳିତ ଥିବାର ଆବିଷ୍କାର କଲେ । ଦଣ୍ଡିତ ଅପରାଧୀ ପୂର୍ବପରି କାନ୍ଥକୁ ଲାଗି ଠିଆହୋଇଛି । ତାର ଡେଣା ଯୋଡ଼ିକ ଖୋଲି ଧରିହୋଇଛି । ଉତ୍କଣ୍ଠିତ ନୀରବ ମୁହୂର୍ତ୍ତରେ ପ୍ରଥମ କଣ୍ଟା ଉପରେ ପ୍ରଥମ ହାତୁଡ଼ି ପାହାର ପଡ଼ିବାକୁ ଅପେକ୍ଷା ।

ସମସ୍ତେ ବିସ୍ମିତ, ସ୍ତବ୍ଧ ! କାନ୍ଥଘଣ୍ଟା ପୁଣି ମାଳା ଗଡ଼ଉଥାଏ ଅବିଶ୍ରାନ୍ତ ! ନିର୍ଦ୍ଦିଷ୍ଟ ସମୟରେ ପାହାର ପଡ଼ିଲା । କାନ୍ଥ ଦୁଲୁକିଲା । ପାଣିରେ ବିମ୍ବ ପରି ଢଳଢଳ ହେଲା ପଥରଘର । ହଜାରେ ହଳ ଆଖି ପୁଣିଥରେ ମିଚ୍ ମିଚ୍

Digitized by srujanika@gmail.com

ହୋଇ ବୁଜହେଲେ ପ୍ରତ୍ୟେକ ହାତୁଡ଼ିର ପାହାରରେ । ପୁଣି ବନ୍ଧୁକ ଗର୍ଜିଲା । ରକ୍ତାକ୍ତ ହେଲା ବର୍ଣ୍ଣାର୍ତ୍ତ କାନ୍ଥ···ସମସ୍ତେ ଉଠିଲେ ନିସ୍ତାର ହେବା ପାଇଁ । ଦ୍ୱାରଦେଶ ପର୍ଯ୍ୟନ୍ତ ଠେଲା ପେଲା ଆଗେଇଗଲେ । ନୀରବ ସ୍ୱପ୍ନପରି ସବୁ ପୁଣି ମିଳେଇଗଲା ଏବଂ ସେମାନେ ପୁଣି ନିଜକୁ ଆବିଷ୍କାର କଲେ ସେଇ ଅସ୍ୱସ୍ତିକର ମୁହୂର୍ତ୍ତରେ । କାନ୍ଥକୁ ଲାଗି ଅପେକ୍ଷା କରିଛି ଅପରାଧୀ । କାଠର ହୃତ୍‌ପିଣ୍ଡ ଠକ୍ ଠକ୍ କରୁଛି ଉଷ୍ମ କାନ୍ଥ ଉପରେ ।

ପୁଣି ପଡ଼ିଲା ହାତୁଡ଼ିର ପାହାର । କପାଳମାନଙ୍କରେ ଝାଳ ଜକେଇଗଲା । ବନ୍ଧୁକର ଗର୍ଜନରେ ଥରଥର କମ୍ପିଲା ପଞ୍ଜରା ।

ସେମାନେ ନିସ୍ତବ୍ଧ ଗୃହିଁଲେ । ଦୁଃସ୍ୱପ୍ନରୁ ମୁକୁଳିଯିବାକୁ ଦୌଡ଼ିଲେ ଦ୍ୱାର ଆଡ଼କୁ । ସମସ୍ତେ ଉଦ୍‌ବିଗ୍ନ ।···ଚକ ପୁନର୍ବାର ଘୂରିଗଲା । ମିଳେଇଗଲା ସବୁ କିଛି । ଆଉଥରେ ନ୍ୟାୟାଳୟ ଫେରି ଆସିଲା ତା'ର ସେଇ ଅପରିମେୟ ମୁହୂର୍ତ୍ତକୁ ।

ପୁନରାବୃତ୍ତି ହେଲା ଶାସ୍ତିବିଧାନର ପର୍ବ । ବାରମ୍ବାର ବର୍ଣ୍ଣାର୍ତ୍ତ ହେଲା ପଥରକାନ୍ଥ । ବାରମ୍ବାର ଛିଟିକିଲା ଛେଲାଛେଲା ରକ୍ତାକ୍ତ ପଥର ।

ହଜାରେ ହଳ ଆଖିରେ ଆତଙ୍କ । ସେମାନେ ସମସ୍ତେ ଝାଳରେ ଏବଂ ରକ୍ତରେ ଜୁଡ଼ୁବୁଡ଼ୁ । ଦୁର୍ବଳ ଭୟୁଞ୍ଚିତ ଆମିଷାକ୍ତ କଂସେଇଗୁଡ଼ାଏ । ସେମାନେ ଘୂଷୁରୁଥାନ୍ତି ଭୂଇଁରେ । ପ୍ରାଣାନ୍ତ ଚେଷ୍ଟା କରୁଥାନ୍ତି ସେ ବିଭୀଷିକାରୁ ମୁକୁଳିଯିବା ପାଇଁ । ମଞ୍ଚଉପରେ ବିପର୍ଯ୍ୟସ୍ତ ତିନୋଟି ମୂର୍ତ୍ତି ସେଇଭଳି ଥରୁଥାନ୍ତି । ହାତଧରାଧରି ହୋଇ ଘୂଷୁରି ଯାଉଥାନ୍ତି ଦ୍ୱାରଦେଶକୁ । ଶହେ ଥର ମଞ୍ଚରୁ ଦ୍ୱାର ପର୍ଯ୍ୟନ୍ତ ଧାଇଁ ଧାଇଁ ସେମାନେ ବାଟ ଖୋଜୁଥାନ୍ତି ।

କିନ୍ତୁ ନା ! ଅବିଚଳିତ ଅପେକ୍ଷା କରିଥାଏ ସେ ଡେଣା ମେଲିଥିବା ମୂର୍ତ୍ତି । ଅପେକ୍ଷା କରିଥାଏ ସେ ଦୁରନ୍ତ ଯାତନାର ମୁହୂର୍ତ୍ତ । ଆଖିରେ ଅହରହ ଦିଶୁଥାଏ ସେ ରକ୍ତାକ୍ତ ବିଭୀଷିକା । କାନରେ ଅହରହ ଶୁଭୁଥାଏ ବାରୁଦ ବିସ୍ଫୋରଣର ଶବ୍ଦ, କଣ୍ଠା ଏବଂ ହାତୁଡ଼ିର ଶବ୍ଦ । ଅସହ୍ୟ ଦୃଶ୍ୟ ! ଅସହ୍ୟ ଯନ୍ତ୍ରଣା !

Digitized by srujanika@gmail.com

ସେମାନଙ୍କର ମହାର୍ଘ ଖୋଳ ଭିତରୁ ତିନୋଟି ସାଧାରଣ କ୍ଲାନ୍ତ ମଣିଷ ଓହ୍ଲେଇ ଆସିଲେ ମଞ୍ଚଉପରୁ । ଆଣୁମାଡ଼ି ବସିପଡ଼ିଲେ । ନିସ୍ପନ୍ଦ ଅପେକ୍ଷା କରିଥିବା ଅପରାଧୀର ନରମ ଆଖି ଯୋଡ଼ିକୁ ଚାହିଁ କାତର ପ୍ରାର୍ଥନା କଲେ ।

"ଆମେ ଆଉ ଦଣ୍ଡିତ ହୋଇ ପାରିବୁ ନାହିଁ । ଆମକୁ ଦୟା କର । ଆମକୁ ଆଉ ଶାସ୍ତି ଦିଅନା ! ଆମେ ଦୁର୍ବଳ, ଆମେ ପରାସ୍ତ । ଆମକୁ କ୍ଷମା କର । ଆମେ ଅକ୍ଷମ । ଏ ନିଷ୍କରୁଣ ହାତୁଡ଼ିକୁ ପ୍ରହାର କରିବାକୁ ଦିଅ ନାହିଁ । ଆମର ହୃତ୍‌ପିଣ୍ଡ ଗୁଡ଼ିକ ସ୍ତବ୍‌ଧ ହୋଇଯିବ ।"

ହଲରେ ଜୁଡ଼ୁବୁଡ଼ୁ ଏବଂ ନତଜାନୁ ହୋଇ ବସିଛି ସମଗ୍ର ଜନତା । ହାତୁଡ଼ି, କଣ୍ଟା, ବନ୍ଧୁକ ସମସ୍ତେ କ୍ଲାନ୍ତ

ହୋକାନ ସ୍ଥିର ହୋଇଗଲା । ପାତଳ କୁହୁଡ଼ି ଅପସରି ଗଲା କେଉଁଆଡ଼େ । ଥୟ ହୋଇଗଲା ପଥରଘର । ତିନୋଟି ମୂର୍ତ୍ତି ତାକୁ ଚାହିଁ ପ୍ରାର୍ଥନା କଲେ, "ଆପଣ ଦୟା କରି କହନ୍ତୁ ଯେ ଏହା ମିଥ୍ୟା । ଏ ଉଲ୍‌ଲଙ୍ଘ, ବିଷାକ୍ତ ସମସ୍ତ ଚଳଚ୍ଚିତ୍ର ମିଥ୍ୟା ।"

ଦୀକ୍ଷିତ ଭିକ୍ଷୁଙ୍କର କପାଳରେ ଟୋପା ଟୋପା ଝାଳ ।

ନ୍ୟାୟମୂର୍ତ୍ତି ଉଚ୍ଚସ୍ୱରରେ କହିଲେ, "ଏ ଦଣ୍ଡାଦେଶ ଅସମ୍ଭବ ! ଦୀକ୍ଷିତ ଭିକ୍ଷୁ ତମ ସମସ୍ତଙ୍କୁ ଏଥିରୁ ତ୍ରାଣ କରିବେ । ଆମକୁ ଏ ପଥର ଘରୁ ମୁକ୍ତ କରିବେ ।"

ହାତରୁ କଣ୍ଟା ଖସିଗଲା । ଅଣ୍ଟାରୁ ଦଉଡ଼ି ଖସିଗଲା । ସମସ୍ତଙ୍କ ଆଗରେ ଦୀକ୍ଷିତ ଭିକ୍ଷୁ ଚାଲିବାକୁ ସେମାନେ ବାଟ ଛାଡ଼ି ଆଡ଼ ହୋଇଗଲେ । ସେ ସାମାନ୍ୟ କ୍ଲାନ୍ତ ବୋଧକରୁଥାନ୍ତି । କଣ୍ଠ ଶୀର୍ଣ୍ଣ ଦେଖାଯାଉଥାନ୍ତି । କିନ୍ତୁ ହସୁଥାନ୍ତି ଧଳା କଇଁ କଡ଼ିଟିଏ ପରି ଶୁଦ୍ଧ ଏବଂ ପ୍ରଶାନ୍ତ ।

ଜନତା ପଥର ପାଚେରି ଭିତରୁ ନିଷ୍କ୍ରାନ୍ତ ହେଲା । ଆଶ୍ୱସ୍ତ ହେଲା, ସୁସ୍ଥ ହେଲା । ଓଃ, ସେ ସମଗ୍ର ଚଳଚ୍ଚିତ୍ର ତା' ହେଲେ ମିଥ୍ୟା !

ଅଦୃଶ୍ୟ ରହି ବୃହତ୍ କହିଲେ, "ଜଗତ୍ ପ୍ରବାହରେ ଅସମ୍ଭବ ସମ୍ଭବ ହେଲା । କେମିତି ବୋଧ କରୁଛନ୍ତି ଆପଣ ?"

Digitized by srujanika@gmail.com

ପାର୍ଷିଂତ ଭିକ୍ଷୁ ସେଇଭଳି ଉତ୍ତର ଦେଲେ, "ଚମତ୍କାର !"

ସମସ୍ତେ ଦେଖିଲେ ଯେ ସେ ଶୂନ୍ୟକୁ ଚାହିଁ ନୀରବ ହସୁଛନ୍ତି ସାମାନ୍ୟ ।

ବଟଗଛଟିରେ ଅନେକ ନୂଆପତ୍ର ମଞ୍ଜରୀ ହୋଇଥାଏ । ତା' ପାଖରେ ଅନେକ ପ୍ରକାର ଗୁଳ୍ମରେ ଜାତି ଜାତି ଫୁଲ । ପାହାନ୍ତିଆ ପହର ବେଳେ ପାର୍ଷିଂତ ଭିକ୍ଷୁ ନିଶ୍ଚଳ ହୋଇ ଗଛମୂଳେ ବସିଥା'ନ୍ତି । ତାଙ୍କ କାନ୍ଧ ଉପରେ କଜଳପାତିଟିଏ ଲାଞ୍ଜ ଟିପୁଥାଏ । ଗଛରୁ ଓହଳିଥିବା ଲଙ୍ଗିଟିଏ ପବନରେ ଦୋଳୁଥାଏ । ପ୍ରତ୍ୟେକ ଦୋଳନରେ ପାର୍ଷିଂତଙ୍କୁ ଟିକିଏ ଛୁଇଁ ଦେଇ ଚାଲିଗଲା ପରି ଜଣାଯାଉଥାଏ ।

ହଠାତ୍ ଧୁମ୍ ଧୁମ୍ ପାଦଶବ୍ଦ ପାଖେଇ ଆସିଲା । କଜଳପାତି ଉଡ଼ିଗଲା ଡାଳ ଉପରକୁ । ଲଇ ଆଉ ଦୋହଲିଲା ନାହିଁ । ପବନ ଥମିଗଲା ।

ପାର୍ଷିଂତ ଆଖି ଫିଟେଇ ଚାହିଁଲେ । ଦୂର ମାଛିଅନ୍ଧାର ଭିତରୁ କେହି ଜଣେ ଦୌଡ଼ି ଆସିଲା । ପାଦ ପାଖରେ ପଡ଼ିଯାଇ ଧକେଇଲା, "ମୋତେ ରକ୍ଷାକର !" ତା' ପଛେ ପଛେ ସର୍ ସର୍ ହୋଇ ଗୋଟାଏ ସାପ ଫଣା ଟେକି ମାଡ଼ିଆସିଲା । ପାର୍ଷିଂତ ଭିକ୍ଷୁ ଲହଡ଼ି ମାରୁଥିବା ସେ ଦୁର୍ଲଙ୍ଘ୍ୟ କ୍ରୋଧଟିକୁ ଚାହିଁଲେ । ସେ କାମୁଡ଼ିବ କମ୍ପା ଖଣ୍ଡ ଖଣ୍ଡ ହୋଇଯିବ ।···ତଳକୁ ଚାହିଁଲେ । ଲେଟିପଡ଼ିଥିବା ଭୟୂଟି ଚାହୁଁଛି ଲୁଚିଯିବ ଏବଂ ବଞ୍ଚିଯିବ । ବାଁ ହାତଟିକୁ ତା' ପିଠିରେ ଥୋଇ ଦେବାରୁ ସେ ଅଦୃଶ୍ୟ ହୋଇଗଲା । ଡାହାଣ ହାତଟିକୁ ସେ ଟେକିଧରିଲେ ଆଗକୁ । ଫୁ-ଫୁକାର କରୁଥିବା କ୍ରୋଧାନ୍ଧ ସାପ ତିନିଥର ସ୍ନେହ ମାତ୍ର ଶାନ୍ତ ହୋଇଗଲା । ତା'ର ଫଣା ସାଙ୍କୁଡ଼ିଗଲା । ସେ ନଇଁଗଲା ଏବଂ ଲୁଚିଗଲା ଗୁଳ୍ମ ଗହଳରେ । ଘନନୀଳ ରଙ୍ଗର ଛାଇଟାଏ ମାଡ଼ିଗଲା ତାଙ୍କ ଦେହସାରା । ଆଖି ଯୋଡ଼ିକ ବୁଜିହୋଇଆସିଲା ।

ଗୋଟାଏ ଅନ୍ଧାର ସମୁଦ୍ରରେ ତରଳ ଅଗ୍ନି ମନ୍ଥି ହେଉଥାଏ । ନେଳି ନେଳି ଶିଖା ଯୋଡ଼ି ରହିଥାଏ ସାରା ଆକାଶ । ସବୁ ଜଳି ପାଉଁଶ ହୋଇଯିବ

Digitized by srujanika@gmail.com

କ ! ସେ ବିଷମ ଅଗ୍ନିକୁ ପାନ କରୁଥାନ୍ତି । ଶରୀର ପିଣ୍ଡଟି ଟାଣି ହୋଇ ରହିଥାଏ ।·ସେଥିରେ ଅସହ୍ୟ ଉତ୍ତାପ ।

ସେ ଆଖି ମେଲି ଚାହିଁଲେ । ଆକାଶରୁ ଶିଖା ଲିଭିଗଲା । ଶାନ୍ତ ହସ ରେଖାଏ ଦେଖାଦେଲା ମୁହଁରେ । ତରଳି ଗଲା ନିରନ୍ଧ୍ର ଛାଇ । ଅପସରି ଗଲା ନୀରବ ମେଘଟିଏ ପରି । ଡାହାଣ ହାତର କ୍ଷତ ରନ୍ଧ୍ରରୁ ଝୋପି ପଡ଼ିଲା ସାନ୍ଦ୍ର ଘନନୀଳ ମୃତ୍ୟୁର ଗରଳ ।

"ଉଠ, ସୁନନ୍ଦ ! ଭୟର କାରଣ କିଛି ନାହିଁ ।" ଅତି ମଧୁର ସ୍ନେହରେ କହିଲେ ଦୀକ୍ଷିତ ଭିକ୍ଷୁ ।

ସୁନନ୍ଦ ମୁଣ୍ଡଟେକି ତାଙ୍କୁ ଚାହିଁଲେ ନାହିଁ । ଚାହିଁଲେ ପଛକୁ । କିଛି ସମୟ ପରେ ତାଙ୍କର ଶିରା ଗ୍ରନ୍ଥି ହୁଗୁଳିଲା । ସେ ସୁସ୍ଥ ବୋଧକଲେ ।

"ଓଃ, କୁଆଡ଼େ ଗଲା ସେ ଦୁଷ୍ଟ ଜନ୍ତୁ ? ଆପଣଙ୍କ ପ୍ରଭାବରେ ସେ ଚାଲିଗଲା । ମୁଁ ବଞ୍ଚିଗଲି ।"

"ନା', ସୁନନ୍ଦ, ସେ ଏଇଠି ଅଛି । ସେ ଦୁଷ୍ଟ ନୁହେଁ । ତୁମର ଭୟ ଏବଂ ତା'ର କ୍ରୋଧ ଉଭୟ ଏକ ପର୍ଯ୍ୟାୟର ଭ୍ରମ । ଉଭୟ ଶରୀର ଭ୍ରମ । ତୁମେ କିମ୍ବା ସେ କେହି ଶରୀର ନୁହେଁ । ମୃତ୍ୟୁ ଶରୀରର ପତନ ମାତ୍ର । ଭୟ ଏବଂ କ୍ରୋଧ ତାର ଲକ୍ଷଣ । ସୁନନ୍ଦ, ତୁମର ମୃତ୍ୟୁ ନାହିଁ ।"

ସର୍ ସର୍ ଶବ୍ଦ ଶୁଭିଲା । ସୁନନ୍ଦ ଚମକିପଡ଼ି ଘୁଞ୍ଚିଗଲେ ।

ଫଣାଟିକୁ ସାଙ୍କୁଡ଼ିଦେଇ ସତେବା' ଲାଜରେ ଘୁଷୁରି ଘୁଷୁରି ଦଶହାତ ଲମ୍ବ ଅହିରାଜ ଦୀକ୍ଷିତ ଭିକ୍ଷୁଙ୍କ ପାଖରେ ମୁଣ୍ଡଟିକୁ ରଖିଦେଲା । ସେ ତାଙ୍କର ରକ୍ତଝରିଉଥିବା ହାତଟିକୁ ତା' ଫଣାରେ ରଖି ସାଉଁଳି ଦେଲେ । ଆସ୍ତେ ପବନ ବୋହିଲା । ଲତା ଦୋହଲି ଆସି ସାପ ଦେହରେ ଛୁଇଁଦେଇ ଚାଲିଗଲା । କଜଳପାତି ତାଙ୍କ କାନ୍ଧ ଉପରେ ବସି ଲାଞ୍ଜ ଟିପିଲା । ସୁନନ୍ଦ ତା' ଡେଣାର ପବନରେ ଶୀତେଇଗଲେ ।

"ସହଜ ଏବଂ ସରଳ ହୋଇଯାଅ ସୁନନ୍ଦ; ଶୁଖିଲା ମଞ୍ଜି ପରି ଖୋଳରୁ ବିଚ୍ଛିନ୍ନ ହେବାକୁ ଇଚ୍ଛାକର । ଇଚ୍ଛା କରି ଜାଣିଲେ ବିଚ୍ଛିନ୍ନ ହୋଇଯିବ ।"

Digitized by srujanika@gmail.com

ସାପଟି ସେଇଠି କୁଣ୍ଡଳି ବାନ୍ଧି ଶୋଇଯାଇଥାଏ । ତାକୁ ସାମାନ୍ୟ ଥାପୁଡ଼େଇଦେଇ ସେ କହିଲେ, "କୌଣସି ରୂପ କାହାର ସ୍ୱରୂପ ନୁହେଁ । ସବୁ କେବଳ ଦେଶ-କାଳର ଚଳନ୍ତି ଛବି ।" ସାପଟି ହୁଏତ କୌଣସି ଇଙ୍ଗିତ ପାଇ ଆସ୍ତେ ଅପସରି ଗଲା । ସୁନନ୍ଦ ବିହ୍ୱଳ ହୋଇ ଚାହିଁଥାନ୍ତି । ତାଙ୍କୁ ଅଦ୍ଭୁତ ଅନୁଭୂତ ହେଉଥାଏ । ସେ ବୁଦ୍ଧି ପ୍ରୟୋଗ କରି କିଛି ହେଲେ ବୁଝି ପାରୁନଥା'ନ୍ତି ।

ଯକ୍ଷିତଙ୍କର ଆଖିଯୋଡ଼ିକ ନରମିଗଲେ । ସେ ସୁନନ୍ଦଙ୍କ ପିଠିରେ ବାଁ ହାତଟିକୁ ଆସ୍ତେ ରଖିଦେଇ କହିଲେ, "ଆଗକୁ ଦେଖ ସୁନନ୍ଦ ! କ'ଣ ଦେଖିପାରୁଛ ?"

"ଅତି ସୁନ୍ଦର ଦେବଦାରୁ ଗଛଟିଏ ଦେଖିପାରୁଛି । ସକାଳ ଖରା ତା ଶିଖ ଉପରେ ପଡିଆସୁଛି ।"

"ବାଆସ୍ ! ଚାହିଁଥାଅ ।"

ଗଛଟି ଦେଖୁ ଦେଖୁ ସାନ ହୋଇଗଲା । ତା'ର ଡାଳପତ୍ର ସବୁ ଓ୍ୱୀଷ୍ଟ ହୋଇଗଲେ···ଆହୁରି ଓ୍ୱୀଷ୍ଟ···ଆହୁରି···ଆହୁରି । ଶେଷକୁ ସାମାନ୍ୟ ଗୋଟିଏ ଚାରା ନାଲି-ନାଲି କଅଁଳ ଦୁଇଟି ପତ୍ର ଟେକି ହୁଲୁହୁଲିଆ ପବନରେ ଦୋହଲିଲା । ସୁନନ୍ଦ ଆଖିମିଟିକା ମାରି ଅନେଇଁଲା ବେଳକୁ ଉଚ୍ଚ ଦେବଦାରୁ ଗଛ ଶିଖରେ ଖରା ପଡ଼ି ଝଟକୁଛି ।

ସେ ବିସ୍ମୟରେ ଚାହିଁଲେ ଯକ୍ଷିତଙ୍କୁ । ତାଙ୍କ ପିଠି ଥାପୁଡ଼େଇ ଯକ୍ଷିତ କହିଲେ, "ଆଉ ଥରେ ଦେଖ ସୁନନ୍ଦ !"

ସୁନନ୍ଦ ଚାହୁଁ ଚାହୁଁ ଗଛର ଡାଳଗୁଡ଼ିକ ବଙ୍କେଇଗଲା । ଅଗ ମଉଳିଗଲା । ପତ୍ରସବୁ ହଳଦିଆ ପାଉଁଶିଆ ହୋଇ ମୋଡ଼ିହୋଇଗଲା । ଝଡ଼ିଗଲେ କଳା କଳା ଡାଳମାନଙ୍କରୁ । ···ତା'ପରେ ସଂପୂର୍ଣ୍ଣ ପତ୍ରଶୂନ୍ୟ ଗୁଣ୍ଡି ଉପରେ ସେଇ ଗଛ ରଙ୍ଗର ଚଢ଼େଇଟିଏ ଅଣ୍ଟା ମେଲିକରି ଧକେଇଲା । ଆଖି ବୁଜି ଥରିଲା । ତା'ପରେ ହୁସ୍ କନା କୁଆଡ଼େ ଉଡ଼ିଗଲା । କାଠିକୁଟାର କୁଢ଼ଟାଏ ଭିତର-ଦେଇ ଝଙ୍କା ପବନ ପାରିହୋଇଗଲା ।

ସୁନନ୍ଦ ଆସ୍ତେ ଆଖି ବୁଜିଦେଲେ ।

Digitized by srujanika@gmail.com

"ସେ ସୁନ୍ଦର ଗଢ଼ୁଛି ର ଏସବୁ ଭିନ୍ନ ଭିନ୍ନ ରୂପ ସୁନନ୍ଦ ! କୌଣସିଟି କିନ୍ତୁ ତା'ର ସ୍ୱରୂପ ନୁହେଁ । ଆଉ ଦେଖ ! ସମସ୍ତଙ୍କର ଏଇ ମୁହୂର୍ତ୍ତଟିକୁ କେବଳ ଶୂନ୍ୟ ସୁନନ୍ଦ । ଏଇଠି ସକାଳ ହୋଇଆସୁଛି କିନ୍ତୁ···ଦେଖ···"

ଆସ୍ତେ ଗୋଟାଏ ଝଲମଲ ସମୁଦ୍ର ଉପରେ ମଧ୍ୟାହ୍ନ ସୂର୍ଯ୍ୟ ଝଟକୁ-ଥିବାର ଦେଖାଗଲା ।···ବିରାଟ ପର୍ବତମାଳା ପଶ୍ଚାତ୍‌ରେ ସୂର୍ଯ୍ୟ ବୁଡ଼ିଯିବାର ଦୃଶ୍ୟ ବି ଲିଭିଗଲା ।···ବିସ୍ତୀର୍ଣ୍ଣ ମରୁଭୂମି ଉପରେ ମଧ୍ୟରାତ୍ରିର ଅଂଧାର; ଆକାଶରେ ଅଗଣିତ ତାରା !!

"ଏଇ ଗୋଟିଏ ମାତ୍ର ମୁହୂର୍ତ୍ତରେ ବିନନ୍ତରର ଯାବତୀୟ ରୂପ ଝୁଲି ରହିଛି ସବୁବେଳେ । କୌଣସିଟି ତାର ସ୍ଥିର ରୂପ ନୁହେ, କୌଣସିଟି ସ୍ୱରୂପ ନୁହେଁ ।···ଏବେ ଆସ ମୋ ସାଥିରେ ।"

କହୁ କହୁ ସୁନନ୍ଦ ବୋଧକଲେ, ସେ କାହିଁ କେତେ ଉପରକୁ ଉଠି-ଯାଇଛନ୍ତି । ସେଇଠୁ ଦିଶୁଛି ପାହାଡ଼ ପର୍ବତ ଖେଳନା ପରି; ନଦୀଗୁଡ଼ିକ ସୂତାପରି; ପର୍ବତ ଉପରେ ମେଘମାଳା ରେଖାଏ ଲେଖା ଧୂଆଁ ପରି ।

ଆହୁରି ଦୂରକୁ ଘୁଞ୍ଚିଗଲେ ସେମାନେ ।

ପୃଥିବୀ ଦିଶିଲା ବର୍ତ୍ତୁଳ ବସ୍ତୁଟିଏ ପରି । ମହାଦେଶଗୁଡ଼ିକ ଧୂଆଁର ମାନଚିତ୍ର । ତା'ପରେ ସବୁ ମଳିନ ଏବଂ ଅନେକ ଗ୍ରୋଟ ଦେଖାଗଲା । ସୂର୍ଯ୍ୟ ଦେଖାଗଲା ଶୁକ୍ରତାରା ପରି । ପୃଥିବୀ ଲିଭିଗଲା । ଆସ୍ତେ ସୂର୍ଯ୍ୟ ମଧ୍ୟ ଲୁଚିଗଲା ଅସଂଖ୍ୟ ତାରାମାନଙ୍କ ଗ୍ରହଣରେ । ଆକାଶ ଦିଶିଲା ମିଚ୍ ମିଚ୍ କଳା ।

ସୁନନ୍ଦ ନିଜ ସତ୍ତା ହରାଇ ବିସ୍ମୟ-ବିମୂଢ଼ ହୋଇ ପହଁରୁଥାନ୍ତି । ତାଙ୍କୁ ଅନୁଭବ ହେଉଥାଏ ଯେ ଦୀକ୍ଷିତ ଭିକ୍ଷୁ ତାଙ୍କ ପାଖେ ପାଖେ ଅଛନ୍ତି ।

"ଆମେ ବର୍ତ୍ତମାନ କେଉଁଠି ?"

"ଆମେ ଏବେ ମଧ୍ୟ ମହାକାଶର ଗ୍ରୋଟ ଗୋଟିଏ ଅଗଣା ଧାରରେ ପହଞ୍ଚିନାହୁଁ । ଏ ଅଗଣା ପାରି ହୋଇଗଲେ ତେଣିକି ଅସଂଖ୍ୟ ଆକାଶ, ଯେଉଁଠି ଅଂଧାର ରାତ୍ରି ଆଉରି ତରଳିନାହିଁ ।"

ସ୍ୱପ୍ନରେ ବାଉଳା ହେଲାପରି ସୁନନ୍ଦ ପୁଣି ପଚାରିଲେ, "ଆମେ କେଉଁଠି ?"

Digitized by srujanika@gmail.com

ତାଙ୍କ ପିଠି ଥାପୁଡ଼େଇ ପଣ୍ଡିତ କହିଲେ, "ଆଖି ଫିଟାଅ, ସୁନନ୍ଦ ! ଚାହିଁ ଦେଖ !"

ଖରା ସେତେବେଳକୁ ସାମାନ୍ୟ ଚଢ଼ି ଆସିଥାଏ । ଦେବଦାରୁ ଗଛଟିସାରା ଆଲୁଅରେ ଝଲୁଥାଏ । ପବନରେ ଦୋହଲୁଥାଏ ଟ୍ରେଣ୍ଟ ଲାଇଟିଏ । ପଣ୍ଡିତ ପରମ ସ୍ନେହରେ ତାଙ୍କୁ ଚାହିଁ ରହିଥାଏ । ସବୁକିଛୁ ତଥାପି ଝଲମଲ ଶରପର ଥରଥର ହେଉଥାଏ । ଜଣା ଯାଉଥାଏ ଅସ୍ଥିର ବମ୍ବରେଖା ପରି ।

"ଜଗତ୍-ପ୍ରବାହ ଏହିପରି ସୁନନ୍ଦ ! ଯାହା ଦିଶୁଛି ତାହା ଗୋଟିଏ ମାତ୍ର ରୂପ, ଏଇଠି ଏବଂ ଏଇ ମୁହୂର୍ତ୍ତରେ । କୌଣସି ରୂପ ସ୍ୱରୂପ ନୁହେଁ । କୌଣସି ରୂପ ସ୍ଥିର ନୁହେଁ ।"

ଯନ୍ତ୍ରଚାଳିତ ପରି ସୁନନ୍ଦଙ୍କ ଭିତରେ କେମିତି କେଜାଣି ପ୍ରଶ୍ନଟିଏ ମନକୁ ମନ ପ୍ରକାଶିତ ହୋଇଗଲା, "ତେବେ ସତ୍ୟ କ'ଣ ?"

ମୁହୂର୍ତ୍ତକ ପାଇଁ ସେ ପ୍ରଶ୍ନବିନ୍ଦୁରେ ସବୁ ଅଟକିଗଲା ପରି ବୋଧହେଲା । ପଣ୍ଡିତ ଚକ୍ଷୁ ଶୂନ୍ୟକୁ ଚାହିଁ ରହି ନୀରବ ହସିଲେ ସାମାନ୍ୟ ।

Digitized by srujanika@gmail.com

ଅପରାହ୍ଣର ଆକାଶରେ କାହିଁ ଆସି ଅନେକ ଶାଗୁଣା ଭଉଁରି କାଟିବାର ଦେଖାଗଲା । ସେମାନେ ବହୁଦୂରରେ ଗଛଆଡ଼ୁଆଳରେ ଲୁଚି ରହିଥିବା ନଦୀକୂଳ ଆଡ଼କୁ ତଳମୁହାଁ ଖର ପର ପବନ କାଟି ଗୋଟି ଗୋଟି ହୋଇ ଓହ୍ଲାଇଗଲେ ।

ବରଗଛର ବିସ୍ତୃତ ଛାଇତଳୁ ସମସ୍ତେ ସେଇଆଡ଼କୁ ଚାହିଁଥା'ନ୍ତି । କ୍ଷୁଧାର୍ତ୍ତ ପକ୍ଷୀଗୁଡ଼ିକ କାହିଁ କୁଆଡ଼ୁ ଆସି ଝାମ୍ପି ପଡ଼ୁଥାନ୍ତି । ଆହାର ନ ହେଲେ ସେମାନେ ବଞ୍ଚିବେ କେମିତି ? ଉଡ଼ିବେ କେମିତି ! ଖାଇବାକୁ ନ ପାଇଲେ ଏମାନେ ନିଜେ କ'ଣ ଏଠି ବସି ସାଧନା କରି ପାରିବେ ? ଅନ୍ନ ହିଁ ତ ପ୍ରାଣ !

ସୁବୋଧ ସେମାନଙ୍କ ଭିତରେ ସବୁଠାରୁ ତରୁଣ । କିନ୍ତୁ ସମସ୍ତଙ୍କୁ ଜଣାପଡ଼େ ଯେ ପଣ୍ଡିତ ଭିକ୍ଷୁ ତାକୁ ସବୁଠାରୁ ବେଶି ସ୍ନେହ କରନ୍ତି । ବୋଧହୁଏ ସେଇ କାରଣରୁ ସ୍ନେହ କରନ୍ତି ।

ନୀରବତା ଭଙ୍ଗ କରି ସୁବୋଧ ପ୍ରଶ୍ନକଲା, "ଭୋକ ଲାଗିବାରୁ ସିନା ଜୀବ, ଜନ୍ତୁ, ମଣିଷ ସମସ୍ତେ ଆହାର ଖୋଜି ଲାଗିଛନ୍ତି ! ସେଥିପାଇଁ କଳ ଚକଚାଳ କରୁଛନ୍ତି । ଯଦି ମୋଟଉପରେ କ୍ଷୁଧା ନ ଥା'ନ୍ତା, ତେବେ କେତେ ସରଳ ହୋଇଥାନ୍ତା ଏ ସଂସାରରେ ବଞ୍ଚିବା ? ଆମେ କ'ଣ କ୍ଷୁଧାକୁ ଜୟ କରି ପାରନ୍ତେ ନାହିଁ ?"

ସମସ୍ତେ ଅଳ୍ପ ଅଳ୍ପ ହସିଲେ । ସୁବୋଧ ସତେ ସବୁବେଳେ ଏମିତି ଅଭିଲଟାଏ ! କିନ୍ତୁ ତା' ପ୍ରଶ୍ନ ସମସ୍ତଙ୍କ ମନକୁ ପାଇଯାଇଥାଏ । ଅସଲ ମଞ୍ଜି କଥା ପଚାରିଛି ସୁବୋଧ । ଦେଖାଯାଉ, ପଣ୍ଡିତ କ'ଣ କହୁଛନ୍ତି ?

ପଣ୍ଡିତ ଆଖି ଖୋଲି ଅତି ପ୍ରସନ୍ନ ମୁଦ୍ରାରେ ସୁବୋଧକୁ ଚାହିଁଲେ । କିନ୍ତୁ କିଛି ନ କହି ଆସ୍ତେ ସେଇଠୁ ଉଠିଗଲେ । ଅପରାହ୍ଣର ଅଭ୍ୟାସ ପାଇଁ ସମୟ ହୋଇଯାଇଥିଲା ।

Digitized by srujanika@gmail.com

ସମସ୍ତେ ବୁଝିଗଲେ ଏବଂ ଉଠିଲେ । ଗଛମାନଙ୍କରେ ପାଣି ଦିଆହେବ । ଗୋଟି ଗୋଟି କରି ପ୍ରତ୍ୟେକ ଗଛର ଯତ୍ନ ନିଆଯିବ । ସେମାନଙ୍କୁ ସ୍ନେହ କରିବାର ଅଭ୍ୟାସ କରିବାକୁ ହେବ । ସେମାନଙ୍କ ସହିତ ନୀରବ କଥାବାର୍ତ୍ତା ହେବାକୁ ପଡ଼ିବ ।

ଦୀକ୍ଷିତ ଭିକ୍ଷୁ ନିଜେ ସେ ସମସ୍ତ କାର୍ଯ୍ୟ କରନ୍ତି । ଚେତନା ସହିତ ସଂଯୋଗ ଘଟେ । ଗଛ ମଣିଷକୁ ବୁଝେ, ମଣିଷ ବୁଝେ ଗଛକୁ । ଏ ପ୍ରକାର ଘନିଷ୍ଠତାର ଫଳ ମଧ୍ୟ ପ୍ରଚୁର ଏବଂ ମିଠା । ସହରବାସୀ ସେଭଳି ଶସ୍ୟସମ୍ଭାର ଦେଖି ବିସ୍ମିତ ହୁଅନ୍ତି । ସବୁଦିନ ସକାଳୁ ଲୋକେ ଧାଡ଼ି ଲଗେଇ ଠିଆ ହୁଅନ୍ତି । ସମସ୍ତଙ୍କୁ ବାଣ୍ଟିଦିଆହୁଏ ଅନ୍ନ । ସହରବାସୀ ଆହୁରି ବିସ୍ମିତ ହୁଅନ୍ତି । ପ୍ରଶ୍ନ କରନ୍ତି ଯେ ସେ ଶସ୍ୟ ଭଣ୍ଡାର ଅପର୍ଯ୍ୟାପ୍ତ । ଆଉ ମଧ୍ୟ ପ୍ରଶ୍ନ କରନ୍ତି ଯେ ଦୀକ୍ଷିତ ଭିକ୍ଷୁ ତାଙ୍କର ରକ୍ତମାଂସ ସେଥିରେ ବିତରଣ କରି ଦେଇଛନ୍ତି । ଏଣୁ ସେ ଶସ୍ୟ ଭଣ୍ଡାର ସରିବାର ନୁହେଁ ।

ସମସ୍ତେ ଆସି ପୁଣି ଗଛମୂଳେ ସୂର୍ଯ୍ୟାସ୍ତ ପୂର୍ବରୁ ଏକତ୍ର ବସିଗଲେ । କାଷ୍ଠ ସମିଧ ନେଇ ଦୀକ୍ଷିତ ଭିକ୍ଷୁ ନୀରବରେ ଅଗ୍ନି ସଂଯୋଗ କଲେ । ଅନେକ ଯତ୍ନରେ ଅଗ୍ନିକୁ ପାଳନ କଲେ । ସହଯୋଗ କଲେ ସୁନନ୍ଦ ଏବଂ ସୁବୋଧ । ତା'ପରେ ସମସ୍ତେ ନିଜ ନିଜ ଆହାର ନେଇ ନିରୁଦ୍‌ବିଗ୍ନ ଏବଂ ସ୍ଥିରହୋଇ ବସିଲେ ! ପାଳିତ ପଶୁଟିକୁ ଆହାର ଦେଇ ପାଳନ କଲା ପରି ଶରୀରକୁ ପାଳନ କରାଯାଏ । ଏଭଳି ନିସ୍ପୃହ ହୋଇପାରିଲେ ଖାଦ୍ୟଲାଳସା ବିଚଳିତ କରେ ନାହିଁ । ସମସ୍ତେ ଏଇ ସାଧନାକୁ ଅଭ୍ୟାସ କଲେ ।

ସୁବୋଧ ଖାଇବାରେ ସେତେ ଆଗ୍ରହୀ ନୁହେଁ । ସେ ଇତସ୍ତତଃ କରୁଥାଏ । ଚାହୁଁଥାଏ ବାରମ୍ବାର ଦୀକ୍ଷିତଙ୍କୁ । ଦୀକ୍ଷିତ ଭିକ୍ଷୁ ନିଜ ଆହାର ଟିକକ ହାତରେ ଧରିଥା'ନ୍ତି । ଗୋଟିଏ ଗୁଣ୍ଡୁଚିମୂଷା ଗଛରୁ ଓହ୍ଲେଇ ଆସି ତାକୁ ଖାଇଯାଉଥାଏ । ସେ ସେମିତି ରହିଁରହିଥାନ୍ତି । ଗୋଟିଏ ଡେଣାଭଙ୍ଗା କୁଆ ମଧ୍ୟ ମଝିରେ ମଝିରେ ଆସି ଖାଉଥିଲା । ସେଦିନ କିନ୍ତୁ ତା'ର ଦେଖାନଥିଲା । ...ତା'ହେଲେ ଦୀକ୍ଷିତ ଭିକ୍ଷୁ କ'ଣ ନିଜେ କେବେବେଳେ କିଛି ଖାଆନ୍ତି ନାହିଁ ?

Digitized by srujanika@gmail.com

ଏ ନୀରବ ପ୍ରଶ୍ନର ତେଜ ତାଙ୍କୁ ହୁଏତ ସ୍ପର୍ଶ କଲା । ସେ ସୁବୋଧଙ୍କୁ ଆଖି ଟେକି ଚାହିଁଲେ, କିନ୍ତୁ କିଛି କହିଲେ ନାହିଁ ଗୁଣ୍ଡୁଚିମୂଷା ସବୁ ଖାଇ ସାରି ଲାଞ୍ଜ ଟେକି ତାଙ୍କ କାନ୍ଧ ଉପରେ ଯାଇ ବସିଲା । ଦୁଇ ହାତରେ ମୁହଁକୁ ଝାଡ଼ିଦେଲା । ଡିଆଁ ମାରି ଚାଲିଗଲା ଗଛଗହଳକୁ । ଦୀକ୍ଷିତ ଭିକ୍ଷୁ ତାଙ୍କ ଗମ୍ଭୀର ଦୃଷ୍ଟି ଫେରାଇ ଏମାନଙ୍କୁ ଚାହିଁଲେ ।

"କ୍ଷୁଧା ନଥାଇ ଶରୀର ନାହିଁ । ଶରୀରକୁ ଜୟ କରିପାରିଲେ କ୍ଷୁଧାକୁ ଜୟ କରିହୁଏ । କିନ୍ତୁ ଶରୀରରେ ଥାଇ ଶରୀରକୁ ଅତିକ୍ରମ କରିବା ପ୍ରାୟ ଅସମ୍ଭବ ବ୍ୟାପାର ।"

ସୁନନ୍ଦ ଆଦି ସମସ୍ତେ ଆଗ୍ରହରେ ପାଖେଇଆସି ତାଙ୍କୁ ଘେରିଗଲେ ।

"କ୍ଷୁଧା ଅଗ୍ନି ପରି । ଶରୀର ଏଇ ସମିଧ ପରି । ଶରୀର ଭିତରେ ଓ ବାହାରେ ଅଗ୍ନି ଜଳୁଥାଏ । ଆହାର ମାଧ୍ୟମରେ ସେ ଶରୀରକୁ ହିଁ ଖାଉଥାଏ । ଏଣୁ ଶରୀର ଶୀର୍ଣ୍ଣ ଏବଂ ସାରଶୂନ୍ୟ ହୋଇଗଲେ ଅଗ୍ନିର ଶିଖା ମଧ୍ୟ ଲିଭିଆସେ । କ୍ଷୁଧା ଶରୀର ସହିତ ଆସେ ଏବଂ ଶରୀର ସହିତ ଚାଲିଯାଏ ।"

କିଛି ସମୟ ସମସ୍ତେ ନୀରବ ରହିଗଲେ ।

"ଆଜି ତୁମ ଗଛକୁ କ'ଣ ଖାଇବାକୁ ଦେଲ, ସୁବୋଧ ?"

"ସବୁଦିନ ଯାହା ଦିଏ—କିଛି ପାଣି ।" ଉତ୍ତର ଦେଲା ସୁବୋଧ, ଏବଂ ସାମାନ୍ୟ ରହିଯାଇ ପଚାରିଲା, " ଜଣେ କ'ଣ ପବନ ଆହାର କରି ବଞ୍ଚିପାରିବ ?"

"ପାରିବ ସୁବୋଧ, ସ୍ଥୂଳ ଅପେକ୍ଷା ସୂକ୍ଷ୍ମ ଉପାଦାନରେ ଅଧିକ ପ୍ରାଣଶକ୍ତି ପାଇଁ ଆହାର ଅଛି ।"

"ତା' ହେଲେ ତ' ଆଲୋକ କମ୍ପା ଆକାଶ ସବୁଠାରୁ ସୂକ୍ଷ୍ମ ! ତାକୁ ଆହାର କରିପାରିଲେ ସମସ୍ୟା ସରିଗଲା !"

"ନା ! ସମସ୍ୟା ସରେ ନାହିଁ, ସୁବୋଧ ! କିନ୍ତୁ ଆଲୋକ କମ୍ପା ଆକାଶକୁ 'ଆହାର' କରିହୁଏ ! ତା'ପାଇଁ 'ଖାଇବା' ଢଙ୍ଗ ସାମାନ୍ୟ ଅଲଗା ।"

ସୁନନ୍ଦଙ୍କୁ ଚାହିଁ ଅଳ୍ପ ହସି କହିଲେ, "ଏଥିରେ ବ୍ୟସ୍ତ ହେବାର ନାହିଁ । ଯଥାସମୟରେ ସବୁ ସମ୍ଭବ ହେବ । ଶରୀର ଅନୁସାରେ ଖାଦ୍ୟ ନିର୍ଣ୍ଣିତ ହୁଏ ।"

Digitized by srujanika@gmail.com

ସେତେବେଳକୁ ସଂଧ୍ୟା ଆକାଶରେ ଆହୁରି ଝାଙ୍କାଏ ଶାଗୁଣା ନିଷ୍କଳର ସେଇ ମଠ ଉପରକୁ ଓହ୍ଲେଇଯାଉଥିଲେ ।

ପଣ୍ଡିତ ଭିକ୍ଷୁ ଶୂନ୍ୟକୁ ଗୃହିଁ ରହିବାରୁ ସୁନନ୍ଦ ବୁଝିଗଲେ ଯେ ଅନ୍ୟ ଭୂମିରେ ସେ ହୁଏତ ଆଳାପ କରୁଛନ୍ତି । ଗୋଟାଏ ପରିଚିତ ସୁଗନ୍ଧରୁ ସେ ଜାଣିଲେ ଯେ ବୃହଦ୍ଭ ଆସିଛନ୍ତି ।

"ଏ ଶରୀରରେ କ'ଣ ଏମାନେ ଉପାଦାନ ଅତିକ୍ରମ କରି ପାରିବେ ?"

ପଣ୍ଡିତ ଭିକ୍ଷୁ ଆମୋଦିତ ହେଲାଭଳି ନୀରବ ଉତ୍ତର ଦେଲେ, "କାହିଁକି ନ ପାରିବେ ? ଦେଖାଯାଉ, ଏ ଗହନ ରାଜ୍ୟରେ ବାଟ କାଟି ଯାଉ ଯାଉ କେଉଁଠି ପହଞ୍ଚୁହେଉଛି !"

"ଆପଣ କ'ଣ ଶରୀରର ଜୀବନ୍ତପୂ ଧର୍ମ ଗ୍ରହଣ କରିବେ ?" ବୃହଦ୍ କାଞ୍ଚିତ୍ ବିସ୍ମିତ ହେଲାପରି ପଚାରିଲେ ।

"ଆପଣଙ୍କର ଆଶଙ୍କା ମୁଁ ବୁଝିପାରୁଛି । ଆପଣ ଜାଣିଶୁଣି ସେସବୁ ସ୍ପର୍ଶ କରି ନାହାନ୍ତି । ଦେଖାଯାଉ । ସୃଷ୍ଟିର ଦୁର୍ଦ୍ଧର୍ଷ ରୂପ ମୁଁ ଶରୀର ଏବଂ ମନର ଯୌନ ଭୂମିରେ ଦେଖିପାରୁଛି । ରୂପରୁ ଅନୁରୂପ ସୃଷ୍ଟି ହେବାପାଇଁ ସେ ଏକ ଅଦ୍ଭୁତ ପ୍ରକ୍ରିୟା । ତା'ର ସ୍ନାୟୁବିକ ଆକର୍ଷଣ ମଧ୍ୟ ଅଦ୍ଭୁତ । ସଂସାରକୁ ବୁଝିବାକୁ ହେଲେ ତାକୁ ବୁଝିବା ଏକାନ୍ତ ଆବଶ୍ୟକ ମନେ ହେଉଛି । କିନ୍ତୁ କିପରି ?···ଦେଖାଯାଉ !"

ପଣ୍ଡିତ ଆଖି ଫେରେଇ ଆଣିବାରୁ ସୁନନ୍ଦ ଜାଣିଲେ ଯେ କଥୋପକଥନ ସରିଗଲା ।

ସକାଳ ପହର । ପଣ୍ଡିତ ଭିକ୍ଷୁ ଏକାକୀ ବସିଥାନ୍ତି । ସେ ଅନୁଭବ କଲେ ଯେ ସୁବୋଧ ତାଙ୍କୁ ସ୍ମରଣ କରୁଛି । ସେ ତାକୁ ନିର୍ଦ୍ଦେଶ ଦେଲେ ଆସିବାକୁ । ···ତେବେ ସୁବୋଧ ମନରେ ସଂକଳ୍ପ ଦୃଢ଼ ହେଲା । ସେ ନିର୍ଦ୍ଦେଶ ବୁଝିଗଲା । ସ୍ମରଣର ସ୍ପନ୍ଦନ ଆଉ ଆସୁନାହିଁ । ବୋଧହୁଏ ସେ ପହଞ୍ଚିବ ।

ତରୁଣ ସୁବୋଧ ଭିତରେ ପ୍ରଚୁର ପ୍ରାଣଶକ୍ତି । ସେ ନିଜକୁ ଆବିଷ୍କାର କରିପାରିଲେ ଅନେକ ବାଟ ଆଗେଇ ଯାଆନ୍ତା । ତା'ର ସମଗ୍ର ଭବିଷ୍ୟତ

Digitized by srujanika@gmail.com

ଉପରୁ ଆବରଣ ଟେକି ଦେଖିବାକୁ ପଣ୍ଡିତ ଭିକ୍ଷୁ ଚାହିଁଲେ ନାହିଁ । ଜାଣିଶୁଣି ସେ ନିଜର ଦୃଷ୍ଟି ଅପହାରିତ ରଖିଥାନ୍ତି ନ ହେଲେ ଅନାୟାସରେ ଶରୀରଟି ରେଚନା ବୃନ୍ତରୁ ଖସିପଡୁଥାଏ । ସେ ହସିଦେଇ ପୁଣି ତାକୁ ଗୋଟେଇ ନେଉଥାନ୍ତି । ମାନବ ଦେହଟିକୁ ନ ହେଲେ ଏଠି ତାଙ୍କ ସାଧନାର ଅର୍ଥ କିଛି ରହୁନାହିଁ ।

ଦୂରରୁ ଆସ୍ତେ ଆସ୍ତେ ତିନୋଟି ମୂର୍ତ୍ତି ପାଖେଇ ଆସିଲେ । ସେଥିମଧ୍ୟରୁ ଜଣେ ତ ସୁବୋଧ । ବାକି ଦୁଇଜଣ ବୋଧହୁଏ ତା'ର ବାପ ମା' ହୋଇଥିବେ ! କାହିଁକି ଆସୁଥିଲେ ସେମାନେ ?

"ପଣ୍ଡିତ ଭିକ୍ଷୁ ! ଆମେ ଆମ ପୁଅକୁ ତୁମ ପାଖରୁ ଫେରାଇ ନେବାକୁ ଆସିଛୁ ।"

ସୁବୋଧ ଅନେକ ଭରସାରେ ପଣ୍ଡିତଙ୍କ ମୁହଁକୁ ଅନେଇ ରହିଲା । ସେ କିଛି ନ କହି ଅପେକ୍ଷା କଲେ ।

"ତାକୁ ଆମେ ଜନ୍ମ ଦେଇଛୁ । ସେ ଆମର ସଂପତ୍ତି । ସେ ଆମ ସମାଜର ସଂପତ୍ତି । ସେ ଆମ ନିର୍ଦ୍ଦେଶରେ ଆମ ନିୟମ ପାଳନ କରିବାକୁ ବାଧ୍ୟ । ଏଠିକି ଆସି ସେ ବିଭ୍ରାନ୍ତ ହେଉଥିବାର ଜଣାଯାଉଛି । ତା'ର ଆଚରଣ ଏବଂ କଥାବାର୍ତ୍ତା ସବୁ ବିଭ୍ରାନ୍ତିକର । ତୁମେ କ'ଣ ତାକୁ କହିଛ ଯେ ସମସ୍ତେ ମୁକ୍ତ ? ଏଠି ଯେ ଯାହା ଇଚ୍ଛା କରିବ ପାଇପାରିବ ? ଯାହା ଚାହିଁବ ତାହା ହୋଇ ପାରିବ ?"...

"ସ୍ୱଭାବତଃ ସମସ୍ତେ ମୁକ୍ତ !" ଖୁବ୍ ଶାନ୍ତ ସ୍ୱରରେ ଉତ୍ତର ଦେଲେ ପଣ୍ଡିତ ଭିକ୍ଷୁ । ସୁବୋଧ ଅତ୍ୟନ୍ତ ଆଶ୍ୱସ୍ତ ବୋଧକଲା ।

"ମିଥ୍ୟା ! ଏଠି ସମସ୍ତେ ବନ୍ଧା । ସମସ୍ତେ ସମସ୍ତଙ୍କୁ ବାନ୍ଧି ରଖିଲେ ସଂସାର ଏବଂ ସଂସାର ହିଁ ଏକମାତ୍ର ସତ୍ୟ !"

ପଣ୍ଡିତ ଭିକ୍ଷୁ ସେଇଭଳି ଅବିଚଳିତ କହିଲେ, "ସ୍ୱଭାବତଃ ସମସ୍ତେ ମୁକ୍ତ । ସଂସାର କାହାର ସ୍ୱଭାବ ନୁହେଁ । ସଂସାର କ୍ଷେତ୍ର, ସଂସାର ପରିସ୍ଥିତି, ସଂସାର ପ୍ରବାହ !"

"ଏ ସବୁ ଖାଲି ପ୍ରଗଳ୍ଭ । ଏହା ଅନୁଭବ ନୁହେଁ । ଯାହା ଦିଶୁଛି ତାହା ଅଛି । ଯାହା ଅଛି ତାହା ସତ୍ୟ ।"

Digitized by srujanika@gmail.com

ଖେଳଣାଭଳି ଘଷିତ ପ୍ରଶ୍ନକଲେ, "ମୋ ହାତରେ କ'ଣ ଦିଶୁଛି ?"

"ସେଇଟା ଖଣ୍ଡିଏ ମାଟି !"

ସେ ହାତକୁ ପିଠିପଟକୁ ନେଇ ପଚାରିଲେ, "ବର୍ତ୍ତମାନ ଦିଶୁ ନ ଥିବା ମାଟିଖଣ୍ଡିଟି ଅଛି ନା' ନାହିଁ ?"

"ଅଛି, କିନ୍ତୁ ସ୍ଥାନାନ୍ତରିତ ହୋଇଯାଇଛି; ସେଥିପାଇଁ ଅଦୃଶ୍ୟ ।"

ସେ ହାତକୁ ଆଗରେ ଖୋଲି ଧରି କହିଲେ, "ମାଟିଖଣ୍ଡ ଅଛି ଏବଂ ଦୃଶ୍ୟ ହେଉଛି ।"

ସେମାନେ ଦେଖୁ ଦେଖୁ ମାଟିଖଣ୍ଡିଟି ଆସ୍ତେ ମଳିନ ହୋଇ ଅଦୃଶ୍ୟ ହୋଇଗଲା । ସେ ପ୍ରଶ୍ନଥିବା ଆଖିରେ ତାଙ୍କୁ ପୁଣି ଚାହିଁଲେ ।

"ମାଟି ଖଣ୍ଡ ନାହିଁ, ଯେହେତୁ ତାହା ଅଦୃଶ୍ୟ ।"

"ନା, ଏକଥା ଠିକ୍ ହେଲାନାହିଁ । ବସ୍ତୁ ସ୍ଥାନାନ୍ତରିତ ହେଲେ ଅଦୃଶ୍ୟ ହୋଇଯାଏ; କାଳାନ୍ତରିତ ହେଲେ ମଧ୍ୟ ଅଦୃଶ୍ୟ ହୋଇଯାଏ । ଦୃଶ୍ୟ କିମ୍ବା ଅଦୃଶ୍ୟ ହେବା ଉଭୟ ଭ୍ରମ । ଉଭୟ ସଂସାର । ଯାହା 'ମାଟି' ନାମଧେୟ ତାହା ସବୁବେଳେ ଅଛି । ତାହା ସତ୍ୟ । ତାହା ସ୍ୱଭାବତଃ ମୁକ୍ତ, ନାମରୁ, ରୂପରୁ, ସଂସାରରୁ ।"

ସୁବୋଧ ଖୁସିରେ କୁରୁଳି ଉଠିଲା । ତା' ମୁହଁ ଉଜ୍ଜ୍ୱଳ ଉଠିଲା । ବାପ ମା' ଦୁହିଁଟି ବିଗୃହ ବିହ୍ୱଳ ହୋଇ ଚାହିଁ ରହିଥା'ନ୍ତି । କିଛି ସମୟ ପରେ ସବୁ ପୁଣି ପୂର୍ବ ପରି ସରଳ ହୋଇଗଲା । ଘଷିତ ଭିକ୍ଷୁ ବାପଟିକୁ ପଚାରିଲେ— "ସୁବୋଧ ଆପଣଙ୍କ ପାଖକୁ ଫେରିଗଲେ କ'ଣ କରିବେ ?"

ନିଦରୁ ଉଠିଲା ପରି ସେ ଟିକିଏ ଇତସ୍ତତଃ କରି କହିଲେ, "ସେ ? —ସେ ଢେର୍ କାମ କରିବ । ମୋ ସାଙ୍ଗରେ ମିଶି ମାଟି ତିଆରି କରିବ । ଚକ ଘୂରେଇବ ଘଟି, କଳସ, ଘୁମ୍ପା, ଆଟିକା ଉତାରିବ । ବୃତ୍ତି କରିବ । ପ୍ରତିପୋଷଣ ହେବ ।"

ମା'କୁ ମଧ୍ୟ ସେଇ ପ୍ରଶ୍ନ ପଚାରିବାରୁ ସେ ଅନେକ ସମୟ ତଳକୁ ମୁହଁପୋତି ବସି ରହିଲା ପରେ ପାଟି ଫିଟାଇ କହିଲେ, "ସେ ବାହାହେବ । ବୋହୂ ଆଣିବ । ନାତି, ନାତୁଣୀ ହେବେ । ସଂସାର ହେବ ।"

Digitized by srujanika@gmail.com

"ତା' ହେଲେ ଆପଣ କମ୍ବା ଆପଣଙ୍କ ପୂର୍ବପୁରୁଷମାନେ ଯାହା କରି-ଆସିଛନ୍ତି, ସୁବୋଧ ତାହା ହିଁ କରୁ ବୋଲି ଆପଣଙ୍କ ଇଚ୍ଛା ?"

"ହଁ, ହଁ, ଠିକ୍ ତାହା ହିଁ ।" ଖୁବ୍ ଉତ୍ସାହରେ ବାପା କହିଲେ, "ସେ ତ ଆମଠାରୁ କିଛି ଭିନ୍ନ ନୁହେଁ···ସେ କାହିଁକି ସଂସାର ସୁଖରୁ ବଞ୍ଚିତ ହେବ ?"

ସୁବୋଧ ଖେଁ ଖେଁ ହସିପକାଇଲା । ପଣ୍ଡିତ ବୁଝିଗଲେ ଏବଂ ତାକୁ ହାତ ଠେକି ବାରଣ କଲେ ।

"ଆପଣ ଯେଉଁ ସୁଖ ପାଇଛନ୍ତି ବା ପାଉଛନ୍ତି, ପୁଅ ପାଇଁ ମଧ୍ୟ ସେଇ ବ୍ୟବସ୍ଥା କରିଦେବାକୁ ଆପଣ ଚାହାନ୍ତି ?"

ବାପାଙ୍କ ଆଖିରେ, ମୁହଁରେ ବୁଝାମଣା ଉକୁଟି ଉଠିଲା । ବସ୍ତୁତ ହସଟିଏ ନୀରବ ପାଖୁଡ଼ା ମେଲିଗଲା ମୁହଁସାରା । କହିଲେ, "ମୁଁ ସେଥିରେ କୌଣସି ଅବହେଳା କରି ନାହିଁ ! ଅତି ସୁନ୍ଦରୀ, ଗୁଣବତୀ ବୋହୂଟିଏ ସ୍ଥିର ହୋଇ-ସାରିଛି । ତା' ମା'କୁ ପଚାରୁନାହାନ୍ତି ?"

ତଳକୁ ଚାହିଁ ଭୂଇଁରେ ଗାର କାଟିବା ଆଳରେ ମା' କହିଲେ, "ସେମିତି ଝିଅ ତ ଏ ଖଣ୍ଡମଣ୍ଡଳରେ ନ ଥିବ । ପୁଅ ବୋହୂ ଏକାଠି ଠିଆ ହେଲେ ଶହ ହେଲେ ସୁଦ୍ଧା ଘଡ଼ିଏ ଚାହିଁରହିବ । ଯୁଆଡ଼ି ପାଇଁ ସେ ଜନ୍ମ ହୋଇଛି ।"

"ତା' ହେଲେ ତ ସବୁ ସରିଛି ।"—ପଣ୍ଡିତ ପ୍ରାୟ ନିଷ୍ପତ୍ତିର ସ୍ୱରରେ କହିଲେ ଏବଂ ଚାହିଁଲେ ସୁବୋଧକୁ । ତା' ମୁହଁଟି ଶୁଖିଯାଇଥିଲା । ହଠାତ୍ ଆଖି ଦୁଇଟି ତେଜିଉଠିଲା ।

"ମୁଁ ସେ ନିର୍ବୋଧ ଖେଳଘରକୁ ଆଉ ଯାଇ ପାରିବ ନାହିଁ । ସେ ସବୁ ବ୍ୟର୍ଥ ।"

"ଦେଖିଲେ ତ ! ଏଥିରୁ ଗୁଡ଼ାଏ ମୁଖସ୍ଥ କଥା ସେଇଠି କହୁଛି ଏବଂ ବାପା ମା'ଙ୍କୁ ଅମାନ୍ୟ କରୁଛି ।"

ପଣ୍ଡିତଙ୍କର ସ୍ୱର ପ୍ରାଞ୍ଜଳ । "ନାଁ, ସୁବୋଧ, ସେ ସବୁ କିଛି ହେଲେ ବ୍ୟର୍ଥ ନୁହେଁ । ସେ ସବୁ ସତ୍ୟ !"

Digitized by srujanika@gmail.com

ସୁବୋଧ ପ୍ରାପ୍ତ ଚମକିଲା ପରି, ଏବଂ ନିଜ କାନକୁ ନିଜେ ବିଶ୍ୱାସ ନକଲା ପରି ପଣ୍ଡିତଙ୍କ ମୁହଁକୁ ଚାହିଁରହିଲା ।

ସକାଳର ଉପଦେଶ ପାଇଁ ସମସ୍ତ ହୋଇଯାଇଥିଲା । ପଣ୍ଡିତ ଭିକ୍ଷୁ ସେ ବାପ ମା' ଦୁହିଁଙ୍କୁ ବିନମ୍ରରେ କହିଲେ, "ଆପଣ ଯାହା ଚାହୁଁଛନ୍ତି ତାହାହିଁ ହେବ । ଆଜି ସନ୍ଧ୍ୟା ପୂର୍ବରୁ ସୁବୋଧ ଆପଣଙ୍କ ପାଖକୁ ଫେରି-ଯିବେ ।"

ଖୁସି ହୋଇ ଉଭୟେ ଉଠିଲେ । ସୂର୍ଯ୍ୟଙ୍କୁ ପଛକରି ପଶ୍ଚିମମୁହାଁ ଦୁଇଟି ଆକୃତି ନିଜ ନିଜ ଛାଇ ପଛରେ ଆସ୍ତେ ଘୁଞ୍ଚିଗଲେ ଦୂରରୁ ଦୂରକୁ । ସେ ଆଡ଼ୁ ଆଖି ଫେରାଇ ଆଣିଲେ ସୁବୋଧ ଏବଂ ପଣ୍ଡିତ ଭିକ୍ଷୁ ।

ସୁବୋଧ ଏକାଧିକ ଆବେଗ ଏବଂ ଉତ୍ତେଜନାରେ ବିଚଳିତ । ତାର ଆଖିଯୋଡ଼ିକ ଛଳ ଛଳ । ପଣ୍ଡିତ ଅସୀମ ଧୈର୍ଯ୍ୟ ଏବଂ ସ୍ନେହରେ ଅପେକ୍ଷା କରି ରହିଥାନ୍ତି ।

ଚିତ୍କାର କଲାପରି ସୁବୋଧ ଅଭିଯୋଗ କଲା, "ଇଏ ଆପଣ କ'ଣ କଲେ ? ଯଦି ମୋତେ ଅଯୋଗ୍ୟ ବୋଲି ଜାଣିଥିଲେ ତେବେ ଏତେ ଦିନ ଧରି କାହିଁକି ଗ୍ରହଣ କରିଥିଲେ ? ସଂସାର ଅନିତ୍ୟ ବୋଲି ଅନୁଭବ ହେଇ ସାରିବା ପରେ, ସେ ଘୋର ଭ୍ରମ ଭିତରକୁ ଠେଲି ଦେବାକୁ କାହିଁକି ନିଷ୍ପତ୍ତି ନେଲେ ? ···ମୋ ପ୍ରତି ଆପଣଙ୍କର ଅନୁଗ୍ରହ ନାହିଁ ବୋଲି ଜାଣିଥିଲେ ମୁଁ ମୂଳରୁ ଆସିନଥାନ୍ତି ।"

ପଣ୍ଡିତ ନିବିଡ଼ ଦୃଷ୍ଟିରେ ତାକୁ ଚାହିଁଲେ ଏବଂ ଅପେକ୍ଷା କଲେ । କିଛି ସମୟ ପରେ ସେ ମୁହଁ ଟେକି ପୁଣି ସେହିଭଳି ଆବେଗରେ କହିଲା, "ଆପଣ ନିଜେ କହିଥିଲେ ନା—ଏ ସମଗ୍ର ନାମରୂପ ମିଥ୍ୟା ?—ଏ ଛାୟାବାଜି ମିଥ୍ୟା ? —କହିଥିଲେ ନା କୌଣସି ରୂପ ସ୍ୱରୂପ ନୁହେଁ ? – ରୂପ ମାତ୍ରେ ମିଥ୍ୟା ବୋଲି ଅନୁଭବ·ଦେଇଥିଲେ ନା ? ଏବେ ପୁଣି ଏ କ'ଣ ? ସେସବୁ ପୁଣି ସତ୍ୟ ହୋଇଗଲା !! ଏଭଳି ବ୍ୟାମିଶ୍ର ବାକ୍ୟ କହି ମୋତେ·ଆପଣ କାହିଁକି ବିଭ୍ରାନ୍ତ କରୁଛନ୍ତି ? —ମୋ ଉପରେ ମୁଁ କାହିଁକି ସେ ଘୋର ସଂସାର ଭିତରେ ପ୍ରବେଶ କରିବାକୁ ଯିବି ? ମୋତେ ଆପଣ କାହିଁକି ସେଥିରେ ନିଯୁକ୍ତ କରିବେ ?"

Digitized by srujanika@gmail.com

ଋଷି ତ ସ୍ଥିର ଦୃଷ୍ଟିରେ କିଛି ସମୟ ସୁବୋଧର ଆଖି ଭିତରକୁ ଚାହିଁଲେ । ତା'ର ଆବେଗ ଉତ୍ତେଜନା ଆସ୍ତେ ଶାନ୍ତ ହୋଇଗଲା । ଫଣ ଫଣ ମୁହଁ ଉପରୁ ରକ୍ତ ଓହ୍ଲେଇଗଲା । ଶିରା ଗ୍ରନ୍ଥି ଆସ୍ତେ ସ୍ୱାଭାବିକ ଢଙ୍ଗରେ ସମତୁଲ ହୋଇଗଲେ ।

"ରୂପ ମିଥ୍ୟା ସୁବୋଧ; କିନ୍ତୁ ସ୍ୱରୂପ ସବୁବେଳେ ସତ୍ୟ । ରୂପ ଦିଶେ, ସ୍ୱରୂପକୁ ଉନ୍ମୋଚନ କରିବାକୁ ହୁଏ । ରୂପ ବିଭିନ୍ନ; କିନ୍ତୁ ସ୍ୱରୂପ ଏକ, ଏଥିରେ ବିଭ୍ରାନ୍ତ ହେବାର କିଛି ନାହିଁ । ତୁମକୁ ମୂଳରୁ ଯୋଗ୍ୟ ବୋଲି ବିଚାର କରିଛି, ଏବଂ ସେଥିପାଇଁ ସଂସାରରେ ପ୍ରବେଶ କରିବାକୁ ମନୋନୀତ କରିଛି । ସଂସାରକୁ ଚିହ୍ନି ସାରି ତା'ଭିତରେ ପ୍ରବେଶ କଲେ ସେ ତୁମ ଶକ୍ତିର ସହାୟକ ହୁଏ । ନ ଜାଣି ପଶିଗଲେ ଶୋଷିବାର ନିଏ । ସଂସାର ସ୍ୱୟଂ ଏକ ଅପରିମେୟ ଶକ୍ତି । ତା'ର ସ୍ୱରୂପରେ ସେ ସେଇ ଏକ ଏବଂ ଅତୁଳନୀୟ ସତ୍ତା । ତୁମେ ତରୁଣ । ତୁମ ପାଇଁ ସଂସାର ତା'ର ପ୍ରବଳତମ ବିକ୍ଷେପ ପ୍ରୟୋଗ କରିବ । ତୁମେ ସ୍ଥିର ରହିବା ତୁମ ପାଇଁ କଠିନତମ ପରୀକ୍ଷା, ଶ୍ରେଷ୍ଠତମ ସୁଯୋଗ ।"

ସୁବୋଧ ସେତେବେଳେ ଧ୍ୟାନସ୍ଥ ।···ରୂପବର୍ଣ୍ଣର ଛାୟାବାଜି ଲୁଚିଯିବା ପରେ ତଳ ତଳ ରକ୍ତର ସମୁଦ୍ର ! ତା'ପରେ ଝିଲ୍ଲୀ ଝଂକୃତ ଗର୍ଜି । ଆହୁରି ଭିତରେ ଗଭୀର ଗମ୍ଭୀର ବିଶାଳ ନୀରବତା । ସେଇଠି ଅତି ନିକଟରେ ଋଷି ତଙ୍କର ଆତ୍ମୀୟ ସ୍ୱର—"ତୋର କିଛି ଚିନ୍ତା କରିବାର ନାହିଁ, ସୁବୋଧ । ତୁ ମୋର ପ୍ରତିରୂପ । ତୋ' ସହିତ ମୁଁ ସ୍ୱୟଂ ସଂସାରରେ ପ୍ରବେଶ କରିବ । ପ୍ରବଳ ବିପକ୍ଷ ସହିତ ତୁ ଯୁଦ୍ଧ କଲାବେଳେ ମୁଁ ହେବ ତୋର ଯୋଦ୍ଧାଗଣ । ତୋତେ ଦୃଢ଼, ଶାଣିତ କରିବାକୁ ମୁଁ ଶକ୍ତି ନିୟୋଗ କରିବ । ମୁଁ ତୋର ରଥ ବାହିନେବ । ଅଭ୍ରାନ୍ତ ଦୃଷ୍ଟି ପାଇଁ ଅଞ୍ଜନ ଲଗାଇଦେବ । ତୁ ଯୋଦ୍ଧା, କିନ୍ତୁ ତୁ କେବଳ ନିମିତ୍ତ ! ଏ ଧର୍ମଯୁଦ୍ଧ ମୋର । ତୁ ନିଷ୍କମ୍ପ ବିଶ୍ୱାସରେ ମୋ ହାତ ଧ' । ମୁଁ ତୋତେ ପାରି କରି ନେଇ ଆସିବ । ସେଥିପାଇଁ ମୁଁ ତୋ ପାଖରେ ବଚନବଦ୍ଧ ହେଲି ।"

ବିସ୍ତୀର୍ଣ୍ଣ କୋମଳ ଏବଂ ଘନ ଶୀତଳ ନୀରବତା କିଛି ସମୟ ତାକୁ ଆଶ୍ଳିଷ୍ଟ କରି ରଖିଲା । ତା'ପରେ କେଉଁ ଆକାଶରୁ ଗମ୍ଭୀର ସ୍ୱର ଶୁଭିଲା—"ତୋତେ

Digitized by srujanika@gmail.com

ଏବେ ଯାହା ଦୃଶ୍ୟ ହେବ, ତାହା କେବଳ ଭାବରୂପ । ସଂସାରରେ ପ୍ରବେଶ କଲା ପରେ ତୋର ସପକ୍ଷ ବିପକ୍ଷ ଚିହ୍ନିବାରେ ଏହା ସାହାଯ୍ୟ କରିବ, ଧୃତି ରଖିବାରେ ସାହାଯ୍ୟ କରିବ । ସମଗ୍ର ଜଗତର ମୂଳ ଭୂମି ଏଇ ମନ । ରୂପ ମାତ୍ରେ ଏଇ ମନର ଉଦ୍‌ଗମ । ବସ୍ତୁରବୁଦ୍ଧି ପ୍ରୟୋଗ କଲେ ଭାବରୂପ ଦୃଶ୍ୟ ହୁଏ । ଏବେ ତୋର ବୁଦ୍ଧି ପ୍ରତିଷ୍ଠିତ ହେଉ ଶାଣିତ ହେଉ । ତୁ ସେଇ ବୁଦ୍ଧି ବଳରେ ଦେଖ୍ ।"

...ବିଭିନ୍ନ ରଙ୍ଗର ଗୁଡ଼ାଏ ମଣିଷ ଆକୃତି ଫିଙ୍ଗିହେଲାପରି କାହୁଁ ଆସି ଗୋଟାଏ ବିସ୍ତୀର୍ଣ୍ଣ ଭୂମିରେ ଏକାଠି ଗଦାହେଲେ । ଜଣାଯାଉଥିଲା, ତାଙ୍କୁ ଗୋଟାଏ ଘୂର୍ଣ୍ଣି ଧରି କେଉଁ ଓଡ଼େଇ ଆଣୁଛି । ...ସେମାନଙ୍କ ଭିତରୁ କିଛି ପୁରୁଷ, କିଛି ସ୍ତ୍ରୀ । ସେମାନେ ସମସ୍ତେ ଆଖିବୁଜି ଅଣ୍ଡାଳ ହେଉଛନ୍ତି । କେହି ଖାଲରେ ପଡ଼ିଗଲେ ଅନ୍ୟମାନେ ଚକଟି ଗୁଳିଯାଉଛନ୍ତି । ସେମାନେ କ'ଣ ଗୁଡ଼ାଏ ଭିଡ଼ାଭିଡ଼ି ହୋଇ ଖାଇ ଲାଗିଛନ୍ତି । ମରାମରି ହେଉଛନ୍ତି । ଚିତ୍କାର କରୁଛନ୍ତି । ନାରୀ ପୁରୁଷ ଛନ୍ଦିହୋଇ ରହୁଛନ୍ତି, ଫିଟିଯାଉଛନ୍ତି ପୁଣି ଛନ୍ଦି-ହେଉଛନ୍ତି । ଅଦୃଶ ଘୂର୍ଣ୍ଣି ତାଙ୍କୁ ଓଡ଼େଇ ନେଇଯାଉଛି ।

...ସେ ଗହଳି ଭିତରେ ଜଣେ କରଛଡ଼ାଦେଇ ଠିଆ ରହୁଛି । ତାର ଆଖି ଦୁଇଟି ଫିଟି ରହୁଛି । ସେ ଅନ୍ଧ ମଣିଷଙ୍କ ଭିଡ଼ରେ ପେଲି ହୋଇଯାଉଛି, କିନ୍ତୁ ଘୂରିହୁଁ ରହୁଛି । ତାକୁ ପକେଇଦେବାକୁ, ଅନ୍ଧ କରିଦେବାକୁ ଅଦୃଶ୍ୟ ଘୂର୍ଣ୍ଣି ଅଜାଡ଼ିଦେଉଛି ସମସ୍ତ ଅଂଧଶକ୍ତି । ସେ ଆଡ଼େଇ ହୋଇଯାଉଛି । ସେ ଲଢ଼ିପାରୁନଥିବା ଦୁର୍ବଳ ମୁହଁରେ ଆହାର ଯୋଗେଇ ଦେଉଛି ଅସହାୟର । ହାତ ଧରି କିଛି ବାଟ କଢ଼େଇ ନେଉଛି । ସେ କାହାକୁ ଠେଲି ଦେଇ ଗୁଳି-ଯାଉନାହିଁ । କେହି ତାକୁ ଠେଲିଦେଲେ ଓହରି ଯାଉନାହିଁ, ସହିଯାଉଛି । ...ତା' ଉପରେ ନାରୀଟିଏ ମଡ଼େଇ ହୋଇ ପଡ଼ୁଛି । ସେ ତାକୁ ଆଶ୍ରୟ ଦେଉଛି । ଗ୍ରହଣ କରୁଛି । ଆଖି ଖୋଲି ଗ୍ରହଣ କରୁଛି । ...ତା ଗହଳି ବାରି ଅଂଧମାନେ ତାକୁ ଆକ୍ରମଣ କରୁଛନ୍ତି । ତାକୁ ପୋତି ଦେବାକୁ ମାଡ଼ିଆସୁଛନ୍ତି । ଶେଷରେ ତାକୁ ସେମାନେ ଖୋଳେଇ ଦେଉଛନ୍ତି । ସେ ସେମାନଙ୍କୁ କ୍ଷମା କରୁଛି । ରେଖାଏ ଆଲୁଅ ପରି, ସେମାନଙ୍କ ଭିତରେ, ସେମାନଙ୍କ ଊର୍ଦ୍ଧ୍ୱରେ ସେ ପହଁରି ବୁଲୁଛି । ତା' ଦେହରେ ପାଣି ଲାଗି ନାହିଁ, କାଦୁଅ ଲାଗି ନାହିଁ । ସେ ନିର୍ମଳ, ମୁକ୍ତ, ନିରାବରଣ !

Digitized by srujanika@gmail.com

ପ୍ରଶାନ୍ତ ନୀରବତା ଭିତରେ ସୁବୋଧ କିଛି କାଳ ଧ୍ୟାନମଗ୍ନ ରହିଲା । ଧ୍ୟାନମଗ୍ନ ରହିଲେ ଦୀକ୍ଷିତ ଭିକ୍ଷୁ । ବୃକ୍ଷଗଛ ନିଶ୍ଚଳ । ପଶୁପକ୍ଷୀ ନୀରବ ନିସ୍ପନ୍ଦ । ପବନ ସ୍ତବ୍ଧ ।

ଅନେକ ଦିନ ପରେ । ସୁନନ୍ଦ ଆସି ଦୀକ୍ଷିତଙ୍କ ପାଖରେ ଅପେକ୍ଷା କଲେ । ଦୀକ୍ଷିତ ଭିକ୍ଷୁ ତାଙ୍କୁ ମୁହଁ ଟେକି ଚାହିଁବାରୁ କହିଲେ—"ଏଇ କିଛି ସମୟ ହେଲା ସୁବୋଧର ପୁଅ ଜନ୍ମ ହୋଇଛି ।"

"ଜାଣେ !"

"ସେ ସେତିକବେଳୁ ବିମର୍ଷ ହୋଇ ଗୋଟିଏ ଘରେ ଏକୁଟିଆ ବସିଛି ।"

"ଜାଣେ !"

ସୁନନ୍ଦ ନିଜ ଆଚରଣରେ ଲଜ୍ଜିତ ହୋଇ ସାମାନ୍ୟ ହସିଲେ । ଦୀକ୍ଷିତ ତାଙ୍କୁ ପାଖରେ ବସିବାକୁ ଇଙ୍ଗିତ କଲେ । ଦୁହେଁ ନୀରବ ରହିଲେ କିଛି ସମୟ । ସୁନନ୍ଦଙ୍କର ସୂକ୍ଷ୍ମ ଚକ୍ଷୁ ଭିତରେ ପହଁରୁଥିବା ଚିନ୍ତା ଏକାଠି ସମାହିତ ହୋଇଗଲା । ସେ ନିରୁଦ୍‌ବିଗ୍ନ ଏବଂ ନିରାସକ୍ତ ହୋଇ ସାରିବା ପରେ ନିର୍ଦ୍ଦେଶ ଅନୁଭବ କଲେ ।

"ସୁବୋଧ ବିଷୟରେ କ'ଣ ପଚାରୁଥିଲ ?"

"ସୁବୋଧ ସଂସାରରେ ପ୍ରବେଶ କରିବା ପରେ ଛଅଗୋଟି ପର୍ଯ୍ୟାୟରେ ମୋ ମନରେ ସଂଶୟ ଦେଖାଦେଇଛି । ମୁଁ କିଛି ପଚାରି ପାରିନାହିଁ ।"

ଦୀକ୍ଷିତ ଭିକ୍ଷୁ ତାଙ୍କୁ ପରମ ସ୍ନେହରେ ଚାହିଁରହିଲେ ।

"ପ୍ରଥମେ ମୋର ମନେହେଲା ଯେ, ସୁବୋଧ କେବଳ ନାରୀସମ୍ଭୋଗରେ ସଂପୂର୍ଣ୍ଣ ବୁଡ଼ିଗଲା । ତାକୁ ସେ ବିମୂଢ଼ ଅବସ୍ଥାରେ ଦେଖି ମୁଁ ହତାଶ ହୋଇଥିଲି । ଆପଣଙ୍କ ସାନ୍ନିଧ୍ୟ ସତ୍ତ୍ୱେ ଏପରି କାହିଁକି ହେଲା ?"

Digitized by srujanika@gmail.com

"ମୁଁ ତାହା ଗୁହିଁଥିଲି । ତା' ସହିତ ମୁଁ ସେ ଅନ୍ଧକାର ମାଂସମୟତା ଏବଂ ସ୍ପର୍ଶମୟତାରେ ପ୍ରବେଶ କରିଛି, ସୁନନ୍ଦ ! ସେ ରାଜ୍ୟ ସ୍ଥିର ଚେତନା ପାଇଁ ଅତି ଦୁର୍ଗମ । ସେ ବିରୋଧ କରେ ନାହିଁ; ମୋହିତ କରେ, ଆବିଷ୍ଟ କରେ, ଗ୍ରାସ କରେ । ଶରୀରକୁ ଆଶ୍ରାକରିଥିବା କ୍ଷୁଧାର ଦୁର୍ବାର ଉପସ୍ଥ-ଅଗ୍ନି ସେଇଠି ଜଳୁଥାଏ । ତା'ର ଉଦ୍ଦୀପନରେ ବିମୂଢ଼ ହୋଇଯିବା ସାଧାରଣ କଥା । ସୁବୋଧ କିନ୍ତୁ ଯୋଦ୍ଧା । ସେ ଅସଂପୃକ୍ତରହି ସେଥିରେ ପ୍ରବେଶ କରିପାରିଲି । ଏବେ ମଧ୍ୟ ସେ ସଂଗ୍ରାମ କରୁଛି । ମୁଁ ସଂଗ୍ରାମ କରୁଛି ।"

"ସୃଷ୍ଟି ପାଇଁ କ'ଣ ସଚେତନ ମଣିଷଟିଏ ଜନ୍ତୁ ହେବାକୁ ବାଧ୍ୟ ?"

"ନା, ବାଧ୍ୟ ନୁହେଁ । ଉନ୍ନତ ଚେତନାର ପୁରୁଷ କେବଳ ନିଜ ତେଜରେ ନାରୀକୁ ଆଚ୍ଛନ୍ନ କଲେ ଗର୍ଭସଂଗ୍ଣର ହୋଇପାରିବ । ଜଠରରେ ଏତେ କାଳ ରହିବା ମଧ୍ୟ ପ୍ରୟୋଜନ ନୁହେଁ । ତତ୍‌କ୍ଷଣାତ୍ ସେ ପୂର୍ଣ୍ଣାବୟବ ସନ୍ତାନ ଜାତ ହୋଇପାରିବ । ଜନନୀ କୁମାରୀ ରହି ପାରିବ । ମୈଥୁନ ଇତର ଜନ୍ତୁଙ୍କ ଭଳି ମଣିଷ ପାଇଁ ଅନିବାର୍ଯ୍ୟ ନୁହେଁ । ଗୁହିଁଲେ ଯେକୌଣସି ଅଂଗ ସହିତ ଯେକୌଣସି ଅଙ୍ଗର ସ୍ପର୍ଶରେ ମୈଥୁନ ସମ୍ଭବ ।"

ସୁନନ୍ଦ ଆଶ୍ଚର୍ଯ୍ୟ ଚକିତ ହୋଇ ଦୀକ୍ଷିତ ଭିକ୍ଷୁଙ୍କୁ ଗୁହିଁଥାନ୍ତି ।

"ସନ୍ତାନ ପାଇଁ ଇଚ୍ଛା ହିଁ ଯଥେଷ୍ଟ । ଶରୀରର ଊର୍ଦ୍ଧ୍ୱରେ ରହି ଇଚ୍ଛାକଲେ ମାନସ ପୁତ୍ର ରୂପ ପରିଗ୍ରହ କରେ ।"—ସୁନନ୍ଦଙ୍କର ବିହ୍ୱଳତା ଲକ୍ଷ୍ୟ କରି କହିଲେ, "ଏ ସବୁ କିନ୍ତୁ ମଣିଷର ଏ ପର୍ଯ୍ୟାୟର କଥା ନୁହେଁ ।"

ସୁନନ୍ଦ ତଥାପି ବିମୂଢ଼ ହୋଇ ବସିରହିଲେ । କିଛି ସମୟ ପରେ ଆତ୍ମସ୍ଥ ହୋଇ ପଚାରିଲେ—"ଆପଣଙ୍କ ଭରସାରେ ସୁବୋଧ ସେ ଅଗାଧ ସାଗରରେ ପହଁରୁଛି; କିନ୍ତୁ ସଂସାରରେ ଯେତେବେଳେ ବିପଦ ଘୋଟି ଆସିଛି, ଆପଣଙ୍କୁ ଡାକଲେ ମଧ୍ୟ ଆପଣ କାହିଁକି ଅବିର୍ଭୂତ ହୋଇ ନାହାନ୍ତି ? ଗୁହିଁଥିଲେ ଆପଣ ହୋଇପାରିଥା'ନ୍ତେ । ସେ ଦିନ ସେ ଅସହାୟ ଅନ୍ଧ କୁଷ୍ଠରୋଗୀଟିକୁ ଆପଣ ବର୍ଷା ଅନ୍ଧାରରେ ନିଜେ କାନ୍ଧରେ ବୋହି ଆଶ୍ରୟ ଦେଇଥିଲେ ପରା ! ସୁବୋଧ ଡାକିଲା । ସେ ଆପଣଙ୍କ ପ୍ରତିନିଧି । ଅଥଚ ଆପଣ ଗଲେ ନାହିଁ ।"

Digitized by srujanika@gmail.com

ଦୀକ୍ଷିତ ଭିକ୍ଷୁ ଆମୋଦିତ ହେଲା ପରି ଉତ୍ତର ଦେଲେ—"କେଉଁଠାକୁ ଯାଇଥା'ନ୍ତି ? ମୁଁ ପରା ସେଇଠି ଅଛି ! ତାକୁ ନେଇ ସେ ସବୁ କଥାଁର ସମ୍ମୁଖୀ ହେଉଛି । ଏଇ ସୁଯୋଗ ପାଇଁ ସେ ସଂସାରରେ ପଶିଛି । ଏ ଭଳି ପରୀକ୍ଷା ଦୁର୍ଲଭ । ଅନ୍ୟମାନଙ୍କ ଭଳି ଆଖି ବୁଜି ଭୟ ଏବଂ ଉଦ୍‌ବେଗରେ ସେମିତି ଅସ୍ଥିର ହେବାର ପ୍ରୟୋଜନ ତା'ର ନ ଥିଲା।··· ସଂସାରରେ ବିପଦ ହିଁ ହିତକାରୀ ବନ୍ଧୁ । ସଂପଦ ହେଲା ଶଠ ସମ୍ମୋହନ । ସେଥିପାଇଁ ମୁଁ ତାକୁ ସେ ଶଠଟା ପାଖରୁ ଯଥାସମ୍ଭବ ଦୂରରେ ରଖିଆସିଛି । ସଂପଦ ଆଖିରେ ଅନ୍ଧପୁଟୁଳି ବାନ୍ଧିଦିଏ । ଶରୀରକୁ ଆମୋଦିତ କରି ବିମୂଢ଼ କରିଦିଏ । ତୁମେ ଶରୀର-ମାତ୍ର ବୋଲି ବିଶ୍ୱାସ କରିବାକୁ ପ୍ରଲୁବ୍ଧ କରେ ।"

ସୁନନ୍ଦଙ୍କର ସବୁ ସଂଶୟ ଖାଲାସ ହୋଇଗଲା । ସେ କୃତଜ୍ଞତାରେ ଗୁହାଁରିଲେ ଦୀକ୍ଷିତଙ୍କୁ ।

"ଆସ ସୁନନ୍ଦ, ଅନ୍ୟମାନେ ଆସିବା ପୂର୍ବରୁ ଟିକିଏ ବୁଲିଆସିବା ।"

ସୁନନ୍ଦ ପଦ୍ମାସନରେ ସ୍ଥିର ହୋଇ ବସିଗଲେ । ଗୋଟିଏ ବିନ୍ଦୁରେ ଦୃଷ୍ଟି ନିବଦ୍ଧ ରଖି ବୁଡ଼ିଗଲେ ଗଭୀରରୁ ଗଭୀରକୁ । ଅନ୍ଧାର ଭିତରେ ଦୀକ୍ଷିତଙ୍କ ସ୍ୱର ଶୁଭିଲା, "ଆହୁରି ସହଜ ହୋଇଯାଅ ସୁନନ୍ଦ ! ତୁମେ ଏବେ ମଧ୍ୟ ବଳ ପ୍ରୟୋଗ କରି ଭୂଇଁ ଛାଡ଼ିଲା ବେଳକୁ ଇଚ୍ଛାର୍କି ହେଉଛ ! ···ଆଚ୍ଛା, ଆସ !"

ସେଇ ମୁହୂର୍ତ୍ତରେ ଦାଉ ଦାଉ ନେଳ. ଆକାଶରେ ଶିମୁଳି ସୂତା ପରି ପାତଳ ମେଘର ଗୁଡ଼ିଏ ଗାର ଦେଖାଗଲା । ଅନେକ ତଳେ ଘନ ଜଙ୍ଗଲ । ଉଞ୍ଚ ଉଞ୍ଚ ବିଶାଳ ପର୍ବତ ।

ଆହୁରି ତଳେ କ'ଣ ତୁମୁଳ ଶବ୍ଦ ଶୁଭିଲା । ସେଇଆଡ଼କୁ ଦୀକ୍ଷିତ କଢ଼େଇ ନେଉଥା'ନ୍ତି । ସେଇଠି ଅସଂଖ୍ୟ ମଣିଷ ଚିତ୍କାର କରୁଛନ୍ତି । କେତେ କମାଣ ବନ୍ଧୁକ ଗର୍ଜୁଛି । ଧୂଆଁ ଘୋଡ଼େଇ ହୋଇଯାଉଛି ମୃତାହତଙ୍କର ଆର୍ତ୍ତନାଦ ଉପରେ । ସେଇଠି ସମସ୍ତେ ଅବିକଳ । ସମସ୍ତଙ୍କ ଆଖିରେ ଧୂଆଁ, ଭୟ, କ୍ରୋଧ ଏବଂ ମୃତ୍ୟୁ !

Digitized by srujanika@gmail.com

କାହିଁକି ଏମିତି ପାଗଳ ଭଳି ଏମାନେ ମରାମରି ହେଉଛନ୍ତି ? ହାତ, ଗୋଡ଼, ମୁଣ୍ଡ ଛିନ୍ନଛିନ୍ନ । ଅନ୍ତନାଡ଼ି ବିଦୀର୍ଣ୍ଣ, ଇତସ୍ତତଃ । ଅନ୍ଧ ବିକଟ ଉନ୍ମତ୍ତ ହତ୍ୟାର ଉତ୍ସବ !

"ଦେଖ, ସୁନନ୍ଦ ! ସେ ପାହାଡ଼, ଭୂମି, ଗଛ ସମସ୍ତେ ଦୁଃଖିତ ଅଥଚ ନିସ୍ପୃହ । ସେ କମାଣ, ଲୁହା, ବାରୁଦ ମଧ୍ୟ ନିସ୍ପୃହ । ସେ ଶରୀର ଗୁଡ଼ିକ ମଧ୍ୟ ନିସ୍ପୃହ । କେବଳ ତାଙ୍କ ଭିତରେ ଘୃଣା, କ୍ରୋଧ, ଜିଘାଂସାର ବିସ୍ଫୋରଣ ଘଟିଛି । ଏଠି ଗୋଟିଏ ପକ୍ଷର ମଣିଷମାନେ କଳା, ଅନ୍ୟ ପକ୍ଷ ଧଳା । ଏଇ ମାତ୍ର ବିଭେଦ ଉପରେ ଯେତେ ସବୁ କଳହ, ବିତଣ୍ଡା· ଯୁଦ୍ଧ । ଯେଉଁ ଅଦୃଶ୍ୟ ଶକ୍ତି ଜନ୍ତୁମାନଙ୍କୁ ଲଢ଼େଇ ଆସିଛି ସେ ମଣିଷମାନଙ୍କୁ ସୁଦ୍ଧା ଏମିତି ଅନ୍ଧ ଜନ୍ତୁଭଳି ଲଢ଼େଇ ଦେଉଛି । ଏମାନେ ଜାଣି ପାରୁ ନାହାନ୍ତି ।"

ଦୃଶ୍ୟ ଆସ୍ତେ ମିଳେଇଗଲା । ସୁନନ୍ଦ ଆଶ୍ୱସ୍ତ ବୋଧକଲେ ।

ତା'ପରେ ଦିଶିଲା ଗୋଟାଏ ଘୁ' ଘୁ' ଗର୍ଜୁଥିବା ପ୍ରବଳା ନଦୀର ପ୍ଲାବନ । ସେଥିରେ ଖେଳନା ପରି ଜନବସତି ସବୁ ଉପୁଡ଼ି ଭାସିଯାଉଛନ୍ତି । ଶହ ଶହ ଅସହାୟ ପକ୍ଷୀ, ପଶୁ, ଗଛ, ଲତା, ମଣିଷ ଅନ୍ଧାର ପାଣି ଭିତରେ ଅଣନିଃଶ୍ୱାସୀ ହୋଇ ମରିଯାଉଛନ୍ତି । ଭୟରେ ଚିତ୍କାର କରି ପ୍ରାଣତ୍ୟାଗ କରୁଛନ୍ତି ।

ସେଇଠୁ ଦିଶିଲା ଲହ ଲହ ଅଗ୍ନି । ତା' ଘେର ଭିତରେ ନୀରବ ବନସ୍ପତି, ଯୂଥ ଯୂଥ ହରିଣ, ହାତୀ ଚିତ୍କାର କରି ପ୍ରାଣବିକଳରେ ଧାଇଁବୁଲୁଛନ୍ତି । ବାଟ ନ ପାଇ ହୁତ୍-ହୁତ୍ ଅଗ୍ନିରେ ଅଦୃଶ୍ୟ ହୋଇଯାଉଛନ୍ତି ଅସଂଖ୍ୟ ଉଦ୍‌ବାସ୍ତୁ ମଣିଷ । ନିର୍ମମ ନିର୍ବେଦ ଅଗ୍ନି କେବଳ ଜାଳିଯାଉଛି ।

ସୁନନ୍ଦ ଅସଂଖ୍ୟ ଆକୁଳ ଚିତ୍କାରରେ ବିହ୍ୱଳ ହୋଇଉଠିଲେ; ସେଇ ଆବେଗରେ ସାମାନ୍ୟ କମ୍ପିତ ହୋଇଯିବାରୁ ଆଖି ଫିଟିଗଲା । ବଟଗଛ ମୂଳେ ସ୍ଥିର ହୋଇ ବସିଥିବାର ଦେଖି ଦୀକ୍ଷିତଙ୍କୁ ସେ ପ୍ରମାଣ କରି ଅପେକ୍ଷା କଲେ । ଖୁବ୍ କ୍ଳାନ୍ତ, ଅସହାୟ ବୋଧ କରୁଥା'ନ୍ତି ସୁନନ୍ଦ ।

ଆଖି ଫିଟାଇ ଶୂନ୍ୟକୁ କିଛି ସମୟ ଚାହିଁ ରହିଲେ ଦୀକ୍ଷିତ । ସେମିତି ଶୂନ୍ୟକୁ ଚାହିଁ କହିଲେ, "ଯାହା ଦେଖିଲ, ସେ ସମସ୍ତେ ସଂସାର, ସୁନନ୍ଦ ! କିନ୍ତୁ ତା'ର ବିସ୍ତାର ତା'ଠାରୁ ଆହୁରି ଅନେକ ବେଶି, ଏବଂ ଜୀବ-ଯାତନା

Digitized by srujanika@gmail.com

ତା'ଠାରୁ ଅନେକ ବେଶି ଦୁରନ୍ତ ଓ ଅପରମେୟ !''—ତା'ପରେ ହଠାତ୍ ଆମୋଦ କଲପରି କହିଲେ, ''ସୁବୋଧର ସଂସାର ବିଷୟରେ ତୁମର ଆଉ କ'ଣ ସଂଶୟ ଥିଲା ପରା ?''

ସୁନନ୍ଦ ମୁଣ୍ଡ ତଳକୁ କରିନେଲେ । ଏତିକବେଳେ ଅନ୍ୟମାନେ ଆସି ପହଞ୍ଚିଗଲେ । ଆଜି ପ୍ରାଣାୟାମର ନିଗୂଢ଼ ତତ୍ତ୍ୱ ଶିକ୍ଷା ଦିଆଯିବ । ଉଭୟ କୁମ୍ଭକ ଅବସ୍ଥାରେ ପ୍ରାଣପବନକୁ ଲକ୍ଷ୍ୟ କରି ତାର ଊର୍ଦ୍ଧ୍ୱଗତି ଅଭ୍ୟାସ କରିବାକୁ ହେବ ।

ସୁନନ୍ଦ ମୁଣ୍ଡ ଟେକି ସେମାନଙ୍କୁ ଚାହିଁଲେ । କହିଲେ, ''ଚାଲ, ଉତ୍ତର-ଗୁମ୍ଫାରେ ବସି ଆରମ୍ଭ କରିବା ।''

ଅପରାହ୍ଣର ଅଭ୍ୟାସ ଭିତରେ ନୂଆ ଫୁଲ ଏବଂ ଫୁଲଗଛମାନଙ୍କ ସହିତ ପରିଚୟ ସମ୍ଭାଷଣ ଚାଲିଥାଏ । ଅମୀୟ ଆସି ଦୀକ୍ଷିତଙ୍କ ପାଖରେ ଠିଆହେଲା । ସେ ବୁଲି ଚାହିଁଲେ ତା' ମୁହଁକୁ । ସେ ସରଳ ଭାବରେ ପଚାରିଲା—''ମୋ ଫୁଲଗଛ ମୋ ସହିତ କଥା କହୁନାହିଁ । ମୁଁ କହିଲେ କିଛି ଶୁଣୁନାହିଁ । ମୁଁ କ'ଣ କରିବି ?''

ସୁନନ୍ଦ ପାଖରେ ଥିଲେ । କହିଲେ, ''ଆହୁରି ବେଶି ଶ୍ରଦ୍ଧା କର । ଗଛକୁ ଆହୁରି ଭଲପାଇଲେ ତାକୁ ବୁଝିହେବ ।''

''ମୁଁ ତାକୁ ଖୁବ୍ ଭଲପାଉଛି । କିନ୍ତୁ ଆଜି ଦେଖିଲି ତା' ଦେହସାରା ପୋକ ଲାଗିଛନ୍ତି । ଛୋଟ ପିଲା ମା'କ୍ଷୀର ଖାଇଲା ପରି ସେମାନେ ସେ ଗଛ ଦେହରୁ ରସ ପିଉଛନ୍ତି । ଗଛଟି ନିସ୍ତେଜ ଦିଶୁଛି । ମୁଁ ଜାଣିପାରୁନାହିଁ ଗଛ ତାଙ୍କ ପାଇଁ ନା' ମୋ ପାଇଁ ! ମୁଁ ସେ ପୋକମାନଙ୍କୁ କ'ଣ କରିବି ?''

ଦୀକ୍ଷିତ ସ୍ଥିରଦୃଷ୍ଟିରେ ତାକୁ ଚାହିଁଲେ । ସେ ଆଶ୍ୱସ୍ତ ବୋଧକଲା । ସେ ଦୃଷ୍ଟିର ଅନ୍ୟ ଅର୍ଥ ଥିଲା ଯେ ଏବେ ସାଧନାରେ ବ୍ୟାଘାତ ସୃଷ୍ଟି ନ କରି ଯଥା ସମୟରେ ଉତ୍ତରକୁ ଅପେକ୍ଷା କର । ଅମୀୟ ବୁଝିଲା ଏବଂ ଫେରିଗଲା ତା' ଅଂଚଳକୁ ।

Digitized by srujanika@gmail.com

ସୂର୍ଯ୍ୟାସ୍ତ ପୂର୍ବରୁ ଅନ୍ନଗ୍ରହଣ ସରିଥାଏ । ଅମୀୟ ଅତି ପ୍ରସନ୍ନ ମୁଦ୍ରାରେ ସୁନନ୍ଦଙ୍କୁ କହିଲା—"ମୋ ଗଛରୁ ସେ ପୋକମାନେ ଆକସ୍ମିକ ଭାବରେ କୁଆଡ଼େ ଚାଲିଗଲେ । ମୁଁ ସେ ଗଛ ପାଖରେ ବସୁ ବସୁ ଅନେକ ସମୟ ବସିଗଲି । ତା'ର ଯାତନା ମୁଁ ସହିପାରୁନଥିଲି । ତା'ପରେ ଆଖି ଖୋଲି ଚାହିଁଲାବେଳକୁ ଅଭ୍ୟାସର ସମୟ ଉତ୍ତୀର୍ଣ୍ଣ ହୋଇଯାଇଛି, ଏବଂ ସେ ପୋକମାନେ ମଧ୍ୟ କୁଆଡ଼େ ଚାଲିଯାଇଛନ୍ତି ।"

ସୁନନ୍ଦ ତାକୁ ପ୍ରଶଂସାର ଦୃଷ୍ଟିରେ ଥରେ ଚାହିଁଦେଲେ କେବଳ । ସମସ୍ତେ ସେତେବେଳେ ଦୀକ୍ଷିତଙ୍କୁ ଘେରି ବସିଥାନ୍ତି । ଅପେକ୍ଷା କରୁଥାନ୍ତି । ଅମୀୟ ହଠାତ୍ ଦେଖିଲା ଯେ, ଦୀକ୍ଷିତଙ୍କର ମୁଠାଏ ଅନ୍ନ ସେମିତି ଥୁଆହୋଇଛି । ସେଥିରେ ଅଂସଖ୍ୟ ପୋକ । ସେ ବିଚଳିତ ହୋଇ ପଡ଼ିଲା । ମନେ ମନେ ଦୋଷ ସ୍ୱୀକାର କରି ଭଳି କହିଲା, "ମୋର ବୋଧହୁଏ ବୁଝିବାରେ କେଉଁଠି ଭୁଲ୍ ହୋଇଗଲା ।"

ତାକୁ ନ ଚାହିଁ ଦୀକ୍ଷିତ ସମଗ୍ର ସମାବେଶକୁ କହିଲେ, "ଏଇଟା କିଛି ଭୁଲ ନୁହେଁ; ବରଂ ଏଇଟା ଖୁବ୍ ସାଧାରଣ କଥା । ଗୋଟିଏ ରୂପକୁ ଅନ୍ୟ ରୂପରୁ ପୃଥକ୍ କରି ଭଲପାଇବା ଯାହା ଘୃଣା କରିବା ତାହା । ଭୂଇଁ ଉପରେ ଉପରେ ଗାର ପକେଇ ଭାଗ ଭାଗ କରିବା ପ୍ରେମ ନୁହେଁ । ଉପରକୁ ଉଠିଯିବା ହିଁ ପ୍ରେମ । ସୂର୍ଯ୍ୟ ସମାନଭାବରେ ସମସ୍ତଙ୍କୁ ଭଲପାଏ । ପୃଥିବୀର ବକ୍ରତା ପାଇଁ ଆମ ଆଖିକୁ ସେଥିରେ ତାରତମ୍ୟ ଦୃଶ୍ୟ ହୁଏ ।"

..."କହିଲ ଦେଖି ଅମୀୟ, ତୁମେ ନିଃଶ୍ୱାସ ଛାଡ଼ିଲେ ପବନରେ ତରଙ୍ଗ ସୃଷ୍ଟି ହୁଏ ?—ପ୍ରତି ନିଶ୍ୱାସରେ ହୁଏ ?—କେତେ ତରଙ୍ଗ ସୃଷ୍ଟି ହୁଏ ଗୋଟିଏ ଦିନ ଭିତରେ ?"

ଅମୀୟ ପ୍ରାୟ ଅଣାୟତ୍ତ ଉତ୍ତର ଦେଲା, "ଅକଳନୀୟ !"

"ତା' ହେଲେ ଏ ଅନନ୍ତ କୋଟି ଜୀବ ଏତେ କାଳ ଧରି ସେମାନଙ୍କ ଶ୍ୱାସକ୍ରିୟାଦ୍ୱାରା ପବନରେ କେତେ ତରଙ୍ଗ ସୃଷ୍ଟି କରିଥିବେ ?"

ଅମୀୟ ବିହ୍ୱଳ ହୋଇ ଚାହିଁରହିଲା । ଦୀକ୍ଷିତ ଭିକ୍ଷୁ ସେ ସମସ୍ତ ଅକଳନୀୟତାକୁ ତାଙ୍କର ସେ ଅନନ୍ୟଦୃଷ୍ଟିରେ ସତେ ବା' ପ୍ରତ୍ୟକ୍ଷ କରୁଥାନ୍ତି । ଅନ୍ୟମାନେ ନୀରବ ।

Digitized by srujanika@gmail.com

"ସେ ସମସ୍ତ ଗୋଟିଏ ଗୋଟିଏ ରୂପ; କିନ୍ତୁ ବାୟୁର ସ୍ୱରୂପ ଅବିଚ୍ଛିନ୍ନ ଏବଂ ଏକ । ସେହିପରି ଏ ବାକସବୁ । ସ୍ୱରୂପ ମାତ୍ର ଗୋଟିଏ; ସର୍ବତ୍ର ସବୁକାଳେ ସେଇ ଗୋଟିଏ ।"

କିଛି ସମୟ ଘନ-ନୀରବତାରେ ସମସ୍ତଙ୍କ ଆଖି ବୁଜିହୋଇଗଲା । "ଏକତ୍ୱରେ ନାନାତ୍ୱ ନାହିଁ, ଦୁଃଖ ଶୋକ ଆଲୋଡ଼ନର ସଂସାର ନାହିଁ; ଭୟ, ବିଦ୍ୱେଷ, କଳହ, ସଂଘର୍ଷ କିଛି ନାହିଁ ।"

ନିସ୍ତରଙ୍ଗ ପ୍ରଶାନ୍ତ ଶୀତଳ ସମୁଦ୍ରର ଅନୁଭବରେ ସମସ୍ତେ ନିଶ୍ଚେଷ୍ଟ ଧ୍ୟାନମଗ୍ନ ରହିଲେ । ସେହିପରି ଯୁଗ ବିତିଯାଇପାରିଥାନ୍ତା ।

କିନ୍ତୁ କାହାର ଇଚ୍ଛାରେ କେଜାଣି ସେ ଅଖଣ୍ଡ ସମୁଦ୍ର କମ୍ପିତ ହେଲା । ଭାଙ୍ଗିପଡ଼ିଲା ବିଭିନ୍ନତାରେ । ଗୋଟି ଗୋଟି ହୋଇ ସେମାନେ ଆଖି ଫିଟେଇ ଚାହିଁଲେ । ବାୟୁର ତରଙ୍ଗ ପରି ଧୂମରୂପ ପୁଣି ନିବିଡ଼, ଘନୀଭୂତ ହୋଇ ବସ୍ତୁରୂପ ଧାରଣକଲା ।

କମ୍ପିତ ମନ କେନ୍ଦ୍ରରେ ପ୍ରଶ୍ନର ଛୋଟ ଛୋଟ ତେଉଗୁଡ଼ିଏ ଉଦୟ ହେଲେ, ଆସ୍ତେ ପୂର୍ଣ୍ଣାବୟବ ଫୁଲପରି ପରିସ୍ଫୁଟ ହେଲେ ।

ପକ୍ଷୀଙ୍କୁ ଶୁଭିଲା—

"ସେଇ ଏକମାତ୍ର ସ୍ୱରୂପ କଣ ଶୂନ୍ୟତା ?"

"ତାହା କ'ଣ ସତ୍ୟ ?"

'ମୁଁ କିପରି ତାକୁ ଧାରଣ କରିବ ?—କେଉଁଠି—କେବେ ?"

ପକ୍ଷୀଙ୍କ ଭିତରୁ ଅନେକ ଊର୍ଦ୍ଧ୍ୱରୁ ସେମାନଙ୍କୁ ଚାହିଁରହିଲେ । ସ୍ୱୀକାର କଲେ ନୀରବରେ । ତାଙ୍କର କୌଣସି କେନ୍ଦ୍ରରେ କିଛି ହେଲେ କମ୍ପନ ନ ଥିଲା ।

Digitized by srujanika@gmail.com

କିନ୍ତୁ ହିନଧର ସୁବୋଧ ଗୁ ରୁତରଭାବେ ଅସୁସ୍ଥ । ଦେହ ଶୀର୍ଣ୍ଣ ଏବଂ ଦୁର୍ବଳ । ତାକୁ ଘେରି କେତେଗୁଡ଼ିଏ ଉଦ୍‌ବିଗ୍ନ ମୁହଁ ।

"ଯେ ଯାହା ଭୋଗିବା କଥା ଅବଶ୍ୟ ଭୋଗିବେ । କେହି କାହା ଦୁଃଖ ଊଣା କରିପାରିବେ ନାହିଁ ।"

"ଦେହ ଖଣ୍ଡିକ ଥିବାଯାକେ ରୋଗ ଲାଗିରହିଛି, ଲାଗିରହିଥିବ ।"

"ଜୀବନର ଯାତନା ସତ୍ୟ ! ଦୁଃଖ ସତ୍ୟ ! ମୃତ୍ୟୁ ସତ୍ୟ !"

"ଏଥିରୁ ପଣ୍ଡିତ ଭିକ୍ଷୁ ଉଦ୍ଧାର କରି ପାରିବେ ନାହିଁ । କେହି ଉଦ୍ଧାର କରିପାରିବେ ନାହିଁ । ମଣିଷ-ଜନ୍ମ ପାଇ ଏଥିରୁ ଉଦ୍ଧାର ନାହିଁ ।"

ଏହିପରି ଗୁଡ଼ିଏ ପରାଜୟ ଏବଂ ଅସହାୟତାର ଚିରଚରିତ ସ୍ୱର ଶୁଭୁଥାଏ । ସୁବୋଧ ନିଶ୍ଚେଷ୍ଟ ପଡ଼ିରହିଥାଏ । ତା' ଭିତରେ ପଣ୍ଡିତ ଭିକ୍ଷୁଙ୍କର ପ୍ରାଞ୍ଜଳ ସ୍ୱର ଶୁଭିଲା—"ତୁମ ଇଚ୍ଛା ସୁବୋଧ ! ତୁମେ ଚାହିଁଲେ ଏଇ ମୁହୂର୍ତ୍ତରେ ନିରାମୟ ସ୍ୱାସ୍ଥ୍ୟକୁ ଫେରିଆସିପାରିବ । ତୁମେ ଚାହିଁଲେ କୌଣସି ବ୍ୟାଧି ତୁମକୁ ସ୍ପର୍ଶ କରିପାରିବ ନାହିଁ; କିନ୍ତୁ ତାକୁ ଅସ୍ୱୀକାର କରି ଆଡ଼େଇ ଦେଲେ, ଏମିତି ଆଉ ଅତିକ୍ରମ କରିବାର ସୁଯୋଗ ପାଇବନାହିଁ ।

"ମୁଁ ଯଥାସମ୍ଭବ ସଂଗ୍ରାମ କରୁଛି; କିନ୍ତୁ ଯନ୍ତ୍ରଣାକୁ ଧାରଣ କରି ତା'ଠାରୁ ଅଲଗା ରହିବା ସମ୍ଭବ ହେଉନାହିଁ । ରୋଗ କେବଳ ଶରୀରରେ ସୀମାବଦ୍ଧ ରହୁନାହିଁ; ମନକୁ ମଧ୍ୟ ଆଚ୍ଛନ୍ନ କରି ରଖୁଛି । ପୀଡ଼ିତ କରୁଛି । ଜାଣି ହେଉନାହିଁ ପୀଡ଼ା ମନର ନା' ଶରୀରର । ଧୂମାଚ୍ଛନ୍ନ ଅବସ୍ଥାରେ ଅନୁଭବ କରି ହେଉନାହିଁ ରୂପର ଅନ୍ତରାଳ କୌଣସି ସ୍ୱରୂପକୁ ।"

"ବର୍ଷା ଋତୁରେ ମେଘକୁ ଭେଦି ମେଘ ଉପରକୁ ଉଠିଯିବା କଷ୍ଟସାଧ୍ୟ ଦୁଃସାଧ୍ୟ; କିନ୍ତୁ ଥରେ ପାରିହୋଇଗଲେ ଦେଖିପାରିବ ଯେ ସେ ସମସ୍ତ ଘନଘଟା କେବଳ ମାଟି ପାଣି ପବନର ବଳୟଟି । ତା' ଊର୍ଦ୍ଧ୍ୱରେ ପ୍ରଶାନ୍ତ ନିତ୍ୟ ଅନାବୃତ ଆକାଶ । —ଆସ ସୁବୋଧ, ମୋ ହାତ ଧର ।"

Digitized by srujanika@gmail.com

ସୁବୋଧର ଶଯ୍ୟା ପାଖରେ ବସିଥିବା କେହି ଜଣେ ଚିତ୍କାର କଲା । ଅନ୍ୟମାନେ ଚିତ୍କାରକଲେ । ଜଡ଼ପିଣ୍ଡଟିକୁ ଘେରି ରହି ଅନେକ ଶୋକ କଲେ । ସୁବୋଧର ପତ୍ନୀ, ତାର ପୁଅ, ବିଧବା ମା'···ସମସ୍ତେ ଉଚ୍ଚସ୍ୱରରେ କାନ୍ଦି-ଉଠିଲେ । ଦୁଃଖ ଶୋକ ରୋଗ ଏବଂ ମୃତ୍ୟୁର ଅତି ପୁରୁଣା ଏବଂ ପରିଚିତ ଦୃଶ୍ୟ—ମଣିଷର ଅତି ପୁରୁଣା ଏବଂ ପରିଚିତ ଆଚରଣ ।

"ଦୁଃଖ କାହିଁ ସୁବୋଧ ? —ଶୋକ, ସନ୍ତାପ, କାରୁଣ୍ୟ ସେ ସବୁ କାହିଁ ? —ଦେଖ, ସ୍ୱଭାବତଃ ଏମାନେ ସମସ୍ତେ କେତେ ନିର୍ଲିପ୍ତ । ରୂପ ଆବରଣ ମାତ୍ର । ସୁଖ ଦୁଃଖ ଯନ୍ତ୍ରଣା ସେଇ ଆବରଣର ଲକ୍ଷଣ । ଦେଖ, ସେମାନଙ୍କ ସ୍ୱରୂପ କ'ଣ ?"

"ଏମାନେ ସମସ୍ତେ ପାଣିଭଳି ଏକାକାର ଦିଶୁଛନ୍ତି କାହିଁକି ? ଏମାନେ କ'ଣ ସ୍ୱତନ୍ତ୍ର ? —ସ୍ୱରୂପ କେହି ନୁହନ୍ତି ।—ଏ ଘର, ଗଛ, ପାହାଡ଼ ସବୁ ମିଳେଇଗଲା ଯେ !···ଦୀକ୍ଷିତ ଭିକ୍ଷୁ !···ଆପଣ କାହାନ୍ତି ? ···ଏ ତା'ହେଲେ କ'ଣ ?—ନିରବଚ୍ଛିନ୍ନ, ଦିଗ୍-ବିଦିଗଶୂନ୍ୟ ଏ ବ୍ୟାପ୍ତିଟା କ'ଣ ?—ଜଡ଼ ନା ଚେତନ ? — ଏହା କ'ଣ ମୋଠାରୁ ପୃଥକ୍ ଅନ୍ୟ କିଛି, ନା' ମୁଁ ନିଜେ କି ଏହା ? ···ମୁଁ, ମୁଁ, ଅଛି ନା ନାହିଁ···ମୁଁ, ମୁଁ ଫେରିଯିବାକୁ ଚାହେଁ !"

ଗୋଟାଏ ବିରାଟ ଗୋଳ ଉଠିଲା । ମୃତ ସୁବୋଧ ଉଠିବସିଲା । କଥା କହିଲା । ପାଣି ମାଗିଲା ପିଇବାକୁ । ଅଚହ୍ନା ଅଚହ୍ନା ଆଖିରେ ସମସ୍ତଙ୍କୁ ଚାହିଁଲା, ଅଳ୍ପ ହସିଲା । ତା' ଦେହ ସମ୍ପୂର୍ଣ୍ଣ ସୁସ୍ଥ !

କିଏ ଜଣେ କହିଲା, ଦୀକ୍ଷିତ ଭିକ୍ଷୁ ଆସି ତା' ଶେଯ ପାଖେ ଠିଆ ହୋଇଥିଲେ । ସେ ତାକୁ ବଞ୍ଚେଇ ଦେଲେ । ସେ ମଣିଷ ନୁହନ୍ତି···ମଣିଷ ନୁହନ୍ତି ସେ । ଚାଲ, ତାଙ୍କୁ ଦର୍ଶନ କରିବା, ତାଙ୍କୁ ପଚାରିବା, ତାଙ୍କୁ ଆଶୀର୍ବାଦ ମାଗିବା ।"

···ସୁନନ୍ଦ ଏବଂ ଅନ୍ୟ ସବୁ ଶିଷ୍ୟଙ୍କଦ୍ୱାରା ପରିବେଷ୍ଟିତ ହୋଇ ଦୀକ୍ଷିତ ଭିକ୍ଷୁ ବସିଥାନ୍ତି । ନିର୍ମଳ ଆକାଶରେ ନୁଆଣିଆ ଖରା । ଚାରିଆଡ଼େ ଛୁଇଁପାରିଲା-ଭଳି ଝିଲ୍‌ମିଲ୍ ମାରିବିତା । କାହାରି ଇଚ୍ଛା ହେଉନଥାଏ କଥା କହିବାକୁ ।

Digitized by srujanika@gmail.com

ଚଢ଼େଇଟିଏ ସୁଦ୍ଧା ରାବୁ ନ ଥାଏ । ଗଛରେ ପତ୍ରଟିଏ ହଲୁନଥାଏ କେଉଁଠି । ମାଟି ପାଣିର ପୃଥିବୀ ଏ ତରୁଲତା, ଜୀବଜନ୍ତୁ, ମଣିଷ, ସମସ୍ତଙ୍କୁ ଧାରଣ କରି ସତେ ବା’ ଦୀକ୍ଷିତ ଭିକ୍ଷୁ ସମାଧିସ୍ଥ !

ସେ କିନ୍ତୁ ପ୍ରସନ୍ନମୁଦ୍ରାରେ ଚାହିଁରହିଥାନ୍ତି । ଅନ୍ୟମାନେ ଅଦ୍ଭୁତ ଭାବରେ ସନ୍ତୁଷ୍ଟ ଏବଂ ସଚେତନ । ପ୍ରତି ଲୋମକୂପ ଭିତର ଦେଇ କିଛି ଗୋଟାଏ ଶୀତଳ ସୌରଭ, କେମିତି ଗୋଟାଏ ସ୍ନିଗ୍ଧ ଆହ୍ଲାଦ ଭଳି ଦେହରେ ମିଶେଇ ଯାଉଥାଏ । ମନ ଉପରେ ଲେପି ହୋଇଥାଏ ଏକ ଅଦ୍ଭୁତ ପ୍ରଲେପ । କ’ଣ ଘଟୁଥାଏ ? କେହି ହୁଏତ କହି ପାରି ନ ଥାନ୍ତେ । କିନ୍ତୁ କେହି ସେଥିରୁ ଉଠିଆସିବାକୁ ଚାହୁଁ ନ ଥାନ୍ତି ।

ଅନେକ ସମୟ ପରେ । ସେତେବେଳକୁ ସୂର୍ଯ୍ୟ ବୁଡ଼ିବାକୁ ହେଲେଣି । ତଥାପି ପକ୍ଷୀଟିଏ ସୁଦ୍ଧା ସେ ଆକାଶରେ କେଉଁଠି ହେଲେ ଦିଶୁ ନ ଥାଏ । ଅମୀୟର ଗୋଟିଏ ନିଃଶ୍ୱାସ ତାଳ ଭଙ୍ଗ କଲା । ରକ୍ତପ୍ରବାହ ତେଜିଗଲା । ଉତ୍ତାପ ବଢ଼ିଗଲା । ମନରେ ସରୁ ସରୁ ଢେଉ ଉଠିଲା । ସେ କିନ୍ତୁ କେମିତି ବିଭୋର ଅବସ୍ଥାରେ ବସିରହିଥାଏ । --‘ଏଇଟା କ’ଣ ଶାନ୍ତି ?’

ଆସ୍ତେ ପବନ ବହିଲା । ଗଛରେ ପତ୍ର ହଲିଲା । ବହୁ ଦୂରରେ ଏକାକୀ ପକ୍ଷୀଟିଏ ଡାକିଲା । ସମସ୍ତେ ନିଃଶ୍ୱାସ ନେଇ ଆଖି ପତା ପକେଇଲେ । ଚାହିଁଲେ ପରସ୍ପରକୁ; ଏଣେତେଣେ; ଦୀକ୍ଷିତଙ୍କୁ ।

ତଥାପି କାହାରି ଇଚ୍ଛା ହେଉ ନ ଥାଏ କଥା କହିବାକୁ । ତୁଷାର ପର୍ବତର ବିରାଟ ତୋରଣ ପରି ଠିଆରହିଥାଏ ନୀରବତା । ଟିପମାରି ତାକୁ ତହଲାଇବାକୁ କାହାରି ମନ ବଳୁ ନ ଥାଏ । ଅନେକ ଦିନର ଶୋଷିଲା ଓଟଗୁଡ଼ିଏ ପେଟ ପୂରାଇ ପିଇସାରିଲା ପରେ ସୁଦ୍ଧା ସତେ ବା ପାଣିରୁ ମୁହଁ ଟେକୁ ନ ଥାନ୍ତି ।

ଦ୍ଵିତୀୟ ପକ୍ଷୀ ଡାକିଲା ଖୁବ୍ ନିକଟରୁ । ଆସ୍ତେ କଳରବ ଉଠିଲା— ପୃଥିବୀ ନିଃଶ୍ୱାସ ମାରିଲା ସ୍ୱାଭାବିକ । ସମସ୍ତେ ସ୍ଵତଃ ନିଜ ନିଜ ଦେହ ଉପରେ ହାତ ସାଉଁଳି ଆଣିଲେ । ଲୋମଗୁଡ଼ିକର ସ୍ୱପ୍ନଭଙ୍ଗ ହେଲା ।

ପଣ୍ଡିତ ଚାହିଁଲେ ଅମିୟକୁ—“ହଁ ଅମୀୟ, ଧ୍ୟାକୁ ତୁମେ ଶାନ୍ତି କହିପାର ।” କିଛି ସମୟ ରହି କହିଲେ, “ମନର ଅବୟବଗୁଡ଼ିକୁ ଏକାଠି କରିପାରିଲେ,

Digitized by srujanika@gmail.com

ବାହାରୁ ଓହରାଇ ଆଣି ଭିତରକୁ ମୁହାଁଇ ପାରିଲେ ଏଇ ଭଳି ଅନୁଭବ ଆସେ ।"

ସୁନନ୍ଦ ଭାବିଲେ, "ଓଃ, ଏ ମନଟିକୁ ସେଭଳି ଆୟତ୍ତ କରିବା କି ଦୁଃସାଧ୍ୟ ସାଧନା !" ତାଙ୍କୁ ଦୀକ୍ଷିତ ଅଳ୍ପ ଚାହିଁଲେ କେବଳ ।

ଅମିୟ ପାଟି ଫିଟେଇଲା, "ମନ ପରା ସବୁ ଇନ୍ଦ୍ରିୟଙ୍କୁ ଶାସନ କରୁଛି, ସେମାନଙ୍କ ବାଟ ଦେଇ ପ୍ରବେଶ କରୁଥିବା ଚାଞ୍ଚଲ୍ୟ ସମୁଦ୍ରରେ ଆନ୍ଦୋଳିତ ହେଉଛି; ଚାହିଁଲେ ସେଥିରୁ ମୁକ୍ତ ହୋଇଯାଉଛି; କିନ୍ତୁ ମନକୁ ତା'ର ସ୍ୱଭାବରୁ କେମିତି ଏବଂ କିଏ ଓହରାଇ ପାରିବ ?"

ଦୀକ୍ଷିତଙ୍କ ଆଖିରେ ପ୍ରଶଂସା । "ମନ ତା' ସ୍ୱଭାବରେ ଚଞ୍ଚଳ ନୁହେଁ, ଅମିୟ ! ସେଇଟା କେବଳ ତା'ର ବ୍ୟଭିଚାରୀ ରୂପ । ଭାସି ବୁଲୁଥିବା ମେଘ ଆକାଶ ନୁହେଁ । ମନକୁ ଆୟତ୍ତ କରିବା କୌଣସି ସ୍ୱତନ୍ତ୍ର କ୍ରିୟା ନୁହେଁ । ନିଜର ସ୍ୱରୂପକୁ ଆବିଷ୍କାର କଲେ, ବଳେ ଶରୀର ଏବଂ ମନ ଆୟତ୍ତକୁ ଆସିଯାନ୍ତି ।"

ସୁନନ୍ଦଙ୍କ ଭ୍ରୂ ସାମାନ୍ୟ କୁଞ୍ଚେଇଗଲା—"ସ୍ୱରୂପକୁ ଜାଣିଗଲେ ମନ ଏବଂ ଶରୀରର ସ୍ଥିତି ରହେ ତ ?"

ଦୀକ୍ଷିତ ତାଙ୍କୁ ଚାହିଁଲେ । "ସେମାନେ ରହନ୍ତି, ସୁନନ୍ଦ ! କିନ୍ତୁ ବୀଜ ରୂପରେ ସୂକ୍ଷ୍ମ ହୋଇଯାନ୍ତି ।"

ସମସ୍ତେ ଉଠିଲେ । ଖୁବ୍ ସତେଜ ଲାଗୁଥାଏ । ଖୁସି ଲାଗୁଥାଏ କିନ୍ତୁ ତଥ୍ୟ ଶୁଣିବାକୁ ତାଙ୍କୁ ଇଚ୍ଛା ହେଉନଥାଏ, ବରଂ ସେମାନେ ଆଉ ଥରେ ଧ୍ୟାନରେ ବସିବାକୁ, ବାରମ୍ବାର ସେ ଅଥଳ ନିଥର ଜଳରାଶି ଭିତରେ ବୁଡ଼ାମାରିବାକୁ, ଆସନରେ ବସି ଶରୀରଟି ନିହାତି ବାଧ୍ୟ ଏବଂ ଶୁଦ୍ଧ କରିବାକୁ । କାହାର ସିଦ୍ଧାସନ ପାଇଁ ଗୋଡ଼ ମୋଡ଼ି ହେଉ ନାହିଁ । କିଏ ଆଖି ବୁଜିଦେଲେ ଅସଂଖ୍ୟ ଚଳଚ୍ଚିତ୍ର ଦେଖାଯାଉଛି । ଆଉ କିଏ ହୁଏତ ଅନେକ ସମୟ ବସିଲା ପରେ ଅନୁଭବ କରୁଛି ଯେ ତା ଦେହ ପର୍ବତ ପରି ଭାରି ହୋଇଯାଇଛି । ଆଉ କିଏ ଅନୁଭବ କରୁଛି ଯେ କୁମ୍ଭାରଚକରେ ବୁଲିଲା ପରି ସେ ତଳ ଉପର ଲେଉଟି ପଡ଼ୁଛି, ଏବଂ ସେଥିପାଇଁ ଭୟରେ ମଟମଟ ଚାହିଁଦେଉଛି । କାହାକୁ ମହମହ

Digitized by srujanika@gmail.com

ବାସ୍ନା ହେଉଛି । କାହାର ମୂର୍ଦ୍ଧା ଉପରେ କାକର ଝରିବା ଅନୁଭବ ହେଉଛି । କାହାକୁ ଦିଶୁଛି ଚଳଚଳ ଆଲୁଅ । କିଏ ଶୁଣୁଛି ସୁଦୂର ଝିଲ୍ଲୀସ୍ୱନ୍ ! ମୋଟ ଉପରେ ସମସ୍ତେ ମାତି ଯାଇଛନ୍ତି ଏ ନୂଆ ରାଜ୍ୟର ନୂଆ ଅନୁଭବରେ । ଆଗକୁ କ'ଣ ସବୁ ଘଟିବ ସେ ବିଷୟରେ ସେମାନେ ଚିନ୍ତିତ ନୁହନ୍ତି—ସେଥିପାଇଁ ପୁଲକିତ ଅଛନ୍ତି ।

ବେଳେବେଳେ କିନ୍ତୁ ଛପିକିନା ସେଇ ଭିତରେ ମନେପଡ଼ିଯାଉଛି ସଂସାର । ସେଇଠି ତାଙ୍କର ଶତ୍ରୁ ମିତ୍ର ପର ଆପଣାକୁ ନେଇ କେତେ କଥା । ମନେପଡ଼ୁଛି, ଗୃହଆଡ଼େ ଏ ବିସ୍ତୀର୍ଣ୍ଣ ପୃଥିବୀ, ଫୁଲ ଫଳ ପାହାଡ଼ ଝରଣାର ଅଦ୍ଭୁତ ପୃଥିବୀ । ଏ ସମସ୍ତ ମନୋରମ ରୂପ ଯଦି ମିଥ୍ୟା, ତେବେ ସତ୍ୟ କ'ଣ ? ଏ ସମସ୍ତ ସତ୍ୟ ହୋଇଗଲେ କ୍ଷତି କ'ଣ ? ଏ ରୂପ ଅବଶ୍ୟ ଅସ୍ଥିର; କିନ୍ତୁ କେଡ଼େ ମନୋରମ ! ସତ୍ୟ କ'ଣ ଏଇଭଳି ମନୋରମ ? ଜଡ଼ଚେତନର ଏ ସମାହାର କି ବିଚିତ୍ର ସତେ ! ସୁଖ, ଦୁଃଖ ଆଲୁଅ ଅନ୍ଧାରର ଦ୍ୱନ୍ଦ୍ୱ ମଧ୍ୟ କେଡ଼େ ଲୋଭନୀୟ ! ଏତିକି ମାତ୍ର ଶେଷକଥା ବୋଲି ଭାବିନେଲେ କ୍ଷତି କ'ଣ ?

ସୁନନ୍ଦ ସମସ୍ତଙ୍କୁ ନେଇ ଉତ୍ତରଗୁମ୍ଫା ତଳେ ସମବେତ ହେଲେ । ନିଜ ନିଜ ଆସନରେ ବସି ଶରୀରକୁ ଋଜୁ, ଉଶ୍ୱାସ, ସହଜକରି ସେମାନେ ଗୁହାରିଲେ ସୁନନ୍ଦଙ୍କୁ ।

ସୁନନ୍ଦ କହିଲେ: "ଯେତିକି ମାତ୍ର ଦିଶୁଛି, ତାକୁ ଶେଷକଥା ବୋଲି ଭାବିନେଲେ ମଣିଷ ଭଳି ମନସ୍ୱୀପ୍ରାଣୀ ତା' ଚେତନାରେ ପାଦେ ପଛେଇ-ଯିବ । ସେ ଯେଉଁ ଅଶେଷ ସମ୍ଭାବନା ନେଇ ଏ ଶରୀର ଲଭ କରିଛି, ତା' ବିଫଳ ହୋଇଯିବ । ମଣିଷର ସାଧନା ସ୍ୱଭାବତଃ ମନରୁ ହିଁ ଆରମ୍ଭ । ମନ ଏ ଇନ୍ଦ୍ରିୟମାନଙ୍କର ମୂଳ ଏବଂ ଇନ୍ଦ୍ରିୟ-ଆଶ୍ରିତ ଏ ସମଗ୍ର ଜଗତର ମଧ୍ୟ ମୂଳ ।"

ଆସ୍ତେ ଅନ୍ଧାର ନଇଁ ଆସିଲା । ନିସ୍ତବ୍ଧ ହୋଇଆସିଲା ଚତୁର୍ଦ୍ଦିଗ । ଦୂରସ୍ଥ ସହରର ଭୂଲିହୋଇ ଆସୁଥିବା କୌଣସି ସ୍ୱପ୍ନ ଧରି ନିସ୍ତବ୍ଧ ହୋଇ ଆସିଲା । ସେଇ ଅନୁପାତରେ ବିସ୍ତୀର୍ଣ୍ଣ ହୋଇଆସିଲା ମନୋଃଭୂମି । ସମସ୍ତେ ଅନୁଭବ କଲେ ଯେ ପଣ୍ଡିତ ଭିକ୍ଷୁ ପ୍ରତ୍ୟେକଙ୍କ ପାଖରେ ରହି ହାତ ଧରି ବାଟ କଢ଼େଇ

Digitized by srujanika@gmail.com

ନେଉଛନ୍ତି । ଶ୍ୱାସଗୁଡ଼ିକୁ ନିୟନ୍ତ୍ରଣ କରି ଦେଉଛନ୍ତି । ବିପର୍ଯ୍ୟସ୍ତ ମନଗୁଡ଼ିକୁ ବିନ୍ୟସ୍ତକରି ଦେଉଛନ୍ତି, ହତାଶ ଏବଂ ଦୁର୍ବଳ ଅନୁଭବ କରୁଥିବା ସାଧକଟିକୁ ଆଉଁସି ଦେଇ ଆଶ୍ୱାସିତ କରୁଛନ୍ତି ।

ସୁନନ୍ଦଙ୍କ ସ୍ୱର ଶୁଭୁଥାଏ, "ମନକୁ ପ୍ରଥମେ ସ୍ଥିରକର । ତାକୁ କଇଁଚ ପରି ଏକାଠି କରିନିଅ ।••ତା'ପରେ ତାକୁ ଲେଉଟାଇ ଦିଅ । ପୁଣି ଥରେ ଅଭ୍ୟାସ କର । ଏଇ ଅଭ୍ୟାସ ଆଜି ଜାରି ରହିବ ।"

"ହଁ, ଅମୀୟ, ଏଇ ନୀରବ ନିଶ୍ଚଳ ଭାବ ହିଁ ଅମନୀଭାବ । ଏଠି ମନର ସବୁ ଶୁଦ୍ଧ ଶକ୍ତି ଅଛି, କିନ୍ତୁ ଭ୍ରାନ୍ତି ନାହିଁ । ମନ ଏକ ଅତି ବିଶାଳ ଶକ୍ତି; ତାକୁ ଅନୁଭବ କର ।···ଏଇଠି କୌଣସି ରୂପ ନାହିଁ—ସବୁ ରୂପର ଆଢ଼ୁଆଳରେ ଗୋଟିଏ ମାତ୍ର ସ୍ୱରୂପ ।···ଏ ଗଛ ଗଛ ନୁହେଁ ଏ ପାହାଡ଼ ପାହାଡ଼ ନୁହେଁ । ଏଗୁଡ଼ିକ ସବୁ ଗୋଟିଏ ଲେଖାଁ ରୂପ ଏବଂ ତା' ସହିତ ଯୋଖିହୋଇଥିବା ଗୋଟିଏ ଲେଖାଁ ନାମ । ଯିଏ ଏହାକୁ ଅତିକ୍ରମ କରିଗଲେ ସ୍ୱରୂପ ଦୃଶ୍ୟହେବ ।"

ଅମୀୟ ପ୍ରଶ୍ନ କଲା, "ଦୟାକରି କହନ୍ତୁ, ସେ ସ୍ୱରୂପଟି କିଏ ? ସେ ଶରୀରଧର୍ମୀ ନାଁ ମନଧର୍ମୀ ହେ ? ଜଡ଼ ନା ଚେତନ ?"

ସୁନନ୍ଦ ଇତସ୍ତତଃ କଲେ ।

ତତ୍କ୍ଷଣାତ୍ ଦୀକ୍ଷିତଙ୍କ ସ୍ୱର ଶୁଭିଲା, "ଉଭୟ, ଅମିୟ । ଏବଂ ଅନୁଭୟ ମଧ୍ୟ । ତାହା ଜଡ଼ ନୁହେଁ କି ଚେତନ ନୁହେଁ, ଅଥଚ ଉଭୟ ଜଡ଼ ଏବଂ ଚେତନର ମୂଳ ପିଣ୍ଡ ।"

ଉଭୟେ କୃତଜ୍ଞତା ଜ୍ଞାପନକଲେ । ଧ୍ୟାନ ଅବ୍ୟାହତ ରହିଲେ ।

···ଏତିକିବେଳେ ସ୍ୱପ୍ନରୁ ଉଠିଲି ପରି ସହର କୋଳାହଳ କଲା—ଅସଂଖ୍ୟ ଦୀପ ଜଳିଉଠିଲା ଏଠି ସେଠି । ଜନତା ବଜାର-ଛକ ଉପରେ ସମବେତ ହେଲା । ସେଇଠୁ ବାହାରିଲା ପଟୁଆର । ଧପ୍‌ଧପ୍ ଧକୁଥିବା ଦୀପ ଏବଂ ଝଙ୍କାରର ପଟୁଆର ।

"ଦୀକ୍ଷିତ ଭିକ୍ଷୁ ସ୍ୱୟଂ ଭଗବାନ । ତାଙ୍କୁ ଅର୍ଚ୍ଚନା କରିବା ।"

Digitized by srujanika@gmail.com

"ସେ ମୃତ ସୁବୋଧକୁ ଜୀବନ ଦାନକଲେ—ତାଙ୍କ ପାଇଁ ମନ୍ଦିର ତୋଳଦେବା ।"

"ଫୁଲ ଚନ୍ଦନ ନଅ । ଫଳ ନୈବେଦ୍ୟ ନଅ । ଧୂପଦୀପ ନଅ । ଉପହାର ନଅ । ଧନ, ଅଳଙ୍କାର, ଅନ୍ନବସ୍ତ୍ର ନଅ !"

ଉନ୍ମତ୍ତ ଜନତା ଖୋଳ କରତାଳରେ କୀର୍ତ୍ତନ କଲା । ଆରାଧନା ପାଇଁ ମାତ୍ରିଗଲା ଦୁର୍ମଦ ପୂଜକଙ୍କ ଶୋଭାଯାତ୍ରା ।

ପଣ୍ଡିତ ଭିକ୍ଷୁ ସୁନନ୍ଦ ଆଜ ଶିଷ୍ୟମାନଙ୍କୁ ସମାଧିରେ ପ୍ରତିଷ୍ଠିତ କରିନେଇ ଗଛମୂଳେ ଏକାକୀ ନିଶ୍ଚଳ ବସିରହିଲେ । ଅଜ୍ଞ ବିମୂଢ଼ ମଣିଷଗୁଡ଼ାକଙ୍କ ପାଇଁ ସେ କରୁଣାପ୍ରବଣ ହେଲେ । ସଂଯତ ରହି ଅପେକ୍ଷା କଲେ ଆସୁଥିବା ଜନସ୍ରୋତକୁ ।

ଅଗ୍ନିର ସ୍ଵର ମାଡ଼ିଆସିଲା । ଶବ୍ଦର ବିସ୍ଫୋରଣ ପାଖେଇ ଆସିଲା । ପଣ୍ଡିତ ଥରେ ତାକୁ ସ୍ଥିରଦୃଷ୍ଟିରେ ଚାହିଁଲେ । ତାକୁ ସେ ସ୍ଵୀକାର କଲେ । ତାଙ୍କୁ ସାମାନ୍ୟ କୌତୂହଳ ବୋଧ ହେଲା । ଏଇ କ'ଣ ସେଇ ଜନତା ?

ସେମାନେ ଆସି ତାଙ୍କୁ ଘେରିଗଲେ । ଉନ୍ମତ୍ତ ହୋଇ ନାଚିଲେ । ନାନା ପ୍ରକାର ଶବ୍ଦ କଲେ । ତାଙ୍କ ଉପରେ କୁଢ଼େଇଲେ ଗଦା ଗଦା ଫୁଲ । ଡେମ୍ଫରୁ କ୍ଷୀର ଝରିଉଥିବା, ପାଖୁଡ଼ା ମର୍ଜିତ ହୋଇଯାଇଥିବା, ଦଳ ଚକଟି ବିବର୍ଣ୍ଣ ହୋଇଯାଇଥିବା ସେ ଫୁଲମାନଙ୍କର ବିକଳାଙ୍ଗ ରୂପ ଦେଖି ପଣ୍ଡିତ ଭିକ୍ଷୁଙ୍କର ଆଖିଯୋଡ଼ିକ ବାଷ୍ପାକୁଳ ଦେଖାଗଲା ।

ଦୂରରୁ ସେମାନେ ଲକ୍ଷକରି ଫୁଲତୋଡ଼ା ଫୋପାଡ଼ିଲେ । ପଣ୍ଡିତଙ୍କ ମୁହଁରେ ପିଟିହୋଇ ସେ ଫୁଲ-ପତ୍ରଗୁଡ଼ିକ ଝଡ଼ିପଡ଼ୁଥାନ୍ତି ।

ପାଖରେ ଆସି ସେମାନେ ଗୋଚ୍ଛ ଗୋଚ୍ଛ ଧୂପକାଠି ଜାଳିଲେ । ଜଣେ ଆରଜଣକୁ ବଳିଯିବାକୁ ଅଧିକରୁ ଅଧିକ ଧୂଆଁ ଉଠାଇଲେ । ଅଧିକରୁ ଅଧିକ କୁନ୍ଦାମାରିଲେ । କର୍ଦ୍ଦମାକ୍ତ ଫୁଲର କୁଢ଼ ଭିତରୁ ପଣ୍ଡିତଙ୍କର ଆଖିଯୋଡ଼ିକ କେବଳ ଦିଶୁଥାଏ । ସେ ସେହିପରି ନିଶ୍ଚଳ ଚାହିଁରହିଥାନ୍ତି ।

ଆସ୍ତେ ସେମାନେ କ୍ଲାନ୍ତ ହୋଇଆସିଲେ । ସେମାନଙ୍କ ଉପରେ ଆସ୍ତେ ନଇଁ ଆସିଲା କାହାର କରୁଣାବନ୍ତ କୁହୁଡ଼ିଟିଏ । ଆକୁଳ ସମୁଦ୍ର ଆସ୍ତେ

Digitized by srujanika@gmail.com

ଉତ୍କ୍ଷିପ୍ତ ଫଣା ସଂଯତକରି ନୀରବ ହୋଇଗଲା । ସେମାନେ ପରସ୍ପରକୁ ଭିଡ଼ି ପରସ୍ପର ଉପରକୁ ଆଉଜି ଯେ ଯେଉଁଠି ଥିଲେ ବସିଗଲେ ।

କେହି ଜଣେ ଆସି ଦୀକ୍ଷିତଙ୍କ ଉପରୁ ଗୁରଆଡ଼ୁ ଫୁଲମାନଙ୍କର ଶବ-ଗୁଡ଼ିକୁ ଆଡ଼େଇ ଦେଲା । କାନ୍ଦ କାନ୍ଦ ହୋଇ ସେ ମନକୁ ମନ କହିଲା ପରି ଶୁଭିଲା, "ଏମାନଙ୍କୁ କ୍ଷମାକର ଭିକ୍ଷୁ ! ଏମାନେ ସମସ୍ତେ ଅନ୍ଧ ! ଏମାନେ କେତେବେଳେ କ'ଣ କରନ୍ତି ଜାଣନ୍ତିନାହିଁ ।"

ଦୀକ୍ଷିତ ଖୁବ୍ ଶାନ୍ତ ଦୃଷ୍ଟିରେ ସୁବୋଧକୁ ଗୁହିଁଲେ । ହାତଠାରି କହିଲେ ପାଖରେ ବସିବାକୁ । ସେ ଲଜ ଲଜ ହୋଇ ବସିଲା । ଜୟ ଜୟ କୁହାଟିଲା ଜନତା । ଉଚ୍ଚସ୍ୱରରେ ଧର୍ମଶାସ୍ତ୍ରମାନ ପଢ଼ାହେଲା । ଜଣେ ଉଠିଆସି ଡାଲିଏ ଫଳ ଅଜାଡ଼ିଦେଲେ—ଆଉ ଜଣେ ଆସି ଝମଝମ ଅଜାଡ଼ିଦେଲେ କିଛି ଠଙ୍କା । ଝାଳମଳର ଗନ୍ଧ ଲାଗିରହିଥିବା କିଛି ଧାତବ ଅଳଙ୍କାର । ସେଥିରୁ କିଏ କଇଁକଇଁ କାନ୍ଦିଲା । କିଏ ହସିଲା । କିଏ ଗଡ଼ିଗଲା ଭୂଇଁ ଉପରେ ।

ହୁଳା ଏବଂ ଚିତ୍କାରର ପଛପଟ ଅନ୍ଧାରରୁ କେହି ଜଣେ ଧର୍ମିହୋଇ ପେଲି ପଶିବାର ଦେଖାଗଲା । ତାକୁ ଯେ ପାରିଲା ଧକ୍କାଏ ପକେଇଲା । ସେ ଆସି ଦୀକ୍ଷିତଙ୍କ ଆଗରେ ହାମୁଡ଼ି ପଡ଼ିଲା ।

ଅନ୍ଧଟିଏ !

"କିଏ ତୁମେ ମହାପ୍ରଭୁ ଆସିଛ, ମତେ ଟିକିଏ ଛୁଇଁବାକୁ ଦିଅ । ଏ ପାପୀ ଜନ୍ମ ସାର୍ଥକ ହେଉ ।"

ସେ ଦୁଇଟି ହାତର ଆଙ୍ଗୁଠି ମେଲେଇ ପବନକୁ ଦଉଡ଼ୁଥାଏ । ଦୀକ୍ଷିତ ଭିକ୍ଷୁ ତା'ର ଦୁଇ ହାତକୁ ଧରି ପାଖରେ ବସେଇ ନେଲେ । ସେ ବିଶ୍ୱାସ କରି ନ ପାରି ହାଉଳି ଖାଇ ଚିତ୍କାରକଲା । ଜନତା ଚିତ୍କାର କଲା ବିସ୍ମୟରେ···ଅନ୍ଧ, ଦରିଦ୍ର, ସର୍ବନମ୍ନ ମଣିଷଟାକୁ ସେ କେମିତି ପାଖରେ ବସେଇଲେ ?

କୋଢ଼ିଟିଏ ଘୁଷୁରି ଘୁଷୁରି ଆସିଲା । ଘୃଣାରେ ଆଡ଼ ହୋଇଗଲା ଜନତା । କୋଢ଼ି ପଛରେ ତା'ର ପାଳିତ କୁକୁରପିଲାଟି ମଧ୍ୟ ଆଗେଇ ଆସିଲା । ହୁଲୁସ୍ଥୁଲ୍ ପଡ଼ିଗଲା ଗୁରଆଡ଼େ । ସମସ୍ତେ ସ୍ତବ୍ଧ ହୋଇ ଅପେକ୍ଷା କଲେ ।

"କିଏ ତୁମେ ଭଗବାନ୍ ! ଏ ସଂସାରରେ ମୋର ସ୍ଥାନ ନାହିଁ । ମୋତେ ଏ ଯନ୍ତ୍ରଣାରୁ ମୁକ୍ତ କର । ସଂସାରରୁ ମୁକ୍ତ କର । ମୁଁ ମରିବାକୁ ଗୁହେଁ ।"

Digitized by srujanika@gmail.com

ସମସ୍ତଙ୍କୁ ବିସ୍ମିତ କରି ପଣ୍ଡିତ ଭିକ୍ଷୁ ତାଙ୍କୁ କୋଳାଗତ କଲେ । ତା' ଦେହରୁ ଧୂଳି ଝାଡ଼ିଦେଲେ । ତା' କ୍ଷତ ଉପରେ ହାତ ସାଉଁଳି ଦେଲେ । ସେ ତାଙ୍କ ବୁକୁ ଉପରେ ପଡ଼ି ପିଲାଟିଏ ପରି ରହିଟେକ କାନ୍ଦିଲା । ପୋଷା କୁକୁରଟାକୁ ସୁଦ୍ଧା ସେ କୋଳେଇ ନେଲେ । ସେ ଅଭିଭୂତ ହୋଇ ତାଙ୍କ ଉପରକୁ ମୁହଁ ଟେକି ସରୁ ସ୍ୱର ତୋଳି ଭୁକିଲା ।

ସ୍ତବ୍ଧ ଜନତା ଭିତରୁ ଠକ୍ ଠକ୍ ଥରୁଥିବା ତରୁଣୀଟିଏ ଆସି ତାଙ୍କ ଆଗରେ ଜାନୁପାତି ବସିଗଲା । ତା'ର ନିବେଦନ କେବଳ ଅଶ୍ରୁ । ଜନତା କୁହାଟିଲା, "ପିଙ୍ଗଳା !" "ପିଙ୍ଗଳା ବେଶ୍ୟା !" "ବହୁଭୋଗ୍ୟା ତା'ର ଉଚ୍ଛିଷ୍ଟ ମାଂସର ପସରା ଗୋଟେଇ କାହିଁକି ସେଠିକି ଗଲା ?"

ପଣ୍ଡିତ ତା' ମୁଣ୍ଡ ଉପରେ ହାତ ରଖି ଆଉଁସି ଦେଲେ । ତା'ର ଆଖି ବୁଜିହୋଇଗଲା । ସେ ସେଇଠି ନିଶ୍ଚଳ ନିର୍ବାକ୍ ହୋଇ ବସିଗଲା । କେହି ବୁଝିପାରିଲେ ନାହିଁ, କ'ଣ ହେଲା । ଏକା ଥରକେ ବିଭିନ୍ନ ଦିଗରୁ କରୁଣ ବିଳାପ ଶୁଣାଗଲା ।

..."ମୁଁ ରୁଗ୍ଣ ! ମୋ ଶରୀର ଅପାରଗ, ପଙ୍ଗୁ ! ମୋତେ ନିରାମୟ କର, ଦୀର୍ଘାୟୁ କର !"

"ମୁଁ ବିଧବା । ମୋର ଏକମାତ୍ର ପୁଅକୁ ବଞ୍ଚାଇଦିଅ ।"

"ମୁଁ ସମାଜରୁ ବହିଷ୍କୃତ । ମୋତେ ରାଜଦଣ୍ଡ ପଡୁଛି । ମୋତେ ଏମାନେ ମାରିଦେବେ । ମୋତେ ବଞ୍ଚାଅ ।"

"ମୋର ଜ୍ଞାତି କୁଟୁମ୍ବ ମୋତେ ପରାଭବ ଦେଲେ । ସେମାନଙ୍କ ଚକ୍ରାନ୍ତରେ ମୁଁ ଦାଣ୍ଡର ଭିଖାରି । ସେମାନଙ୍କୁ ସଂହାର କର । ମୋତେ ସେ କବଳରୁ ବଞ୍ଚାଅ ।"

"ମୁଁ ଜରାଗ୍ରସ୍ତ; ମୋତେ ଯୌବନ ଦିଅ ।"

"ମୁଁ ମାନହୀନ; ମୋତେ ଯଶସ୍ୱୀ କର ।"

"ମୁଁ ଧନହୀନ, ମୋତେ ଧନ ଦିଅ ।"

"ମୁଁ ମୁମୂର୍ଷୁ, ମୋତେ ଆୟୁଷ ଦିଅ ।"

"ଧନ ଦିଅ ! ଆୟୁ ଦିଅ ! ଯଶ ଦିଅ !—ହେ, ଅପ୍ରତିମ ମହାପ୍ରଭୁ, ଆମେ ତୁମକୁ ତୁମର ବଳିଭୋଜ୍ୟ ଦେବୁ ।"

Digitized by srujanika@gmail.com

ସୁବୋଧ ଏ ପ୍ରଳାପର ଅସଂଯତ ବିକ୍ଷେପରେ ବିଚଳିତ ହେଲା ଘଷିତ ବୁଦ୍ଧିପାରି ତାକୁ ଗ୍ରହିଁଲେ । ସେ ପୁଣି ସ୍ଥିର ବୋଧ କଲା । ସମସ୍ତ କୋଳାହଳ ଦୂରସ୍ଥ ବୋଧହେଲା । ଆଲୋକ ଏବଂ ଛାୟା ରୂପଗୁଡ଼ିକ ଅଭିନ୍ନ ଜଣାଗଲେ ।

ଏ ଭଳି ହୁଏତ ଏମାନେ କେଉଁଯୁଗରୁ ମାଗି ଗ୍ରୂଲଛନ୍ତି । ଏମାନଙ୍କର ତୃଷା ମେଣ୍ଟିବାର ନୁହେଁ । ସେମାନେ ଜାଣନ୍ତି ନାହିଁ କ'ଣ ସେମାନେ ଗ୍ରହାନ୍ତି ।

...ଆୟୁ ଚିରକାଳ ନୁହେଁ । ବସ୍ତୁରେଣୁଗୁଡ଼ିକୁ ଏକାଠି ବାନ୍ଧି ଏ ଶରୀରର ତୋରଣ ଠିଆ ରହି ପାରିବ ନାହିଁ ।

...ଯଶ ପାଣିର ଗାର ପରି । ପଥରର କୀର୍ତ୍ତିସ୍ତମ୍ଭ କାଳବଶାତ୍ ଲୋଟିପଡ଼େ ।

...ଧନ କ'ଣ—ଧନ କାହାର ?

—ଯୌବନ ନଈ ସୁଅରେ ଚମ୍ପାଫୁଲଟି । ସେ ଅବଶ୍ୟ ଭସିଯିବ !

ସେମାନେ ଏ ସବୁ କିଛି ଗ୍ରହୁଁନାହାନ୍ତି । ସେମାନେ ଯାହା ଗ୍ରହୁଁଛନ୍ତି ତାକୁ ସେମାନେ ସୁଖ ବୋଲି କହନ୍ତି । ସୁଖ ଗୋଟିଏ ଅରୂପ ସ୍ୱପ୍ନ । ସେମାନେ ହୁଏତ ସୁଖ ବି ଗ୍ରହୁଁନାହାନ୍ତି ।

ତାଙ୍କ ଭିତରେ ଗୋଟିଏ ମାତ୍ର ସ୍ପନ୍ଦନ । ସେ ସୁଖର ନୁହେଁ କି ଦୁଃଖର ନୁହେଁ । ବିଭିନ୍ନ ଦ୍ୱାରବାଟଦେଇ ବିଭିନ୍ନ ତୃଷାରେ ତାକୁ ଶରୀର ଅନୁଭବ କରେ । ମନ ନାନା ପ୍ରକାର ଅର୍ଥ କରେ । ସେ ତୃଷା ମେଣ୍ଟାଇବାକୁ ସେମାନେ ଉପଜୀବ୍ୟ ଖୋଜନ୍ତି । ଫଳରେ ପାଟପୋକପରି ନିଜ ତନ୍ତୁରେ ନିଜେ ବନ୍ଧ ହୋଇଯାନ୍ତି । ବନ୍ଧର ଯନ୍ତ୍ରଣା କାତର ପ୍ରାର୍ଥନାର ରୂପ ନିଏ । ଏଭଳି ପ୍ରଳାପର ରୂପ ନିଏ । ସ୍ୱୀ'ର ଅର୍ଥ ଯାହା ଦିଶୁଛି ତାହା ନୁହେଁ ।

ସୁବୋଧ ଭିତରେ ଆଉ ଆନ୍ଦୋଳନ ରହିଲା ନାହିଁ । ଜନତା ମଧ୍ୟ ଘୂମେଇ ଲା ପରି ଆସ୍ତେ ନୀରବ ହୋଇଆସିଲା । କୋଳାହଳ ଶାନ୍ତ ହୋଇ ଆସିଲା । କେତେଜଣ ସେ ଭିତରୁ ହାଇମାରିଲେ । ଆଉ କେତେଜଣ

Digitized by srujanika@gmail.com

ଏଣେତେଣେ ଘୂଞ୍ଚିଲେ । ଏଣିକି ସେମାନେ କିଛି ଖାଇବା କଥା ! ସେମାନେ ଶୋଇଯିବା କଥା ! ତାଙ୍କୁ ହୁଏତ ଖେଦ କଲାଣି ।

ସେମାନଙ୍କୁ ଦିଶିଲା, ସାଧାରଣ ବଟଗଛମୂଳେ ସାଧାରଣ ମଣିଷଟିଏ ବସିଛି । ଦେଖିବାକୁ ହୁଏତ ସୁନ୍ଦର । କିନ୍ତୁ ସେ ସାଧାରଣ ମଣିଷଟିଏ । ତାକୁ ଖେଦ କରୁଥିବ । ନିଦ ମାଡ଼ୁଥିବ । ସେ କାହାକୁ କ'ଣ ବା ଦେଇ ପାରିବ ?

ଲୋକେ ଉଠିଲେ । ସବା ପଛର ଅଂଧାରରୁ ଆହୁରି ଅନ୍ଧାରକୁ ଅପସରି ଯାଉଥିବା ଗାଈଗୁଡ଼ିକ ସହରକୁ ମୁହଁ କରି ହସିବାର ଶୁଣାଗଲା । ଅବିଶ୍ୱାସ ଏବଂ ତାଚ୍ଛଲ୍ୟର ହସ ! କୁହୁଡ଼ି ବାଦ୍ଯ ପରେ ଦୂରକୁ ଶୁଣେଇଲା ପରି କିଦି'ମାକ୍ର ଅନେକ ନିନ୍ଦା କୁବଚନ ।

ପ୍ରାୟ ନୀରବ ପଞ୍ଚୁଆରଟିଏ ଆସ୍ତେ ଘୁଞ୍ଚିଗଲା ସହରର ଆଡ଼ୁଆଳକୁ । ସୁବୋଧକୁ ଅନୁଭବ କଲା ଗୋଟାଏ ବିଶାଳ ନୀରବତା ଆକାଶରୁ ନଇଁ ଆସୁଛି । ଜୁଆରିଆ ନିଶ୍ୱାସରେ ଉଶ୍ୱାସ ପବନଗୁଡ଼ାଏ ତୋଳା ହୋଇ ଭାସିଗଲା ପରି ସେ ମଣିଷଗୁଡ଼ିକ ଘୁଞ୍ଚିଯାଉଛନ୍ତି । କାହାରି ସେଭଳି କିଛି ପ୍ରତିବାଦ ନାହିଁ, ସେଭଳି କିଛି ଅଭିଯୋଗ ମଧ୍ୟ ଆଉ ନାହିଁ । ସେମାନେ ନେଇ ଆସିଥିବା ନିଆଁହୁଳା ପରି ସେ ସବୁ ଲିଭିଯାଇଛି । ଅଝଟ କାନ୍ଦୁରା ପିଲାଗୁଡ଼ାଏ ପିଠିଆଉଁସା ଟିକିଏ ଖାଇ ବୁଝିଶୁଝି ପୁଣି ଖେଳିବାକୁ ଚାଲି ଯାଉଛନ୍ତି ।

ଜୀବନରେ ଏତେ ଦୁଃଖ କାହିଁକି ?—ଏ ସବୁ ଦୁଃଖ କାହାର ? —ଦୁଃଖ କ'ଣ ?

ବିଷମତା ହିଁ ଦୁଃଖ । କ୍ଷୁଧା ହିଁ ଦୁଃଖ । ଶରୀର ଥିଲେ କ୍ଷୁଧା ରହିବ । ମନ ଥିଲେ ବିଷମତା ରହିବ । ସେଥିପାଇଁ ସଂସାରରେ ଏତେ ଦୁଃଖ । ସବୁ ଦୁଃଖ ପାଇଁ ମଣିଷର ଭୟ ରହିଛି ସବୁ ଭୟର ଚେରଗୁଡ଼ିକ ମୃତ୍ୟୁରେ; ଡାଳଗୁଡ଼ିକ ମଧ୍ୟ ମୃତ୍ୟୁରେ !

ସୁବୋଧମୁଣ୍ଡ ନୁଆଇଁ ବସିରହିଲା । ଅଦୃଶ୍ୟ ବୋଝ ଭଳି ଏସବୁ ମଡ଼େଇ ହୋଇ ପଡ଼ିଲା ପରି ! ଇସ୍, କେଡ଼େ ଅସହାୟ ଜୀବଟିଏ ମଣିଷ ? କେଡ଼େ ଅଲଘ୍ୟନୀୟ ମୃତ୍ୟୁ ? କେଡ଼େ ନିଷ୍ଠୁର ସତ୍ୟ ଜୀବନର ଏ ଦୁଃଖ !

Digitized by srujanika@gmail.com

ତା' ପିଠି ଉପରେ କପୋତ ଶିଶୁର ଡେଣାପରି ଅତି କଅଁଳିଆ ହାତଟି ଆସ୍ତେ ଆଉଁସି ଗଲା । ତାକୁ ତା' ନିଜ ଭିତରେ ଶୁଭୁଥାଏ—"ନା, ସୁବୋଧ ! ମୃତ୍ୟୁ ଅଲଙ୍ଘ୍ୟ ନୁହେଁ ! ଦୁଃଖ ଦୁସ୍ତର ନୁହେଁ ! ମେ ସବୁ ଏ ମାଟି ଉପରେ ଲଟେଇଥିବା ଗୁଡ଼ଏ ଡଙ୍କ । ଯା' ଉପରେ ଖୁବ୍ ମୁକ୍ତ ଆକାଶ । ସେଠିକି ଯାଇହେବ । ତୁମେ ଯାଇ ପାରିବ । ମଣିଷ ମାତ୍ରେ ଯାଇପାରିବେ । ଦେହ ମନର ଉପାଦାନ ବଦଳିଗଲେ ସେମାନଙ୍କ ପ୍ରକୃତି ବଦଳିଯିବ । ତେଣିକି ଏ ଦୁଃଖ ନାହିଁ କି ମୃତ୍ୟୁ ନାହିଁ ।"

ସୁବୋଧ ଚମକିଲା ପରି ଆଖି ଟେକି ଚାହିଁଲା । ଋଷିତଙ୍କ ଦରହସିତ ମୁହଁରେ ସେଇ ନିର୍ମଳ ଆପଣାପଣ ଝଟକୁଥାଏ ।

"ମୁଁ କ'ଣ ଯାଇପାରିବି ? ଏ କ'ଣ ବୁଝିଛନ୍ତି ମୋର ଦୁର୍ବଳତା, ମୋର ଅସହାୟତା, ମୋର ଅପାରଗତା ? ଏ କ'ଣ ନିଜେ ମୋତେ ଟାଣି ନେଇ-ପାରିବେ ?"—ଭାବିଲା ସୁବୋଧ ।

ଋଷିତ କେବଳ ନୀରବରେ ଚାହିଁଥାନ୍ତି । ସ୍ନେହଶୀଳ ଆଖି ଦୁଇଟି କରୁଣାରେ ଜୁଳୁବୁଳୁ । ଆଖି ଫେରାଇ ସେ ଅନ୍ୟ ପାଖକୁ ଚାହିଁଲେ । ଅଂଧଟି ତଳକୁ ମୁହଁ ପୋତି ଚକା ପକେଇ ବସିଛି । ବୋଧହୁଏ ଶୋଇଯାଇଛି । କୋଢ଼ି ସତକୁସତ ଲୁଗା ପାରି ତଳେ ଶୋଇଯାଇଛି । ତା' କୋଳରେ କୁକୁରପିଲା ବି ଶୋଇଯାଇଛି । ପିଙ୍ଗଳା କିନ୍ତୁ ଆଖି ବୁଜି ସଳଖି ବସିଛି । ଧ୍ୟାନଗମ୍ଭୀର ନାରୀମୂର୍ତ୍ତିଟିଏ !

ସୁବୋଧର ମନ ଭିତରେ ଅନେକ ଅବାଧ୍ୟ ପ୍ରଶ୍ନ ।

ଏ ଜନ୍ମାନ୍ଧର ଯାତନା ବୁଝିବା ସହଜ ନୁହେଁ । ସେ ନିଜେ ବି ଜାଣେ ନାହିଁ ଆଖି ନଥିବା ଜୀବନର ଅଭାବ କେତେ ଗଭୀର ଏବଂ କେତେ ବିସ୍ତୃତ । ବିଚରା ଅନ୍ଧାରରେ ଜନ୍ମିଛି । ବର୍ଣ୍ଣହୀନ ଶବ୍ଦର ସମୁଦ୍ରରେ ପହଁରୁଛି । ସେହି ଅଂଧାରରେ ହିନେ ମରିଯିବ । ଏଭଳି ଜୀବନର ଅର୍ଥ କ'ଣ ? —ଏ ଯାତନାର ଅର୍ଥ କ'ଣ ?—କାହିଁକି ଏ ଯାତନା ?

ଏ କୋଢ଼ି ବିଚରା ପଙ୍ଗୁ । ସେ ଅନ୍ୟମାନଙ୍କ ପରି ବଞ୍ଚିବାକୁ ଚାହିଁଛି । ଅନ୍ତତଃ ଶ୍ରମ କରି ଛୋଟ ଛୋଟ କେତୋଟି ସ୍ୱପ୍ନରୁ ଅନୁଭବ ପାଇଁ ସେ ଚେଷ୍ଟା କରୁଛି; କିନ୍ତୁ ପୋଷ୍ୟ ଫଳଟାଏ ପରି ତାକୁ ଫିଙ୍ଗି ଦେଇଛନ୍ତି ସମସ୍ତେ । ଯା'ର

Digitized by srujanika@gmail.com

ଏଥିରେ ଦୋଷ କ'ଣ ? ସେ କ'ଣ ଚାହିଁଥିଲା ତା'ର ଏ ରୋଗ ହେଉ ? କିଏ କ'ଣ ସେଭଳି ଚାହିଁଥାଏ ? ତେବେ ?

ପିଙ୍ଗଳାର ରୂପ ତା'ର ଅଭିଶାପ । ତାକୁ ଦେଖି ସମସ୍ତେ ତାକୁ ବେଢ଼ି-ଯାଉଛନ୍ତି । ସେ ସମସ୍ତଙ୍କୁ ହାତ ବଢ଼େଇଛି—କାହାକୁ ପାଇନାହିଁ । ଯେ ଯେତେବେଳେ ପାରିଲା ତାକୁ ଭୋଗ କରିଯାଇଛି । ସମସ୍ତେ କେବଳ ମାଂସ-ଲୋଭୀ । ବାରନାରୀ ପିଙ୍ଗଳା ବଡ଼ମନ୍ଦିତା, ଏକାକିନୀ । ସେ ଏପର୍ଯ୍ୟନ୍ତ କେବଳ ଦେହକୁ ବୁଝିଛି, ଦେହକୁ ବିକିଛି । ତା'ର ସବୁ କ୍ଷୁଧା, ସବୁ ସୁଖ ସମ୍ଭୋଗ ସେଇଠି । ତାକୁ ଅନ୍ୟ କିଛି ହେବାର ସୁଯୋଗ ମିଳିନାହିଁ । ସେ କ'ଣ ଉଠିଆସିପାରିବ, ପଣ୍ଡିତ ଭିକ୍ଷୁ କ'ଣ ତାକୁ ସେ କୂଅ ଭିତରୁ ଟାଣି ଆଣି ପାରିବେ ?

...ହୁଏତ ଏଭଳି ଅସଂଖ୍ୟ ଦୁଃଖ ଭୋଗୁଥିବା କାତର ପ୍ରାଣୀଗୁଡ଼ିଏ ଆକାଶକୁ ଚାହିଁ ପ୍ରାର୍ଥନା କରିଚାଲିଛନ୍ତି କେଉଁ ଅନନ୍ତ କାଳରୁ । ତାଙ୍କୁ କେହି ଉଦ୍ଧାର କରୁନାହିଁ । ତାଙ୍କ ଜୀବନରୁ ଯନ୍ତ୍ରଣାର ଅଗ୍ନି ଲିଭୁନାହିଁ । ସମସ୍ତ ପୋଡ଼ିହୁଅନ୍ତି । ଅଥଚ ଡାକ ଲାଗିଛନ୍ତି । ସେ କିଏ ଯାହାକୁ ସେମାନେ ଡାକୁଛନ୍ତି ? ସେ ଅଛି ନା ନାହିଁ ? ଥିଲେ ସେ ଆସୁନାହିଁ କାହିଁକି ? ନଥିଲେ ଏମାନେ ତାକୁ ଡାକୁଛନ୍ତି କାହିଁକି ?

ସୁବୋଧ ନିଜ ଭିତରେ ଖୁବ୍ ପରିଚିତ ସେ ନୀରବତା ପ୍ରବେଶ କରିବାର ଅନୁଭବ କଲା । ସ୍ତୂପ'ପରେ ପଣ୍ଡିତ ବୋଧହୁଏ ପ୍ରବେଶ କରିବେ । ସେ ଶୁଣିପାରିଲା, "ଏ ସବୁ ଏତେ ଜଟିଳ କରନାହିଁ, ସୁବୋଧ । କେବଳ ତର୍କରେ ସବୁ ଜାଣି ହୁଏ ନାହିଁ ।"

ସୁବୋଧ ସ୍ଥିରହୋଇ ଅପେକ୍ଷା କଲା । ପୁଣି ଶୁଣିଲା ପଣ୍ଡିତଙ୍କ ସ୍ୱର—"ସୃଷ୍ଟି ଛନ୍ଦୋମୟ । ଛନ୍ଦହିଁ ସୃଷ୍ଟି । ଛନ୍ଦ ଭାଙ୍ଗିଯିବା ଦୁଃଖ । ଏମାନଙ୍କ ଜୀବନରେ ଛନ୍ଦ ଭାଙ୍ଗିଛି । ବିଷମତା ଆସିଛି । କିନ୍ତୁ ଛନ୍ଦହିଁ ତାଙ୍କର ମୌଳିକ ସତ୍ୟ । ସେମାନେ ଯେତେବେଳେ ଚାହିଁବେ ସେଠିକି ଫେରିଯାଇପାରିବେ । ଛନ୍ଦରେ ପୁଣି ସ୍ଥାପିତ ହୋଇଗଲେ ଦୁଃଖ କମ୍ପା ରୋଗ ରହିପାରିବନାହିଁ ।"

"ଏ ଛନ୍ଦ ଭାଙ୍ଗିଯାଏ କାହିଁକି ? କିଏ ଭାଙ୍ଗେ ତାକୁ ? କେମିତି ଭାଙ୍ଗେ ? ଥରେ ଭାଙ୍ଗିଗଲେ ଏ ମୌଳିକ ଛନ୍ଦକୁ ପୁଣି ଫେରାଇ ଆଣି ଦେବ୍ କି ? କିଏ

Digitized by srujanika@gmail.com

ଆଣିବ; କେମିତି ଆଣିବ ?''—ପଚାରିଲା ସୁବୋଧ

''ପାଠ ପଢ଼ିଲାଭଳି ସ୍ୱାକୁ ବୁଝିନାହିଁ ସୁବୋଧ ! ଦେଖ, ଛନ୍ଦ ମାନେ ଗତି । ଗତି ନଥିଲେ ଛନ୍ଦ ଆସିବ କୁଆଡ଼ୁ ? ଗତି ହେଉଛି ସ୍ଥିତିର ଚରଳତା । ଅଛି ଏବଂ ନାହିଁକୁ ଗୁନ୍ଥିଲେ ଗତି । ଏମାନଙ୍କୁ ଯାହା ଧାରଣ କରେ, ଅଥଚ ମିଶାଏ ନାହିଁ, କିମ୍ବା ମିଶେ ନାହିଁ, ତାହା ଏକ ରହସ୍ୟ । ସେଇଟା କିନ୍ତୁ ଗୋଟାଏ ଶକ୍ତି । ଭିତରେ ଏବଂ ବାହାରେ ସେ ହିଁ ପ୍ରେରିତ କରିଥାଏ । ସେ ହିଁ ଛନ୍ଦରୂପେ ଦେଖାଦିଏ । ଯେ ପ୍ରେରିତ ହୁଏ ସେ ତାକୁ ବିରୋଧ ବି କରୁଥାଏ । ଏଇ ବିରୋଧ ଛନ୍ଦଭଙ୍ଗକରେ । ଶକ୍ତି ବଢ଼ିଗଲେ ବିରୋଧ ସରଳ ହୋଇଯାଏ । ତା'ପରେ ସମତା ଆସେ, ଛନ୍ଦ ଆସେ, । ପାନଆଁରେ ଅଡ଼ୁଆ ଛଡ଼େଇଲା ପରି, ଆଷାଢ଼ ସୁଅରେ ବାଲିବନ୍ଧ ମିଳେଇ ଗଲାପରି ଏ ସବୁ ସୁଧାରିବାକୁ ହେବ । ···ହେଇ ଦେଖ !"

ସୁବୋଧକୁ ସେଇ ଅବସ୍ଥାରେ ଦିଶିଲା କିଏ ଜଣେ ଶୋଇଛି । କିଏ ? ଓ, ଏ ତ' ସେଇ କୋଢ଼ି ! ତା'ର ଇଚ୍ଛା ହେଉଥିଲା ଆଖି ଫିଟାଇଦେବାକୁ । ତାକୁ ଶୁଭିଲା, ''ନା, ସୁବୋଧ ! ଆଖି ଫିଟିଗଲେ କିଛି ଦିଶିବ ନାହିଁ ! ଏଇ ଦେଖ ।"

ପାର୍ଷିତ ଭିକ୍ଷୁଙ୍କର ଗୋଟିଏ ହାତ ଶୋଇଥିବା କୋଢ଼ିର ମୁଣ୍ଡ ଉପରକୁ ଆସ୍ତେ ଆଉଁସିଲା ଏବଂ ଧୀରେ ଧୀରେ ତା' ଦେହ ଉପରେ ସାଉଁଳିଗଲା ଗଳିତ ପାଦ ପର୍ଯ୍ୟନ୍ତ । ଏହିପରି ବାରମ୍ବାର ଦୁଧ ରଙ୍ଗର ସେ ଅଦ୍ଭୁତ ପାର୍ଦ୍ଧ ହାତ ଶୋଇଥିବା କୋଢ଼ିଟିକୁ ସାଉଁଳିଲା । କଳା କଳା ଗଣ୍ଠିଭଳି ଅସଂଖ୍ୟ ଜଟିଳ-ଗ୍ରନ୍ଥି ସରଳ ହୋଇଗଲେ ।

''ଏଣିକି ସେ ନିଜେ ଗୁହାଁଲେ ସଂପୂର୍ଣ୍ଣ ସୁସ୍ଥ ହୋଇଯାଇପାରେ ।"

''ସେ ନ ଗୁହାଁବ କାହିଁକି ?"

''ବେଳେବେଳେ ଆତ୍ମଯାତନାଭଳି ଆତ୍ମ-ଧିକ୍କାର ଖୁବ୍ ଲୋଭନୀୟ । ତୁମେ ତାକୁ ସେଥିରୁ ନିବୃତ୍ତ କରିପାରିବ ସୁବୋଧ । ହେଇ ଦେଖ ତା'ର ମନ । ତାକୁ ତୁମେ ପ୍ରଭାବିତ କର । ସେଥିରେ ତୀବ୍ର ଇଚ୍ଛା ଜାଗ୍ରତ କରାଅ । ତାକୁ ପ୍ରଥମେ ଗ୍ରହଣ କର । ତା'ର ମନ, ଶରୀର, ତାର ରୋଗ ଯନ୍ତ୍ରଣା ସବୁ କିଛି ଶ୍ରଦ୍ଧାରେ ଗ୍ରହଣ କରିହେବ । ଶ୍ରଦ୍ଧା ନ ଅଣ୍ଟିଲେ ତପସ୍ୟା କର । ଆହୁରି

Digitized by srujanika@gmail.com

ଶୁଦ୍ଧ ହୁଅ । ଆତ୍ମର ବସ୍ତୀର୍ଣ୍ଣ ହୁଅ । ସୁନନ୍ଦ ବର୍ତ୍ତମାନ ସକ୍ଷମ ହେବେ; କିନ୍ତୁ ତୁମେ ହିଁ ବର୍ତ୍ତମାନ ଏ କାର୍ଯ୍ୟ କର । ବାଆସ୍, ଆସ !"

ସୁବୋଧ ଆଖି ଖୋଲି ଚାହିଁଲି । ଅନେକ ରହସ୍ୟ ତା' ଆଖିରେ ବୋଟେଇ ହୋଇ ରହିଥାଏ । ସେ ବସ୍ତୁପୁରେ ଅନେଇଁଥାଏ ।

..."ଆସ ସୁନନ୍ଦ, ଏଇଠି ବସ !"

ପଛପଟୁ ସୁନନ୍ଦ ବଡ଼ଶ୍ରେର ହେଲି ପରି ଚାହିଁଥାନ୍ତି । କିଛି କହିବାର ପ୍ରୟୋଜନ ନ ଥାଏ । ପଣ୍ଡିତ ମଧ୍ୟ କିଛି ନ କହି, ପଛକୁ ନ ଚାହିଁ କେବଳ ନିଜ ପାଖରେ ଭୂଇଁଟିକୁ ବାଁ ହାତରେ ଝାଡ଼ଦେଉଥାନ୍ତି ସୁନନ୍ଦ ବସିବେ ବୋଲି ।

ସୁନନ୍ଦ କିଛି ସମୟ ନୀରବ ବସିରହିଲେ । ତା'ପରେ ହଠାତ୍ କହିଲେ, "ଆପଣ କ'ଣ ଜାଣିଶୁଣି ଏଠାକୁ ଆସିନାହାନ୍ତି ?" ସେ ଆଖି ତୋଳି ଦେଖିଲେ, ପଣ୍ଡିତ ତାଙ୍କର ସ୍ୱାଭାବିକ ଉଜ୍ଜ୍ୱଳ ମୁଦ୍ରାରେ ବସିଛନ୍ତି ।

"ଆପଣ କ'ଣ କେବଳ ସେଇ ପରମ ରହସ୍ୟକୁ ଖୋଜିବାକୁ ଆସିଛନ୍ତି ? ଅନ୍ୱେଷଣ ସରିଗଲେ ଗୁଳିଯିବେ ? ଏ ଅନ୍ୱେଷଣ କ'ଣ ସରିବ ? ଏଠି ସରିଗଲେ କୁଆଡ଼େ ଯିବେ ? ଯେଉଁଠାକୁ ଯିବେ ତାହା କ'ଣ ତତ୍ତ୍ୱାତଃ ଏଇଆ ନୁହେଁ ? ଆପଣଙ୍କ ବିଶୁଦ୍ଧ ଅନୁଭବରେ କ'ଣ ତଥାପି ବିକଳ୍ପ କିଛି ଅଛି ? ସ୍ୱରୂପ-ସତ୍ୟରେ ଦ୍ୱିତୀୟ କାହିଁ ?"

ପଣ୍ଡିତ ଅଳ୍ପ ହସିଲେ ।

ସୁନନ୍ଦଙ୍କ ଦେହସାରା ଶୀତେଇଗଲା । ସେ ବୁଝିଗଲେ ନିଜର ଧୃଷ୍ଟତା । ପଣ୍ଡିତଙ୍କୁ ବନ୍ଦନା କରି କହିଲେ, "ଆପଣ ଏଇଠି ରହିଗଲେ ପୃଥିବୀରେ ଏ କୋମଳ ଋତୁ ଆଉ କିଛି କାଳ ରହିଯାନ୍ତା ।"

ପଣ୍ଡିତ ତଥାପି କିଛି ନକହି ତାଙ୍କୁ ଚାହିଁ ରହିଲେ । ସୁନନ୍ଦ କିଛି ସମୟ ପରେ ନିଜକୁ ନିଜେ ବୁଝାଇଲା ପରି କହିଲେ, "ରୂପ ଗୋଟିଏ ତେଜ । ସେ ଅବଶ୍ୟ ଅପସରିଯିବ । ସେଇଟା ତା'ର ଧର୍ମ ।"

Digitized by srujanika@gmail.com

ସୁନନ୍ଦଙ୍କ ମୁହଁରେ ସାମାନ୍ୟ ଉଦାସ ହସ । ସେ ମୁଣ୍ଡ ତଳକୁ କରି ବସିଥାନ୍ତି ।

"ଆପଣ ହିଁ କହୁଥିଲେ ଯେ ପ୍ରାଣୀମାନଙ୍କର ଅପରିମିତ ଦୁଃଖ । ଅମାପ ଅଜ୍ଞାନ । ଅସୀମ ଯାତନା । ତାକୁ ଗୋଟିଏ ମାତ୍ର ରୂପମାଧ୍ୟମରେ ଓହ୍ଲେଇ ନେବା ସମ୍ଭବ ନୁହେଁ ।"

ପଣ୍ଡିତ ସୁନନ୍ଦଙ୍କୁ ଚାହିଁ କହିଲେ, "ସେଥିରେ ତୁମେ ଏତେ ବିବ୍ରତ ହେବାର ବର୍ତ୍ତମାନ କିଛି କାରଣ ଅଛି କି ? ବରଂ ପାରୁଛ ତ ସୁବୋଧକୁ କିଛି ସାହାଯ୍ୟ କର ।"

...ତା' ଆରଦିନ ସୂର୍ଯ୍ୟ ଉଇଁଲା ବେଳକୁ ସୁବୋଧ ସେ କୋଢ଼ିଟିର ହାତ ଦେହରୁ ମଳ ପୋଛି, ତା' ଘା' ଧୋଇଦେଉଥାଏ । ନିର୍ବିକାର କଣ୍ଢେଇଟିଏ ପରି ସେ ଲୋକଟି ତା' ଗୋଡ଼ ଲମ୍ବେଇ ଦେଇ ବସିଥାଏ । ତା' ଆଖିରେ ଅଗାଧ ବିଶ୍ୱାସ । ଭାସିଯାଉଥିବାବେଳେ କୂଳ ପାଇଗଲା ଭଳି ଅନେକ ଭରସା ।

କୋଢ଼ିର ମୁହଁ ଉପରୁ, ମନ ଉପରୁ ସବୁ ପ୍ରକାର ବନ୍ଧତା ଆସ୍ତେ ସରଳ ହୋଇ ଯାଉଥାଏ । ସେ ଦେଖାଯାଉଥାଏ ଅନେକ ଶାନ୍ତ । କିଛି ସମୟପରେ ସେ ଅଳ୍ପ ହସିବାର ଦେଖାଗଲା । ଖୁବ୍ ନରମ ନିର୍ମଳ ହସଟିଏ । ସତେ ଯେପରି ତା' ଜୀବନରେ ମଙ୍ଗ ପର୍ଯ୍ୟନ୍ତ କିଛି ଗୋଟାଏ ଅପୂର୍ବ ପଦାର୍ଥ ଭରିଯାଇଥିଲା !

ସୁବୋଧର ମୁହଁକୁ ଚାହିଁ ସେ କହିଲା, "ଓଃ, କେଡ଼େ ଥଣ୍ଡା ଲାଗୁଛି ମୋତେ ! ମୋ ଭିତରେ ବାହାରେ କ'ଣ ସବୁ ନିଆଁ ଜଳୁଥିଲା---ସବୁ ଲିଭି-ଯାଇଛି । ମୁଁ ଏଣିକି ଭଲହୋଇଯିବି ।" ତା'ର ଘାଉଦିଆ ଗୋଡ଼କୁ ଚାହିଁ ପଚାରିଲା, "ଏ ବ୍ୟାଧି କ'ଣ ସତେ ଭଲହୋଇଯିବ ?"

ସୁବୋଧ ଏକାଲୟରେ ତା' ଆଖିକୁ ଚାହିଁ ତା ଭିତରକୁ ଗଳିଗଲା ଭଳି ଭରସାର ସ୍ୱରରେ କହିଲା, "ଅବଶ୍ୟ ଭଲହୋଇଯିବ । ଦେହରୁ କାଦୁଅ

Digitized by srujanika@gmail.com

ଧୋଇ ହୋଇଗଲା ପରେ ଏ ଘା' ସବୁଧୋଇ ହୋଇଯିବ ।···ମୋତେ ତୁମର ସବୁ ଯାତନା ଦେଇଦିଅ—ସବୁ ରୋଗ, ସବୁ ସନ୍ତାପ, ସବୁ ଦୁଃଖ !"··· ସେତେବେଳେ ସେ ସେଇ କୋଢ଼ିଟିକୁ କୋଳାଗତ କରିଥିଲା ।

ସୁବୋଧର ସ୍ୱର କ୍ରମେ ନୀରବ ହୋଇଗଲା । ସବୁ ଅଙ୍ଗ ଶିଥିଳ ହୋଇଗଲା । ସେ ସେଇଠି ଅବଶ ହୋଇ ବସିପଡ଼ିଲା । ତା' ହାତ ଯୋଡ଼ିକ ହୁଗୁଳି ଆସିଲା । କୋଢ଼ି ବିଷୟରେ ହେଲା ପରି କହୁଥାଏ, "ମୁଁ ·ଅବଶ୍ୟ ଭଲ ହୋଇଯିବ । ଏ ସବୁ କାଦୁଅ ଧୋଇ ହୋଇଯିବ । ମୁଁ ସୁସ୍ଥ ହୋଇଯିବ ।"

ସୁବୋଧ ହୁଏତ ବିରାଟ ବୋଝଟାଏ ଉଠାଇ ପାରୁନାହିଁ, ସମ୍ଭାଳି ପାରୁନାହିଁ । ଶ୍ରଦ୍ଧା ଏବଂ ପ୍ରେମରେ ନିଜକୁ ଉନ୍ମୁକ୍ତ କରିଦେଇ ସେ ଏକା- ଥରକେ ବନ୍ୟା ବିତାଡ଼ିରେ ଦୋହଲିଯାଉଛି ।

"ହଁ, ସୁନନ୍ଦ ! ସେ କୋଢ଼ିଟିକୁ ଯାତନାମୁକ୍ତ କରିବାକୁ ସୁବୋଧ ତାର ସମସ୍ତ ଭଗ୍ନଛନ୍ଦ ନିଜେ ନେଇଯାଉଛି । ଦୁଃଖକୁ ସ୍ଥାନାନ୍ତରିତ କରାଯାଏ ନାହିଁ, ରୂପାନ୍ତରିତ କରାଯାଏ । ସୁବୋଧ ପିଲାଲୋକ । ସେ ତପସ୍ୟାରେ ସ୍ଥିର ନୁହେଁ । ଏଣୁ ତା' ଭିତରେ ଆକାଶଙ୍କୁ ସେ ଚିହ୍ନି ପାରୁନାହିଁ ।"

ସୁନନ୍ଦ ଉତ୍ତରପ୍ରସ୍ଥରେ ଥାଇ ସୁବୋଧକୁ ଦେଖି ସାମାନ୍ୟ ଉଦ୍‌ବିଗ୍ନ ହେବାରୁ ନିଜ ଭିତରେ ଋଷିଙ୍କ ସ୍ୱର ଏଇଭଳି ଶୁଣାଗଲା । ଋଷି ସ୍ୱୟଂ ସେତେବେଳେ ଅନେକ ଦୂରରେ ନଦୀ ଧାର ପାଖରେ ନୂତନ ଶିଷ୍ୟଙ୍କର ଅସଂଖ୍ୟ ପ୍ରଶ୍ନର ଉତ୍ତର ଦେଉଥାନ୍ତି ।

ସୁନନ୍ଦ ଧ୍ୟାନସ୍ଥ ହୋଇ ପଚାରିଲେ, "ଆକାଶଙ୍କୁ ମୁଁ ମଧ୍ୟ ଚିହ୍ନି ନାହିଁ ।"

"ଖୁବ୍ ସହଜ, ସୁନନ୍ଦ ! ପ୍ରଥମେ ଆକାଶକୁ ଦେଖ, ତା'ପରେ ନିଜକୁ ସେଥିରେ ମିଶାଇଦିଅ । ତେବେ ଚିହ୍ନିଯିବ । ମିଶାଇ ନ ପାରିଲେ କାହାକୁ ଚିହ୍ନି ହୁଏନାହିଁ । ଆକାଶ ସହିତ ମିଶିପାରିଲେ ସବୁ ଯାତନାର ରୂପାନ୍ତର ହୋଇଯାଏ, କାରଣ ଏ ଆକାଶ ହିଁ ପରମ ବ୍ୟୋମ । ସେ ହିଁ ବୃହତ୍ତମ ଅଖଣ୍ଡ- ଛନ୍ଦ । କାରଣ ସେ ସ୍ୱୟଂ ନୀରବତା । ସେଇଠି ସବୁପ୍ରକାର ଭଗ୍ନଛନ୍ଦ ଆପେ ଆପେ ଛନ୍ଦରେ ଲୀନ ହୋଇଯାଏ ।"

Digitized by srujanika@gmail.com

ସୁନନ୍ଦ ସୁବୋଧଙ୍କୁ ଅନ୍ତର୍ଦ୍ଦୃଷ୍ଟିରେ ଦେଖିନେଲେ । ସୁବୋଧ ଭିତରେ ଅନେକ ଅସ୍ଥିରତା । କଳା କଳା ଅନେକ ଘାଇ । ରୋଗ ଏବଂ ଯନ୍ତ୍ରଣାର ବହଳତା ଦେଖି ସେ କରୁଣାରେ ଦ୍ରବୀଭୂତ ହୋଇଗଲେ । ମିଶିଗଲେ ସୁବୋଧ ସହିତ । ସାଙ୍ଗେ ସାଙ୍ଗେ ସେ ଗୋଟାଏ ତାପ ଅନୁଭବ କଲେ । ଦେହ ସାରା ଗୋଟାଏ ନୂଆଁ ଧରଣର ଅବଶତା !

ସେ ସ୍ଥିର ହୋଇ ଆକାଶ ଧ୍ୟାନରେ ବସିଗଲେ । ତାପ ବିଲୀନ ହୋଇଗଲା । କମ୍ପନ ଉଭେଇଗଲା !

"ସାବାସ୍ ! ଏହିପରି ଯାତନାକୁ ରୂପାନ୍ତରିତ କରାଯାଏ ସୁନନ୍ଦ ! ତୁମେ କୋଡ଼ିଟିକୁ ନୁହେଁ ବରଂ ସୁବୋଧଙ୍କୁ ବର୍ତ୍ତମାନ ରୋଗମୁକ୍ତ କଲ । ନଚେତ୍ ସେ ଆକ୍ରାନ୍ତ ହୋଇସାରିଥିଲା; କିନ୍ତୁ ସୁବୋଧଙ୍କୁ ଏଇ ସାଧନାରେ ସାହାଯ୍ୟ କର । ସେ ନିଜେ ଶିଖୁ ।"

ମଧ୍ୟାହ୍ନ ସମୟ । ବଟଗଛର ପତ୍ରଗୁଡ଼ିକ ସ୍ଥିର । ଚାରିଆଡ଼େ ଅଜସ୍ର ସୂର୍ଯ୍ୟାଲୋକ । ଦୀକ୍ଷିତ ଭିକ୍ଷୁ ଅଜିତର ମୁଣ୍ଡ ଉପରେ ହାତ ରଖି କିଛି ସମୟ ପରେ ପଚାରିଲେ—

"ତୁମକୁ କେମିତି ଲାଗୁଛି ?"

"ଭାରି ଅସୁସ୍ଥ ଲାଗୁଛି !"

"କାହିଁକି ?"

"ନିଦ ଭାଙ୍ଗିଗଲା ପରେ ମଧ୍ୟ ମୁଁ ସଚେତ ବା ଜମା ଚେଇଁ ପାରୁନାହିଁ । ସେଥିପାଇଁ ଅସୁସ୍ଥ ଲାଗୁଛି ।"

"ତୁମର କ'ଣ କିଛି ଅଭାବ ଥିଲା ପରି ଲାଗୁଛି କି ?"

"ହଁ, ଠିକ୍ କଥା ! ଆପଣ ଅନ୍ତର୍ଯ୍ୟାମୀ ପୁରୁଷ । ମୋ ମନ କଥା କହୁଛନ୍ତି । ମୋତେ ଲାଗୁଛି, କ'ଣଟାଏ ଯେମିତି ମୋ ହାତପାଆନ୍ତରେ ଅଛି; କିନ୍ତୁ ମୁଁ ହାତ ବଢାଇଲେ ସେଇଠି ପହଞ୍ଚିପାରୁନାହିଁ ।"

"ତୁମକୁ ଖରା କାଟୁଛି ?"

Digitized by srujanika@gmail.com

"ଜାଣିଛି, କିନ୍ତୁ କେମିତି ଅସୁସ୍ଥ ଲାଗୁଛି ! ମୁଁ ତାକୁ ଧରି ପକେଇବାକୁ ଚାହୁଁଛି । ମୋର ଧାଇଁବାକୁ ମନ ହେଉଛି, ଯାଚି କରିବାକୁ ମନ ହେଉଛି । ମୋ ଦେହଟାକୁ ଚମଡ଼ା ବାହାରି ପକାଇବାକୁ ମୋର ଇଚ୍ଛା ହେଉଛି ! ଓଃ···! ଓଃ···!

"ତୁମେ କ'ଣ ଏଇ ଖବରକୁ ଦେଖିବାକୁ ଚାହଁ ?"

ଅନ୍ଧଟି ଚମକି ପଡ଼ିଲା । ତା' ହାତଗୋଡ଼ ଛଟ୍‌ଛଟ୍ ହେଲା । "ଦେଖିବାକୁ ? —ସେଇଟା କ'ଣ ?" ତା'ପରେ ଉନ୍ମତ୍ତ ହେଲା ପରି କହିଲା—

"ହଁ, ମୁଁ ଦେଖିବାକୁ ଚାହେଁ । —ଓଃ, ମୁଁ ଦେଖିବି ! ହେ ପ୍ରଭୁ, ତୁମେ ମୋତେ ଦେଖାଇ ଦିଅ । ମୁଁ ତୁମକୁ ଦେଖିବି !"

ସେ ପଣ୍ଡିତଙ୍କୁ ଥରିଲା ଥରିଲା ହାତରେ ଅଣ୍ଡାଳିଗଲା ।

ସୁନନ୍ଦ ଆଉ ଶିଷ୍ୟମାନେ ଦେଖୁଛନ୍ତି । ଧପ୍ କରି ଲିଭିଗଲା ଆଲୁଅ । ଗୋଟାଏ ମୁହୂର୍ତ୍ତ ପାଇଁ ଅନ୍ଧାର ହୋଇଗଲା ସେ ଜ୍ୱଳନ୍ତ ଦିପ୍ରହର । ତା'ପରେ ପୁଣି ସବୁ ଝଲମଲ ହୋଇ ଝଟକିଗଲା ।

ପଣ୍ଡିତ ଲୁଚକାଳି ଖେଳୁଥିବା ପିଲାଙ୍କ ପରି ଅନ୍ଧଟିର ଆଖି ଘୋଡ଼େଇ ରଖିଥାନ୍ତି ।

"ଆସ୍ତେ···ଏମିତି ବ୍ୟସ୍ତ ହେବନାହିଁ । ପ୍ରଥମେ କହ କେମିତି ଲାଗୁଛି !"

"ଅପୂର୍ବ ! ମୁଁ କହିପାରିବି ନାହିଁ ଏ ସବୁ କ'ଣ ! ଅଦ୍ଭୁତ, ···ଅଦ୍ଭୁତ···!!"

"ଏଇଟା ତୁମ ଆଖିପତା ଭିତରେ, ତୁମ ନିଜ ରକ୍ତର ଝିଲ୍ଲି ଭିତର ଦେଇ ଏଇ ଖବର ପ୍ରବେଶ କରୁଛି । ଏଇ ରଙ୍ଗର ନାଁ ନାଲି· ·ଏଇଝଲମଲ ହେଉଛି ଆଲୁଅ । ···ଆସ୍ତେ ପତା ଖୋଲ ! ···ହଁ, ବନ୍ଦ କର ! ଖୋଲ··· ବାଆସ୍ ! ଏବେ ଦେଖ !"

ଅନ୍ଧଟି ପାଣିରେ ବୁଡ଼ିଗଲା ପରି ଆକୁଳ ହୋଇ ହାଁ କରି ଅନେଇଥାଏ । ହାତ ଦୁଇଟାକୁ ଓସାରି ରଖିଥାଏ । ଆଙ୍ଗୁଠିଗୁଡ଼ାକ ଘୁଟି ହୋଇ ରହିଥାନ୍ତି ।

Digitized by srujanika@gmail.com

ସେ ହଠାତ୍ ଡେଇଁପଡ଼ ଧାଇଁଲା ! ଡେଇଁଲା ! ପାଟିକଲା !!...‘‘ଏଇଟା କ’ଣ ? ଏ କ’ଣ ସେଇ ରାଜ୍ୟ ? ହେଇ,ହେଇ ମୁଁ ଦେଖିପାରୁଛି । ମୁଁ ଆଖିରେ ଦେଖୁଛି । ମୁଁ ଜନ୍ମାନ୍ଧ ଜାଣି ନଥିଲି ଏସବୁ ଏହିପରି ବୋଲି !!”

ମୁଗ୍ଧ ହୋଇ ସମସ୍ତେ ତାକୁ ଚାହିଁରହିଥାନ୍ତି ! ସେ ଗଛକୁ କୋଳ କରୁଥାଏ । ମଣିଷମାନଙ୍କୁ ଆଉଁସି ପକାଉଥାଏ । ଫୁଲଟାକୁ ଶୁଙ୍ଘୁଥାଏ । କାନ୍ଦୁଥାଏ ଡେଉଁଥାଏ । ସଂପୂର୍ଣ୍ଣ ଉନ୍ମତ୍ତ ଭଳି ସେ ଖରାରେ ନାଚୁଥାଏ ।

ସ୍ନେହ ଛଳଛଳ ଆଖିରେ ଦୀକ୍ଷିତ ତାକୁ ଚାହିଁରହିଥାନ୍ତି । ତାଙ୍କ ପଛରେ ଠିଆ ରହି ସମସ୍ତେ ନୀରବରେ ସେ ଦୃଶ୍ୟ ଦେଖୁଥାନ୍ତି ।

‘‘ଆଖି ପାଇବାର ନୂତନ ଅନୁଭବ ସବୁବେଳେ ଏହିପରି ସୁବୋଧ !” ସୁନନ୍ଦ ଆସ୍ତେ ତା’ କାନ ପାଖରେ କହିଲେ, ‘‘ସାରା ଜଗତ୍ ତା’ପରେ ବଦଳଯାଏ । ବିଶ୍ୱାସ କର ହୁଏ ନାହିଁ ଯେ ଏଇ ପୁରୁଣା ପୃଥିବୀ !”—ଟିକଏ ରହି ପୁଣି କହିଲେ, ‘‘ତୁମର ଯେତେ ଯୋଡ଼ା ଆଖି ଫିଟୁଥିବ ସେତେ ପ୍ରସ୍ତ ଆବରଣ ଫିଟିଯାଉଥିବ ଏ ଜଗତରୁ । ନୂଆ ନୂଆ ରୂପରେ ଜଗତ୍ ପ୍ରତିଭାତ ହେଉଥିବ ।”

ଦୀକ୍ଷିତ ଅନୁମୋଦନ କଲାଭଳି ଉଭୟଙ୍କୁ ଚାହିଁଲେ ।

‘‘ଆସ ଅମିୟ, ସୁବୋଧ, ସୁନନ୍ଦ ! ତୁମେ ସମସ୍ତେ ତରୁଣ । ଦେହ ଏବଂ ଦେହର ସମ୍ଭୋଗକୁ ଅସ୍ୱୀକାର କରାଯାଏ ନାହିଁ; ତାକୁ ଅତିକ୍ରମ କରାଯାଏ । ବହୁବର୍ଷ ସେଥିରେ ପାରହେବା ପରେ ସ୍ୱତଃ ଜରା ଆସି ଅତିକ୍ରମ କରାଇ ନେଇଯାଏ । ସମ୍ଭୋଗ ସେତେବେଳେ ଜଣାଯାଏ ପିଲାଖେଳ ଭଳି । କିନ୍ତୁ ରୂପ ଏବଂ ପ୍ରତିରୂପର ଏ ଜଗତ୍‌କୁ ଏହିପରି ପ୍ରବାହିତ ହେବାକୁ ଦେଲେ ଦେହର କାମନା-ସମର୍ଥ ରୂପଟିକୁ ସ୍ୱୀକାର କରିବାକୁ ପଡ଼ିବ । ତୁମ ଭିତରୁ କେହି ପିଙ୍ଗଳାକୁ ସମ୍ପୂର୍ଣ୍ଣ ନିଃସଙ୍କୋଚ ନର୍ଭୀକ ଚାହିଁ ପାରୁନାହିଁ କାହିଁକି ? ବିଚଳିତ ବୋଧକରୁଛ ?”

Digitized by srujanika@gmail.com

ସେମାନେ ଭୂଇଁକୁ ଦୃଷ୍ଟି ଦେଇ ଅପେକ୍ଷା କଲେ ।

"ଯୌନ-ସମ୍ଭୋଗ ଯେତିକ ସ୍ୱାଭାବିକ, ତାକୁ ଅତିକ୍ରମ କରିବା ସେତିକି ଦୁଃସାଧ୍ୟ । ତା'ର ଚେର ଉଭୟ ମନ ଏବଂ ଶରୀରକୁ ଭେଦିରହିଛି । ଏହା ହିଁ ପ୍ରାଣୀମାନଙ୍କର ସବୁଠାରୁ ପୁରୁଣା ସଂସ୍କାର । ଏହାକୁ ଲଙ୍ଘିଯିବା ଏକ ସାଧନା । ··ଏବେ ଦେଖ !"

ସେମାନେ ଆଖି ଟେକ ଚାହିଁଲେ । ସେମାନଙ୍କ ଆଗରେ ପିଙ୍ଗଳା ଧ୍ୟାନମଗ୍ନା ।

"ମାଂସପିଣ୍ଡରୁ ନିବୃତ୍ତ ହୁଅ, ଅମିୟ ! ତା' ମୁହଁକୁ ଅନାଅ । ଭ୍ରୁ ମଝିରେ ସ୍ଥିର ହୁଅ । ବାଆସ୍ !···ସୁବୋଧ !···ବାଆସ୍, ସ୍ଥିର ହୁଅ !"

"ଦେଖ, ସୁନନ୍ଦ ! ଏଇ ହେଲା ପିଙ୍ଗଳାର ମନୋଃଭୂମି । ସେ ଅସ୍ଥିର ରୁଇଛି ତା'ର ସ୍ୱପ୍ନ-ଚେତନା । ସେ ସ୍ୱପ୍ନ ଦେଖେ; ନିଜେ ଜାଣେ ନାହିଁ । ପିଙ୍ଗଳା ନିଜେ ତାର ସ୍ୱପ୍ନର ବିଷୟ ନୁହେଁ, ଅଥଚ ସମସ୍ତ ବିଷୟ ତା' ସହିତ ଜଡ଼ିତ । ବର୍ତ୍ତମାନ ବିଚଳିତ ନ ହୋଇ ଦେଖ ।

ସୁନନ୍ଦ ସ୍ତବ୍ଧ ହୋଇ ସେ ବିଚିତ୍ର ସ୍ୱପ୍ନଭୂମିକୁ ଦେଖୁଥାନ୍ତି । ଅସ୍ଥିର ରୂପ । ଅସ୍ଥିର ରଙ୍ଗ । ହିନଗ୍ଧିତ ଏପାଲୋକରେ ଘନ ଘନ ଦୃଶ୍ୟ ବଦଳ । ଗୋଟାଏ ପ୍ରକୋଷ୍ଠ ବାରମ୍ବାର ଦିଶି ଲିଭିଯାଉଥାଏ । ସେଇଠି ଗୋଟିଏ ଶଯ୍ୟା ଦିଶି ଲିଭିଯାଉଥାଏ । ବୋଧ ହେଉଥାଏ ଯେ ପିଙ୍ଗଳା ନିଜେ ଅଜସ୍ର ଚେଷ୍ଟା କରୁଛି ତାକୁ ଲିଭେଇ ଦେବାକୁ; ନିଜେ ସେଇଠୁ ମୁକୁଳି ଆସିବାକୁ ।

ତା' ପରେ ସୁନନ୍ଦ ପ୍ରାୟ ଚମକି ପଡ଼ିଲେ । ସୁବୋଧ ଏବଂ ଅମିୟକୁ ହାତ ମାରି ଦୀକ୍ଷିତ ନିଜେ ସ୍ଥିର ରଖିଲେ; ନ ହେଲେ ସେମାନେ ବିଚ୍ୟୁତ ହୋଇଯାଇଥାନ୍ତେ ।

ସ୍ୱପ୍ନଭୂମିରେ ଦେଖାଗଲା ଏକ ଉଲଗ୍ନ ପୁରୁଷ, ଏବଂ ସେ ଝଲମଲ ଅସ୍ଥିର । କିନ୍ତୁ ସେ ଯେ ଦୀକ୍ଷିତ ଭିକ୍ଷୁଙ୍କର ଅନୁରୂପ, ଏଥିରେ କାହାରି ସନ୍ଦେହ ରହିଲା ନାହିଁ । ଦିଶିଲା ସେ ଶଯ୍ୟା···ଏବଂ ପିଙ୍ଗଳାର ଅଦ୍ଭୁତ ସ୍ୱପ୍ନ-ଚେତନା । ସେ ଥରଥର କମ୍ପୁଥାଏ । ଶେଷରେ ସେ ଦୀକ୍ଷିତଙ୍କ ରୂପକୁ ଆକର୍ଷଣ କଲା ।

Digitized by srujanika@gmail.com

କ୍ଷୁଧାର୍ତ୍ତ ଜନ୍ତୁ ପରି ସେ ପ୍ରସ୍ଥାପୁରୁଷ ଏବଂ ନାରୀ ସେହି ସ୍ତ୍ରସମାନ ଶଯ୍ୟା ଉପରେ ଉନ୍ମତ୍ତ ସମ୍ଭୋଗ କଲେ ।

"ବିଚଳିତ ହୁଅ ନାହିଁ ସୁନନ୍ଦ ! ଏଇଟା ପିଙ୍ଗଳାର ମନୋଃଭୂମି । ସେ ଧ୍ୟାନ କଲେ ଏହିପରି ବିଚ୍ୟୁତ ହୋଇଯାଏ । ତା'ର ସ୍ୱାଭାବିକ ସମ୍ଭୋଗର ଇଚ୍ଛା ତାକୁ ଏହିପରି ସ୍ୱପ୍ନଚିତ୍ର ସୃଷ୍ଟି କରିବାକୁ ବାଧ୍ୟ କରାଏ । ସେ ମୋତେ ସମ୍ଭୋଗ ପୁରୁଷ ରୂପେ ହିଁ ଦେଖେ । ତା'ର ସେଥିରେ ଆପତ୍ତି ନାହିଁ । ଦାୟିତ୍ୱ ମଧ୍ୟ ନାହିଁ । ···ଆସ, ସମସ୍ତେ ଚାଲିଆସ ।"

ଆଖି ଫିଟେଇ ଚାହିଁଲେ ସୁନନ୍ଦ । ପିଙ୍ଗଳା ପଣ୍ଡିତଙ୍କ ପାଦତଳେ ପଡ଼ି କାନ୍ଦୁଛି । ସେ ସତେ ବା କୌଣସି ଅପରାଧ କରିଛି, ଯାହାର କ୍ଷମା ନାହିଁ । ସେ ନିଜକୁ ଅନ୍ତତଃ କ୍ଷମା ଦେବାକୁ ଚାହେଁ ନାହିଁ ।

ପଣ୍ଡିତ ତା' ମୁଣ୍ଡରେ ହାତ ରଖି କହିଲେ, "ଉଠ, ପିଙ୍ଗଳା ! ସାହସ କରାଅ ନାହିଁ । ତୁମେ ହୁଏତ ତୁମ ବୃତ୍ତିକୁ ଘୃଣା କର, କିନ୍ତୁ ପ୍ରବୃତ୍ତିକୁ ନୁହେଁ । ଶରୀରକୁ ଭୋଗକରିବାର ପ୍ରବଳ ଇଚ୍ଛା ତୁମର ରହିଛି । ରହୁ । ସେଥିପାଇଁ ଲଜ୍ଜିତ ହୁଅ ନାହିଁ; କାରଣ ତାହା ସ୍ୱାଭାବିକ । ସେଇଟା ମଧ୍ୟ କୌଣସି ଅପରାଧ ନୁହେଁ ।"

"ନା, ନା, ନା—ମୋତେ ସେ ଗର୍ତ୍ତରୁ ମୁକ୍ତ କର । ମୁଁ ସେ ଅନ୍ଧାର ଭିତରେ, ସେ ଦୁର୍ଗନ୍ଧ ଭିତରେ ଆଉ ସଢ଼ିବାକୁ ଚାହେଁ ନା ।"

ପଣ୍ଡିତ ତାକୁ ଚାହିଁରହିଥାନ୍ତି କେବଳ । ପିଙ୍ଗଳା ଛେଚି କୋଡ଼ି ହେଉଥାଏ । —"ମୋତେ ରକ୍ଷାକର ପ୍ରଭୁ; ମୋତେ ବଞ୍ଚାଅ ! ମୁଁ ଫେରିଯିବାକୁ ଚାହେଁ ନାହିଁ ।"

"ପ୍ରଥମେ ଶାନ୍ତ ହୁଅ ପିଙ୍ଗଳା ! ସ୍ଥିର ହୁଅ । ତୁମର ଅଙ୍ଗପ୍ରତ୍ୟଙ୍ଗ, ଶିରପ୍ରଶିରା, ଇନ୍ଦ୍ରିୟସକଳ ଏବଂ ସେ ସମସ୍ତଙ୍କର ସକଳ ପ୍ରକାର କ୍ଷୁଧା ଶାନ୍ତ ହୁଅନ୍ତୁ । —ତୁମ ଭିତରେ ଅନେକ କୋହାହଳ । ସେ ସମସ୍ତ ଉପଶମିତ ହୁଅନ୍ତୁ । ତୁମେ ଚାହିଁଲେ ଏ ସବୁ ଅତିକ୍ରମ କରି ଯାଇ ପାରିବ । ତୁମେ ଶରୀର-ମାତ୍ର ନୁହଁ, ପିଙ୍ଗଳା ! ମନ, ବୁଦ୍ଧି କେବଳ ନୁହେଁ । ଏ ସବୁ ତୁମର ଖୋଳ । ଚାହିଁଲେ ଖସିଯିବ । ଚାହିଁଲେ ଦୋଷଶୂନ୍ୟ ହୋଇଯିବ ।"

Digitized by srujanika@gmail.com

"ତୁମେ ସାଧନା ପାଇଁ ପ୍ରସ୍ତୁତ ହୋଇଯାଅ । କେବଳ ଜଳାହାର କଲେ ଦେହ ମନ ନିର୍ମଳ ହୁଏ । କେବଳ ପବନ ଆହାର କଲେ ନିଷ୍କାମ ହୁଏ,ସ୍ୱଚ୍ଛହୁଏ; ଶରୀର ଇଚ୍ଛାଧୀନ ହୁଏ । ··କେବଳ ତେଜ ପାନକଲେ ଜ୍ୟୋତିର୍ମୟ ହୁଏ । ···ମଣିଷର ଶରୀର ଅନୁପମ, ପିଙ୍ଗଳା ! ତା'ର ଆଖି ପରି ଆଖି ନାହିଁ । ତା'ର ସ୍ୱର ପରି ସ୍ୱର ନାହିଁ । ତା'ର ବୁଦ୍ଧି ପରି ବୁଦ୍ଧି ନାହିଁ । ତାକୁ ମାଧ୍ୟମ କରି ଉତ୍ତୀର୍ଣ୍ଣ ହୋଇଯାଅ । ତାକୁ ଘୃଣା କର ନାହିଁ, ପରିହାର କର ନାହିଁ । ତାକୁ ସର୍ବତୋଭାବେ ସ୍ୱୀକାର କରି, ତାକୁ ଅତିକ୍ରମ କରିଯାଅ । ତା'ର ପୋଷଣ କର; ତା'ର ସେବା କର ନାହିଁ । ଲଜ୍ଜା, ସଂକୋଚ, ଭୟ, ଉଦ୍‌ବେଗ ସବୁ ଦେହାଶ୍ରିତ – ତାକୁ ଶୋଧନ କର !"

"···ସୁଭଦ୍ର ! ପିଙ୍ଗଳାକୁ ସାଧନାରେ ଦୀକ୍ଷିତ କର । ସେ ବର୍ତ୍ତମାନ ପ୍ରସ୍ତୁତ ଅଛି ।"

Digitized by srujanika@gmail.com

ସେଦିନ ସକାଳୁ ବର୍ଷାଟାଏ ହୋଇ ଗୁଡ଼ଯାଇଥାଏ । ଗଛରେ ପାଣି ଢଳା ଚାଲିଥାଏ । ସୁନନ୍ଦ ଟିକଏ ଥମିଗଲେ । ଦେଖିଲେ ସୁବୋଧ ମଧ୍ୟ ସେଇଭଳି ଅଟକିଯାଇଛି ବାଟରେ । ଅଳ୍ପ ହସି ପଚାରିଲେ—"କ'ଣ ହେଲା ସୁବୋଧ ?"

"ମୁଁ ଠିକ୍ ବୁଝିପାରୁନାହିଁ, କିନ୍ତୁ ଆପଣ କ'ଣ କିଛି ଅନୁଭବ କରୁନାହାନ୍ତି ?"

"କରୁଛି । ଏ ତୀବ୍ର ତରଙ୍ଗରୁ ସୂଚନା ମିଳୁଛି ଯେ ବୃହଦ୍ଭ ଆସୁଛନ୍ତି । ଆମର ପରମ ସୌଭାଗ୍ୟ !"

ବୃହଦ୍‌ଙ୍କ ସହିତ ସାଧନାର ଗୋଟିଏ ସ୍ତରରେ ଚେତନା ଭୂମିରେ ଏମାନଙ୍କର ପରିଚୟ ରହିଛି । କିନ୍ତୁ ତାଙ୍କ ଶରୀରର ଏମାନେ କେହି ଦେଖି ନାହାନ୍ତି, ଶୁଣିଛନ୍ତି କେବଳ । ଜାଣିଛନ୍ତି ଯେ ନକ୍ଷତ୍ରପୁଞ୍ଜର ବାଲିବନ୍ତ ଉପରେ ସେ ଅଦୃଶ୍ୟ ହୋଇ ଥାଆନ୍ତି; କେଉଁ କାଳରୁ କେଉଁ କାଳ ପର୍ଯ୍ୟନ୍ତ କେହି କହି-ପାରିବେ ନାହିଁ । ଦୀକ୍ଷିତ ଭିକ୍ଷୁଙ୍କ ସହିତ ତାଙ୍କର ଗଭୀର ଆଳାପ ହୁଏ । ତାଙ୍କ ଦୁହିଁଙ୍କର ସଂପର୍କ ବିଷୟରେ କେହି କିଛି ଜାଣନ୍ତି ନାହିଁ । ଏତିକି କେବଳ ସହରରୁ ଶୁଣିବାକୁ ମିଳେ ଯେ ଦୀକ୍ଷିତ ଭିକ୍ଷୁ ମୃତ୍ୟୁ ପରେ ପୁଣି ଶରୀରକୁ ପ୍ରବେଶ କରିଛନ୍ତି । ଆହୁରି ଶୁଣିବାକୁ ମିଳେ ଯେ ଏକ ଅଦ୍ଭୁତ ରୂପ ସେ ସହର ଉପାନ୍ତରେ ଦେଖାଦେଇଥିଲା । ତାଙ୍କୁ ବୃହଦ୍ ଆସି ନେଇ ଯାଇଥିଲେ । ତା'ପରେ ତା'ଙ୍କୁ କିମ୍ବା ବୃହଦ୍‌ଙ୍କୁ କେହି ଦେଖି ନାହାନ୍ତି । ସେଇ ଘଟଣା ପରେ କିନ୍ତୁ ଦୀକ୍ଷିତ ଭିକ୍ଷୁ ପୁଣି ଆବିର୍ଭୂତ ହୋଇଛନ୍ତି । କିପରି କ'ଣ ହେଲା କେହି କହି ପାରିବେ ନାହିଁ ।

ବୃହଦ୍ ବାଲିବନ୍ତ ଉପରେ ଅଦୃଶ୍ୟ ରହି ଏଠାକାର ସମସ୍ତ ସାଧନା ଲକ୍ଷ୍ୟ କରୁଥିବା କଥା ଏମାନେ ଅନୁଭବ କରିଛନ୍ତି । ସେ ଆଜି ସଂସାରରେ ଆସୁଛନ୍ତି ! ଅହୋ ଭାଗ୍ୟ ! ତରତର ହୋଇ ସୁନନ୍ଦ ଏବଂ ସୁବୋଧ ଦୀକ୍ଷିତଙ୍କ ପାଖକୁ ଚାଲିଆସିଲେ । ସେତେବେଳକୁ ବୃହଦ୍ ପାଖେଇ ଆସୁଥାନ୍ତି । ତାଙ୍କ ସୁଦୀର୍ଘ

Digitized by srujanika@gmail.com

ଚମ୍ପାବର୍ଣ୍ଣର ଶରୀର । ସେ ଘନଗ୍ଦର ଜଟା, ପ୍ରଶସ୍ତ ବୁକୁ ଉପରେ ସେ ଶୁଭ୍ରଜାଳ ସକାଳ ଖରାରେ ଉଦ୍ଭାସିତ ଏକ ଅଦ୍ଭୁତ ଦୃଶ୍ୟ ।

ଉଭୟେ ତାଙ୍କ ଚରଣ ସ୍ପର୍ଶ କରି ଅଭିବାଦନ ଜଣାଇଲେ । ବୃହତ୍ ଏ ପ୍ରକାର ବାଧିରକ୍ଷାରେ ଆଗ୍ରହ ପ୍ରକାଶ କଲେ ନାହିଁ । ସୁନନ୍ଦ ତତ୍କ୍ଷଣାତ୍ ଅନୁଭବ କଲେ ଏକ ମୃଦୁ ଭର୍ତ୍ସନା—ଶରୀରର କୌଣସି ଅଙ୍ଗ ସ୍ପର୍ଶ କରି ସମ୍ମାନ ଜଣାଇବା କ'ଣ ପ୍ରୟୋଜନ ? ସେ ଭର୍ତ୍ସନା ସ୍ୱୀକାର କରି ପୁଲକିତ ହେଲେ; ଆଉ ହୋଇ ଠିଆହେଲେ ।

ଦୃଷ୍ଟି ପାକ୍ଷିତଙ୍କ ଉପରେ ପଡ଼ିବାମାତ୍ରେ ସୁନନ୍ଦଙ୍କ ଆଖିରେ ବିସ୍ମୟ । ପାକ୍ଷିତ ତାଙ୍କୁ ଏଭଳି ଅସ୍ପଷ୍ଟ ଦେଖାଯାଉଛନ୍ତି କାହିଁକି ? ତାଙ୍କ ଶରୀରପଟେ ଗୋଟାଏ ମୃଦୁ ଆଲୋକର ବଳୟ ଏମିତି ଘୋଡ଼େଇ ହୋଇ ରହିଛି କାହିଁକି ? ଏଭଳି ତ ସେ କେବେ ଦେଖନ୍ତି ନାହିଁ !

ପାକ୍ଷିତଙ୍କୁ ବୃହତ୍ ଚାହିଁ ରହିଲେ । ଉଭୟଙ୍କ ଭିତରେ ସାମାନ୍ୟ ଆଳାପ ବୋଧହୁଏ ହୋଇଗଲା । ଉଭୟେ କିନ୍ତୁ ଖୁବ୍ ଶାନ୍ତ ଏବଂ ଗମ୍ଭୀର ।

"ମୁଁ ମଧ୍ୟ ତାହା ଅନୁଭବ କରୁଥିଲି ।"—କହିଲେ ବୃହତ୍ ।

"ତା'ହେଲେ ଆପଣ ଦୟାକରି ବସନ୍ତୁ । ମୁଁ ସୁନନ୍ଦକୁ କହିଦିଏ । ...ତୁମେ ସାମାନ୍ୟ ଉଦ୍‌ବିଗ୍ନ ଜଣାଯାଉଛ, ସୁନନ୍ଦ ! ତୁମର ସ୍ନାୟୁ-କମ୍ପନ ଅନୁଭବ କରି ହେଉଛି । ସ୍ଥିର ହୁଅ । ବାଆସ୍ ! ଆସ, ଏଇଠି ବସ ! ଆସ, ସୁବୋଧ, ବସ । ମୋ ପାଇଁ ଏ ଶରୀରର ଆଉ ପ୍ରୟୋଜନ ନାହିଁ । କିନ୍ତୁ ଏହାର ଆଶ୍ରୟ ନେଇ ନ ଥିଲେ ଏ ଭୂମିର ଅନେକ କଥା ଅନୁଭବକୁ ଆସି ନ ଥାନ୍ତା ।"

ସୁନନ୍ଦ ବୁଝିପାରୁ ନ ଥାନ୍ତି ପାକ୍ଷିତ କ'ଣ କହିବାକୁ ଚାହୁଁଛନ୍ତି । ସୁବୋଧ ମଧ୍ୟ ସେଇପରି ବସିରହିଥାନ୍ତି । କିଛି ସମୟ ରହି ପାକ୍ଷିତ କହିଲେ—

"ଶରୀର ଅକଳମାୟ । ସାଧାରଣ ଦୃଷ୍ଟିରେ ତା'ର ଯୋଡ଼ିଏ ପ୍ରାନ୍ତବିନ୍ଦୁ —ଗୋଟିଏ ଜନ୍ମ, ଅନ୍ୟଟି ମୃତ୍ୟୁ; ଗୋଟିଏ ସୃଷ୍ଟି, ଅନ୍ୟଟି ବିଲୟ । ଏଥିରୁ ଦୁଇ ପ୍ରକାର ସ୍ପନ୍ଦନ ସବୁବେଳେ ବିପରୀତ ଦିଗରୁ ଆସି ଅହରହ ସମାହିତ ହେଉଥାନ୍ତି । କିଛିକାଳ ଜୀବନ ମୃତ୍ୟୁକୁ ଧାରଣ କରେ; ଆଉ କିଛିକାଳ ମୃତ୍ୟୁ

Digitized by srujanika@gmail.com

ଜୀବନକୁ । ଏଥିରେ ଗୋଟିଏ ଶରୀରର ଇତିହାସ ସରିଯାଏ । ଅସଂଖ୍ୟ ପ୍ରକାର ଭେଦରେ ତତ୍ତ୍ୱତଃ କୌଣସି ପ୍ରଭେଦ ନାହିଁ । ବାଳକଣାର ଅନୁଭବ ପାଇଁ ସୃଷ୍ଟିର ପ୍ରତ୍ୟେକ ବାଳିକଣାରେ ପ୍ରବେଶ କରିବାର ପ୍ରୟୋଜନ ନାହିଁ । ·· ଏ ଶରୀରରୁ ସମ୍ପୂର୍ଣ୍ଣ ମୁକ୍ତ ହେବା ଯାହା, ଦେଶକାଳରୁ ମୁକ୍ତ ହେବା ତାହା । ନାନାତ୍ୱରୁ ମୁକ୍ତ ହେବା ମଧ୍ୟ ତାହା । ଅଖଣ୍ଡ ବ୍ୟାପ୍ତି ହିଁ ମୁକ୍ତ ।"

ନିସ୍ତବ୍ଧତା ଭିତରେ ସେ ପୁଣି କହିଲେ, "ପାଣିରୁ ଫୋଟକା ଉଠିବ ଏବଂ ପାଣିରେ ବିଲୀନ ହୋଇଯିବା ଭଳି ଏ ଜଡ଼ଯାହା । ପାଣି ସ୍ୱୟଂ ଆନ୍ଦୋଳିତ ହୋଇ ଫୋଟକା ସୃଷ୍ଟି କରିଥାଏ । ସେହିପରି ଏ ସାରା ଜଡ଼ ଜଗତ୍ ଚେତନା ସମୁଦ୍ରର ବୁଦ୍‌ବୁଦ । କିନ୍ତୁ ଜଡ଼ରୁ ଚେତନାକୁ ଫେରିଯିବା ସହଜସାଧ୍ୟ ନୁହେଁ । ···ତା'ହେଲେ ସୁନନ୍ଦ, ତୁମେ ଏମାନଙ୍କୁ ସ୍ୱରୂପ ଅନୁଭବ କରିବାରେ ସାହାଯ୍ୟ କରିବ । ମନସ୍କ ପ୍ରାଣୀ ହୋଇଥିବାରୁ ଏମାନେ ସହଜରେ ଜଡ଼-ପ୍ରତ୍ୟୟକୁ ଅତିକ୍ରମ କରି ଯାଇପାରିବେ ।"

ସୁନନ୍ଦ ଚମକି ପଡ଼ିଲେ । ତାଙ୍କର ସ୍ନାୟୁକେନ୍ଦ୍ର ବିଚଳିତ ହେଲା । ଏ କ'ଣ କହୁଛନ୍ତି ଋଷି ତ୍ରିଷ୍ଟୁ ?—ଋଷିଙ୍କ ଶରୀର ଆହୁରି ଅସ୍ପଷ୍ଟ ଦିଶି-ଆସୁଥାଏ । ଉଜ୍ଜ୍ୱଳ ଧୂଆଁ ରେଖାଏ ପରି ସେ ନିର୍ଦ୍ଦିଷ୍ଟ ଆୟତନରୁ ଲିଭିଯାଉଥାନ୍ତି ।"

ବ୍ୟସ୍ତ ବିକଳ ହୋଇ ସୁନନ୍ଦ କହିଲେ, "ଏଭଳି କ'ଣ ଆଦେଶ କରୁଛନ୍ତି ଆପଣ ? ମୁଁ କି ସକ୍ଷମ ସେ ଗୁରୁ ଦାୟିତ୍ୱ ବହନ କରିବାକୁ ? ଏବେ ମଧ୍ୟ ଆମେ ସମସ୍ତେ ଦିଗ୍‌ଭ୍ରାନ୍ତ । ଏବେ ମଧ୍ୟ ସାଧନାରେ ଅନଭିଜ୍ଞ । ଜୀବନ ଏବେ ମଧ୍ୟ ଅସଂଖ୍ୟ ଯାତନାରେ ଭାରାକ୍ରାନ୍ତ । ଆପଣ ଇଚ୍ଛା କଲେ ରହିପାରନ୍ତେ । ଆପଣ କ'ଣ ଆମକୁ ଦୟା କରିବାକୁ ଚାହୁଁନାହାନ୍ତି ?"

"ଦୟା ମାଗିବା ଏବଂ ଦୟା କରିବା ଉଭୟ ଗୌଣ-ଆଚରଣ, ସୁନନ୍ଦ ! ଅନ୍ୟାନ୍ୟଙ୍କୁ ଗ୍ରହଣ କରିପାରିଲେ ହିଁ ଛନ୍ଦ ସୃଷ୍ଟି ହେବ । ଯାବତୀୟ ଦୁଃଖ ଏଇ ଛନ୍ଦଭଙ୍ଗର ଫଳ । ତୁମେ ଯେତେ ପାରିବ ଅନ୍ୟକୁ ଭଲପାଅ; ତାକୁ ଗ୍ରହଣ କର । ସେଥିରେ ତୁମର ବିସ୍ତାର ଘଟିବ । ଜଡ଼ମୟତାରୁ ବିମୋଚନ ଘଟିବ ।"

Digitized by srujanika@gmail.com

ପଣ୍ଡିତଙ୍କ ଗୃହଆଡେ ଜ୍ୟୋତିବଳୟ ସ୍ତମ୍ଭିତ ହେବାକୁ ଲାଗିଲା । ବୁଦ୍ଧଭଦ୍ର ସ୍ତବ୍ଧ ବୃକ୍ଷଟିଏ ପରି ବସିଥାନ୍ତି । ବଟବୃକ୍ଷଟି ସ୍ତବ୍ଧ ସନ୍ନ୍ୟାସୀ ପରି ଗମ୍ଭୀର । ସତେ ବା ସେଇ ମୁହୂର୍ତ୍ତରେ ସମସ୍ତଙ୍କର ଶରୀର-ଧର୍ମ ସରିଯିବାକୁ ବସିଛି । ସବୁ ଶ୍ୱାସ-କମ୍ପନ ଏଇଠି ସତେ ବା ଶାନ୍ତ ହୋଇଯିବ ।

ସୁନନ୍ଦଙ୍କ ମାନସ ପ୍ରଶ୍ନ ଆଉ ପଣ୍ଡିତଙ୍କ ସୂକ୍ଷ୍ମଭୂମିକୁ ପହଞ୍ଚି ପାରୁ ନାହିଁ । ଗୋଟିଏ ମୁହୂର୍ତ୍ତ ପାଇଁ ସେ ଆଖି ଫିଟାଇ ଚାହିଁଲେ । ବହୁଦିନ ତଳେ ସହର ଉପାନ୍ତରେ ଦେଖିଥିବା ସେଇ ବିମଳ ଚେତନାର ଘନକୃଷ୍ଣ ସୁକୁମାର ଆଖି-ଯୋଡ଼ିକୁ ବୁଦ୍ଧଭଦ୍ର ନିଷ୍ପଲକ ଚାହିଁରହିଲେ ।

ଗୋଟାଏ ଆଲୋକର ବିସ୍ଫୋରଣରେ ମୁହୂର୍ତ୍ତେ ସମସ୍ତଙ୍କ ଆଖି ବୁଜି-ହୋଇଗଲା । ଆଉ ଥରେ ଚାହିଁଲାବେଳକୁ ପଣ୍ଡିତ ନାହାନ୍ତି ।

ସୁନନ୍ଦ ବିହ୍ୱଳ ହୋଇ ଆଖି ବୁଜିନେଲେ । ଆଶା କରୁଥିଲେ ହୁଏତ ପୁଣି ସେଇ ଅଭୟ ସ୍ୱର ସେ ତାଙ୍କ ଭିତରେ ଶୁଣିପାରିବେ । କିନ୍ତୁ ଭିତରେ କେବଳ ଗଭୀର ଗହ୍ୱରର ନିସ୍ପନ୍ଦ ନୀରବତା ।

ସେ ବୁଡ଼ିରହିଗଲେ ସେଇ ଅନ୍ଧାରରେ କିଛି କାଳ । ପୁରୁଣା ପଥର ଗୁମ୍ଫା ଭିତରେ ଅଦୃଶ୍ୟ ଫାଟମାନଙ୍କରୁ ଟୋପା ଟୋପା ପାଣି ଝରୁଥାଏ ସେ ଅନ୍ଧାରରେ । ସୁନନ୍ଦଙ୍କ ଆଖିରେ ଲୁହ । ଗୋଟିଏ ଅପରିଚିତ ଗମ୍ଭୀର ସ୍ୱର ସେ ଶୁଣିବାକୁ ପାଇଲେ । ତାଙ୍କର କେନ୍ଦ୍ର କଂପିତ ହେଲା । ସେ ସ୍ୱତଃ ଅନୁଭବ କଲେ ଯେ ବୋଧହୁଏ ବୁଦ୍ଧଭଦ୍ର ପ୍ରବେଶ କରି କହୁଛନ୍ତି :

"ଏଭଳି ବିଚଳିତ ହେଲେ ସାଧନା ବ୍ୟାହତ ହେବ । ଅଧିକୃତ ଭୂମି ପୁଣି ହରେଇ ଦେବାର ଆଶଙ୍କା ଅଛି । ସତର୍କ ହୁଅ । ସ୍ଥିର ହୁଅ ।"

ସେଇ ଅନ୍ଧାର ଭିତରେ ହିଁ ସୁନନ୍ଦ ତାଙ୍କୁ ପ୍ରଣାମ ଜଣାଇଲେ ।

"ମୁଁ ଜାଣିପାରୁଛି, ଆପଣ ବୁଦ୍ଧଭଦ୍ର । ପଣ୍ଡିତ ଭିକ୍ଷୁ କ'ଣ ସତେ ଅପସରି-ଗଲେ ? ସେ କ'ଣ ଆଉ ଏଠାକୁ ଫେରିବେ ନାହିଁ ?"

"ସେ କ'ଣ ପଣ୍ଡିତ ଭିକ୍ଷୁ ? ଏ ଶରୀରରେ ସେଦିନ ସେ କାୟା ପ୍ରବେଶ କରିଥିଲେ । କିନ୍ତୁ ଏ କ'ଣ ସେଇ ନଗର ଉପାନ୍ତରେ ଆକସ୍ମାତ୍ ଆବିର୍ଭୂତ ହୋଇଥିବା ଉଜ୍ଜ୍ୱଳ ପୁରୁଷ ?"

Digitized by srujanika@gmail.com

ସୁନନ୍ଦ ବୁଝିଲେ ଯେ ନାମରୂପର ଆବରଣକୁ ଅତିକ୍ରମ କରିବାକୁ ବୃହତ୍ ଇଙ୍ଗିତ କରୁଛନ୍ତି । କିନ୍ତୁ ସେ ସ୍ଥିର ରହିପାରୁ ନ ଥାନ୍ତି । ଆଉଜ ରହିଥିବା ଗୋଟାଏ ଅଭିପ୍ସ ପାଚେରି ଧସିଯିବାର ଅସହାୟତା ତାଙ୍କୁ ଗ୍ରାସିଯାଉଥାଏ । ବାରମ୍ବାର ।

ସୁବୋଧ ସମ୍ଭାଳି ନ ପାରି କାନ୍ଦପକାଇଲା । କିନ୍ତୁ ବୃହତ୍‌ଙ୍କୁ ଦେଖି ଶଙ୍କିଗଲା ।

ବୃହତ୍ ଇଚ୍ଛା କଲା ମାତ୍ରେ ସେଇଠୁ ଅନ୍ତର୍ହିତ ହୋଇଗଲେ । ଉଭୟେ ସୁନନ୍ଦ ଏବଂ ସୁବୋଧ ଅନୁଭବ କରୁଥାନ୍ତି ସେ ବାଲିବନ୍ତ ସେପାରିରୁ ବୃହତ୍ ତାଙ୍କୁ ଆଶ୍ୱାସନା ଦେଉଛନ୍ତି । ମନେ ହେଉଛି ସତେ ବା ତାଙ୍କ ଆଗରେ ସେ ଅଦୃଶ୍ୟ ଠିଆହୋଇଛନ୍ତି ।

ସୁବୋଧ ଭିତରେ ଗୋଟାଏ ପ୍ରକାର କ୍ରୋଧ ଏବଂ ହତାଶା ଦେଖାଦେଲା । ସେ କହିଲା—"ଏଠି ମୃତ୍ୟୁ ହିଁ ଏକମାତ୍ର ସତ୍ୟ । ବାକିସବୁ ନିରର୍ଥକ ମିଥ୍ୟା । ପଣ୍ଡିତ ଭିକ୍ଷୁ ବୁଦ୍ଧ ମୃତ୍ୟୁ ପାଖରେ ହାରି ଗଲେ ।"

"ଭୁଲ କଥା ସୁବୋଧ ! ତୁମକୁ ଏତେ ଅନୁଭବ ମିଳିବା ପରେ ଏପରି ବିଭ୍ରାନ୍ତ ହେବା ଠିକ୍ ହେଉନାହିଁ । ଦେଖି ଶିଖ । ବୁଝି ଶିଖ । ସମୟରେ ରହି ଦେଖିଲେ ପ୍ରବାହ ଦିଶିବ, ମୃତ୍ୟୁ ଦିଶିବ । ମନେପକାଅ, ସେ ତୁମକୁ ଯାହା ଅନୁଭବ ଦେଇଥିଲେ । ପ୍ରତ୍ୟେକ ବସ୍ତୁ ଅଥବା ବ୍ୟକ୍ତି ଅଛି ଏବଂ ନାହିଁ । ଅଛି ଏବଂ ନାହିଁର ସହାବସ୍ଥାନ ହେତୁ ଗତି ଏବଂ ଛନ୍ଦ ସୃଷ୍ଟି ହୁଏ । ଏହି ନାହିଁ ତତ୍ତ୍ୱଟି ମୃତ୍ୟୁତତ୍ତ୍ୱ । କୌଣସି ଏକ ପ୍ରଶ୍ୱାସରେ ଜୀବନ ଏବଂ ସେହିପରି ଏକ ନିଶ୍ୱାସରେ ମୃତ୍ୟୁ । କିନ୍ତୁ ମଝିରେ ସମଗ୍ର ଛନ୍ଦଟି ନିଶ୍ୱାସ ଏବଂ ପ୍ରଶ୍ୱାସର ମିଳିତ ଛନ୍ଦ । ଯେଉଁ ନିଶ୍ୱାସ ଦିନେ ବିଳୟ ରୂପେ ଆବର୍ତ୍ତିତ ହେବ, ସେ ସବୁବେଳେ ପ୍ରତ୍ୟେକ ପ୍ରଶ୍ୱାସରେ ଛନ୍ଦ ହୋଇ ରହିଛି । ସମ୍ପୂର୍ଣ୍ଣ ପରିଚିତ । ତାକୁ ଚିହ୍ନି ରଖ । ରୂପର ଉପସ୍ଥିତି କିମ୍ବା ଅନୁପସ୍ଥିତି ଉପରେ ଏତେ ଗୁରୁତ୍ୱ ଦେବାର ପ୍ରୟୋଜନ ନାହିଁ ।"

ସବୁ ଶୁଣି ମଧ୍ୟ ସୁବୋଧ ଅବୁଝା ପରି ପ୍ରଶ୍ନ କଲା, "ପଣ୍ଡିତ କ'ଣ ପୁଣି ସେଇ ରୂପରେ ଏ ଜଗତ୍‌କୁ ଆସିବେ ନାହିଁ ?"

Digitized by srujanika@gmail.com

"ନା, ସୁବୋଧ ! ସେ ଶରୀରକୁ ଲୀନ କରନେଲେ । ସେ ଯେଉଁ ଭୂମିକୁ ଗଲେ ସେଇଠୁ ଆଉ ଥରେ ଦେଶକାଳର ଏ ସୂଚ୍ୟଗ୍ର ପରିସରକୁ ଫେରିବା ପାଇଁ କେତେ ଯୁଗ ଲଗିଯିବ କହିବା କଠିନ । ହୁଏତ ଏ ପୃଥିବୀର ସ୍ଥୂଳରୂପ କିମ୍ବା ଏ ସୂର୍ଯ୍ୟ ଓ ଗ୍ରହନକ୍ଷତ୍ରର ବସ୍ତୁରୂପ ସେତେବେଳେ ନ ଥାଇ ପାରେ ।"

ସୁନନ୍ଦ ନୀରବ ରହି ଶୁଣୁଥାନ୍ତି । ମନୋଃଭୂମିରେ ସେ ସୁବୋଧର ପାଖେ ପାଖେ ଉପସ୍ଥିତ ଥାଆନ୍ତି । ସୁବୋଧ ପ୍ରବଳ ଆବେଗରେ କହିଚାଲିଥାଏ— "ଆପଣମାନେ କାହିଁକି ଏପରି ମଝିରେ ମଝିରେ ଆସି ଆମର ସାଧାରଣ ଜଡ଼ଧର୍ମକୁ ବିଚଳିତ କରିଦିଅନ୍ତି ? କ'ଣ ପ୍ରୟୋଜନ ଅଛି ତା'ର ? କ'ଣ ଲାଭ ହୁଏ ଆପଣଙ୍କର ? ଆମେ ଏଇ ମାଟି ଗୋଡ଼ି ପରି କିମ୍ବା ଏ ଗଛଲତା ପରି ଥିଲେ କ'ଣ କ୍ଷତି ହୋଇଯାଉଛି କାହାର ? ଯଦି ଆମକୁ ନିଦରୁ ଉଠାଇ ନାନା ରଙ୍ଗ ଦେଖାଉଛନ୍ତି, ଆମକୁ ଯାତ୍ରାର ଶେଷ ପର୍ଯ୍ୟନ୍ତ ନ ନେଇ ଏମିତି ଅଧାରାସ୍ତାରେ ଉତ୍ତେଜିତ, ଉତ୍କଣ୍ଠିତ କରିଦେଇ ଚାଲିଯିବାର ଅଭିପ୍ରାୟ କ'ଣ ? କାହିଁକି ଆମକୁ ନେଇ ଏମିତି ଖେଳ ଲଗିଛି ?"

ସୁବୋଧର ସ୍ୱରରେ ଅଭିଯୋଗ ଖୁବ୍ ସ୍ପଷ୍ଟ ଏବଂ ତୀବ୍ର ।

ବୃହଭିଙ୍କ ବ୍ୟକ୍ତିତ୍ୱରେ କେବେହେଲେ ଇତସ୍ତତଃ ନାହିଁ । ସେ ସବୁବେଳେ ପ୍ରାୟ ନୀରବ ଏବଂ ଗମ୍ଭୀର । ସୁବୋଧକୁ ଅତି ପ୍ରାଞ୍ଜଳ ଭାବରେ ସେ ଉତ୍ତର ଦେଲେ—

"ତୁମ ଆବାହନରେ ହିଁ ସେମାନେ ଆସିଥାନ୍ତି, ଭୂଇଁକୁ ବର୍ଷା ଆସିଲା ପରି । ତୁମେ ମନର ଯୁକ୍ତିରେ ହୁଏତ କହୁଥାଅ ଯେ ତୁମେ ଏଇଭଳି ସନ୍ତୁଷ୍ଟ ଅଛ । କିନ୍ତୁ ତୁମ ଅଜ୍ଞାତରେ ଅସଂଖ୍ୟ ସ୍ୱର ତୁମ ଭିତରୁ ଶୁଭୁଥାଏ । ତୁମର ପ୍ରତିଟି ରକ୍ତ କଣିକା, ତୁମର ଅଙ୍ଗ-ପ୍ରତ୍ୟଙ୍ଗ, ତୁମର ସ୍ତର ସ୍ତର ଚେତନା ସମସ୍ତେ ସ୍ୱତନ୍ତ୍ର । ବେଳେବେଳେ ତୁମେ କୁହ ଯେ, କୋଳାହଳ ଭିତରେ ଚିହ୍ନିବା କଠିନ । ସେହିପରି କୋଳାହଳ ପ୍ରାୟ ସବୁବେଳେ ଏଠୁ ଶୁଭୁଥାଏ । କିନ୍ତୁ ଆଉ ବେଳେବେଳେ ଗୋଟାଏ ନିର୍ଦ୍ଦିଷ୍ଟ ଯାତନା ଏବଂ ନିର୍ଦ୍ଦିଷ୍ଟ ଅନୁନୟର ସ୍ୱର ଉଚ୍ଚାରିତ ହୁଏ । ସେଥିପାଇଁ ସେମାନେ ଆସନ୍ତି; ଭୁଲି ଯାଇଥିବା ବାଟ ଦେଖାଇ ଅପସରି ଯାଆନ୍ତି । ଯାତ୍ରା ତୁମର । ତୁମେ ଯାତ୍ରୀ । ତୁମେ ଯେବେ ଚାହିଁବ, ସେ ଯାତ୍ରା ସରିଯିବ ।"

Digitized by srujanika@gmail.com

"ଆମେ ତ ଦୀକ୍ଷିତ ଭିକ୍ଷୁଙ୍କୁ ଆବାହନ କରିନାହୁଁ । ସେ ସ୍ୱୟଂ ଏଠିକି ତାଙ୍କ ନିଜ ଉଦ୍ଦେଶ୍ୟରେ ଆସିଥିଲେ । ଏ ଭୂମିର ସବୁ ରହସ୍ୟ ତନ୍ନ ଫିଟାଇ ସାରିଲା ପରେ ଏଠି ରହିବା ନିଷ୍ପ୍ରୟୋଜନ ମନେକରି ଚାଲିଗଲେ । ଆମ ନିୟମ ଅନୁସାରେ ତାଙ୍କୁ ଆମେ ସ୍ୱାର୍ଥପର କହିବା କଥା; କହୁନାହୁଁ କେବଳ ତାଙ୍କ ପ୍ରତି ସମ୍ଭ୍ରମ ଦୃଷ୍ଟିରୁ । ସେ ମୋତେ ବ୍ୟକ୍ତିଗତ ଭାବରେ ଯାହା ବ୍ୟବହାର କରିଛନ୍ତି ତା' ମୁଁ ଜାଣେ । କହିଥିଲେ—"ତୁମେ ଏ ସମୁଦ୍ରରେ ପଶ, ସୁବୋଧ, ମୁଁ ତୁମ ପାଖେ ପାଖେ ଅଛି ।'—ମୁଁ ପଶିଲି ପାଣିରେ, ନିଆଁରେ ଜୀବଯନ୍ତ୍ରଣାରେ । ସେ ନିର୍ଲିପ୍ତ ରହି ସବୁ ଅନୁଭବିଗଲେ । ତା' ପରେ ହଠାତ୍ ଗୋଟିଏ ବାଲିକଣାର ରହସ୍ୟ ଜାଣିଗଲା ପରେ ଅନ୍ୟ ବାଲିକଣା ପରି ତାଙ୍କୁ ମଧ୍ୟ ଗୁଡ଼ି ଉଡ଼ିଗଲେ କେଉଁ ମହାଶୂନ୍ୟକୁ । ଏହା କେଉଁ ପର୍ଯ୍ୟାୟର ନ୍ୟାୟ ? କିଭଳି ଆଚରଣ ?

' ସୁନନ୍ଦ ଅନୁଭବ କଲେ ଗୋଟାଏ ତୀବ୍ର ଆବେଗର ଆଲୋଡ଼ନ । ସୁବୋଧକୁ ଆୟତ୍ତ କରିବା ପାଇଁ ତାଙ୍କୁ ପ୍ରାୟ ଓଟାରି ଆଣିଲେ । ବୃହତ୍‌ଙ୍କୁ ଅନୁନୟ ହୋଇ କହିଲେ—"ଆମେ ଅସହାୟ ! ଆପଣ କଷ୍ଟ ସ୍ୱୀକାର କରି ଆମ ପାଖକୁ ସ-ଶରୀରେ ଆସିବାର ଅନୁଗ୍ରହ କରନ୍ତୁ । ଆମେ ଆଶ୍ୱସ୍ତ ହେବୁ; ଅନ୍ୟ ସମସ୍ତେ ଆଶ୍ୱସ୍ତ ହେବେ ।"

ବୃହତ୍ କିଛି ସମୟ ଗମ୍ଭୀର ରହିବା ପରେ କହିଲେ, "ହେଉ !"

ବଟଗଛ ମୂଳେ, ଯେଉଁ ସ୍ଥାନରେ ଦୀକ୍ଷିତ ଭିକ୍ଷୁ ବସୁଥିଲେ, ସେ ସ୍ଥାନଟି ଖାଲି ପଡ଼ିଥାଏ । ତାକୁ ଘେରି ସେମାନେ ସମସ୍ତେ ବସିଥାନ୍ତି ନୀରବ ପକ୍ଷୀପରି । ପୂର୍ବର ଅନୁଭବକୁ ନିର୍ବାକ୍ ସ୍ମରଣ କଲା ପରି, କୌଣସି ବିପୁଳ ଅନୁ-ପସ୍ଥିତିକୁ ବିସ୍ମୟରେ ଗ୍ରହଣ କରିବାଲା ପରି ସେମାନେ ବସିଥାନ୍ତି । ଗୋଟାଏ ମୁହୂର୍ତ୍ତରେ ବଟଗଛର ଓହଳଟି ପବନରେ ହଲିଗଲା । ଉଚ୍ଚ ଡାଳରେ କଅଁଳ ପତ୍ରଗୁଡ଼ିଏ ଫିସ୍ ଫିସ୍ ହେଲେ । ଦୂରରେ ସକାଳ-ପକ୍ଷୀଟିଏ ଡାକିଦେଲା । ଅଦୃଶ୍ୟ ଢେଉଟିଏ ସମସ୍ତଙ୍କୁ ଛୁଇଁ ଦେଇ ଚାଲିଗଲା । ସେମାନେ ମୁହଁ ଟେକି

Digitized by srujanika@gmail.com

ପହଞ୍ଚିଲ ବେଳକୁ ତାଙ୍କ ଆଗରେ ପ୍ରସନ୍ନ ଗମ୍ଭୀର ମୁଦ୍ରାରେ ବୃହତ୍ ଉପ-ବିଷ୍ଟ ହୋଇଥାନ୍ତି ।

ଅଧିକାଂଶ ଚମକ ପଡ଼ିଲେ । ସେମାନଙ୍କର ସଂହତ ଚହଲିଗଲା । ସେମାନେ ତାଙ୍କୁ କେବେ ସେମିତି ଦେଖି ନଥିଲେ । ସେ ବିପୁଳ ବପୁ, ପିଙ୍ଗଳ ଜଟାଭାର, ଦୀର୍ଘ ଶ୍ମଶ୍ରୁ ଏବଂ ଏସବୁ ଉପରେ ରହିଥିବା ଆଉ ଗୋଟାଏ କିଛି ତାଙ୍କୁ ହତଚକିତ କରିଦେଲା । ସେମାନେ ହଠାତ୍ ଅନୁଭବ କଲେ ଯେ ତାଙ୍କ ମନ ଭିତରର ସମସ୍ତ କଳରବ ଶାନ୍ତ ହୋଇଗଲା । କାହିଁ ଗୋଟାଏ ବିଶାଳ ନୀରବତା ଓହ୍ଲେଇ ଆସିଲା ଅତିକାୟ ପକ୍ଷୀ ପରି । ସେମାନେ ସ୍ତବ୍ଧ ହୋଇ ଅପେକ୍ଷା କଲେ ।

ମଣିଷ ଶରୀରରେ ସେ ଏକ ଅନନ୍ୟ ସମ୍ଭାବନା । ଉଜ୍ଜ୍ୱଳ ଚେତନାକୁ ଘେରି ଗୋଟିଏ ଭବ୍ୟ ବିଶାଳ ସ୍ଥାପତ୍ୟରୂପ । ଥିଲେ ନଥିଲା ପରି, ନଥିଲେ ଥିଲା ପରି ସେ ଏକ ଅନନ୍ୟ ସିଦ୍ଧି । ବୃହତ୍ କେବେ କୌଣସି ଇତର ମଣିଷ ସହିତ କଥାବାର୍ତ୍ତା ହେବାର ମଧ୍ୟ କେହି ଜାଣନ୍ତି ନାହିଁ । ବାଲିବନ୍ତ ସେପାରି ସେ ଏକୁଟିଆ ଥାଆନ୍ତି ବୋଲି ତାଙ୍କ ବିଷୟରେ ଗୋଟାଏ ସାଧାରଣ ଧାରଣା କେବଳ ଅଛି—ଏଇ ଯେମିତି ଉତ୍ତର ଦିଶାରେ ହିମାଳୟ ଅଛି ବୋଲି ବିଶ୍ୱାସ !

ସେମିତି ସ୍ଥିର, ଗମ୍ଭୀର ମୁଦ୍ରାରେ ବୃହତ୍ ବସିଲେ । ସେ ଥରେ ଚାହିଁଗଲେ ସମସ୍ତଙ୍କୁ ଅଦ୍ଭୁତ ଦୃଷ୍ଟିରେ ଏବଂ ଆସ୍ତେ ତାଙ୍କ ଆଖି ବୁଜି ହୋଇଗଲା ।

ପ୍ରତ୍ୟେକ ବ୍ୟକ୍ତି ଅନୁଭବ କଲା ଯେମିତି ସେ ଏକ ଶୀତଳ କୋମଳ ନୀରବତା ଭିତରକୁ ବୁଡ଼ିଯାଉଛି । ସେଇଠି ସେ ଅନୁଭବ କରୁଛି ଯେ ବୃହତ୍ ତା' ପାଖ ଡାଳରେ ବସିଛନ୍ତି । ତାକୁ କିଛି ଦିଶୁନାହିଁ କିମ୍ବା କିଛି ଶୁଭୁନାହିଁ । ଖୁବ୍ ଗମ୍ଭୀରିଆ ଅନୁଭବଟାଏ ହେଉଛି କେବଳ …ଅଙ୍ଗ-ପ୍ରତ୍ୟଙ୍ଗ, ଛୋଟ ଛୋଟ ରକ୍ତକଣିକା, ଶ୍ୱାସପ୍ରବାହ, ରକ୍ତପ୍ରବାହ ସବୁ ଶାନ୍ତ ଶିଶୁପରି ନିଶ୍ଚଳ ହୋଇ ଆସୁଛନ୍ତି । ମୋଟ ଉପରେ ଶରୀର ନ ଥିବାର ଏକପ୍ରକାର ଗଭୀର, କୋମଳ, ସ୍ନିଗ୍ଧ ଶୀତଳ ବ୍ୟାପ୍ତିରେ ସମସ୍ତେ ଲୀନ ହୋଇଯିବା ଅନୁଭବ କରୁଛନ୍ତି ।

Digitized by srujanika@gmail.com

··ସୃଷ୍ଟିରଆଡ଼େ ଗୋଟାଏ ସ୍ତବ୍ଧ ସମୁଦ୍ର ତା'ର ସମସ୍ତ ଲହରୀ ସମାହିତ କରିନେଇଛି । ବଟଗଛଟି ପତ୍ରେ ପତ୍ରେ ନୀରବ । ଗଛର ଗୁଣ୍ଡି, କଢ଼ଳପାତ୍ର, ପାଖଆଖର କୌଣସି ପକ୍ଷୀ, ଗଛଲତା କେହି ହେଲେ ହଲୁନାହାନ୍ତି । ସେ ଅଞ୍ଚଳ ବାଲବନ୍ତ ପରି ନୀରବ ।···ବୋଧହୁଏ ସର୍ବପ୍ରଥମେ ପବନ ହିଁ ଚଞ୍ଚଳ ହୋଇ ଉଠିଲା । ବଟଗଛର ଶିଶୁପତ୍ରଗୁଡ଼ିକ ଚହଲିଗଲେ । ଓହଳଟି ସମାନ୍ୟ ଦୋହଲିଗଲା । ଚକିତ ପକ୍ଷୀଟିଏ କାହିଁ କେତେ ଦୂରରୁ ରାବିଦେଲା । ନୀରବ ନିସ୍ତରଙ୍ଗ ସ୍ତବ୍ଧ ସମୁଦ୍ରରେ କେହି ଟିକିଏ ଫୁଙ୍କି ଦେଲା । ଶ୍ରେଷ୍ଠ ଶ୍ରେଷ୍ଠ ସୂକ୍ଷ୍ମ ଢେଉଗୁଡ଼ିଏ ବିସ୍ତାରି ହୋଇଗଲେ । ସେମାନେ ହୁଏତ ସେମିତି ବିଲୀନ ହୋଇଯିବେ ! ପୁଣି ନିସ୍ତବ୍ଧ ହୋଇଯିବ ସବୁ ।

ଏଇ ପ୍ରଥମ ଧ୍ୟାନଭଙ୍ଗ ସମୟରେ ବଟଗଛଟି ଆଖି ଫିଟାଇ ଚାହିଁଥାଏ । ପିଙ୍ଗଳାର ଶରୀରକୁ ତା'ର ଚେତନା ଫେରିଆସିଲା । ସେ ନିଜକୁ, ତା'ର ଶରୀରକୁ,ମନକୁ ଏବଂ ସମଗ୍ର ଅତୀତର ସ୍ମୃତିକୁ ପୁଣି ଆବିଷ୍କାରକଲା । ଆଖି ବୁଜି ଅନୁଭବ କଲା ନିଜର ଅବୟବମାନଙ୍କୁ । ସ୍ମରଣ କଲା ଦର୍ପଣରେ ତାର ପ୍ରତିବିମ୍ବ । ଶୁଣିଲା ବାରମ୍ବାର ବିଭିନ୍ନ ସ୍ୱରରେ ଉଚ୍ଚାରିତ ହେଉଥିବା ତା'ର ନାଁ ।। ସେ ତାର ନାମରୂପର ବେଢ଼ା ଭିତରକୁ ଓ ସମସ୍ତ ଜ୍ୱାଳାଯନ୍ତ୍ରଣାକୁ ଫେରି ଆସିଲା । ସେ ନିଜେ ନିଜକୁ ଶୁଣାଇଲା ପରି ଗୁଣି ହେଲା—''କିଏ ତୁମେ ମହାପୁରୁଷ, ମୋତେ ଦୟାକର । ପରିଷ୍କାର କହିଦିଅ ସବୁ ? ମୁଁ କିଛି ବୁଝି-ପାରୁନାହିଁ । ମୁ ବୁଝିପାରୁନାହିଁ ଏ ସୁନ୍ଦର ଶରୀରଟିର ଦୋଷ କେଉଁଠି । ନିର୍ମଳ ଛଳଛଳ ନଈ ଭଳି ଏ ସଂସାରଟି କେଉଁ କାରଣରୁ ଦୂଷଣୀୟ । ଏଥିରେ ମାଛଟିଏ ପରି ଖେଳୁଥିଲାବେଳେ ପତି ସଙ୍ଗ କାମନା କଲେ ଦୋଷ କ'ଣ ! ପୁରୁଷଟିକୁ ଗର୍ଭରେ ଧାରଣ କରି ଜନ୍ମ ଦେବାର ଇଚ୍ଛାକଲେ ଦୋଷ କ'ଣ ! ···ସ୍ୱରୂପ କହିଲେ ମୋତେ ଏ ରମଣୀୟ ଶରୀର ଭିନ୍ନ ଆଉ କିଛି ଦିଶୁନାହିଁ । ···ସୁଖ କହିଲେ ମୋର ଶ୍ରେଷ୍ଠ ଶ୍ରେଷ୍ଠ କ୍ଷୁଧାର ତୃପ୍ତି; ଶ୍ରେଷ୍ଠ ଶ୍ରେଷ୍ଠ ମୈଥୁନ । ···ସତ୍ୟ କହିଲେ ଏଇ ମାତ୍ର ଯାହା ମୋତେ ଚତୁର୍ଦ୍ଦିଗରୁ ଘେରି ରହିଛି ।···ମୋର ସ୍ୱରୂପ ନାରୀ ! ମୋର କ୍ଷୁଧା ପୁରୁଷ ପାଇଁ, ପତି ପାଇଁ, ସନ୍ତାନ ପାଇଁ । କିନ୍ତୁ ମୁଁ କେବଳ ଜଠର ଧର୍ମରେ ଜଡ଼ିତ ଏବଂ ବିଡ଼ମ୍ବିତ । ସେଇଠି ମୋର ଯେତେ ସବୁ ଗ୍ଲାନି ଏବଂ ଯନ୍ତ୍ରଣା । ମୋର ସବୁ କାମନା ଏଇଠି; ଏଇ ସଂସାରରେ । ··ତେବେ···ତେବେ ଏଇ ଯେଉଁ ଅନ୍ଧାର

Digitized by srujanika@gmail.com

ସମୁଦ୍ରରେ ମୁଁ ଏବେ ବୁଡ଼ିଯାଇଥିଲି ସେଇଟା କ'ଣ ? —ସେ କ'ଣ ନିଦ୍ରା ? ସେଇଟା କ'ଣ ଶାନ୍ତି ? ସେଇଠି କିଛି ନ ଥାଇ ସୁଦ୍ଧା ସେ କେମିତି ଏତେ ଅଦ୍ଭୁତ ଭାବରେ ସୁଖକର ? କାହିଁକି ସେଥିରେ ବୁଡ଼ିଯିବାକୁ ମୁଁ ପୁଣି ଥରେ ଇଚ୍ଛା କରୁଛି ? କାହିଁକି ?

"ଶୁଣ ପିଙ୍ଗଳା !"—ବଜ୍ରନାଦରେ ଶୁଆ ପଞ୍ଜୁରି ଭଳି ତା'ର ଆପାଦ-ମସ୍ତକ କମ୍ପିଗଲା ।—"ନାରୀ କିମ୍ବା ପୁରୁଷ ଶରୀର-ଲକ୍ଷଣ ମାତ୍ର । ଶରୀର ରୂପର ପ୍ରବାହ । ଶରୀର ସ୍ୱରୂପ ନୁହେଁ । ସ୍ୱରୂପ ନାରୀ ନୁହେଁ କି ପୁରୁଷ ନୁହେଁ । ଶରୀରର ମୈଥୁନ, ମନର କାମନା ଗୋଟିଏ ପର୍ଯ୍ୟାୟର ଅନୁଭବ ଭୂମି । ସେଇଠି ଥିବାଯାଏଁ ଉଭୟ ସତ୍ୟବତ୍ । ଉଭୟ ଅଗ୍ନି । ମୈଥୁନ ଶରୀରକୁ ଗ୍ରାସ କରେ; କାମନା ମନକୁ ।

"କାମନାରେ ଥାଇ କା'ମନାକୁ ବନ୍ଦୀ ହୁଏ ନାହିଁ । ତୁମେ ଥରେ ସେଇଠୁ ଉଠିଆସିବା ପରେ ପୁଣି ତୁମକୁ ଟାଣିନେବାପାଇଁ ତୁମ ଭିତରେ ପୁରୁଣା ପ୍ରବୃତ୍ତିସବୁ ଜାଗ୍ରତ ହେଉଛନ୍ତି । ···ତୁମେ ଫେରିଯାଇପାର । ତୁମର ଛନ୍ଦ ସ୍ଥାପିତ ହୋଇସାରିଛି । ତୁମେ ତୁମର ନାରୀତ୍ୱ ଏବଂ ସହଜମାତୃତ୍ୱକୁ ଫେରି-ଯାଇପାର । ···ଯେଉଁ ଶୀତଳ ଅନୁଭବକୁ ପୁଣି ଥରେ ପାଇବାକୁ ଇଚ୍ଛା କରୁଛ ତା' ସହିତ ଏସବୁର ସଂପର୍କ ନାହିଁ । ସେଇଟା ନିଦ୍ରା ନୁହେଁ କି ଶାନ୍ତି ନୁହେଁ । ସେଇଟା ଏକକ ସ୍ୱରୂପର ପ୍ରସାର, ଏକ···ଆଭାସ । ତୁମେ ସେଠାକୁ ଯେତେବେଳେ ଇଚ୍ଛା ଫେରିପାରିବ । ସେଥିପାଇଁ ସଂକଳ୍ପ ଥିଲେ ହେଲା ।"

ସ୍ୱର ଆସ୍ତେ ଦିଗନ୍ତରେ ବିଲୀନ ହୋଇଗଲା । ପିଙ୍ଗଳାର ସ୍ନାୟୁତନ୍ତୁ ସବୁ ହୁଗୁଳିଗଲା, ଫିଟିଗଲା । ଅସ୍ଥି, ଉପାସ୍ଥି, ମେଦ, ଚର୍ମର ଶରୀରଟି ଆସ୍ତେ ମିଳେଇଗଲା । ସେ ସେଇ ଦିଗ୍‌ବିଦିଗଶୂନ୍ୟ ଅକଳମାୟ ଶୀତଳ ସମୁଦ୍ରକୁ ଆସେ ବୁଡ଼ିଗଲା । ସେ ନିଜେ ହୋଇଗଲା ନିସ୍ତରଙ୍ଗ ସମୁଦ୍ର ! ସେଇଠି ଅତୀତ ନାହିଁ, ସ୍ମୃତି ନାହିଁ, ଭବିଷ୍ୟତ ନାହିଁ, ସ୍ୱପ୍ନ ନାହିଁ, ଦେଶ ନାହିଁ କି କାଳ ନାହିଁ । ଅଦ୍ଭୁତ, ଏକକ ଅଥଚ ଭୟଶୂନ୍ୟ ଅନୁଭବ । ପିଙ୍ଗଳା ମନକୁ ମନ କହିଲା—"ମୁଁ ନାରୀ ନୁହେଁ । ମୋର ପୁରୁଷର ପ୍ରୟୋଜନ ନାହିଁ । ମୁଁ ଦରିଦ୍ର ନୁହେଁ, ମୋର ଧନର ପ୍ରୟୋଜନ ନାହିଁ । ମୁଁ ଇନ୍ଦ୍ରିୟ ନୁହେଁ, ସ୍ପର୍ଶ ନୁହେଁ, ଘ୍ରାଣ ନୁହେଁ, ଜନନେନ୍ଦ୍ରିୟ ନୁହେଁ, ଜଠର ନୁହେଁ । ମୁଁ କେବଳ ମାତ୍ର ଚେତନା···ରୂପହୀନ, ନାମହୀନ ଅନ୍ତହୀନ···।"

ବାଆସ୍, ପିଙ୍ଗଳା । ତୁମେ ସେଇଠି କିଛି କାଳ ବିଶ୍ରାମ କର ।"

Digitized by srujanika@gmail.com

"ମୋତେ ରକ୍ଷାକର । ଏ ଭୟଙ୍କର ଅନ୍ଧକାରରୁ ମୋତେ ରକ୍ଷାକର । ତୁମର ଦୟାରେ ମୁଁ ଚକ୍ଷୁଲାଭ କରିଥିଲି । ଏବେ ମୁଁ ପୁଣି ଅନ୍ଧ ହୋଇଗଲି । ମୋତେ ମୋର ଦୃଷ୍ଟି ଫେରାଇ ଦିଅ ।" ଆଖି ବୁଜି ବସିଥିବା ଅନ୍ଧଟି ମନ ଭିତରେ ଅନୁନୟ କରିଉଠିଲା । ଭୟରେ ତା' ଦେହସାରା ଘର୍ମାକ୍ତ । ସେ କିନ୍ତୁ ଆଖି ଫିଟେଇ ଚାହିଁ ଦେଇ ପାରୁ ନ ଥିଲା । ସୂକ୍ଷ୍ମ ଭୂମିରେ କେବଳ ପୁଣି ଥରେ ଅନ୍ଧତ୍ୱର ଅନ୍ଧକାରରେ ସେ ଛଟପଟ ହେଉଥିଲା ।

ସେ ଶୁଣିଲା ତା' ଭିତରେ ଗୋଟାଏ ଅନନ୍ତର୍ଦୃଷ୍ଟି ଶାଖାରୁ ଖୁବ୍ ନିକଟରେ ଥାଇ ଜଣେ ଗମ୍ଭୀର ସ୍ୱରରେ ତାକୁ ଉତ୍ତର ଦେଉଛନ୍ତି—

"ପ୍ରଥମେ ସ୍ଥିର ହୁଅ । ଅନୁଭବ କର ତୁମେ ଅନ୍ଧ ନୁହଁ । ତୁମର ଥରେ ଚକ୍ଷୁଲାଭ ହୋଇସାରିଛି । ତୁମେ ଅନ୍ୟ ଭୂମିରେ ତାକୁ ବ୍ୟବହାର କରିପାରିବ ନାହିଁ । ଏଇଠି ଆଉ ଥରେ ଦୃଷ୍ଟିଲାଭ କରିବାକୁ ଅପେକ୍ଷା କର । ସେଥିପାଇଁ ତୀବ୍ର ଭାବରେ କାମନା କର । ···ତୁମେ କେବଳ ସ୍ମୃତିକୁ ଧରି ବ୍ୟାକୁଳ ହେଉଛ । ସ୍ମୃତିକୁ ଛାଡ଼ିଦିଅ । ବାଆସ୍···ଭୁଲିଯାଅ, ଆହୁରି ଭୁଲିଯାଅ । ଅନୁଭବ କର ତୁମେ କେମିତି ବିସ୍ମୃତ ହୋଇଯାଉଛ । ସେ ବ୍ୟାପ୍ତି ହିଁ ତୁମେ ନିଜେ । ଅନ୍ୟ ଅବୟବ ଭଳି ଆଖି ମଧ୍ୟ ଏଠି ସ୍ଥୂଳ ରୂପ ସହିତ ଅନୁପସ୍ଥିତ । ତୁମେ କେବଳ ମାତ୍ର ଚେତନା । ଇଚ୍ଛା କଲେ ଦେଖିବ, ଇଚ୍ଛା କଲେ ଶୁଣିବ । କିନ୍ତୁ କିଛି ନ କରି କେବଳ ସ୍ଥିର ହୋଇଯାଅ । ଏଇ ଅନୁଭବ ହିଁ ନୂତନ ଦୃଷ୍ଟି । ସ୍ଥିର ହୁଅ !"

ଅନ୍ଧ ନୀରବ ହୋଇଗଲା ।

"କ୍ଷୁଧାକୁ ଆପୂତ କର ଅମିୟ ! କ୍ଷୁଧା ଅଗ୍ନି ଜଡ଼ପିଣ୍ଡକୁ ଜଡ଼ପିଣ୍ଡରେ ଜଡ଼ିତ କରେ । ସେଥିରେ ସେ ଜୀଇଁବାର ଉପାଦାନ ସଂଗ୍ରହ କରେ । କ୍ଷୁଧା ଜଳେ ନାହିଁ, ଜାଳେ ।···ଶରୀର-ଧର୍ମରେ କ୍ଷୁଧା ଅନିବାର୍ଯ୍ୟ । ସେଥିରେ ଲାଳସା ମିଶି ରହିଥାଏ । ଏଣୁ କାହାକୁ ଏ ସଂସାର ଅନ୍ତେ ନାହିଁ । ବିବିଧ

Digitized by srujanika@gmail.com

ସୁଖ ଖୋଜିବାରେ ବିବିଧ ଦୁଃଖ ମିଳିଥାଏ ।...ନା, କ୍ଷୁଧାର ନିରୋଧ କଲେ ଶରୀରର ପତନ ହୋଇଯିବ । ତାକୁ ଆୟତ୍ତ କରିବା ପାଇଁ ତାକୁ ଖାଇବାକୁ ଦିଅ ଅଥଚ ଦିଅନାହିଁ । ଲାଳସାକୁ ତୃପ୍ତ କରି ହୁଏ ନାହିଁ । କ୍ଷୁଧାକୁ ଶାନ୍ତ କରିହୁଏ । ସାଧନାରେ ଫଳାହାର, ଜଳାହାର, ପବନାହାର କରି ଶରୀରକୁ ଶୁଦ୍ଧ ରଖାଯାଏ । ଅନ୍ନର ଶୁଦ୍ଧତା ଏବଂ ସୂକ୍ଷ୍ମତାରେ ଶରୀରର ସ୍ଥୂଳତା ଏବଂ ଜଡ଼ମୟତା ଆସ୍ତେ ଲୀନ ହୋଇଯାଏ । କ୍ଷୁଧା ଆୟତ୍ତାଧୀନ ହେଲେ ଶରୀର ଇଚ୍ଛାଧୀନ ହୋଇଯାଏ । ଇଚ୍ଛାରେ ଶରୀର ସ୍ଥାନାନ୍ତରିତ ଏବଂ କାଳାନ୍ତରିତ ହୁଏ ।"

ତୁମର କୌତୂହଳ ସ୍ୱାଭାବିକ । ମୋର ଏ ଶରୀର ପବନାଶ୍ରୟୀ । ଯାହାକୁ ତୁମେ ଘର୍ଷିତ ଭିକ୍ଷୁ ନାମରେ ଜାଣିଛ, ତାଙ୍କର ଶୁଦ୍ଧ ଶରୀର କେବଳ ତେଜ-ପାନ କରି ରହିଥିଲା । ଯେଉଁ ଜଡ଼ ଶରୀରଟିକୁ ସେ ସ୍ୱୀକାର କରିଥିଲେ ତାକୁ ମଧ୍ୟ ସେ ରୂପାନ୍ତରିତ କରିଦେଲେ । ଏ ଧାରାର ଶେଷ ପର୍ଯ୍ୟାୟରେ କ୍ଷୁଧା ନିଜେ ନିଜକୁ ଧାରଣ କରେ । ଆକାଶକୁ ଆକାଶ ହିଁ ଧାରଣ କରେ । ଏକକ ସ୍ୱରୂପରେ କ୍ଷୁଧା ଅବାନ୍ତର ।

"ନା, ଅମିୟ ! ଏହା ପ୍ରାଣୀ-ଜଗତର ସାଧାରଣ ଜୀବନ ଧାରଣର ଉପାୟ ନୁହେଁ । ଏହା କେବଳ ବୃହତ୍ତର ଅଥଚ ସୂକ୍ଷ୍ମତର ଜୀବନ ପାଇଁ ସାଧନାର ମାର୍ଗ । ଏହା ସମସ୍ତଙ୍କ ପାଇଁ ଉନ୍ମୁକ୍ତ; କିନ୍ତୁ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ମନ ଏବଂ ଶରୀରର ଅସଂଖ୍ୟ ମନ୍ଥନ ପରେ ହିଁ ଏ ଦିଗରେ ଆସିବାର ଉତ୍କଟ ସ୍ପୃହା ହୁଏ ।

"ଅନ୍ନରେ ଥାଇ କ୍ଷୁଧାକୁ ଦେଖନାହିଁ, ଅମୀୟ ! ଭୟର ଫଣ୍ଟର ହେବ । କ୍ଷୁଧାରେ ରହି ଅନ୍ନକୁ ଦେଖନାହିଁ, କାମନା ହେବ, କ୍ରୋଧ ହେବ । ଘୁଞ୍ଚିଆସ । ଶରୀରରୁ ଏକ ପାଦ ପଛେଇଆଣ ! ବାଆସ୍ ! ଏଇଠି ଉଭୟର ରୂପକୁ ଅନାଅ—ତାଙ୍କୁ କଳନା କର । ଆଉ ପାଦେ ଘୁଞ୍ଚିଯାଅ । ସେଇଠି ସେ ଶୀତଳ ପ୍ରଶାନ୍ତିରେ କିଛି କାଳ ମଗ୍ନ ରହ ।"

କ୍ଷୁଧାରେ ଥରଥର ହେଉଥିବା ଅମୀୟର ବିବର୍ଣ୍ଣ ଶରୀରଟି ସ୍ଥିର ହୋଇଗଲା । ପଦ୍ମକଢ଼ିଟିଏ ପରି ନିର୍ମଳ, ସୁସ୍ଥ ଏବଂ ସମାହିତ ହୋଇଗଲା । କ୍ଷୁଧା ଲିଭିଗଲା ।

Digitized by srujanika@gmail.com

"ସୁବୋଧ, ଶୁଣ ! ଏତେ ବିଚଳିତ ହେବାର କାରଣ କିଛି ନାହିଁ । ସ୍ଥିର ହୁଅ । ସ୍ଥିର ହେଲେ ଅନୁଭବ ପ୍ରାଞ୍ଜଳ ହେବ । ତୁମେ ତୁମର ଆବେଗକୁ ଚିହ୍ନି ପାରିବ । ତୁମର ଧାରଣା ହୋଇଯାଇଛି ଯେ ଦୀକ୍ଷିତ ଭିକ୍ଷୁ ତୁମକୁ ପ୍ରବଞ୍ଚିତ କରିଛନ୍ତି । ସ୍ଥିର ହୋଇ ଚିନ୍ତା କର । ତୁମେ ତାଙ୍କୁ ଘୃଣା କରୁନାହଁ ତ !...ଏଥିରେ ଆହତ ହେବାର କିଛି ନାହିଁ । ଭଲପାଇବାରେ ଘୃଣା ମିଶି ରହିଥାଏ । ତୁମେ ତାଙ୍କୁ ପ୍ରକୃତରେ ଭଲପାଅ; କିନ୍ତୁ ସଂପୂର୍ଣ୍ଣ ଭଲପାଅ ନାହିଁ । ପ୍ରେମ ଆକାଶ ଧର୍ମୀ ଭିତରେ ବାହାରେ ଅବିଚଳିତ ରହି ସବୁ କିଛି ଗ୍ରହଣ ଏବଂ ଧାରଣ କରିବାର ଅତି ଉଦାର ସାମର୍ଥ୍ୟ । ଦୀକ୍ଷିତଙ୍କର ସେ କ୍ଷମତା ଚିନ୍ତାକର । ସେ କାହାପାଖକୁ ଯାଆନ୍ତି । କେହି ଆସିଲେ ପ୍ରତ୍ୟାଖ୍ୟାନ କରନ୍ତି ନାହିଁ । ତୁମର ଏ ଆବେଗ ତୁମ ନିଜ ପାଇଁ ।

"ତୁମକୁ ସେ ଆଦୌ ବ୍ୟବହାର କରି ନାହାନ୍ତି, ବରଂ ତୁମକୁ ଗୋଟିଏ ଯୋଦ୍ଧାରେ ପରିଣତ କରିଛନ୍ତି । ଏ ସବୁ ଭୂମି ଜୟ କରି ଆସିବାକୁ ତୁମକୁ ଅନେକ ଶତାବ୍ଦୀ ଲାଗିଯାଇଥାନ୍ତା । ତୁମେ କେମିତି ସବୁ ପାରିହୋଇ ଚାଲିଆସିଲ ଚିନ୍ତା କର । କୃତଜ୍ଞ ହୁଅ । ତୁମେ ଆଉ ଗୋଟିଏ ପ୍ରାଣୀର ଯାତନାକୁ ପରି ନିଜେ ଗ୍ରହଣ କରିନେଇଥିଲ ? ତା ଭିତରେ ଛନ୍ଦ ସୃଷ୍ଟି କରି ତାକୁ ରୋଗମୁକ୍ତ କରିବାକୁ ନିଜେ ସେ ବିଷ ପାନ କରିଥିଲ ? ସମଗ୍ର ପ୍ରାଣୀଜଗତର ସବୁ ଯାତନା ବାରମ୍ବାର ଧାରଣ କରିଥିଲେ ଦୀକ୍ଷିତ ଭିକ୍ଷୁ ନ୍ୟାୟାଳୟର ସେ ଅପରିମେୟ ମୁହୂର୍ତ୍ତରେ । ତୁମକୁ ସେ ସ୍ୱୟଂ ଦୀକ୍ଷିତ କରିଛନ୍ତି, ସୁବୋଧ ! ତୁମେ ସେଥିପାଇଁ ଧନ୍ୟ !

"ଭଲପାଇବା ବିଚଳିତ ହେବା ନୁହେଁ । ଭଲପାଇବା ଉଦାର ହେବା, ସ୍ଥିର ହେବା । ତୁମେ ଏ ବିକ୍ଷୋଭକୁ ସ୍ୱତନ୍ତ୍ର ରଖ ନାହିଁ । ତାକୁ ଗ୍ରହଣ କର, ଧାରଣ କର । ତାକୁ ହିଁ ଭଲପାଅ । ସେ ବିନେ ଶାନ୍ତ ହୋଇଯିବ, ଛନ୍ଦୋମୟ ହୋଇଯିବ—ଯେମିତି ସେ ରୋଗୀଟିର ଗଳିତ କ୍ଷତଗୁଡ଼ିକୁ ଭଲପାଇଥିଲ, ଠିକ୍ ସେମିତି । —ବାଆସ୍ ! ତୁମେ ଏଭଳି ସ୍ଥିର ରହି ସଂସାରରେ ପ୍ରବେଶ କଲେ ତୁମକୁ କୌଣସି ବିଷୟ ବିଚଳିତ କରି ପାରିବ ନାହିଁ । ତେବେ...ସଂସାରର ତଟଦେଶକୁ ତୁମେ ଚାଲିଆସିଛ । ଏଣିକି ତୁମ ଇଚ୍ଛା । ଏଇଠି ଅସଂପୃକ୍ତ ରହି

Digitized by srujanika@gmail.com

ଶକ୍ତି ଫଚପ୍ପ କରିପାର କମ୍ବା ସଂସାରରେ ପ୍ରବେଶ କରି ତାର ଛନ୍ଦ ସ୍ଥାପନ କରିପାର । ପରିଶେଷରେ କିନ୍ତୁ ଯେତେ ଦୂରରେ ରହିଲେ ସୁଦ୍ଧା ତୁମକୁ ଏ ଜଗତ୍‌କୁ ଗ୍ରହଣ କରିବାକୁ ହେବ । ଅଖଣ୍ଡ ପୂର୍ଣ୍ଣତା ଜଗତ୍ ବ୍ୟତୀତ ନୁହେଁ, ଜଗତ୍ ସହିତ ଜଗତ୍ ସମନ୍ୱିତ । ଏହାର ବିକଳ୍ପ ନାହିଁ । ଏଣୁ ଏହାକୁ ଗ୍ରହଣ କରିବାକୁ ହେବ; ଅଥଚ ଅତିକ୍ରମ କରିବାକୁ ହେବ ।"

ସୁବୋଧର ପ୍ରଶାନ୍ତ ମୁହଁ ଉପରେ ରେଖାଏ ସ୍ମିତ ଦେଖା ଦେଲା । ସେ ଗଭୀର ଧ୍ୟାନମଗ୍ନ ହୋଇ ସ୍ଥିର ହୋଇଗଲା ।

Digitized by srujanika@gmail.com

"ଦେଖ, ସୁନନ୍ଦ: ଏମାନେ ସମସ୍ତେ ଏଣିକି ତୁମର ଦାୟିତ୍ୱ ।"

ସୁନନ୍ଦ ନିସ୍ପୃହ ହସ ଭିତରେ ପଚାରିଲେ, "ଦାୟିତ୍ୱ ପୁଣି କ'ଣ ?" ବୃହତ୍ତ ସାମାନ୍ୟ ଆମୋଦିତ ହେଲପରି ଜଣାଗଲେ ।

"ତା' ଠିକ୍ ! ଦାୟିତ୍ୱ କ'ଣ ? ଯେ ଯାହା ଚେର ନେଇ ଭୂଇଁରୁ ସ୍ୱତନ୍ତ୍ର ରସ ଟାଣି ବଞ୍ଚିବେ । ବେଳେବେଳେ ଡାଳକୁ ଡାଳ ଛୁଇଁଯିବା କଥା । ସେତିକି ସ୍ୱୀକାର ନ କଲେ ନିଜେ ଆଡ଼େଇ ହୋଇଯିବାକୁ ହେବ । ତୁମେ କ'ଣ ସବୁ ତ୍ୟାଗ କରିବାକୁ ଚାହୁଁଛ ? ସେଥିପାଇଁ ଦୂରସ୍ଥ ରହିବାର ପ୍ରୟୋଜନ ନାହିଁ । ତୁମକୁ ଏହାରି ଭିତରେ ଅସଂପୃକ୍ତ ରହିବାର କୌଶଳ ଜଣାଅଛି । ସବୁ ଗ୍ରହଣ କଲେ ମଧ୍ୟ ନିର୍ଲିପ୍ତ ରହିବା ସମ୍ଭବ ।"

"ଉଡ଼ି ଚାଲିଯିବାକୁ ଭାରି ଇଚ୍ଛା ହେଉଛି ।"—କହିଲେ ସୁନନ୍ଦ ।

"କରୁଣାର ସଂଚାର ଘଟିଲେ ତୁମେ ଜୀବଯାତନାକୁ ଏମିତି ଛାଡ଼ି ଯାଇ ପାରିବ ନାହିଁ ।"

ସୁନନ୍ଦ ନୀରବ ରହି କିଛି ସମୟ ପରେ କହିଲେ, "ତା'ହେଲେ କ'ଣ କରିବାକୁ ହେବ ?"

"ଯାହା କରୁଛ ସେଇଆ । ଯାତନାମୟ ଜୀବନକୁ ସାଧନାମୟ ଜୀବନରେ ରୂପାନ୍ତରିତ କରିବା—ନିଜେ ଉଡ଼ିବା ଏବଂ ଅନ୍ୟକୁ ଉଡ଼ିବାରେ ସାହାଯ୍ୟ କରିବା ।"

ସୁନନ୍ଦ ଅନୁଭବ କଲେ ଯେ ସେମାନେ ଦୁହେଁ ଧାନକ୍ଷେତ ପାଖରେ ଠିଆ-ହୋଇଛନ୍ତି । ତା ପାଖକୁ ଲାଗି ବିସ୍ତୀର୍ଣ୍ଣ ଫୁଲ ବଗିଚା, ଫଳ ବଗିଚା । ପରିପରିବାର ପ୍ରଚୁର ଅମଳ । ବୃହତ୍ତ ସେଇଭଳି ଗମ୍ଭୀର, ସେଇଭଳି ବାତ୍ସଲ୍ୟ ଦେଖାଯାଉଛନ୍ତି । ସୁନନ୍ଦ ନିଜେ କିନ୍ତୁ ଅନେକ ଭିନ୍ନ ଦିଶୁଛନ୍ତି । ତାଙ୍କ ଅବୟବଗୁଡ଼ିକ ଉଜ୍ଜ୍ୱଳ, ଅଧିକ ସୁସ୍ଥ ସବଳ ଦେଖାଯାଉଛନ୍ତି ।

"ବସୁଧାକୁ ଚିହ୍ନିବାକୁ ହେବ । ନିଜକୁ ଚିହ୍ନିବାକୁ ହେବ । ସମସ୍ତଙ୍କୁ ଭଲପାଇବା ପରେ ତୁମେ ତାକୁ ଯାହା ମାଗିବ ସେ ତାହା ଦେବ । ଶରୀରକୁ

Digitized by srujanika@gmail.com

ସମର୍ଥ ରଖିବାକୁ ମୌଳିକ ଅନ୍ନ ଏଇଠାରୁ ସଂଗ୍ରହ କର । ଏଥିରେ ତୁମେ ଆସ୍ଥାଶ୍ରଦ୍ଧାବାନ୍ ହୁଅ । ଶରୀର ପିଣ୍ଡ ପାଇଁ ରସବନ୍ତ, ଗନ୍ଧବନ୍ତ ପୃଥ୍ୱୀର ଅବଦାନ ସବୁଠାରୁ ଅଧିକ ।"

ସୁନନ୍ଦ ନୀରବ ରହି ସ୍ୱୀକାର କଲେ । ସେ କ୍ଷେତରେ ତାଙ୍କର ଉଦାସୀନତା ସ୍ମରଣ କରି ଲଜ୍ଜିତ ହେଲେ ।

ବୃହଦ୍ କିଛି କହିଲେ ନାହିଁ । ତା'ପରେ ପ୍ରସଙ୍ଗ ବଦଳାଇ କହିଲେ, "ଉତ୍ତର ଗୁମ୍ଫାରେ ତୁମର ସାଧନା ଦୋଷଶୂନ୍ୟ । ଶରୀରର ସାମର୍ଥ୍ୟ କେବଳ ମେଦ, ଅସ୍ଥି କିମ୍ବା ସ୍ନାୟୁରେ ନାହିଁ । ମନ ସବୁପ୍ରକାର ଶାରୀରିକ ଶକ୍ତିର କେନ୍ଦ୍ର । ସେଥିପାଇଁ ସାଧନା ମନୋଭୂମିରେ, ମନକୁ ଅତିକ୍ରମ କରିବାକୁ । ...ପ୍ରଥମ ପର୍ଯ୍ୟାୟର ଅଭ୍ୟାସ ଏତେ ଦୀର୍ଘ ନ ହେଲେ ମଧ୍ୟ ଚଳିବ । ଶରୀରକୁ ଆସନରେ ବାନ୍ଧିରଖିବା ଏକପ୍ରକାର ଶୃଙ୍ଖଳା । ତା'ର ପ୍ରୟୋଜନ ସୀମିତ । ଶରୀର ତା କାର୍ଯ୍ୟ କରୁଥିବାବେଳେ ମନ ସ୍ୱଚ୍ଛନ୍ଦରେ ସାଧନାରତ ରହିପାରେ – ଏହା ଅନ୍ୟମନସ୍କତା ନୁହେଁ; ଏହା ସମଚିତ୍ତତା । ...ଯେକୌଣସି ଶ୍ରମ କର୍ମ – ନୁହେଁ । କର୍ମ ଏକ ସ୍ୱଚ୍ଛ ସାଧନା ।"

ସୁନନ୍ଦ ବୁଝିଗଲେ ତାଙ୍କର ତ୍ରୁଟି । କୃତଜ୍ଞ ହେଲେ ।

ବୃହତ୍ ପୁଣି କହିଲେ, "ମିଥ୍ୟାଚାରୀକୁ ସତର୍କ ରହିଥିବ । ତୁମର ବୟୋଜ୍ୟେଷ୍ଠ ଶିଷ୍ୟଙ୍କ ଭିତରୁ କେତେଜଣ ପ୍ରବଞ୍ଚକ ଅଛନ୍ତି । ସେମାନଙ୍କୁ ଚିହ୍ନିଛ ତ ?"

ସୁନନ୍ଦ ନୀରବ ରହି ସ୍ୱୀକୃତ ଜଣାଇଦେଲେ । ବିନୟରେ ପଚାରିଲେ, "ଅନ୍ୟମାନଙ୍କର କଲ୍ୟାଣ ଦୃଷ୍ଟିରୁ ସେମାନଙ୍କୁ ବହିଷ୍କାର କରିବା ପ୍ରୟୋଜନ କି ?"

ବୃହଦ୍ କହିଲେ, "ନା...କେଉଁଠାରୁ ତାଙ୍କୁ ବହିଷ୍କାର କରିବ ? ଆୟତନ ଏକ ସୀମା; ସୀମା ବିଭେଦର ରେଖା । ତା' ବାହାରେ ପ୍ରବଞ୍ଚନାର କିଛି କିଛି ସ୍ପର୍ଶ ସମସ୍ତଙ୍କ ପାଖରେ ଅଛି । ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିବା ସାଧନାର ଆଦ୍ୟ ପର୍ଯ୍ୟାୟ । ସେମାନେ ବଳେ ଶୁଦ୍ଧ ହୋଇଯିବେ କିମ୍ବା ନିଜେ ଅପସରିଯିବେ ।...ଏ ଗୁରୁଜଣ ବେଶିଦିନ ଏ ମାର୍ଗରେ ଆଉ ରହିପାରିବେ ନାହିଁ; ସ୍ଖଳିଯିବେ । ବିରୋଧ କରିବେ, ନିନ୍ଦା କରିବେ । ତାଙ୍କୁ ସବୁବେଳେ ଦୟା

Digitized by srujanika@gmail.com

କରିଥିବ । ସେମାନଙ୍କ ପାଇଁ ସବୁବେଳେ ଦ୍ୱାର ଉନ୍ମୁକ୍ତ ରଖିଥିବ ।···ମୋ ପାଇଁ ଦ୍ୱାର ଉନ୍ମୁକ୍ତ ରଖିଥିବ ।"

ଚମକି ପଡ଼ିଲେ ସୁନନ୍ଦ । ବୃହତ୍ ପରିହାସ କରୁନାହାନ୍ତି ତ ! ସେ ଗୃହିଁଲେ ବୃହତ୍‌ଙ୍କ ଗମ୍ଭୀର ମୁହଁକୁ । ପରିହାସର ଲେଶ ସୁଦ୍ଧା ନାହିଁ । ଶ୍ରଦ୍ଧା, ସତ୍ୟନିଷ୍ଠା, କରୁଣାରେ ପ୍ରଭାମୟ ସେ ମୁଖମଣ୍ଡଳ ।

ତାଙ୍କର ବିସ୍ମୟ ବୁଝିପାରି ବୃହତ୍ କହିଲେ, "ସାଧନାରେ ଅଗ୍ରଣୀ ହୋଇ ରହିଗଲେ ନିଜ ଭିତରୁ ଅଗ୍ନିପ୍ସା ଲଭିଯିବାର ଆଶଙ୍କା ଅଛି । ଆହୁରି ଅନେକ ଭୂମି ପାରିହେବାକୁ ଅଛି, ସୁନନ୍ଦ, ଏଇ କଥା ସ୍ମରଣ ରଖିଥିବ । ଗୁରୁ ହୋଇଗଲେ, ଶିଷ୍ୟ ହେବାର ପ୍ରବୃତ୍ତି ରହେ ନାହିଁ । ଫଳରେ ସାଧନା ଅବରୁଦ୍ଧ ହୋଇଯାଏ ।"

ସୁନନ୍ଦ ମଥା ନୁଆଇଁ ନେଲେ ।

"ଯାଜ୍ଞିତଙ୍କୁ ସ୍ମରଣ କର, ସୁନନ୍ଦ ! ତାଙ୍କ ସ୍ଥିତିରେ ପହଞ୍ଚିବା ପରେ ମଧ୍ୟ ଊର୍ଦ୍ଧ୍ୱକୁ ଉଠିବାର ସାଧନା ସମ୍ଭବ । ସେଥିପାଇଁ ସେ ସବୁବେଳେ ସାଧନାରତ ଅଛନ୍ତି ।"

"ତା' ହେଲେ କ'ଣ ଏହାର ଲକ୍ଷ୍ୟବିନ୍ଦୁ କିଛି ନାହିଁ ? ସେଇ ଏକ ମାତ୍ର ତତ୍ତ୍ୱସ୍ୱରୂପରେ ପହଞ୍ଚିଗଲେ ତ ଏ ବିବିଧ ରୂପର ବିଲୟ ହୋଇଯିବ । ଦେଶ କାଳର ମଧ୍ୟ ବିଲୟ ହୋଇଯିବ । ସେଇଠି କିଣ ଆଉ ସାଧନା ଏବଂ କାହିଁକି ? ସେଇ ତ ଏକମାତ୍ର ଶେଷ କଥା । ସେଥିରେ ବିକଳ୍ପ କାହିଁ ?"

"ନା, ସୁନନ୍ଦ ! ଆପାତତଃ ସେପରି ଜଣାପଡ଼ୁଥିଲେ ସୁଦ୍ଧା ତାହା ଶେଷକଥା ନୁହେଁ । ଯେ ଏକ ଏବଂ ଅଦ୍ୱିତୀୟ, ସେ କୌଣସି ବିଚିତ୍ର ବିଧାନରେ ଏକାକୀ ଏବଂ ନିଃସଙ୍ଗ । ଏଇ ବୋଧ ଜାଗ୍ରତ ହେବା ମାତ୍ରେ ସେ ବିଭାଜିତ ହେବାକୁ ଏକପ୍ରକାର ସ୍ୱୟଂ ବାଧ୍ୟ । ଗୋଟିଏ ମାତ୍ର କାମନାର ଶ୍ୱାସ ପତନ ଘଟିଲେ, ତାହା କ୍ରମବର୍ଦ୍ଧମାନ ହୋଇ ଏ ସମଗ୍ର ଜଡ଼ଚେତନ ଜଗତ୍‌ର ମହାପ୍ରବାହ ରୂପ ଧାରଣ କରିପାରେ । ଏଣୁ ବିଶୁଦ୍ଧ ଚେତନାର ଅଖଣ୍ଡ ସ୍ଥିତି ଭିତରେ ଏ ସମସ୍ତ ସମାହିତ ଏବଂ ସ୍ଥିର ରହେ ସତ; କିନ୍ତୁ ପୁଣି କ୍ଷରିତ ହୋଇ ନବନବ ରୂପ ଧାରଣ କରେ । ଅବତରଣ କରି ଆସିଲା ପରି ଏ ପ୍ରକ୍ରିୟା । ତା ପରେ ପୁଣି ଆରୋହଣର ସାଧନା ।"

Digitized by srujanika@gmail.com

"ଏମିତି ଅନନ୍ତ କାଳ ପ୍ରବାହିତ ହେଉଥିବା କ'ଣ ଶେଷ ସତ୍ୟ ? କିମ୍ବା ସ୍ଥିତି, କିମ୍ବା ଗତିର ଅନନ୍ତ ଅବାରିତ ଛନ୍ଦବୃତ୍ତ ହିଁ ତା'ହେଲେ ଶେଷ କଥା ?"

ବୃହତ୍ ଧ୍ୟାନସ୍ଥ ରହି ଅତି ଗମ୍ଭୀର ମୁଦ୍ରାରେ ସୂଚାଇ ଦେଲେ—"ନା !"

ସୁନନ୍ଦ ସ୍ତବ୍ଧ ବିହ୍ୱଳ ପ୍ରାୟ ! ତୃଷାର୍ତ୍ତ ପକ୍ଷୀଟିଏ ପରି ସେ ପୁଣି ଆକାଶକୁ ଅନୁନୟ କଲେ, "କହନ୍ତୁ !"

ବୃହତ୍ କୌଣସି ଅବୋଧ୍ୟ ମନ୍ତ୍ର ଉଚ୍ଚାରଣ କଲାଭଳି ସ୍ୱଗତ କହୁଥାନ୍ତି---ଗତି ନୁହେଁ, କି ସ୍ଥିତି ନୁହେଁ; ଅଥଚ ଉଭୟ !—ଜଡ଼ ନୁହେଁ କି ଚେତନ ନୁହେଁ; ଅଥଚ ଉଭୟ ।—ସମାହାର ନୁହେଁ କି ସମନ୍ୱୟ ନୁହେଁ; ଅଥଚ ଉଭୟ ।"

ସାମାନ୍ୟ ବିରାମ ପରେ ପୁଣି ଶୁଭିଲା, "ଉଭୟ ନୁହେଁ କି ଅଭୟ ନୁହେଁ ! —ସତ୍ ନୁହେଁ, କି ଅସତ୍ ନୁହେଁ ।—ମନନୀୟ ନୁହେଁ !—ବେଦ୍ୟ ନୁହେଁ ! —ଜ୍ଞେୟ ନୁହେଁ !"

ଘନ ନୀରବତା ଭିତରେ ବହୁସମୟ ଅତିକ୍ରାନ୍ତ ହୋଇଗଲା । କହିବା, ଶୁଣିବା, ଜାଣିବାର ଆଗ୍ରହ ସମୁଦ୍ରରେ କ୍ଷାରଖଣ୍ଡ ପରି ବିଲୀନ ହୋଇଗଲା । ଶ୍ରୋତା, ବକ୍ତା, ଶବ୍ଦ, ଆକାଶ, ପୃଥିବୀ, ଅନ୍ତରୀକ୍ଷ ନିଶ୍ଚିହ୍ନ ହୋଇଗଲେ ।

ସୁନନ୍ଦ ଧ୍ୟାନରୁ ଉଠି ଆଖି ଫିଟାଇବା ବେଳକୁ ବୃହତ୍ ନାହାନ୍ତି । ତାଙ୍କୁ ଘେରି ବସିଛନ୍ତି ଅନ୍ୟମାନେ । ଅପେକ୍ଷା କରି ରହିଛନ୍ତି ଅନେକ ସମୟ ଧରି । ସୁନନ୍ଦ ଅନୁଭବ କଲେ ଯେ ତାଙ୍କୁ ହିଁ ନିର୍ଦ୍ଦେଶ ଦେବାକୁ ହେବ । ସେତେବେଳକୁ ସନ୍ଧ୍ୟା ହୋଇସାରିଥାଏ । ସେ ସ୍ଥାନକାଳକୁ ଅନୁଭବ କରି ସାମାନ୍ୟ ହସିଲେ । ଉଦାସ ହସଟିଏ ।

କେହି ଜଣେ ପଚାରିଲା, "ଏବେ କ'ଣ କରିବା ?"

"ଯାହା ଅପୂର୍ଣ୍ଣ ଅଛି, ତାହାକୁ ପୂର୍ଣ୍ଣ କରିବାକୁ ସତତ ପ୍ରୟାସ କରିବା ।"

Digitized by srujanika@gmail.com

"ସେ କ'ଣ କେବେ ପୂର୍ଣ୍ଣ ହୋଇପାରେ ?—ଏଠି କ'ଣ ପୂର୍ଣ୍ଣ କିଛି ଅଛି ?"

"ଏଠି ଭଲ୍ ଅପୂର୍ଣ୍ଣ କିଛି ଅଛି ?"

"ତା' ହେଲେ କାହାକୁ ପୂର୍ଣ୍ଣ କରିବାକୁ ପ୍ରୟାସ କରିବା ?"

"ଯାହା ପୂର୍ଣ୍ଣ ହୋଇ ସୁଦ୍ଧା ଆମକୁ ଅପୂର୍ଣ୍ଣ ପରି ଦିଶୁଥାଏ, ତାକୁ । ଏବେ ଚାଲ, ସନ୍ଧ୍ୟାବନ୍ଦ ଉପାସନା ପାଇଁ ପ୍ରସ୍ତୁତ ହୋଇଯାଅ ।"

ସମସ୍ତେ ଉଠିଲେ ।

ପଛଧାଡ଼ିରୁ ଜଣେ ପଚାରିଲା, "ତା' ହେଲେ ଏଇ ଏଣିକି ଏସବୁ ଚଳେଇବେ ?"

ପାଖରୁ ଉତ୍ତର ମିଳିଲା, "ଆଉ କ'ଣ ବୋଲି ଭାବୁଛ ? ତମ ପାଇଁ ଦୀକ୍ଷିତ ଆସିବେ ନା' ବୃହତ୍ ଆସିବେ ?"

"ଛାଡ଼, ଏ କ'ଣ ନିଜେ ଭଲକରି ଉଡଶିଖିଲେଣି ଯେ ଆମକୁ ଶିଖେଇବେ !"

"ସେ ଯେତିକି ଶିଖିଛନ୍ତି, ସେତିକି ଶିଖେଇବେ ।"

"ସେତିକିରେ କ'ଣ ହେବ ?" ଆଗକୁ ପଛକୁ ଚାହିଁ ସେ ଇତସ୍ତତଃ ହେଲା ।

ଦୂରରୁ ସୁନନ୍ଦ କହିଲେ, "ଉଡ଼ିବା ନିଜ ଇଚ୍ଛାର କଥା । ଶିଖିବା ବିଶ୍ୱାସର କଥା । ନିଜ ଇଚ୍ଛାର ବଳ ପରୀକ୍ଷା କରିନିଅ । ବିଶ୍ୱାସ ଦୃଢ଼ କର । ତୁମେ ଯେତେ ବାଟ ଚାହିଁବ, ଯାଇପାରିବ ।"

ସେ ସାମାନ୍ୟ ଅପ୍ରତିଭ ହେଲା ପରି କହିଲା, "ମୋତେ କ୍ଷମା କରନ୍ତୁ । ମୁଁ ମୋର ସଂଶୟକୁ ରୋଧି ପାରିଲି ନାହିଁ ।"

"କିଛି ଯାଏ ଆସେ ନାହିଁ । ସଂଶୟ କାହାର ନାହିଁ ? ସଂଶୟ ହିଁ ତ ବିଶ୍ୱାସକୁ ପ୍ରମାଣିତ କରେ ।"

"ମୁଁ ସହରକୁ ଏବଂ ସଂସାରକୁ ଫେରିଯିବାକୁ ଚାହୁଁଛି ।"

ମୁଁ ଚାହୁଁଛି ।"

Digitized by srujanika@gmail.com

"ମୁଁ ବି ଯାଉଛି ।"

"ମୁଁ ବି !"

ସୁନନ୍ଦ ଅଳ୍ପ ହସି ସେମାନଙ୍କୁ ଚାହିଁଲେ । "ମୁଁ ତାହା ଜାଣେ । ସେଭଳି ଇଚ୍ଛା ଥିଲେ ଅବଶ୍ୟ ଫେରିଯିବା ଉଚିତ୍ । କିଛି ଦିନ ଆଗ ପଛ ନ ହେଲେ ମାର୍ଗ ସ୍ଥିର ହୁଏ ନାହିଁ । ଏଠି ରହିବା କିମ୍ବା ଏଠୁ ଚାଲିଯିବା ପାଇଁ ସମସ୍ତଙ୍କର ସବୁବେଳେ ସ୍ୱାଧୀନତା ରହିଛି । ଏ ଭୂମି ଆକାଶ ଭଳି ମୁକ୍ତ ।"

ଚାରିଜଣ ଉଠି ଚାଲିଗଲେ ସହରର ନିସ୍ତବ୍ଧ ଆଲୋକମାଳା ଆଡ଼କୁ ।

ସୁନନ୍ଦଙ୍କ ଆଖି ଏକ ଅଦ୍ଭୁତ ବ୍ୟଥାଭାରରେ ନଇଁଆସିଲା । ସେ କିଛି ସମୟ ପରେ ପୁଣି ଟିକିଏ ହସିଦେଇ ଅନ୍ୟମାନଙ୍କୁ ଚାହିଁଲେ ।

ସେ ସହର କେବେ ସୂର୍ଯ୍ୟୋଦୟ ଦେଖିନାହିଁ । ସୂର୍ଯ୍ୟ ତା' ପାଇଁ ଉତ୍ତପ୍ତ ଉଲ୍‌କାପିଣ୍ଡ । ତା' ହୋଇନଥିଲେ ସବୁଦିନ ପ୍ରଥମ ସୂର୍ଯ୍ୟାଲୋକରେ ଅସଂଖ୍ୟ ପକ୍ଷୀ ସେ ବଟବୃକ୍ଷ ଉପରେ ଉଡ଼ି ବୁଲିବାର ଦୃଶ୍ୟ ସେ ସହରବାସୀ ଅବଶ୍ୟ ଦେଖିଥାନ୍ତେ ।

ନୀଳ, ସବୁଜ, ହଳଦିଆ, ଧଳା ଡେଣାମାନଙ୍କର ବିଚିତ୍ର ମେଘଟିଏ ସବୁଦିନ ଓହ୍ଲେଇଆସେ ସେ ପାଖ ବିସ୍ତୀର୍ଣ୍ଣ ପଡ଼ିଆକୁ । ଡାହୁକ, କଜଳପାତି, ହଳଦିବସନ୍ତ, କୁମ୍ଭାଟୁଆ, କପୋତ, ଚାତକ ମିଶି ଅଦ୍ଭୁତ କଳରବ କରନ୍ତି । ···ଉପର ଆକାଶରୁ ଓହ୍ଲାନ୍ତି ଶଙ୍ଖଚିଲ,ମାଟିଚିଲ, ଛଞ୍ଚାଣ । ଓହ୍ଲାନ୍ତି ଶୁକପକ୍ଷୀ, ତିତିର, ପାରାବତମାନଙ୍କର ଦଳ । କେତେପ୍ରକାର ଡାକହାକ; କେତେପ୍ରକାର ଡେଣାଭଙ୍ଗି, ଉଡ଼ିବାର ତଳକୁ ଓହ୍ଲେଇବାର ଭଙ୍ଗୀ; କେତେପ୍ରକାର ଘୁମୁରିବାର, ଫିଡ଼ିକିବାର, ଖୁମ୍ପିବାର ଢଙ୍ଗ; କେତେପ୍ରକାର କ୍ଷୁଧା, ଆବେଗ, ସନ୍ତୋଷ ଏବଂ ଉଲ୍ଲାସର ଅଦ୍ଭୁତ ଭାଷା !

Digitized by srujanika@gmail.com

ସୁନନ୍ଦ ଅନ୍ୟମାନଙ୍କ ସାଙ୍ଗରେ ମିଶି ସେମାନଙ୍କ ପାଇଁ ପଡ଼ିଆରେ ଶସ୍ୟ ବୁଣନ୍ତି । ପକ୍ଷୀମାନେ ବେଢ଼ିଯାନ୍ତି । ଦେହରେ ମୁହଁରେ ଘଷିହୋଇ କେତେ-ପ୍ରକାର ଅଳି କରନ୍ତି । ହାତରୁ ଖୁମ୍ପି ଖାଇବାକୁ ପ୍ରବଳ ଭିଡ଼ କରନ୍ତି ।

କର୍କିଟିଏ ଧରି କଜଳପାତି ଉଡ଼ିଆସେ । ବଣି ଥଣ୍ଟରେ କେଞ୍ଚୁଆଟିଏ । ଶଙ୍ଖଚିଲ ଧରିଥାଏ ସାପପିଲା । ···ସମସ୍ତଙ୍କୁ ସମାନ ଆଦର କରନ୍ତି ସୁନନ୍ଦ । ସେମାନଙ୍କୁ ଶସ୍ୟ ଖାଇବା ଶିଖାନ୍ତି । ସବୁଜ ଅରଣ୍ୟ ପରି, ନୀଳ ଝରଣା ପରି ଅତି ଆପଣାର ସେ ଦେଖାଯାନ୍ତି ପକ୍ଷୀମାନଙ୍କ ଆଖିରେ । ତା' ନହେଲେ କ'ଣ ସେମାନେ ସେମିତି ତାଙ୍କ ଦେହରେ ଏତେ ଘଷିହୋଇ ଉଡ଼ିବୁଲନ୍ତେ; ବସିବାକୁ ଭିଡ଼ କରନ୍ତେ ତାଙ୍କ ମୁଣ୍ଡରେ, କାନ୍ଧରେ, ବୁକୁ ଉପରେ ।

ପ୍ରତିଦିନ ସକାଳୁ ଫୁଲମାନଙ୍କର ଯତ୍ନ ନିଆହୁଏ । କେଉଁ ଫୁଲ ରୁଷିଥାଏ । କିଏ ଗୁମାନରେ ପାଖୁଡ଼ା ମେଲି ନ ଥାଏ । କିଏ କେଶରେ ଖୋଲିଦେଇ ସୂର୍ଯ୍ୟକୁ ଧରି ଝୁଲୁଥାଏ । ତୃଣରେ, ଗୁଳ୍ମରେ, ଲତାରେ, ପାଦପରେ ଫୁଲମାନେ ଅପେକ୍ଷା କରିଥାନ୍ତି ସମ୍ଭାଷିତ ହେବାକୁ; ଆଦୃତ, ଆହ୍ଲାଦିତ ହେବାକୁ । କେହି କେହି ଅପେକ୍ଷା କରିଥାନ୍ତି ଶେଷ ସ୍ନେହର ସ୍ପର୍ଶ ପାଇ ଝରିଯିବାକୁ । ଆଉ କେହି ସେହି ସ୍ପର୍ଶରେ ପାଖୁଡ଼ା ମେଲି ଥରିଉଠନ୍ତି । ପ୍ରଥମ ଆଲୋକ ତାଙ୍କ ମର୍ମ ଛୁଇଁଦିଏ ।

ପ୍ରତିଦିନ ସକାଳୁ ଶସ୍ୟକ୍ଷେତ୍ରମାନଙ୍କରେ ଫଳ ଧରିଥିବା ଗଛମାନେ ଦୁଗ୍ଧବର୍ଣ୍ଣ ଗାଭୀ ପରି ଅପେକ୍ଷା କରିଥାନ୍ତି । ଆଦର ସମ୍ମାନ ପାଇ ସେମାନେ ଲଜ୍ଜିତ ହୁଅନ୍ତି, ପୁଲକିତ ହୁଅନ୍ତି । ପ୍ରତ୍ୟେକ ଫଳ ବିନ୍ଦୁ ବିନ୍ଦୁ ରସ ଧାରଣ କରି ଟଳମଳ ହୁଏ । ପ୍ରତି ବିନ୍ଦୁରେ ଅମୃତ ଭରିଯାଏ । ଅନ୍ନ ପ୍ରାଣମୟ ହୁଏ ।

ଏସବୁ ସହରବାସୀ ଜାଣନ୍ତି ନାହିଁ ।

ଧଳା ଧଳା କଅଁଳା ବାଛୁରି, ମହୁରଙ୍ଗର ସକାଳ ଖରାରେ ଡେଇଁ-ବୁଲନ୍ତି । ଖେଳନ୍ତି ପକ୍ଷୀଙ୍କ ସାଙ୍ଗରେ । ତାଙ୍କ ସାଙ୍ଗରେ ମିଶନ୍ତି ଆହୁରି ଅନେକ ବାଛୁରି । ନାଲି-ପାଟ ରଙ୍ଗର, କଳା-କଜଳ ରଙ୍ଗର, ଧୂସର, କପିଳା, ଗେରୁଆ, ଛିଟ ରଙ୍ଗର ଅସଂଖ୍ୟ ବାଛୁରି । ସେମାନଙ୍କ ମୁହଁରେ

Digitized by srujanika@gmail.com

ଫେଣ ଲାଗିଥାଏ । ଆଖିରେ ଝଟକୁଥାଏ ସୂର୍ଯ୍ୟ । ଦେହରେ ଲାଗିଥାଏ ଫୁଲର ପାଖୁଡ଼ା ।...ସେମାନେ ସୁନନ୍ଦଙ୍କ ଗୋଡ଼ ପାଖରେ ଛିଡ଼ା ହୁଅନ୍ତି । ହାତ ବାଜିଲେ କମଳପଡ଼ା ଟେକ ମୁହଁକୁ ଅନାନ୍ତି । ସେଇ ଗୋଟିଏ ଭାଷା ବୁଝନ୍ତି । ମା'ର ଗୁହାଁଣିରେ ବୁଝନ୍ତି । ଡିଆଁ ମାରିଯାଆନ୍ତି ଖୁସିରେ ।

ସହରବାସୀ ଦେଖନ୍ତି ନାହିଁ କି ଜାଣନ୍ତି ନାହିଁ ।

କଅଁଳ ବର୍ତ୍ତୁଳ ହଂସପରି ମା'ମାନେ କିନ୍ତୁ ସହରର କାକର ଅଂଧାର ଗଳିମାନଙ୍କରୁ କଳସ କାଖେଇ ବାଲିବନ୍ତ ପାଖ ନଦୀଘାଟକୁ ପାଣି ଆଣି ଯାଆନ୍ତି । ସେମାନଙ୍କ କାନି ଧରି ତାଙ୍କ ଆଗରେ ପଛରେ ବୁଢ଼ା-ଆଙ୍ଗୁଠି ଚୂଚୂମୁଥିବା ଲଙ୍ଗଳା, ମଇଳାଜାମାପିନ୍ଧା ପିଲାଗୁଡ଼ାଏ ସେଇ ବାଟେ ଯାଆନ୍ତି ।

ମା'ମାନେ ସେ ବାଳୁଙ୍ଗାମାନଙ୍କୁ ଚାହିଁ ରହିଯାଆନ୍ତି । ପିଲାମାନେ ଆସ୍ତେ ଟାଣି ହୋଇଯାନ୍ତି ସେଇଆଡ଼େ । ସୁନନ୍ଦ ସେମାନଙ୍କ ମୁଣ୍ଡ ସାଉଁଳି ଦିଅନ୍ତି । ହାତରେ ପାଚିଲା ଫଳଟିଏ ଧରେଇ ଦିଅନ୍ତି; ସୁନ୍ଦର ଫୁଲଟିଏ ଧରେଇ ଦିଅନ୍ତି । ତାଙ୍କ ମୁହଁକୁ ଚାହିଁ ହସିଦିଅନ୍ତି । ସେମାନେ ଖଳଖଳ ହୋଇ ଉଚ୍ଛୁଳି ଉଠନ୍ତି । ଗୋଟିଏ ମାତ୍ର ନୀରବ ଭାଷା ସମସ୍ତେ ବୁଝିଯାଆନ୍ତି ।...ବେଳ ଦୁଇଘଡ଼ି ସରିକି ସହରର ମଣିଷମାନେ ନିଦ ମଳମଳ ଆଖିରେ, ଅଧୁଆ ମୁହଁରେ କେତେ ପ୍ରକାର କ୍ଷୁଧା ଏବଂ ବକ୍ଷୋଭର ପ୍ରଲେପ ନେଇ ଧାଡ଼ି ବାନ୍ଧି ଆସନ୍ତି । ଖାଲି ଟିଣଡବାଗୁଡ଼ାଏ ଧରି ଏକଧାଡ଼ିଆ ଆସି ଠିଆ ହୁଅନ୍ତି । ସେମାନଙ୍କୁ ସକାଳପହରୁ ଶୋଷକରେ । ସେମାନଙ୍କର ସେ ଶୂନ୍ୟ ଆଧାରଗୁଡ଼ିକରେ କ୍ଷୀର ଅଜାଡ଼ି ଦେଲାବେଳେ ସୁନନ୍ଦ ସେମାନଙ୍କ ଆଖିକୁ ଚାହିଁ ସେଇ ନୀରବ ଭାଷାରେ ତାଙ୍କୁ ସମ୍ଭାଷୁଥାନ୍ତି ।

ଶୂନ୍ୟ ଆଧାରରେ କ୍ଷୀର ଖଳଖଳ ହୁଏ । ସେମାନେ ବୁଝିପାରନ୍ତି ନାହିଁ ତାଙ୍କ ଗୁହାରି, ତାଙ୍କ ହସ । ବେଳେବେଳେ ତାଙ୍କ ଭିତରୁ କେହି କେହି ଭୂରୁ କୁଞ୍ଚେଇ ଅନାନ୍ତି । ମନଦେଇ କାନାନ୍ତି । ବରଗଛ ଉପରୁ ପକ୍ଷୀ ଡାକ ଶୁଣନ୍ତି । ହମ୍ବାରଡ଼ି ଶୁଣନ୍ତି । ବଳବଳ ଗୁହାଆଡ଼କୁ ଚାହିଁ ଫେରିଯାଆନ୍ତି ।

Digitized by srujanika@gmail.com

ଆଉ କେହ୍ବା କେହ୍ନା ଶୀତେଇ ଉଠନ୍ତ । ସେମାନେ ସୁନନ୍ଦଙ୍କ ମୁହଁକୁ ଚାହିଁ ଆଖି ତଳକୁ କରନ୍ତି । ସେଇଭଳି ଫେରିଗଲାବେଳେ ପଛକୁ ଲେଉଟି ଲେଉଟି ଚାହୁଁଥାନ୍ତି । ତାଙ୍କ ପାଦରେ କ୍ଷୀର ଛଳ ଛଳ ଡାକୁଥାଏ ।

କାଉଁଳ ବର୍ଷନ୍ତ ମେଘଟିଏ ପରି ଚାହିଁରହିଥାନ୍ତି ସୁନନ୍ଦ ଏବଂ ଅନ୍ୟମାନେ ସେଇ ପୁରାତନ ବଟଗଛ ତଳୁ । ବହୁ ସମ୍ଭାବନାର ସକାଳ ନିଷ୍ଫଳ ଚାହିଁ ରହିଥାଏ ଆକାଶର ମଧ୍ୟବିନ୍ଦୁରୁ ବିଗନ୍ତ ଯାଏ !

ଇତି ବ୍ରହ୍ମାର୍ପଣମସ୍ତୁ

Digitized by srujanika@gmail.com

'ନବଜାତକ' ତତ୍ତ୍ୱାର୍ଥଖଣ୍ଡ

ଶ୍ରୀ ହୃଦାନନ୍ଦ ରାୟ

Digitized by srujanika@gmail.com

କୌଣସି ଅସାମାନ୍ୟ ଭୂମିରେ ସ୍ୱପ୍ନାବିଷ୍ଟ ବିଚରଣ କରୁଥିଲାବେଳେ ସମ୍ଭବ-ଅସମ୍ଭବ ଅନେକ ଚିନ୍ତାବିସ୍ତାର ଏକ ରୂପ ପରିଗ୍ରହକଲା । ତାର କିଛି ଅଂଶ ଅବିଚଳିତ, ଗମ୍ଭୀର, କାଳ-ସମ୍ମତ ଏବଂ ପରିଶତ, ଅଥଚ ଅନ୍ୟ ଅଂଶଟି ଏକ ଭାସମାନ, ଅଜ୍ଞାତ, ସ୍ୱର୍ଣ୍ଣାଭ ମେଘଖଣ୍ଡର ସୁଦୂର ପ୍ରତିଶ୍ରୁତି ପରି ଅପରିମେୟ । ସେ ସମଗ୍ର ରୂପଟି ନାମ 'ନବଜାତକ' ।

'ନବଜାତକ' ଉପନ୍ୟାସ ଧାତୁମୁଦ୍ରାରେ ଅଙ୍କିତ ଗୋଟିଏ ପାର୍ଶ୍ୱର ରୂପ । ଅନ୍ୟ ପାର୍ଶ୍ୱରେ ଏହାର ମୂଲ୍ୟ ଏବଂ ପରିଚୟ ଦେଉଛି ସନ୍ନିହିତ ତତ୍ତ୍ୱାର୍ଥ ଖଣ୍ଡ । ମୁଦ୍ରାର ସାର୍ଥକତା ପାଇଁ ଉଭୟେ ଅବିଚ୍ଛେଦ୍ୟ ଏବଂ ଅଭିନ୍ନ ।

ବନ୍ଧୁ ହୃଦାନନ୍ଦ ରାୟ ଏ ଲେଖକର ସୋଦର-ଆତ୍ମା । ବିଦ୍‌ବତ୍ତା, ଅନୁଭବ ଏବଂ ତତ୍ତ୍ୱଦୃଷ୍ଟିରେ ଅଧ୍ୟାପକ ରାୟ ସ୍ୱେ ମହିମ୍ନି ସୁପ୍ରତିଷ୍ଠିତ । 'ନବଜାତକ' ଗ୍ରନ୍ଥ ଏବଂ ତାର ଗ୍ରନ୍ଥକାରଙ୍କୁ ସେ ଶୁଦ୍ଧ ଶ୍ରଦ୍ଧାରେ ଗ୍ରହଣ ଏବଂ ଧାରଣ କରିଛନ୍ତି; ସ୍ୱକୀୟ ଶାସ୍ତ୍ର-ପରିନିଷ୍ଠିତ ବୁଦ୍ଧିବଳରେ ବୁଝି ବୁଝାଇଛନ୍ତି; ଉଭୟଙ୍କୁ କୃତାର୍ଥ କରିଛନ୍ତି । 'ତତ୍ତ୍ୱାର୍ଥଖଣ୍ଡ' ନବଜାତକର କେବଳ ଭାଷ୍ୟ ନୁହେଁ, ତାହା ତା'ର ପରିବ୍ୟକ୍ତ, ଅବିଭାଜ୍ୟ ଅଙ୍ଗ ।

ଲେଖକ

Digitized by srujanika@gmail.com

'ନବଜାତକ'ରେ ସହର ଉପାନ୍ତ

କାଳ୍ପନିକ ବୋଲି ନୁହେଁ, ଆଉ ଏକ ଅନ୍ୟ କାରଣରୁ ଏହି ସହରଟିକୁ କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ମାନଚିତ୍ରରେ ଚିହ୍ନିତ କରାଯାଇ ପାରିବ ନାହିଁ। ଅଥଚ ସବୁ ସହରରେ, ନଗରରେ, ଗ୍ରାମରେ, ତପୋଭୂମିରେ, ଭୋଗ-ଭୁବନରେ ଏହି ସହରର ଆବିଷ୍ଟ ପରିବେଶକୁ ବେଶ୍ ଲକ୍ଷ୍ୟ କରିହେବ, ଖୁବ୍ ଆସ୍ୱାଦନ କରିହେବ, ଯେହେତୁ ଏ ସହରଟି ସକଳ ଆବାସିକତାର ଏକ ପ୍ରତୀକ ରୂପ। ତେଣୁ ତାହା କୌଣସି ଏକ ନିର୍ଦ୍ଦିଷ୍ଟ ଆବାସିକତାର ଆକ୍ଷରିକ ପ୍ରତିରୂପ ହୋଇପାରିବନାହିଁ। ଏ ସହରଟି ଭୌଗୋଳିକ ବାସସ୍ଥଳ ନୁହେଁ—ଏହା ପ୍ରତୀକାତ୍ମକ ଆବାସିକତା।

ଗୋଟାଏ ଅସ୍ପଷ୍ଟ ହୋ ହୋ ଖୋ ଖୋ ଏ ସହରର ସାମଗ୍ରିକ ବାତାବରଣକୁ ଆଚ୍ଛନ୍ନ କରି ରଖିଛି। କ୍ଷୁତ୍-ପିପାସା ଅନୁପ୍ରେରିତ ଗୁଡ଼ାଏ ଜୀବଜନ୍ତୁମାନଙ୍କ କୋଳାହଳରେ ଏ ସହରଟି ଘନ-ଗର୍ଜିତ। ଏହି ଜୀବଜନ୍ତୁମାନେ ହିଁ ଏ ସହରର ମୌରସୀ ଅଧିବାସୀ, ସ୍ଥୂଳ ଜାନ୍ତବ ଅନୁପ୍ରେରଣାରେ ଏମାନେ ଚଳିତ, ପ୍ରଧାବିତ ଓ କର୍ମମୁଖର। ପରିସୀମିତ ଦୃଷ୍ଟି ଘେନି ଏମାନେ ପରିସୀମିତ ଭୂମିରେ ମାପିଚୁପି ବିଚରଣ କରନ୍ତି, ନିଜର ପରିସୀମିତ ଅନୁପ୍ରେରଣାର ତାଡ଼ନ-ତୀବ୍ରତାର ଉପଶମନ ପାଇଁ। ତାଡନ ଓ ଉପଶମନର ଚକ୍ରକ ଘୂର୍ଣ୍ଣନରେ ଏ ସହରର ଅଧିବାସୀମାନଙ୍କ ଜୀବନଯାତ୍ରା କ୍ଷିପ୍ର ଗତିଶୀଳ ହେଉଥିଲା ପରି ବୋଧହୁଏ ସତ, କିନ୍ତୁ ତହିଁରେ ଅଗ୍ରଗତି ନ ଥାଏ। କେବଳ ଏକ ଆବର୍ତ୍ତିତ ପୌନଃପୁନିକତା ଏ ସହରର ସମସ୍ତ ସ୍ଥିତିକୁ ଅଭିସିକ୍ତ କରି ରଖିଥାଏ।

ସିଦ୍ଧାଚାର୍ଯ୍ୟ କାହ୍ନୁପା ତାଙ୍କ ଚର୍ଯ୍ୟାପଦରେ ଏ ସହରକୁ 'ନଗର' ବୋଲି ଚିହ୍ନିତ କରିଛନ୍ତି। ଏ 'ନଗର ବାହିର'ରେ ଅର୍ଥାତ୍ ଏଇ 'ସହରର ଉପାନ୍ତ'ରେ ସହଜ ସୁନ୍ଦରୀ ନୈରାତ୍ମଦେବୀଙ୍କ କୁଡ଼ିଆକୁ, ଯେଉଁଠି ବ୍ରହ୍ମନାଡ଼ୀ ଛୁଇଁ ଛୁଇଁ ଯାଇଛି, ସେଇଠି କେଉଁ ଏକ ସୌଭାଗ୍ୟମୟ କ୍ଷଣରେ ସ୍ୱର୍ଣ୍ଣାଭ ସ୍ୱଚ୍ଛ ବୁନ୍ଦାଏ ଶୀକର ପରି ନିରାବରଣ ମଣିଷଟିଏ ଖସି ପଡ଼ିଥିବା କଥା ଅବତାରଣା କରିଛନ୍ତି 'ନବଜାତକ'ର କଥାକାର।

Digitized by srujanika@gmail.com

ଏପାରି, ସେପାରି

ପ୍ରାଚୀ-ସରସ୍ୱତୀ ରୂପା ବ୍ରହ୍ମନାଡ଼ୀର କୂଳେ କୂଳେ ଅନେକ ନିକାଞ୍ଚନ ବାଲିବନ୍ତ । ତା ଉପରେ ଠାଏ ଠାଏ ବଟ ଗଛ । ବଟବୃକ୍ଷଗୁଡ଼ିକ ବୃଦ୍ଧ ତାପସମାନଙ୍କ ପରି ଗମ୍ଭୀର ଓ ଧ୍ୟାନମଗ୍ନ । ସେ ବାଲିବନ୍ତ ଏପାରି କିମ୍ବା ସେପାରି ପକ୍କା ରାସ୍ତା ନାହିଁ । ଗତାନୁଗତିକ ଅଭ୍ୟସ୍ତତାର ପ୍ରତୀକ ଏହି ପକ୍କା ରାସ୍ତାଗୁଡ଼ିକରେ ଅଚେତନ ଜୀବଯନ୍ତ୍ର ହୋଇ ବେଶ୍ ଆରାମରେ ଚାଲି ହୋଇ ପାରନ୍ତି, କିନ୍ତୁ ସେ ବାଲିବନ୍ତମାନଙ୍କରେ ସେଭଳି ସୁଯୋଗର ଅବକାଶ ନାହିଁ । "ସହରର ଲୋକେ ସେ ବାଲିବନ୍ତ ଆଡ଼େ କେବେହେଲେ ଆଖି ଟେକି ଚାହିଁଦିଅନ୍ତି ନାହିଁ ।" ସେ ଗୁଡ଼ାକ ପରା ସେପାରି, ସେ ପଟ । ସେପାରିଆଡ଼କୁ "ଚାହିଁବା ସେମାନଙ୍କର ଅଭ୍ୟାସ ନୁହେଁ ।" "ସେ ବିଷୟରେ କୌଣସି କୁତୂହଳତାକୁ ସୁଦ୍ଧା ଧାରଣ କରିବା ତାଙ୍କ ଜାତକରେ ନାହିଁ ।" ସେପାରି-ବୋଧ (the sense of beyond)ରେ ଯେଉଁ ନିଶା ଅଛି, ଦୁର୍ବାର ଆକର୍ଷଣ ଅଛି, ସେ ସୁଖରୁ ଏ ସହରବାସୀ ବଞ୍ଚିତ । ଏହି ସେପାରି-ବୋଧ ହିଁ ଏତ ଜୀବ ଜନ୍ତୁମାନଙ୍କୁ ଜୀବନ୍ୟାସ ଦିଅନ୍ତି, ସେମାନଙ୍କ ପରିସୀମିତ ଦିକ୍-ପରିଧିକୁ ଅଧିକ ପ୍ରସାରଣଶୀଳ କରିଦିଅନ୍ତି । ଭଉଁରି କାଟୁଥିବା ଅଣଆପୂରିତା କବଳରୁ ସେମାନଙ୍କୁ ମୁକ୍ତ ଦେଇ ସୃଜନଶୀଳ ପ୍ରବହମାନ ଯଥାର୍ଥ ଜୀବନ ଧର୍ମରେ ପ୍ରତିଷ୍ଠିତ କରନ୍ତି । ଏପାରିର ଆତ୍ମପ୍ରଚେଷ୍ଟାରୁ ହେଉ, ଅଥବା ସେପାରିର କରୁଣାରୁ ହେଉ, 'ସେପାରିବୋଧ'ରେ ଏପାରି ଅନ୍ୱିତ ହୋଇପାରନ୍ତି । କିନ୍ତୁ ଏପାରିର ଆତ୍ମପ୍ରଚେଷ୍ଟା ଘରେ ଶୂନ ପଡ଼ିଥିଲାବେଳେ ନୈରାଶ୍ୟର ପାରେଣି ଭାଙ୍ଗି ସେପାରିର ଆତ୍ମ-ବିଗଳିତ କରୁଣା ହିଁ ପ୍ରବାହିତ ହୋଇଆସିଛି । ସେପାରିରୁ ଆଗନ୍ତୁକ ସେହି ଦୁଇଟି ଢଳ ଢଳ କରୁଣାର ମୂର୍ତ୍ତିମାନ୍ ଶିଶିର-ବିନ୍ଦୁ—ଦୀକ୍ଷିତଭିକ୍ଷୁ ଓ ବୃହତ୍ ।

ଦୀକ୍ଷିତ ଭିକ୍ଷୁ ଓ ବୃହତ୍

ଏ ଦୁଇଜଣଙ୍କ ମଧ୍ୟରେ କିଏ ବୟୋଜ୍ୟେଷ୍ଠ କହିହେବନାହିଁ । ବୟସଗତ ତାରତମ୍ୟ ଏଠାରେ ଅବାନ୍ତର । ଅସୀମରୁ ଅସୀମକୁ ଧାବିତ ଦୁଇଟି ରେଖା ମଧ୍ୟରେ କେଉଁଟି ବୃହତ୍ତର ଏ ପ୍ରଶ୍ନର ସମୀଚୀନତା ଅଛି କେଉଁଠି ? ଧରିନେବାକୁ

Digitized by srujanika@gmail.com

ହେବ—ବହୁ ଦେହାନ୍ତର, ଜନ୍ମାନ୍ତର ଲୋକାନ୍ତର ମଧ୍ୟରେ ଧାବିତ ଏହି ରେଖା ଦୁଇଟି ବସ୍ତୁତଃ ସମାନ ଓ ସମାନ୍ତରାଳ । ତଥାପି ବୃହତ୍ ବୟୋଜ୍ୟେଷ୍ଠ-ପରି ବୋଧହୁଅନ୍ତି—ଆକୃତିରେ ଓ ପ୍ରକୃତିରେ, ମହବା ବୟସରେ ଜ୍ୟେଷ୍ଠ ବୋଲି କହିହେବ ନାହିଁ । ସେ ଦୁହିଁଙ୍କ ସମ୍ପର୍କ ବିଷୟରେ କେହି କିଛି ଜାଣନ୍ତିନାହିଁ । ଏ ସମ୍ପର୍କଟି ଅଜ୍ଞାତ କି ଅଜ୍ଞେୟ କିଛି ସ୍ଥିର କରିହୁଏନାହିଁ । ବରଂ ସାଂଖ୍ୟ ଦର୍ଶନର ପୁରୁଷମାନଙ୍କ ମଧ୍ୟରେ ଥିବା ସମ୍ପର୍କ ପରି ତାହା 'ଅନିର୍ଦ୍ଦେଶ୍ୟ' ହୋଇପାରେ । ଉଭୟଙ୍କ ମଧ୍ୟରେ କଥୋପକଥନ ମାଧ୍ୟମ ଯେତେ ଶାବ୍ଦିକ ନୁହେଁ, ତତୋଽଧିକ ହେଉଛି ଆନୁଭୂତିକ ନୀରବତା । ସେ ଦୁହେଁ ନୀରବତା ମାଧ୍ୟମରେ ବାର୍ତ୍ତାଳାପ କରିବାକୁ ଅଧିକ ସୁଖ ପାଆନ୍ତି । ପ୍ରାୟଶଃ ଭାଷାପରି ସ୍ଥୂଳ ମାଧ୍ୟମର ଅପେକ୍ଷା ରଖନ୍ତିନାହିଁ । ଦୁଇ ସୂକ୍ଷ୍ମ ଶରୀରଙ୍କ ଇଚ୍ଛାମୟ ଶରୀର ଇଚ୍ଛାରେ ସ୍ଥାନାନ୍ତରିତ ଓ କାଳାନ୍ତରିତ ହୁଏ ।

'ବୃହତ୍' ନାମଟି ତାଙ୍କର ଲୋକାସ୍ଥିର ନାମ, ଔପଚାରିକ ନାମ । ତାଙ୍କର ନିଜସ୍ୱ ନାମ ନାହିଁ । ସେ ଅନାମ । ତାଙ୍କର 'ବୃହତ୍' ନାମଟି ଯେପରି ଥାଇ ନଥିଲା ପରି, ସେ ସେମିତି 'ଥାଇ ନଥିଲାପରି', 'ନାହିଁ ନ ନଥିବା ଏକ ମଣିଷ ।' ରୂପ ତାଙ୍କର ବାୟବୀୟ । କ୍ଷିତି, ଅପ୍, ତେଜ ଏହି ତିନି ଭୂତର ତାଙ୍କଠାରେ ସ୍ପର୍ଶନାହିଁ । ତଥାପି ତାଙ୍କୁ ସ୍ପର୍ଶ କରିହେବ । ସେ ପହିଁରିଲି ଭଳି ଖେଳନ୍ତି ବାଲିବନ୍ତରେ । ସେ ଅନାବୃତ; ପବନ ପିଇ ରହନ୍ତି । ସେ ଏ ସହରରେ ଏକ କିମ୍ବଦନ୍ତୀ । ସହରର ଲୋକେ ଶୁଣିଛନ୍ତି ଯେ, ସେ ଅଛନ୍ତି ସେହି ବାଲିବନ୍ତ ସେ ପଟେ; କିନ୍ତୁ କେହି ତାଙ୍କୁ ଦେଖି ନ ଥିଲେ । ଦେଖିବାକୁ କାହାରି କୁତୂହଳତା ନଥିଲା—କାରଣ ସେ ଥିଲେ ସେପାରିର । ଯେଉଁଦିନ ସେ ଏପାରିକି ଆସିଲେ, ସେ ଦିନ ସମସ୍ତେ ତାଙ୍କ ଯୋଗସିଦ୍ଧ ପୃଥୁଳ ଅଙ୍ଗ-ରେଖାର ଅଦ୍ଭୁତ ବୈପୁଳ୍ୟ ଦେଖି ପୁଲକବିହ୍ୱଳ ହୋଇଗଲେ । ପୁରୀ ସହର । ଉପକଣ୍ଠର ନିର୍ଜନ 'ଗୀର୍ଣ୍ଣାର' ବାଲୁବନ୍ତର ସେହି ଅଦୃଷ୍ଟପୂର୍ବ ଲଙ୍ଗଳିବାବା ଏବେ ଯାହାଙ୍କୁ କୁହାଯାଉଛି ଶ୍ରୀରାମକୃଷ୍ଣ ପରମହଂସଙ୍କ ଗୁରୁ ତୋତାପୁରୀ ବୋଲି । ଦେହ ଧାରଣ କରିବାବେଳେ ସେ ଥିଲେ ଏକ କିମ୍ବଦନ୍ତୀ । ଏବେ ଦେହରକ୍ଷା ପରେ ମଧ୍ୟ ସେ କିମ୍ବଦନ୍ତୀ ହୋଇ ରହିଯାଇଛନ୍ତି । ବୃହତ୍ ସେମିତି ଥିଲେ 'ସେ ସହର'ରେ ଏକ କିମ୍ବଦନ୍ତୀ ।

Digitized by srujanika@gmail.com

କିନ୍ତୁ ପାକ୍ଷିକ ଭିକ୍ଷୁ ? ସେ ଏକ 'ଆବିର୍ଭାବ । ସହର ଉପାନ୍ତରେ —ଏପାରି ସେପାରି ସରହଦରେ ସେ କେତେବେଳୁ ଆସି ଠିଆ-ହୋଇଥିଲେ, ତାହା ପୁଣି 'କେହି କହିପାରିବେ ନାହିଁ' ବୋଲି ନବଜାତକରେ କୁହାଯାଇଛି । ଏପାରିର ଲୋକେ ବା ନିଜ ସରହଦ ବିଷୟରେ ଖବର ରଖନ୍ତେ କାହିଁକି ? ନିଜର ସୀମା ଓ ସୀମାନ୍ତ ବିଷୟରେ ତ' ଏ ଲୋକମାନେ ପ୍ରାୟଶଃ ଅଚେତନ !

ତଥାପି ସେ ସେଠାରେ ଆବିର୍ଭୂତ ହୋଇଛନ୍ତି କୌଣସି ଅପ୍ରତ୍ୟାଶିତ 'ଅଭିଦ ପଥ, ଜହ୍ନପଥ', ସ୍ଥିତିରେ ସହଜ ଓ ସରଳ; କିନ୍ତୁ ବସ୍ତୁର କେତୋଟି ସୂକ୍ଷ୍ମବଳୟ ତାଙ୍କୁ ଘେରି ଘେରି ବୁଲୁଥାଏ । ସେ ସ୍ୱପ୍ନାବିଷ୍ଟ ପରି ଦିଶୁଥାନ୍ତି । ପାଞ୍ଚଟି ସ୍ଥୂଳ ଉପାଦାନରୁ ଦୁଇଟି ସ୍ଥୂଳ ଉପାଦାନ ତାଙ୍କ ଦେହରେ ନଥିଲା । ଭୂମି ଓ ଜଳ ଉପାଦାନ ବର୍ଜିତ ସେ ଶରୀରଟି ହେଉଛି ତୈଜସ ଶରୀର । ତେଜରେ ତାହା ନିର୍ମିତ । ସେ ତେଜ ପାନକରି ରହନ୍ତି । ଯାହା ଶରୀର ଯେଉଁ ଧାତୁରେ ଘଟିତ, ତାହା ପାଇଁ ସେହି ଧାତୁ ହିଁ ପ୍ରାଣପୋଷକ ଅନ୍ନ । ତାଙ୍କର ସେହି ତୈଜସ ଶରୀରକୁ ସ୍ପର୍ଶ କରିହେବନାହିଁ, ତଥାପି ସେ ସ୍ପର୍ଶକାତର ନୁହନ୍ତି । ତାଙ୍କ ନାମ ମଧ୍ୟ ପାକ୍ଷିକଭିକ୍ଷୁ ନୁହେଁ । ସେ ବୃହଦ୍ରଙ୍କ ପରି ଅନାମ; କିନ୍ତୁ ପାକ୍ଷିକ ଭିକ୍ଷୁଙ୍କ କାୟାପ୍ରବେଶ କରି ସେ ପାକ୍ଷିକଭିକ୍ଷୁ ନାମଟିକୁ ଧାରଣକଲେ । ବୃହଦ୍ର ତାଙ୍କ ନାମଟିକୁ 'ସହନ' କରିଥିଲାବେଳେ 'ପାକ୍ଷିକଭିକ୍ଷୁ' ନାମ ସହିତ ରୂପ ଓ କର୍ମକୁ ଧାରଣ କଲେ ସେ ତୈଜସ ପୁରୁଷ । ଧାରଣ କରିବାଟି ହେଉଛି ଏକ ସମ୍ପୂର୍ଣ୍ଣ ସଚେତନ କ୍ରିୟା ଓ ସ୍ୱେଚ୍ଛାକୃତ ଏକାନ୍ତ ଦାୟିତ୍ୱପୂର୍ଣ୍ଣ ବ୍ୟାପାର । ସମଗ୍ର ଓ ସର୍ବତୋଭାବେ ଧାରଣ କରିବା, ଗ୍ରହଣ କରିବା, ସ୍ୱୀକାର କରିବା ପରେ ତାକୁ ଅତିକ୍ରମ କରିଯିବା ସୂତ୍ରଟି ହେଉଛି ପାକ୍ଷିକଭିକ୍ଷୁ ନାମ, ରୂପ, କାୟା ଓ କର୍ମକୁ ଧାରଣ କରିଥିବା ସେହି ଅଦ୍ଭୁତ ତୈଜସ ପୁରୁଷଟିର ଜୀବନଦର୍ଶନ ଓ ଜୀବନଚର୍ଯ୍ୟାର ମୌଳିକ ସୂତ୍ର । ସମଗ୍ର ନବଜାତକର ତାତ୍ତ୍ୱିକ ମୀମାଂସା-ସୂତ୍ରଟି ହେଉଛି ତାହା । ବୃହଦ୍ ରହିଥିଲେ ଓ ରହିଗଲେ; ପାକ୍ଷିକଭିକ୍ଷୁ-ନାମିତ ତୈଜସ ପୁରୁଷ ଆସିଥିଲେ ଓ ଚାଲିଗଲେ; କିନ୍ତୁ ଚାଲିଗଲାବେଳେ ସେ ସ୍ୱାଧିକାରରେ ପ୍ରତିଷ୍ଠିତ ବହୁ ଖମ୍ବମାନଙ୍କୁ ଦୋହଲାଇ ଦେଇଗଲେ ଓ ପରିଶେଷରେ ଯାହାକୁ ଗ୍ରହଣ କରିଥିଲେ, ତାକୁ ସେ ରୂପାନ୍ତରିତ କରିଦେଲେ ।

Digitized by srujanika@gmail.com

ଗ୍ରହଣ, ଅତିକ୍ରମଣ ଓ ରୂପାନ୍ତର

ଗ୍ରହଣ ଓ ଅତିକ୍ରମଣର ଯୁଗପତ୍ କ୍ରିୟାରେ ରୂପାନ୍ତରୀକରଣ ସମ୍ଭବ ହେଲା । ଯାହାକୁ ଆମେ ଗ୍ରହଣ କରିପାରୁନାହିଁ, ତାହା 'ଅନ୍ୟ' ହୋଇ ରହିଯାଏ; କିନ୍ତୁ ସେହି ଅନ୍ୟକୁ, ଭିନ୍ନକୁ, ପରକୁ, ପୃଥକ୍‌କୁ ଗ୍ରହଣ କରିପାରିବା ହିଁ ରୂପାନ୍ତରୀକରଣ ଲାଗି ପ୍ରଥମ ଓ ପ୍ରଧାନ ଯୋଗସାମର୍ଥ୍ୟ । ଯାହା 'ଅନ୍ୟ' ହୋଇ ରହିଗଲା ତାହା ଅନାତ୍ମର ଘନୀଭୂତ ତାମସ ପୁଞ୍ଜ ହୋଇ ରହିଗଲା, ଅଟୁଣ୍ଡା ପଥର ହୋଇ ରହିଗଲା । ତାହା ସମସ୍ୟା ରୂପେ; challenge ରୂପେ, ଭୟ ଓ ଆଶଙ୍କା ରୂପେ ଆମକୁ ଧମକାଉଥିବ, ଡରାଉଥିବ । 'ଅନ୍ୟ' ଦ୍ୱାରା ନିର୍ଦ୍ଧାରିତ ଓ ଅବଚ୍ଛେଦିତ ହେଉଥିବା ପର୍ଯ୍ୟନ୍ତ ଆତ୍ମା ଯାବତୀୟ ସଂପ୍ରସାରଣ ସତ୍ତ୍ୱେ ରୁଦ୍ଧାନୀୟ ହୋଇ ରହୁଥିବ । ଆମପାଇଁ ବ୍ୟାପ୍ତି-ସଙ୍କଟ ଘଟାଉଥିବ । 'ଅନ୍ୟ"ର ବର୍ତ୍ତମାନତା ହେତୁ ଅବ୍ୟାପ୍ତି ଓ ଆତ୍ମାର ଅବ୍ୟାପ୍ତି ହେତୁରୁ 'ଅନ୍ୟ' ର ସ୍ଥିତି ଚନ୍ଦକ ଖଣ୍ଡରେ ଉପଜାତ ହେଉଥିବ । ନବଜାତକର ତୈଜସ ପୁରୁଷ ତୀବ୍ର ସଚେତନାରେ 'ଅନ୍ୟ'କୁ 'ଗ୍ରହଣ' କରିଛନ୍ତି, ଅନ୍ୟର କାୟାପ୍ରବେଶ କରିଛନ୍ତି । ଏହି କାୟାପ୍ରବେଶ ହେତୁ ସେହି ଅନାମ ତୈଜସ ପୁରୁଷଙ୍କ ନାମ 'ପାକ୍ଷିତଭିକ୍ଷୁ' ହୋଇଛି । 'ଅନ୍ୟ'କୁ ଗ୍ରହଣ କଲାବେଳେ ତାକୁ କେବଳ 'ଇତର' ବୋଲି ନୁହେଁ, ବରଂ 'ନିଜେ' ବୋଲି ଗ୍ରହଣ କରିଛନ୍ତି । ତୈଜସ ପୁରୁଷ ନିଜେ ପାକ୍ଷିତଭିକ୍ଷୁ ହୋଇଯାଇଛନ୍ତି । ପାକ୍ଷିତଭିକ୍ଷୁଙ୍କ ଶରୀର ସହିତ ତାଙ୍କ -ନାମ, କର୍ମ, କର୍ମଫଳକୁ ସେ ଗ୍ରହଣ କରିଛନ୍ତି । କର୍ମଭୂମି କାୟାବ୍ୟୂହସହିତ କର୍ମକୁ ସ୍ୱୀକାର କଲେ ଅବଶ୍ୟମ୍ଭାବୀ ପରିଣାମରୂପେ କର୍ମଫଳ ଭୋଗକୁ ସ୍ୱୀକାର କରିବାକୁ ପଡ଼ିଥାଏ । ସୁଖଦୁଃଖ ତାପିତ କର୍ମଫଳ ଭୋଗରେ ଆସକ୍ତିହୋଇ ମୁହ୍ୟମାନ ହୋଇପଡ଼ିଲେ ରୂପାନ୍ତରୀକରଣ ସମ୍ଭବ ହୁଏ ନାହିଁ, କିମ୍ବା ଅନାସକ୍ତ ଭାବରେ କର୍ମଫଳ ଭୋଗକୁ ସନ୍ତରଣ କରିଗଲେ ରୂପାନ୍ତରୀକରଣ ସମ୍ଭବ ହୁଏନାହିଁ । ସନ୍ତରଣ କରିବା ଅର୍ଥ ସ୍ଥାନାନ୍ତରିତ ହୋଇଯିବା । ନବଜାତକ ଭାଷାରେ କର୍ମ ଓ କର୍ମଫଳକୁ "ସ୍ଥାନାନ୍ତରିତ କରାଯାଏ ନାହିଁ, ରୂପାନ୍ତରିତ କରାଯାଏ ।" ଆସକ୍ତି ଅବସ୍ଥାରେ ଅତିକ୍ରମଣ କରିବା ହିଁ ରୂପାନ୍ତରୀକରଣର କର୍ମକୌଶଳ । ସେହି କର୍ମକୌଶଳକୁ ତୈଜସ ପୁରୁଷ ଗ୍ରହଣକଲେ ।

Digitized by srujanika@gmail.com

ପ୍ରଥମ ଦୀକ୍ଷିତ ଭିକ୍ଷୁ କର୍ମପ୍ରବାହରେ ଅନ୍ତର୍ଲିପ୍ତ ହୋଇ ମୂହ୍ୟମାନ ହୋଇପଡ଼ିଥିଲେ । ତାଙ୍କର ଦେହାନ୍ତ ହୋଇଗଲା । ଦେହକୁ ରୂପାନ୍ତରିତ କରିବା ତାଙ୍କ ପକ୍ଷରେ ସମ୍ଭବ ହେଲାନାହିଁ । ତଥାପି ଯୋଗ ପ୍ରସଙ୍ଗରେ ତାଙ୍କ ପରିତ୍ୟକ୍ତ ଦେହ ଉପେକ୍ଷିତ ହେଲାନାହିଁ । ସେହି ଦେହର କାୟିକଚେତନାରେ ନିହିତ ତୀବ୍ର ଅଭୀପ୍‌ସା ବ୍ୟର୍ଥ ଗଲାନାହିଁ । ସେହି ଅଭୀପ୍‌ସା ସୂତ୍ରରେ ଆକର୍ଷିତ ହୋଇ ଅନାମ ତୈଜସ ପୁରୁଷ ସେହି ଉପେକ୍ଷିତ କାୟାବ୍ୟୂହକୁ ନିଜର ଯୋଗଭୂମି ରୂପେ ବରଣ କଲେ, ଗ୍ରହଣ କଲେ ଓ ପରିଣତିରେ ତାକୁ ରୂପାନ୍ତରିତ କରିଦେଇ ଗଲେ । ସେ ଶରୀର ଗୃହୀତ ହେଲା; କାରଣ ଗୃହୀତ ହେବାପାଇଁ ତାର ସମୁଚିତ ଯୌଗିକ ପ୍ରସ୍ତୁତି ଓ ପରିନିଷ୍ଠିତ ଆସ୍ପୃହା ଥିଲା । କର୍ମପ୍ରବାହରେ ଅନ୍ତର୍ଲିପ୍ତ ଅବସ୍ଥାରେ ଥାଇ ରୂପାନ୍ତର ପାଇଁ ଅପ୍ରତିହତ ଆସ୍ପୃହା ପୋଷଣ ହିଁ ଯୋଗର ପ୍ରଥମ ସୋପାନ । ପ୍ରଥମ ଦୀକ୍ଷିତ ଭିକ୍ଷୁ ସେହି ସୋପାନର ଅଧିକାରୀ ଥିଲେ ।

କିନ୍ତୁ ବାୟବ୍ୟମୂର୍ତ୍ତିଧାରୀ 'ବୃହତ୍' କର୍ମପ୍ରବାହକୁ ସନ୍ତରଣ କରିଯାଇଛନ୍ତି । ସେ ଅନାମ, ଅରୂପ ହେଲେହେଁ ନାମରୂପକୁ ସହନ କରିଛନ୍ତି, ବହନ କରିଛନ୍ତି । ସେ ନାମରୂପ-ଅସହିଷ୍ଣୁ ନୁହନ୍ତି; କିନ୍ତୁ ନାମରୂପ ତାଙ୍କୁ ସ୍ପର୍ଶ କରିପାରିନାହିଁ । ପଦ୍ମପତ୍ରରେ ଜଳବିନ୍ଦୁ ପରି, ଆକାଶରେ ପକ୍ଷୀଙ୍କ ପଦଚିହ୍ନ ପରି ତାଙ୍କ ବାୟବ୍ୟ ମୂର୍ତ୍ତିରେ ନାମରୂପ ରେଖାଙ୍କନ କରିପାରିନାହିଁ । ନାମ, ରୂପ, ଦେଶ, କାଳ, କର୍ମପ୍ରବାହରେ ବୃହତ୍ ସନ୍ତରଣ କରିଯାଉଛନ୍ତି; କିନ୍ତୁ ଏହି ସନ୍ତରଣଦ୍ୱାରା ସଂସାର ରୂପାନ୍ତରିତ ହେଉ ନାହିଁ ବୃହତ୍‌ଙ୍କ ଅସଙ୍ଗ ସ୍ଥିତି ସହିତ ସମାନ୍ତରାଳ ହୋଇ ଅପରିବର୍ତ୍ତିତ ସଂସାର ବିଦ୍ୟମାନ ରହିଛି । ସଂସାରରେ ଅନ୍ତର୍ଲିପ୍ତ ନ ହୋଇ ସଂସାରକୁ ସନ୍ତରଣ କରୁଥିବା ଏକ ଯୋଗସିଦ୍ଧି । ବୃହତ୍ ସେହି ମହାନ୍ ଯୋଗସିଦ୍ଧିର ସମୁଚ୍ଚ ଅଧିକାରୀ । ସେ ଗୁରୁ, ସେ ପଥପ୍ରଦର୍ଶକ, ସେ ଆଧ୍ୟାତ୍ମିକ ତତ୍ତ୍ୱାବଧାରକ, ସେ ପୟଗମ୍ବର, ସେ ତୀର୍ଥଙ୍କର । ସେ ଅନ୍ୟମାନଙ୍କ ଅଲକ୍ଷ୍ୟରେ ସବୁ ଯୁଗରୁ ଅଛନ୍ତି ଓ ସବୁ ଯୁଗକୁ ରହିଗଲେ । ରୂପ, ନାମ, କର୍ମର ଘନ ଘନ ପରିବର୍ତ୍ତନ ଓ ପୁନରାବୃତ୍ତି ମଧ୍ୟରେ ଏ ସଂସାରର ସଂସାରତ୍ୱ ଅପରିବର୍ତ୍ତିତ ହୋଇ ରହିଗଲା । ଏହି ଅସଙ୍ଗ ଯୋଗସିଦ୍ଧିରେ ସଂସାର ରୂପାନ୍ତରିତ ହୁଏନାହିଁ । ବାସ୍ତବ ସମସ୍ୟା ରୂପେ

Digitized by srujanika@gmail.com

ନ ହେଲେ ହେଁ ସମ୍ଭାବ୍ୟ ସମସ୍ୟା ରୂପେ ସଂସାରର ସ୍ଥିତି ବଜାୟ ରହେ । 'ଅନ୍ୟ'ଟି ଆତ୍ମିକ ଅଗ୍ନିରେ ଦଗ୍‌ଧବୀଜ ହୋଇଗଲେ ହେଁ ପ୍ରାୟତଃ ଦଗ୍‌ଧୀଭୂତ ହୋଇପାଏନାହିଁ । ଏହି ଅସଙ୍ଗ ଯୋଗର ତୀବ୍ରତାରେ କେବେ ବା ସେ 'ଅନ୍ୟ'ଟି ଦଗ୍‌ଧୀଭୂତ ହୋଇଗଲେ ହେଁ, ତାହାର ଭସ୍ମାବଶେଷ ଅବଶିଷ୍ଟ ରହିଯାଏ । ନିଃଶେଷ ଭାବରେ 'ଅନ୍ୟ'କୁ ଆତ୍ମିକ ଅନଳରେ ତଲ୍ଲୀନ କରାଇ ଦେବା ଲାଗି ଯେଉଁ ଯୋଗ-ସାଧନାର ପ୍ରୟୋଜନ, ହୁଏତ ତାହା ବୃହତ୍‌ଙ୍କୁ ଅଗୋଚର ନ ଥିଲା । ନସ ଯେ ତହିଁରେ ଅଧିକାରୀ ନ ଥିଲେ ଏପରି କହି ହେବ ନାହିଁ; କିନ୍ତୁ ସ୍ୱେଚ୍ଛାକ୍ରମେ ସେ ସେହି ଯୋଗମାର୍ଗର ପଥିକ ହୋଇ ନାହାନ୍ତି । ସଂସାର ଦଗ୍‌ଧବୀଜ ହୋଇଗଲେ କିମ୍ବା ଦଗ୍‌ଧୀଭୂତ ହୋଇଗଲେ, ତାଙ୍କର କାମ ହୋଇଗଲା । ନିଃଶେଷଭାବେ ତଲ୍ଲୀନ କରାଇ ନେବା ସାଧନା ଆଉ ଜଣକ ପାଇଁ ଉଦ୍ଦିଷ୍ଟ ହୋଇ ରହିଯାଇଛି । ସେହି ଆଉ ଜଣକ ହେଉଛନ୍ତି ଧର୍ଷିତଭିକ୍ଷୁଙ୍କ ନାମ, ରୂପ, ଶରୀର, କର୍ମ ଓ କର୍ମଫଳକୁ ସ୍ୱେଚ୍ଛାକ୍ରମେ ଧାରଣ କରିଥିବା ଅନାମ, ଅରୂପ ତୈଜସ ପୁରୁଷଟି, ଯେଉଁନ ଯେ ଆବିର୍ଭୂତ ହୋଇଥିଲେ ସଂସାର ସହରର ଉପାନ୍ତରେ । ତାଙ୍କ ଅଗ୍ନିପ୍ରସାଗତ ବୈଶିଷ୍ଟ୍ୟ ହିଁ ତାଙ୍କ ଯୋଗର ବଶିଷ୍ଟତା ।

ପଞ୍ଚମହାଭୌତିକ ଜଗତ ଓ ଆଧ୍ୟାତ୍ମିକ ସମସ୍ୟା

ସାଂଖ୍ୟ ଦର୍ଶନର ବିଶ୍ଳେଷଣ ଅନୁସାରେ ପଞ୍ଚମହାଭୂତମାନଙ୍କ ମଧ୍ୟରେ ଶବ୍ଦ-ତନ୍ମାତ୍ର-ସମ୍ଭୂତ, ଶବ୍ଦ-ଗୁଣାନ୍ୱିତ ଆକାଶ ହିଁ ସୂକ୍ଷ୍ମତମ ମହାଭୂତ । ସ୍ପର୍ଶ-ତନ୍ମାତ୍ର-ସମ୍ଭୂତ, ଶବ୍ଦ ଓ ସ୍ପର୍ଶ-ଗୁଣାନ୍ୱିତ ବାୟୁ ହେଉଛି ଆକାଶଠାରୁ ସ୍ଥୂଳତର । ରୂପ (visibility) ତନ୍ମାତ୍ର ସମ୍ଭୂତ ଶବ୍ଦ, ସ୍ପର୍ଶ, ରୂପ ଗୁଣାନ୍ୱିତ ତେଜ ହେଉଛି ବାୟୁଠାରୁ ସ୍ଥୂଳତର । ରସ ତନ୍ମାତ୍ରସମ୍ଭୂତ ଶବ୍ଦ, ସ୍ପର୍ଶ, ରୂପ ରସ ଗୁଣାନ୍ୱିତ ଜଳ ହେଉଛି ତେଜଠାରୁ ସ୍ଥୂଳତର । ଗନ୍ଧ ତନ୍ମାତ୍ରସମ୍ଭୂତ, ଶବ୍ଦ, ସ୍ପର୍ଶ, ରୂପ, ରସ ଗନ୍ଧ ଗୁଣାନ୍ୱିତ ପୃଥିବୀ ହେଉଛି ସବୁ ମହାଭୂତମାନଙ୍କ ମଧ୍ୟରେ ସ୍ଥୂଳତମ । ସବୁଠାରୁ ସୂକ୍ଷ୍ମତମ ମହାଭୂତ ଆକାଶ ଓ ସ୍ଥୂଳତମ ମହାଭୂତ ପୃଥିବୀ ଏହି ଦୁଇ କୋଟୀ ମଧ୍ୟରେ ଅନ୍ୟ ମହାଭୂତମାନେ ସୂକ୍ଷ୍ମ-ସ୍ଥୂଳ ଅନୁକ୍ରମରେ ପ୍ରସାରିତ ଓ ପ୍ରଲମ୍ବିତ ହୋଇ ରହିଛନ୍ତି । ସାଂଖ୍ୟ ଦର୍ଶନର ବିଶ୍ଳେଷଣରୁ ସୂଚିତ ହୁଏ

Digitized by srujanika@gmail.com

ଯେ ସ୍ଥୂଳତର ମହାଭୂତମାନଙ୍କ ମଧ୍ୟରେ ସୂକ୍ଷ୍ମତର ମହାଭୂତମାନେ ସ୍ଥିତିଗତ ଭାବରେ ଆବିଷ୍ଟ ଓ ଗର୍ଭିତ ହୋଇ ରହିଛନ୍ତି । ତେଣୁ ସ୍ଥୂଳତମ ମହାଭୂତ ପୃଥିବୀ ତତ୍ତ୍ୱରେ ଅନ୍ୟାନ୍ୟ ସୂକ୍ଷ୍ମତର ମହାଭୂତମାନେ ଆନୁକ୍ରମିକ ଭାବରେ କେନ୍ଦ୍ରୀଭୂତ ଓ ସାନ୍ଦ୍ରୀଭୂତହୋଇ ରହିଛନ୍ତି । ଅମୂର୍ତ୍ତିମାନତାରୁ କ୍ରମବର୍ଦ୍ଧିଷ୍ଣୁ ମୂର୍ତ୍ତିମାନତାକୁ, ନିରାବରଣତାରୁ ଅପେକ୍ଷାକୃତ ଆବରଣମୟତାକୁ, ନିରବୟବତାରୁ ଘନୀଭୂତ ସାବୟବତାକୁ, ସ୍ୱଚ୍ଛତାରୁ ପୁଞ୍ଜୀଭୂତ ସାନ୍ଧକାରତାକୁ ପ୍ରବେଶ କରିବା ହେଉଛି ସୂକ୍ଷ୍ମତରରୁ ସ୍ଥୂଳତରକୁ ପ୍ରବେଶ କରିବା । ପୃଥିବୀ ସ୍ଥୂଳତମ । ତେଣୁ ତାହା ହେଉଛି ସବୁଠାରୁ ଘନ ଅବଗୁଣ୍ଠିତ ତତ୍ତ୍ୱ; ଶିଳାହ୍ରଦ ଅନ୍ଧକାର ପରି ନିବିଡ଼ ଓ ନିରନ୍ଧ୍ର, ନିରୁଦ୍ଧ ଓ ନିର୍ବାକ୍, ଅଭାବମୀୟ ଭାବରେ ନିଶ୍ଚେତନ ଓ ପିଣ୍ଡୀଭୂତ; କିନ୍ତୁ ସ୍ମରଣ ରଖିବାକୁ ହେବ, ପୃଥିବୀ ହେଉଛି ରସବତୀ, ଗନ୍ଧବତୀ । ରସ ଗନ୍ଧଠାରୁ ବଳି ଆଉ ମୂର୍ତ୍ତ ଆସ୍ୱାଦନ ଅନୁଭବ ଆଉ କଅଣ ଅଛି ? ଅନୁଭବ ଜଗତର ଚୂଡ଼ାନ୍ତ ରସଘନ-ପୀନତା, ଆଶ୍ଳିଷ୍ଟତା, ସାନ୍ଦ୍ରତା, ସମ୍ମୋହନତା ଓ ବିଭୋରତା ଏହି ମୃଣ୍ମୟ ତତ୍ତ୍ୱରେ ପିହିତ ହୋଇ ରହିଛି । ସୂକ୍ଷ୍ମତାରେ ସାନ୍ଦ୍ରତାର ଅଭାବ ଓ ସ୍ଥୂଳତାରେ ସ୍ୱଚ୍ଛତାର ଅଭାବ ଯେଉଁ ଅପୂରଣୀୟତା ସୃଷ୍ଟି କରିଛି, ତାହା ସୂକ୍ଷ୍ମ ଓ ସ୍ଥୂଳକୁ ବିଚ୍ଛିନ୍ନ କରିବା ସଙ୍ଗେ ସଙ୍ଗେ ପରସ୍ପରର ପରିପୂରକତା ପାଇଁ ପ୍ରବଳ ଉନ୍ମୁଖତା ଓ ଆସଂଯତ (Adhesive) ପ୍ରବଣତାର କାରଣ ହୋଇଛି । ସ୍ଥୂଳତାରେ ସ୍ୱଚ୍ଛତାର ଆନୟନ ଓ ସୂକ୍ଷ୍ମତାରେ ସାନ୍ଦ୍ରତାର ଆନୟନ ଦୁଇଟି ଭିନ୍ନ ପ୍ରକ୍ରିୟା ନୁହେଁ । ସୂକ୍ଷ୍ମ ଓ ସ୍ଥୂଳ ମଧ୍ୟରେ ଥିବା ବିଚ୍ଛିନ୍ନତାକୁ ଦୂର କରିଦେଇ ପାରିଲେ ଯେଉଁ ସ୍ଥିତି ଲାଭହେବ ତାହା ହିଁ ସାନ୍ଦ୍ର-ସ୍ୱଚ୍ଛତା ଭାବରେ ପ୍ରଭାବିତ ହେବ । ଏହି ବିଚ୍ଛିନ୍ନତାର ଦୂରୀକରଣ ତଥା ସାନ୍ଦ୍ରସ୍ୱଚ୍ଛତାର ଉପସ୍ଥାପନ ଏକ ଅଭିନ୍ନ ପ୍ରକ୍ରିୟା । ଏହି ପ୍ରକ୍ରିୟା କିପରି ସମ୍ପାଦିତ ହେବ, ତାହାହିଁ ମୁଖ୍ୟ ଆଧ୍ୟାତ୍ମିକ ସମସ୍ୟା । ନବଜାତକ କାହାଣୀର ସକଳ ପ୍ରବହମାନତାର ହେତୁଭୂତ ଗୁପ୍ତମନ୍ତ୍ରରୂପେ ଏହି ସମସ୍ୟା ହିଁ କାର୍ଯ୍ୟ କରିଛି ।

ନବଜାତକର କଥାକାର ଏହି ସମସ୍ୟାଟିକୁ ଆଉ ଏକ ଘନିଷ୍ଠ ତେଣୁ ବିଶେଷ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ନେଇଯାଇଛନ୍ତି । "ଶରୀର ପିଣ୍ଡ

Digitized by srujanika@gmail.com

ପାଇଁ ରସବତୀ, ଗନ୍ଧବତୀ ପୃଥିବୀର ଅବଦାନ ସବୁଠାରୁ ଅଧିକ ।" ଏହି ଉକ୍ତିରେ ପୃଥିବୀ ତତ୍ତ୍ୱଗତ ସମସ୍ୟାଟି ଶରୀର ତତ୍ତ୍ୱରେ ସଂକ୍ରମିତ ହୋଇ-ଯାଇଛି । ଶରୀର ହେଉଛି ବସ୍ତୁମାନଙ୍କ ଭିତରେ ଘନିଷ୍ଠତମ, ଯାହାର ଅନୁଭବ ଅଭାବନୀୟ ଭାବରେ ସାନ୍ଦ୍ର ଓ ତୀବ୍ର, ଅଥଚ ତାହା ସେହି ପରି-ମାଣରେ ଅସ୍ୱଚ୍ଛ ଓ ଦୁର୍ବୋଧ, ସମ୍ପୂର୍ଣ୍ଣ ଆବୃତ ଓ ତିମିରଗ୍ରସ୍ତ । ଏହି ଶରୀର ହେଉଛି ମାଂସମୟତା ଓ ସ୍ପର୍ଶମୟତାର ବିସ୍ତୀର୍ଣ୍ଣ ରହସ୍ୟାବୃତ ଭୂମି । ଅନେକ କୁହୁକ, ଅନେକ ସ୍ୱପ୍ନ, ଅନେକ କୁହୁସ୍ୱର, ଅନେକ ବସନ୍ତର ଅଭିସାର, ଅନେକ ଅତୃପ୍ତତା, ଅନେକ ସନ୍ତାପ ଓ ସନ୍ତର୍ପଣ, ଜ୍ୱାଳା ଓ ଯନ୍ତ୍ରଣା ଏହି ମାଂସମୟ ଓ ସ୍ପର୍ଶମୟ ଭୂମିକୁ ସମାଛନ୍ନ କରି ରଖିଅଛି । କେହି କେହି କହନ୍ତି ଏହା ଏକ ବିକଟ ପ୍ରେତପୁରୀ । ଅନ୍ୟମାନେ କହନ୍ତି ଏହା ଏକ ଅଳସ ଅଳକାନନ୍ଦା, ଇନ୍ଦ୍ରଭୁବନ । ଆଉ କାହାପାଇଁ ଏହା ଆକାଶ-କୁସୁମ-ମାଳିନୀ ଗନ୍ଧର୍ବ-ନଗରୀ । ଏହା ଏକ ପ୍ରଚଣ୍ଡ ପ୍ରହେଳିକା, ଉତ୍କଟ ଉଦ୍ଭଟତା । "ମାଂସମୟତା ଓ ସ୍ପର୍ଶମୟତା ସ୍ଥିର ଚେତନା ପାଇଁ ଅତି ଦୁର୍ଗମ ।" ଏହି ଦୁର୍ଗମତା ହିଁ ଏକଧାରରେ ଆମପାଇଁ ନିଃଶେଷ ଅବସନ୍ନତା ଓ ଅବାରିତ ଋଣାହ୍ୱାନ ।

ନବଜାତକ କହେ, ଅସଂଖ୍ୟ ଜଗତରେ ଯୁଗ ଯୁଗ ଧରି ଯେଉଁ ଶ୍ରେଷ୍ଠତମ ଏବଂ ଗଭୀରତମ ରହସ୍ୟକୁ ଖୋଜାଚାଲିଛି, ସେହି ଅପସୃୟମାଣ ସତ୍ୟ ଏଠି ଅତି ସାନ୍ଦ୍ର ଏବଂ ନିରବଛିନ୍ନ ଭାବରେ ଅଛି ଭଳି ଲାଗେ । ମାଂସମୟତାର ସାନ୍ଦ୍ରତାରେ ତାର ସ୍ପର୍ଶସୁଖ ମିଳେ । ସେଥିପାଇଁ ମାଂସମୟତାର ଏତେ ଆକର୍ଷଣ, ଏତେ ପ୍ରଲୋଭନ, ଏତେ ତନ୍ମୟତା; କିନ୍ତୁ ମାଂସମୟତାର ଅସ୍ୱଚ୍ଛ ଆବରଣ ତଳେ ସେହି ଅପସୃୟମାଣ ରହସ୍ୟ ସ୍ୱରୂପ ଲୁକ୍‌କାୟିତ ରହିଯାଏ ଦୁର୍ଭେଦ୍ୟ ରଣକୁହୁଡ଼ିରେ ପ୍ରିୟଜନର ପରିଚିତ ବୁଡ଼ିଗଲାପରି । ଶତପୃଷ୍ଠ ଆବରଣ ତଳୁ ପରମ ପ୍ରିୟତମଙ୍କୁ ଖୋଜିବା ଲାଗି ଯେଉଁ ସାଧନା ଓ ସଂଗ୍ରାମ କରିବାକୁ ପଡ଼େ, ସେହି ସାଧନା ଓ ସଂଗ୍ରାମ ଭୂମିରେ ସିଧାସଳଖ ପ୍ରବେଶ କରିବା ପାଇଁ ମର୍ଷିତଭିକ୍ଷୁ ନାମିତ ତୈଜସ ପୁରୁଷଟି ମଣିଷ ଆକୃତିର ରୂପ ପାଇଁ ଅଭିଳାଷ କରିଥିଲେ ।

ମନୁଷ୍ୟ ଶରୀର ଦୁର୍ଲ୍ଲଭ

ସବୁପ୍ରକାର ଶରୀରମାନଙ୍କ ମଧ୍ୟରେ ମନୁଷ୍ୟ ଶରୀରର ଯେ ଅପୂର୍ବ

Digitized by srujanika@gmail.com

ବଶିଷ୍ଟତା ଅଛି, ଏହା ନବଜାତକରେ ସ୍ୱୀକୃତ ହୋଇଅଛି । "ମଣିଷର ଶରୀର ଅନୁପମ—ତାର ଆଖି ପରି ଆଖି ନାହିଁ, ସ୍ୱର ପରି ସ୍ୱର ନାହିଁ, ବୁଦ୍ଧି ପରି ବୁଦ୍ଧି ନାହିଁ ।" ଭାଗବତ କହେ—

ମନୁଷ୍ୟ ଦେହେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ॥

ପୁରାଣମାନଙ୍କରେ ଉଲ୍ଲେଖ ମିଳେ ଦେବତାମାନେ ଯୋଗସିଦ୍ଧି ନିମିତ୍ତ ନରଦେହ କାମନା କରିଥାନ୍ତି । ସେମାନେ ନରଦେହକୁ ଅବଲମ୍ବନ କରି ଅଶେଷ ସମ୍ଭାବ୍ୟ ଯୋଗଭୂମିମାନଙ୍କ ନିଃଶେଷ ସମ୍ଭାବନାକୁ ଉଦ୍‌ଘାଟନ କରନ୍ତି । ସେଥିଲାଗି 'ନରଜନ୍ମ ଦୁର୍ଲ୍ଲଭ' ଓ 'ଦୁର୍ଲ୍ଲଭ ମନୁଷ୍ୟ ଶରୀର, ବୋଲି ଶାସ୍ତ୍ର-ମାନଙ୍କରେ ଉଦ୍‌ଘୋଷିତ ହୋଇଅଛି । * ମାନବଶରୀର ଦୁର୍ଲ୍ଲଭ, କାରଣ ତାହା ପଶୁ-ଶରୀର ବା ଦେବଶରୀର ପରି ସମାପ୍ତ ଫଳରୂପ ନୁହେଁ । ଶରୀରେ-ତରମାନେ ସମାପିତରୂପେ ଅଚେତନ କିମ୍ବା ସମାପିତ ରୂପେ ସଚେତନ; କିନ୍ତୁ ମାନବ ଶରୀର ସଚେତନତା ଓ ଅଚେତନତା ଯୁଗଳତନ୍ତ୍ରୁ ନିଷ୍ପନ୍ନ ଏକ ବିଚିତ୍ର ନିର୍ମାଣ । ଆଲୋକ ଓ ଅନ୍ଧକାରର ସର୍ବସ୍ତରୀୟ ମିଥୁନୀକରଣ ହେତୁ ଆଲୋକକୁ ଅନ୍ଧକାର ଭାଷାରେ ଓ ଅନ୍ଧକାରକୁ ଆଲୋକ ଭାଷାରେ ଅନୁବାଦ କରାଯିବା କେବଳ ତହିଁରେ ହିଁ ସମ୍ଭବ । ତେଣୁ ସକଳ ଶିକ୍ଷା, ଆତ୍ମୋନ୍ନତି, ଆତ୍ମବିକାଶ ଓ ସ୍ୱସ୍ୱାଂତିକ୍ରମଣ (Self-transcendence) ମାନବ ଶରୀରରେ ହିଁ ସମ୍ଭବ । ଏଥିରେ ଉତ୍‌ଥାନ ଓ ପତନ, ଉନ୍ମୀଳନ ଓ ନିମୀଳନ, ଊର୍ଦ୍ଧ୍ୱଗତି ଓ ଅଧୋଗତି ରୂପକ ବିପରୀତମୁଖୀ ଯୁଗଳ ଦ୍ୱାର, ଚେତନାର ପ୍ରତି ସ୍ତରରେ ସଂଲଗ୍ନ ହୋଇ ରହିଛି । କୌଣସି ଦୃଷ୍ଟିରୁ ଏହା ଏକ ସମାପିତ ଅବରୁଦ୍ଧ ଗୃହ ନୁହେଁ । ପ୍ରତି କ୍ଷଣରେ ଓ ପ୍ରତିବିନ୍ଦୁରେ ଉତ୍‌ଥାନର ସମ୍ଭାବନା ଓ ପତନର ସମ୍ଭାବନା ଏ ଶରୀରକୁ ଆବୋରି ରହିଥିବାରୁ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ଭାବରେ ବଞ୍ଚିବା ପାଇଁ ଯୋଗୀମନଙ୍କୁ ଏହା ସୁବର୍ଣ୍ଣ ସୁଯୋଗ ଯୋଗାଇଥାଏ ।

*"This human body is the greatest body in the universe and a human being is the greatest being." "Human birth is the greateat birth we can have." Swami Vivekananda, Complete Works. I-272

Digitized by srujanika@gmail.com

ଯଦି ଭାଗ୍ୟବଶାତ୍ ଉତ୍ତମ ରୂପେ ଯୋଗକର୍ଷିତ କୌଣସି ଏକ ମାନବଶରୀର ମିଳେ, ତେବେ ତାହାକୁ ଅଧାରଭୂତ କରି ଚେତନାର ବିଭିନ୍ନ କୋଷୀକ ପରୀକ୍ଷଣ ନିରୀକ୍ଷଣ କରାଯାଇପାରେ । ନବଜାତକର କଥାନାୟକ, "ଅବତୀର୍ଣ୍ଣ ତୈଜସ ପୁରୁଷ" ଶରୀର ରକ୍ଷା କରିଥିବା ଦୀକ୍ଷିତ ଭିକ୍ଷୁଙ୍କ ଯୋଗକର୍ଷିତ କାୟାବ୍ୟୂହକୁ ସେହିଭଳି ଏକ ଅଧାରରୂପେ ସ୍ୱେଚ୍ଛାକୃତ ନିଷ୍ପତ୍ତିରେ ଗ୍ରହଣ କରିଛନ୍ତି । ଭଗବତ୍‌ପାଦ ଆଚାର୍ଯ୍ୟ ଶଙ୍କର କାମକଳା ଶାସ୍ତ୍ରର ଗୂଢ଼ ତତ୍ତ୍ୱାବବୋଧ ନିମିତ୍ତ ମୃତ ଅମରୁକ ରାଜାଙ୍କ କାୟା ପ୍ରବେଶ କରିଥିଲେ ଏବଂ ଦୀର୍ଘକାଳ ଲାଗି ତାଙ୍କ ଯୋଗକର୍ଷିତ ଶରୀର ଅକ୍ଷୟ ଅକ୍ଷୁଣ୍ଣ ରହିଥିଲା । ନାଥଯୋଗୀ ମହାତ୍ମା ମତ୍ସେନ୍ଦ୍ରନାଥ ନିଜ ଯୋଗସିଦ୍ଧ ଶରୀରର ସୁରକ୍ଷଣ ଦାୟିତ୍ୱ ଶିଷ୍ୟ ଗୋରଖନାଥଙ୍କୁ ଅର୍ପଣ କରି ସାଂସାରିକ ସୌଭାଗ୍ୟ ଶ୍ରୀର ଗମ୍ଭୀରାବର୍ତ୍ତରେ ଯୋଗତାତ୍ପର୍ଯ୍ୟ ଅନୁଧ୍ୟାନ କରିବାପାଇଁ ସିଂହଳରାଜାଙ୍କ ମୃତଦେହର ପ୍ରବେଶ କରିଥିଲେ । ଯୋଗ ପରମ୍ପରାରେ କାୟାପ୍ରବେଶ ସାର୍ଥକନିିସ୍ପାରୂପେ ସ୍ୱୀକୃତ ହୋଇଅଛି । ତୈଜସ ପୁରୁଷଙ୍କର ଦୀକ୍ଷିତଶରୀର—କାୟାପ୍ରବେଶ ପ୍ରସଙ୍ଗକ୍ରମେ ବୃହତ୍‌ଙ୍କ ପ୍ରଜ୍ଞାପୁଷ୍କଳ ଅନୁମୋଦନ ଲାଭକରିଛି ।

ତୈଜସ ପୁରୁଷଙ୍କ କାୟା ଗ୍ରହଣ ଓ ସଂସାର ପ୍ରବେଶ

ସଂସାର ଯାହା ନିର୍ବାହକରି ତାଡ଼ିତ, ପ୍ରପଞ୍ଚିତ ଦୀକ୍ଷିତ ଭିକ୍ଷୁ ନାମକ ଜଣେ ସାଧକ ଅନେକ ଦିନୁ ଦେହରକ୍ଷା କରିସାରିଥିଲେ । ବାଲିବନ୍ତର ନିର୍ଜ୍ଜନତାରେ ପତିତ ଓ ଉପେକ୍ଷିତ ସେହି ପ୍ରାଣଶୂନ୍ୟ ଶରୀରରେ ଅସରନ୍ତି ଉତ୍ସୁକତା ଓ ଅନୁସନ୍ଧିତ୍ସା ଘେନି ତୈଜସ ପୁରୁଷ ପ୍ରବେଶକଲେ । ଶରୀର ପ୍ରବେଶ ମାତ୍ରକେ ତାଙ୍କର ସଂସାର ପ୍ରବେଶ ହୋଇଗଲା । "ଅଦୃଶ୍ୟ ଲଇଁଟାଏ ଗୁଡ଼େଇ ହୋଇଗଲା ପରି ସେ ଅନୁଭବ କଲେ ।" ମୁକ୍ତିରୁ ସଦ୍ୟ ଅପସରି ଆସିଥିବା ଅନନୁଭବୀ ପକ୍ଷୀଟିଏ ପଞ୍ଜୁରୀର ପ୍ରଥମ ସ୍ପର୍ଶରେ ସ୍ତବ୍ଧ-ଚକିତ ହୋଇଗଲା ପରି ବୋଧକଲେ ଏବର 'ଦୀକ୍ଷିତଭିକ୍ଷୁ' । ତାଙ୍କ ଚେତନା ପରିଧିର ଚାରିଆଡ଼େ ଏକ ନିସ୍ପନ୍ଦ ସ୍ଥିର ଅଷ୍ଟପଦୀର ବାହୁଲତା ମାନ ଧୀରେ ଧୀରେ ଆଲୁଳାୟିତ ଭାବରେ ଛନ୍ଦି ହୋଇ ଆସିଲା । ସେ ସ୍ୱପ୍ନିଳ ସ୍ପର୍ଶ କ୍ରମେ ଗାଢ଼ରୁ ଗାଢ଼ତର, ତୀବ୍ରରୁ ତୀବ୍ରତର ହୋଇ ରକ୍ତପାୟୀ ନାଗପାଶ ବନ୍ଧନର ସହସ୍ର ବନ୍ଧନୀ-ବଳୟ ସୃଷ୍ଟି କରି ଚାଲିଲା । କି ଏକ

Digitized by srujanika@gmail.com

ଅସ୍ତିତ୍ୱ, କି ଏକ ଶ୍ୱାସରୁଦ୍ଧକର ଅବସ୍ଥା ! ଏତେ ସଂସାର ସ୍ପର୍ଶର ଅପ୍ରମାଣନୀୟ ଅନୁଭବ ! ଗୃହ୍ଣୁଁ ଗୃହ୍ଣୁଁ ଗୃହଅଗ୍ନିର ଚଳଚ୍ଚଳ ଅଗ୍ନି ଶିଖାମାନ ଦପ୍ ଦପ୍ ହୋଇ ଜଳଉଠିଲି । ଏ ହେଉଛି କ୍ଷୁଧା—"ଯା ଦେବୀ ସର୍ବଭୂତେଷୁ କ୍ଷୁଧା ରୂପେଣ ସଂସ୍ଥିତା । ସଂସାର ପ୍ରବାହରେ ଏତ ଅତି ପ୍ରଚଣ୍ଡା ମହାଶକ୍ତି—ଆଦ୍ୟା, ମଧ୍ୟା ଓ ଅନ୍ତିକା । ଶରୀର ସଙ୍ଗେ, ସଂସାର ସଙ୍ଗେ ପରିଚୟ ହେଉ ହେଉ ସମବ୍ୟାପ୍ତ ଭାବରେ କ୍ଷୁଧା ସଙ୍ଗେ ପରିଚୟ ହୋଇ-ଯାଉଥାଏ । ଶରୀର, ସଂସାର, କ୍ଷୁଧା ସମବ୍ୟାପ୍ତ । ଗୋଟିକରୁ ଅନ୍ୟ ଦୁଇଟିର ପରିଚୟ ପାଇବା ସହଜ ।

ବ୍ୟକ୍ତି ଶରୀରଟି ଧାରଣ କରୁ କରୁ ସମାଜ ଓ ସଂସାରରେ ଅପ୍ରତ୍ୟାଶିତ ଆଲୋଡନ ସୃଷ୍ଟି କଲେ 'ପାଷିଚ ଭିକ୍ଷୁ' । ଧାଇଁଆସିଲେ ବଜାର ଛକରୁ ସଂସାରୀ ଜୀବ-ଜନ୍ତୁମାନେ । 'ନାମ ରୂପ ଉଭୟ ମିଥ୍ୟା' ଏଇମାନ 'ପାଷିଚ ଭିକ୍ଷୁ"ଙ୍କର ପ୍ରଥମ ଉଚ୍ଚାରିତ ବାକ୍ୟ । କିନ୍ତୁ ଏ ବାକ୍ୟ କେହି ଅନ୍ୟଜଣେ ଶୁଣୁ ବୋଲି ସେ କହିନଥିଲେ । ଏହା ଏକ ସମ୍ବାଦବାହୀ ବାକ୍ୟ ନଥିଲା । ଏହା ଏକ ସମ୍ପୂର୍ଣ୍ଣ ସ୍ୱଗତୋକ୍ତି । ସେ ଅନୁଭବ କଲେ, ନାମ ଓ ରୂପ ଅବାରିତ ଭାବରେ ଅଖଣ୍ଡକୁ ବିଖଣ୍ଡିତ କରିଚାଲିଛି । ଦେଶ, କାଳ ଓ କାରଣର ଜୀବ ପ୍ରାସଙ୍ଗିକତା ସ୍ଥାପନ କରି ଅଲଙ୍ଘ୍ୟ ଆଞ୍ଚଳିକତାର ଗୁରୁରୂପ ସୃଷ୍ଟି କରି ଚାଲିଛି । ଅଣାଯାଉରେ, ଅନିଚ୍ଛାସତ୍ତ୍ୱେ କର୍ତ୍ତିତ ଓ ବିଖଣ୍ଡିତ ହେଉଥିଲା ବେଳେ ଗୃହପୀଡ଼ିତ, ତାପିତ ପାଷିଚଭିକ୍ଷୁଙ୍କ ସ୍ୱତଃସ୍ଫୁର୍ତ୍ତ ପ୍ରତିବାଦ ସ୍ୱରଉଚ୍ଚାରିତ ହେଲା, 'ନାମ ରୂପ ଉଭୟ ମିଥ୍ୟା" । ଆଞ୍ଚଳିକତା, ସ୍ଥାନିକତା ଯେତେ ବାସ୍ତବ ସତ୍ୟ ଭାବରେ ଚେତନାକୁ ଆକ୍ରାନ୍ତ କଲେ ହେଁ ପାଷିଚଭିକ୍ଷୁ ବିଦ୍ରୋହୀର ସ୍ୱରରେ କହୁଥାନ୍ତି, 'ନାମରୂପ ଉଭୟ ମିଥ୍ୟା' । ଆଞ୍ଚଳିକତାର ଜନନୀ ନାମ-ରୂପର ଅପରିହାର୍ଯ୍ୟ ଆବଶ୍ୟକୀୟତା, ସେମାନଙ୍କ କଲ୍ୟାଣ, ଉଦ୍ଦୀପନା, ଆହ୍ୱାନ ଓ ଆଶ୍ୱାସନା ସକଳ ସମଭାବରେ ମିଥ୍ୟା । ନାମ-ରୂପ ପରିଚ୍ଛିନ୍ନ ଆଚ୍ଛନ୍ନ-ଚେତନା ଏକାନ୍ତ ଅପରିଚ୍ଛନ୍ନ ଓ ଅଗ୍ରାହ୍ୟ । ତାହା ଏକାନ୍ତ ଅସତ୍ୟ । ନିଜର ପରିବର୍ତ୍ତିତ ସ୍ଥିତି ପ୍ରତି ପାଷିଚଭିକ୍ଷୁ ଯେଉଁ ଆତ୍ମିକ ବିଦ୍ରୋହର ସ୍ୱର ଉଠାଇଲେ, ତାହା ବ୍ୟକ୍ତିକ ସୀମା ଲଙ୍ଘନ କରି ସମାଜକୁ, ସଂସାରକୁ କଷାଘାତ କଲା, ଆହତ କଲା । ପାଷିଚ ଭିକ୍ଷୁଙ୍କ ସ୍ୱଗତୋକ୍ତିରେ ସମାଜ ଓ ସଂସାର ଉଭୟ ଅପମାନିତ

Digitized by srujanika@gmail.com

ବୋଧକଲେ । ଏଣିକି ସମାଜ ଓ ସଂସାର ଏହି ଏକ କାରଣ ପାଇଁ ଏକକ ହୋଇ ଠିଆହେଲେ । ଆପାତ ନିରୀହ ସ୍ୱଗତୋକ୍ତିଟିଏ ଯେ ଏଡ଼େ ପ୍ରଚଣ୍ଡ ପ୍ରତିକ୍ରିୟା ସୃଷ୍ଟି କରିପାରେ ତାହା କଳ୍ପନା କରି ହୁଅନ୍ତା ନାହିଁ, ଯଦି ଇତିହାସର ପୃଷ୍ଠା ପୃଷ୍ଠା ଏହି ଘଟଣାରେ ବ୍ରଣାଙ୍କିତ ହୋଇ ନଥାନ୍ତା ।

ଦୀକ୍ଷିତଭିକ୍ଷୁଙ୍କ ଆପାତ-ନିରୀହ ଦାର୍ଶନିକ ବାକ୍ୟଟିଠାରୁ ବଳି ଅପମାନକର ବାକ୍ୟ ଆଉ କଅଣ ଥାଇପାରେ ? ଆହତ ଅହିରାଜ ପରି ଗର୍ଜିଉଠିଲା ସମାଜ-ସଂସାର : ଦୀକ୍ଷିତଭିକ୍ଷୁ କଅଣ ନିଜେ ଏକ ନାମ-ରୂପ ସଂସ୍ଥା ନୁହନ୍ତି ? ସେ ପୁଣି କହିବେ "ନାମ ରୂପ ଉଭୟ ମିଥ୍ୟା" । ଏହି ବାକ୍ୟରେ ସେ ନିଜକୁ ମିଥ୍ୟା ବୋଲି କହୁଛନ୍ତି । ତେଣୁ ଏ ବାକ୍ୟଟି ଏକ ଆତ୍ମ-ବିରୋଧକ ବାକ୍ୟ, ଏକ ଆତ୍ମଘାତୀ ବାକ୍ୟ । ଦୀକ୍ଷିତଭିକ୍ଷୁ ଆତ୍ମ-ଦ୍ରୋହୀ । ଖାଲି ସେତିକି ନୁହେଁ—ସେ ବିଶ୍ୱଦ୍ରୋହୀ । ତାଙ୍କ ବାକ୍ୟରୁ ସ୍ପଷ୍ଟ ସୂଚିତ ହେଉଛି ଯେ, ନାମରୂପମୟ ଏ ସମଗ୍ର ସଂସାର ମିଥ୍ୟା । ଯୁଗ ଯୁଗ ଅର୍ଜିତ, ସଞ୍ଚିତ, ସଂରକ୍ଷିତ ଆମର ସଂସ୍କୃତି, ସଭ୍ୟତା, ଧନାଗାର, ଗ୍ରନ୍ଥାଗାର, ଭଣ୍ଡାର ସବୁ ମିଥ୍ୟା ! ଆମର ସଚିବାଳୟ, ବିଦ୍ୟାଳୟ, ଦେବାଳୟ, ନ୍ୟାୟାଳୟ ସବୁ ମିଥ୍ୟା ! ଆମର ରାଜତନ୍ତ୍ର, ଗଣତନ୍ତ୍ର, ସମାଜତନ୍ତ୍ର ସବୁ ମିଥ୍ୟା ! ଆଉ ସତ୍ୟ କଅଣ ନାଁ—ନାମରୂପ ଆଶ୍ରିତ ଏଇ ଭିକ୍ଷୁର ନାମରୂପ ମଣ୍ଡିତ ବାକ୍ୟାଭାସଟି, ଯେ "ନାମରୂପ ଉଭୟ ମିଥ୍ୟା" ? ନାମରୂପକୁ ମିଥ୍ୟା ବୋଲି କହିଲେ ସଂସାରର ସ୍ୱତଃ ସ୍ଫୂର୍ତ୍ତ ବୈଶିଷ୍ଟ୍ୟ ମିଥ୍ୟା ହୋଇଯିବ । କାରଣ, ଏ ସଂସାରର ବୈଶିଷ୍ଟ୍ୟ ହେଉଛି ନାମରୂପାଶ୍ରୟୀ । ନାମରୂପ ମିଥ୍ୟା ହେଲେ ମହାମହିମ ସମ୍ରାଟ, କୁକୁର ଓ କାଛୁ ମଧ୍ୟରେ ଭେଦ ରହିବ ନାହିଁ । ଫଳରେ ଉଚ୍ଚ ନୀଚ, ଗୁରୁ ଲଘୁ, ହେୟ ଉପାଦେୟ ମଧ୍ୟରେ ଭେଦ ରହିବ ନାହିଁ । ତେଣୁ ସକଳ ମୂଲ୍ୟବୋଧ ସମୁଳେ ଭୂଷୁଡ଼ିପଡିବ । ଜନସମାଜର ଆଚରଣ ବିଧିକୁ ଭ୍ରଷ୍ଟ କରିବା ପାଇଁ ଏହାଠାରୁ ବଳି ଆଉ କେଉଁ ବ୍ୟବସ୍ଥା ଥାଇ ପାରେ ? ତେଣୁ ଏହି ବିଶ୍ୱଦ୍ରୋହୀ ହେଉଛି ଏକାଧାରରେ ସମାଜଦ୍ରୋହୀ, ଦେବଦ୍ରୋହୀ, ଦେଶଦ୍ରୋହୀ ଓ ରାଜଦ୍ରୋହୀ । ଏହାକୁ ଦ୍ରୋହୀ ବୋଲି କହିଲେ ଠିକ୍ ହେବ ନାହିଁ—ଏ ହେଉଛି ଦ୍ରୋହର ମୂର୍ତ୍ତି ବିଗ୍ରହ । ଏ ଅପରାଧୀ ନୁହେଁ, ଏ ସ୍ୱୟଂ ଅପରାଧ । ଦୀକ୍ଷିତ ଭିକ୍ଷୁଙ୍କୁ

Digitized by srujanika@gmail.com

ପଶୁପରି ପାଶବଦ୍ଧ କରାଗଲା । ଶରୀର ପ୍ରବେଶ କରି ତ ସେ ନିଜର ସ୍ୱତନ୍ତ୍ରତା ହରାଇଥିଲେ, ଏବେ ସମାଜ-ସଂସାର ପ୍ରବେଶର ଫଳ ରୂପେ ସ୍ୱାଧୀନତା ହରାଇବସିଲେ । ଶୃଙ୍ଖଳିତ ଲାଞ୍ଛନା ନିର୍ଯାତନା ଓ ଯନ୍ତ୍ରଣାର ଉତ୍ପୀଡ଼ନ ଲହରୀମାଳା ମାଡ଼ିଆସିଲା । ସେ ଲହରୀ ତଳେ ସୂର୍ଯ୍ୟ ଚନ୍ଦ୍ର ଲୁଚିଗଲେ ।

ଅକ୍ଷିତଭିକ୍ଷୁ ଯୋଗସିଦ୍ଧ ଇଚ୍ଛାରେ ଏଥର ଯନ୍ତ୍ରଣାକୁ ଅଙ୍ଗୀକାର କଲେ । ତାଙ୍କ ଅନୁଭୂତିକୁ ଆସିଲା, "ପୀଡ଼ା ସତ୍ୟ, ମୁଁ ସତ୍ୟ, ସଂସାର ସତ୍ୟ, କାରଣ ମୁଁ ସଂସାରରେ ଅଛି ।" କୌଣସି ଚେତନାର ସ୍ତରକୁ ଗ୍ରହଣ କଲାମାତ୍ରକେ ସେହି ସ୍ତରୀୟ ନିଷ୍ପତ୍ତିକୁ ସତ୍ୟ ବୋଲି ଗ୍ରହଣ କରିବାକୁ ହୋଇଥାଏ । ଜ୍ଞାତା, ଜ୍ଞେୟ, ଓ ଜ୍ଞାନ; ଦ୍ରଷ୍ଟା, ଦୃଶ୍ୟ ଓ ଦର୍ଶନ; କର୍ତ୍ତା ପରିଣାମ ଓ କର୍ମ; ବେଦକ, ବେଦ୍ୟ ଓ ବେଦନା ହେଉଛି ପ୍ରତି ସ୍ତରର ମୌଳିକ ନିଷ୍ପତ୍ତି । ଗ୍ରହଣର ପୂର୍ଣ୍ଣତା ହେତୁ ଅନୁଭବକୁ ଆସିଲା, ଦେଶକାଳ ପରିଚ୍ଛିନ୍ନ, ନାମରୂପ ପିହିତ ଜ୍ଞାତା 'ମୁଁ'ଟି ସତ୍ୟ । ଦେଶକାଳ ପରିଚ୍ଛିନ୍ନ ନାମରୂପ ପିହିତ ଜ୍ଞେୟ "ସଂସାର" ସତ୍ୟ । ଦେଶକାଳ ପରିଚ୍ଛିନ୍ନ ନାମରୂପ ପିହିତ ସୁଖଦୁଃଖ, ଲାଭାଲାଭ ବୋଧ ସତ୍ୟ । ସେ ଜର୍ଜ୍ଜରିତ ହେଲେ, ଅଭିସିକ୍ତ ହେଲେ । ପ୍ରତିକ୍ଷଣରେ ସଂସାର ସହିତ ସେ ପରିଚିତ ହେଉଥାନ୍ତି, ଜଳ ସହିତ ବିଗୁଳିଯାଉଥିବା ଶର୍କରାଖଣ୍ଡ ପରି । ପରିଣତିରେ ସେ ଜଳମୟ ହୋଇଯିବେ । ଜଳ ମଧ୍ୟ ଆନୁରୂପିକ ସମ୍ଭବରେ ଶର୍କରାମୟ ହୋଇଯିବ । ଇତରେତର ସମ୍ଭବ ହେଉଛି ରୂପାନ୍ତରୀକରଣର ପ୍ରଥମ ଯୋଗଭୂମି । ଅକ୍ଷିତଭିକ୍ଷୁ ସେହି ଯୋଗଭୂମି ଆରୋହଣ କରି ସଚେତନ ଭାବରେ ଅତିକ୍ରମଣ କରୁଥାନ୍ତି ।

ସଂସାର ସହିତ ପରିଚୟ ହେବା ସଙ୍ଗେ ସଙ୍ଗେ ତାଙ୍କ ଲାଗି ସଂସାର ପରୀକ୍ଷା ଆରମ୍ଭ ହୋଇଗଲା । ଏ ପରୀକ୍ଷା ହିଁ ସଂସାରର ସ୍ୱାଭାବିକ ପ୍ରତିକ୍ରିୟା । ସଂସାରର ଗତାନୁଗତିକ ସଙ୍ଗତି ସ୍ପଷ୍ଟ ବାରିଦେଉଥାଏ ଯେ ସେ ହେଉଛନ୍ତି ଜଣେ ଅବାଞ୍ଛିତ ଆଗନ୍ତୁକ । ତେଣୁ ସ୍ଥିତି ଦୃଷ୍ଟିରୁ ଅସଙ୍ଗତିସମ୍ପନ୍ନ ଏକ ଅଭିବ୍ୟକ୍ତି । ସଂସାର ତାଙ୍କୁ ଗ୍ରହଣ କରିପାରୁ ନଥାଏ । କିନ୍ତୁ ସେ ସଂସାରକୁ ଗ୍ରହଣ କରି ସ୍ୱ ସଂବିତ୍ ବଳରେ ନିଜକୁ ସଂସାରଦ୍ୱାରା ଗୃହୀତ କରାଇନେଉଥାନ୍ତି । ସଂସାର ଜାଣିପାରୁଥାଏ ଯେ; ସେ ଯାହାକୁ ପ୍ରତ୍ୟାଖ୍ୟାନ କରୁଛି, ସେ ତାହାକୁ ନିରନ୍ତର ଅନୁଗୃହୀତ କରୁଛନ୍ତି ।

Digitized by srujanika@gmail.com

କୃତଜ୍ଞ ହେବା ପରିବର୍ତ୍ତେ ପ୍ରମତ୍ତ ସଂସାର କ୍ରୋଧାନ୍ଧ ହେଉଥାଏ । ପୟଃପାନ ଭୁଜଙ୍ଗାନାଂ କେବଳ ବିଷବର୍ଦ୍ଧନମ୍ ।

ସର୍ବୋଚ୍ଚ ନ୍ୟାୟାଳୟରେ ଘୋଷିତ ହେଲା, ଅପରାଧୀ ଯୀଶୁଖ୍ରୀଷ୍ଟଙ୍କ ମାତା ଦେବକୀ ବେଶ୍ୟା, ଜନ୍ମସ୍ଥାନ ବନ୍ଦୀଶାଳ, ପିତା ଅଜ୍ଞାତ ତେଣୁ ଜାରଜ । ସଂସାରର ପ୍ରବହ ସ୍ରୋତରେ ଏହାଙ୍କର ଔରସତ୍ତ୍ୱ ପ୍ରତିପାଦିତ ହୋଇପାରିବ ନାହିଁ । ଏ ସଂସାର-ଧର୍ମଜ ନୁହନ୍ତି । ତେଣୁ ସଂସାର କହୁଛି ଏ ଜାରଜ । ର ଏହାଙ୍କର "ବୀଜପ୍ରଦ ପିତା" ସଂସାରଭୁକ୍ତ ନୁହନ୍ତି, ତେଣୁ ଅଜ୍ଞାତ । ସଂସାର ସମ୍ମତ ସମାନ ଧର୍ମ, ଲକ୍ଷଣ ଲକ୍ଷିତ ନ ହୋଇଥିବାରୁ ଏହାଙ୍କର ପିତା ଅଜ୍ଞାତ । ତେଣୁ ଏ ଜାରଜ । ଏହି ଆଗନ୍ତୁକ ସତ୍ତ୍ୱଟିକୁ ସମର୍ଥନ କରିବା ଲାଗି ସାଂସାରିକ ବଂଶାବଳୀ ପତ୍ର ମିଳିବ ନାହିଁ, କାରଣ ସେ ଏ ସଂସାରର ନୁହନ୍ତି । ସେ ସଂସାରରେ ଅଛନ୍ତି ସତ, କିନ୍ତୁ ସଂସାରର ନୁହନ୍ତି । (**He is in the world but not of the world**) ତାଙ୍କ ମାତା ଦେବକୀ ବେଶ୍ୟା ଓ ଏହି ଅଜ୍ଞାତ-ପିତୃଙ୍କ ଜନ୍ମସ୍ଥାନ ବନ୍ଦୀଶାଳ । ଏହି ଘୋଷଣାରେ କୃଷ୍ଣ ଏବଂ ଖ୍ରୀଷ୍ଟ (**Christ**) ଙ୍କ ସମ୍ମତ ସାଙ୍କେତିକ ଭାବରେ ଯୀଶୁଖ୍ରୀଷ୍ଟଙ୍କ ସତ୍ତ୍ୱର ତାଦାତ୍ମ୍ୟ ଅନୁମୋଦିତ ହେଲା । ସଂସାରର ପ୍ରତିଷ୍ଠିତ ନ୍ୟାୟତନ୍ତ୍ର ଚକ୍ଷୁରେ କୃଷ୍ଣ-ଖ୍ରୀଷ୍ଟ-ଯୀଶୁଖ୍ରୀଷ୍ଟ ଦ୍ରୋହୀ ଓ ବିଦ୍ରୋହୀ । ତାଙ୍କର ବିଚାର ହେବ ।

ସଂସାରର ନ୍ୟାୟ ଶାସନକୁ ପ୍ରତିଷ୍ଠା କରିବା ପାଇଁ ସ୍ୱୟଂ 'ନ୍ୟାୟଶକ୍ତି' ଯୀଶୁଖ୍ରୀଷ୍ଟଙ୍କୁ ସର୍ବୋଚ୍ଚ ନ୍ୟାୟାଳୟରେ ଉପସ୍ଥାପନ କରିଛନ୍ତି । ଯୀଶୁଖ୍ରୀଷ୍ଟଙ୍କ ସକଳ ସ୍ୱାଧୀନତା ଓ ଅଧିକାରକୁ ବାତିଲ କରି ଦିଆଯାଇଛି । ତାଙ୍କର ବଞ୍ଚିବା କିମ୍ବା ମରିବା ପାଇଁ ଏ ସର୍ବୋଚ୍ଚ ଅନୁଷ୍ଠାନର ଅନୁମତି ପ୍ରୟୋଜନ ।

ସଂସାରର ପରୀକ୍ଷା : ଅସମ୍ଭବ ସମ୍ଭବ ହେଲା

ପଥରଘରେ ପଥର ଘଣ୍ଟା, ପଥର ହାତୁଡ଼ି । ଏ ନ୍ୟାୟାଳୟ । ପଥର ଆସବାବ ପତ୍ର ଭିତରେ କିଛି ନିଶ୍ଚଳ ମଣିଷ ମୂର୍ତ୍ତି । ଏ ନ୍ୟାୟାଧୀଶ । ଅଧିକାରୀଙ୍କର ଅଭ୍ରାନ୍ତ ସଙ୍କେତ । ସେ ପଥର ହାତୁଡ଼ିର ଏମାନେ ପ୍ରଳମ୍ବିତ ନିଥର ଅବୟବ । ମଣିଷ ଏଠି ଅଧିକାରୀ ହୋଇ ବସିନାହିଁ । ଅଧିକାର ଏଠି ମଣିଷ ରୂପ ନେଇ ବସିଛି; ସେହି ନିର୍ବୈକ୍ତିକ ଅଧିକାର । ପଥର ଚକ୍ଷୁ ପଥର କର୍ଣ୍ଣ, ପଥର

Digitized by srujanika@gmail.com

ହୃଦୟ, ପ୍ରାଣହୀନ ସ୍ପନ୍ଦନହୀନ ପଥୁରମା । ପରିବେଶରେ ସାମାନ୍ୟ ବ୍ୟତିକ୍ରମ ଘଟାଇ ଉଚ୍ଚ କାନ୍ଥ ଉପରେ ହୃତ୍‌ପିଣ୍ଡ ଭଳି ଟିକ୍ ଟିକ୍ କରୁଛି ଘଣ୍ଟାଟିଏ । ଏ ତ କାଳର ସ୍ପନ୍ଦନ, କାଳର ତାଳ ତାନ ଲହରି ଟିକ୍ ଟିକ୍ । ଏ କହୁଛି—ଶେଷ ଅଛି, ଶେଷ ଅଛି । ଶେଷରୁ ଆରମ୍ଭ ଅଛି, ଆରମ୍ଭରୁ ଶେଷ ଅଛି । ଆରମ୍ଭ ଓ ଶେଷ, ଶେଷ ଓ ଆରମ୍ଭର ପୌନପୌନିକ ଟିକ୍ ଟିକ୍ । ଏଇ ହୃତ୍‌ପିଣ୍ଡଟି ନଥିଲେ ବେଶି ଆଉ ଉଦ୍ଧାରର ଉପାୟ ନଥିଲା—ସବୁ ଅଚଳ, ସବୁ ସମାପ୍ତ; ଏକ ନିଶ୍ଚଳ ନିଶ୍ଚିନ୍ତ ପୂର୍ଣ୍ଣଚ୍ଛେଦ । କିନ୍ତୁ କେଉଁ ଏକ ବିଚିତ୍ର ବିଧାନରେ ଏହି ପୂର୍ଣ୍ଣଚ୍ଛେଦଟି ବହୁ ଆପେକ୍ଷିକ ବିଶ୍ରାମ ଚିହ୍ନମାନଙ୍କରେ ପରିଣତ ହୋଇଯାଉଛି ଏହି ଟିକ୍ ଟିକ୍ ଦ୍ୱାରା ।

କିନ୍ତୁ ସେ ଘଣ୍ଟାର ଟିକ୍ ଟିକ୍ ସେ ନୁହେଁ, ସମବେତ ଜନତାର କ୍ଷୁବ୍ଧ କୁହାଟରେ ସେ ପଥରକାନ୍ଥ ଦୋହଲୁଛି । ନ୍ୟାୟାଳୟର ନିଷ୍ପତ୍ତିରେ ଶାସ୍ତି ଗ୍ରହଣ କରିବେ "ଭିକ୍ଷିତଭିକ୍ଷୁ" । ସେ କାନ୍ଥ ହାତୁଡ଼ିପ୍ରହାର ଓ ଗୁଳି ଗର୍ଜନରେ ଦୋହଲିବ । ଯେଉଁ ଶରୀରକୁ ତୈଜସ ପୁରୁଷ ଏତେ ଆଦରରେ, ଉତ୍ସୁକତାରେ ଗ୍ରହଣ କରିଥିଲେ, ନ୍ୟାୟାଳୟର ନିଷ୍ପତ୍ତି ଅନୁସାରେ ସେ ଶରୀରକୁ ଶତଧା ବିଦୀର୍ଣ୍ଣ କରିଦିଆଯିବ । ଖେଳିବା ସକାଶେ ସଂସାରରୁ ଗୋଟେଇ ନେଇଥିବା ସେହି ମୃଣ୍ମୟ ଗୋଟାଳିଟିକୁ ଅଳିଅଳ ରାଜକୁମାର ହାତରୁ ନିର୍ଦ୍ଦୟ ଭାବରେ ଛଡ଼ାଇ ଅଣାହେବ । ଦୁର୍ଲ୍ଲଭ ଯୋଗପୁଷ୍ଟିତ ସେହି ଶରୀରର ଅବଶିଷ୍ଟାଂଶକୁ ଶ୍ୱାନଭୋଜନ ଲାଗି ବାଣ୍ଟିଦିଆହେବ । ତୈଜସ ପୁରୁଷ ନିଜ ଅନ୍ତର ଭିତରୁ ବୃହଦ୍‌ଙ୍କ ଘନ ଗମ୍ଭୀର ସ୍ୱର ଶୁଣୁଛନ୍ତି—"ଏ ପରୀକ୍ଷା କ'ଣ ଆପଣ ନେବାକୁ ଚାହାନ୍ତି ?···ଯା ପରେ କିନ୍ତୁ ଏ ଜଗତରେ ଆଉ କିଛି ସମ୍ଭବ ନୁହେଁ ।" ଏହାପରେ ଏ ଜଗତରେ କଅଣ ବା ସମ୍ଭବ ହୁଅନ୍ତା ? ସକଳ ସମ୍ଭାବନାର ମୂଳ ସୂତ୍ରଟି ତ ଏଠୁ ଛିଡ଼ିଯାଉଛି । "ସରି-ଯାଉଛିରେ ଏହିଠାରୁ ମନୋରଥ ।" ଭିକ୍ଷିତଭିକ୍ଷୁଙ୍କ ଯୋଗକର୍ଷିତ ଶରୀରର ଶେଷ ପରିଣତି ହେବ ସତେ ଏଡ଼େ ଦୟନୀୟ, ଏଡ଼େ ବିଭତ୍ସ ! ବିଶ୍ୱର ପରମ ରହସ୍ୟ ଉଦ୍‌ଘାଟନ କରିବାପାଇଁ ତୈଜସ ପୁରୁଷଙ୍କ ଯୋଗାନୁସରଣର ପରିଣତି ହେବ ଏଡ଼େ ବ୍ୟର୍ଥ, ଏଡେ ଅସାର୍ଥକ ! ଏଡ଼େ ମହାନ୍ ଆୟୋଜନର ପୁଣି ଏଇ ହୀନ ପରିଣତି ! ଏ ବିଶ୍ୱଗ୍ରନ୍ଥରେ ଶେଷ ପଂକ୍ତିଟି ସତେ ଏଡ଼େ ନିରର୍ଥକ ଓ ଉଦ୍ଭଟ ?

Digitized by srujanika@gmail.com

ପରୀକ୍ଷିତଭିକ୍ଷୁ ବନାମ ତୈଜସ ପୁରୁଷଙ୍କ ସ୍ନେହର ସୁନ୍ଦର ମୁଖରେ ଅପ୍ରସ୍ତୁତତାର ମୁଦ୍ରାଙ୍କନ ଫୁଟି ଉଠୁଥାଏ । ସନ୍ଦେହଜଟିତ ମହାର୍ଘ ପରୀକ୍ଷଣର ସମ୍ଭାବିତ ବ୍ୟର୍ଥତାରେ ସେ କିଞ୍ଚିତ୍ ଅପ୍ରସ୍ତୁତ ଦିଶୁଥାନ୍ତି । ସେ ଭାବୁଥାନ୍ତି, "ଦେଖାଯାଉ"··· । ଚରମ ମୁହୂର୍ତ୍ତର ଚୂଡ଼ାନ୍ତ ଅନୁଭବ ପାଇଁ ଏକ ସାହସିକ ପରୀକ୍ଷଣ ତାଙ୍କ ଭାବଭୂମିକୁ ଆବୋରି ରହିଥାଏ । ସେ ଯୂପକାଷ୍ଠ ବନ୍ଧ ନିରୀହ ବ୍ରାହ୍ମଣକୁମାର ଭରତମୁନିଙ୍କ ପରି ଆସନ୍ନ ଭବିତବ୍ୟତାକୁ ଅପେକ୍ଷା କରୁଥାନ୍ତି ।

ଏଥର ହାତୁଡ଼ି ପରେ ହାତୁଡ଼ି ପାହାର । ଘନଘନ ବନ୍ଧୁକ ଗର୍ଜ୍ଜନ । ପଥର କାନ୍ଥ ଦୁ ଲୁ କୁଛି । ଶାସ୍ତି ସ୍ୱୀକାର କରୁଛନ୍ତି ତୈଜସପୁରୁଷ । ନ୍ୟାୟାଳୟରେ ଅଭିନବ ନିଷ୍ଠୁରଣବିଧି ପର୍ବ ଅଭିନୀତ ହେଉଅଛି ।

କିନ୍ତୁ ଦେଖାଗଲା, ସମୟ ସ୍ରୋତରେ ଏହି ନିଷ୍ଠୁରଣବିଧାନ ନିଷ୍ପତ୍ତି ହୋଇଯାଉନାହିଁ । ସେହି ଅମାନୁଷିକ ଶାସ୍ତି ବିଧାନ ପର୍ବର ଅପ୍ରତ୍ୟାଶିତ ପୁନରାବୃତ୍ତି ହେବାକୁ ଲାଗିଛି ।

ଏବେ ଅଭୂତପୂର୍ବ ଯୋଗ ସାମର୍ଥ୍ୟରେ ଶାସ୍ତିକୁ ଏବଂ ଶାସ୍ତି ସହିତ ସମୟକୁ ଧାରଣ କରୁଛନ୍ତି ପରୀକ୍ଷିତଭିକ୍ଷୁ । ସେହିପରି ସେ ବାରମ୍ବାର ଧାରଣ କରୁଛନ୍ତି । ଘଟଣାର ଆଧାରଭୂତ ସମୟ ପରିକୁ ପରୀକ୍ଷିତଭିକ୍ଷୁ ଚେତନାରେ ଧାରଣ କରୁଥିବାରୁ ସମୟପ୍ରବାହ ଅଟକିଯାଇ ପୁଣି ଆଦ୍ୟରୁ ଆରମ୍ଭ ହୋଇଯାଉଛି ଠିକ୍ ଚଳଚ୍ଚିତ୍ରଟିଏ ପରି । ଚଳଚ୍ଚିତ୍ରଟି ବାରମ୍ବାର ପ୍ରଦର୍ଶିତ ହେଲାଭଳି ଘଟଣାଟିର ଘନଘନ ପୁନରାବୃତ୍ତି ହେଉଛି । ଏହା ବାସ୍ତବ କି ସ୍ୱପ୍ନ ଠିକ୍ ଧରିହେଉନାହିଁ । ବାସ୍ତବତାର ଶେଷତମ ମୁହୂର୍ତ୍ତରେ ପାଣିରେ ଢ଼ଳଢଳ ବିମ୍ବପରି ସବୁ ଝଲସି ଝଲସି, ଦୋହଲି ଦୋହଲି ଦିଶୁଛି— ସ୍ୱପ୍ନଭଳି— ନ୍ୟାୟାଧୀଶ ଓ ଜନତାଙ୍କୁ ଦୁଃସ୍ୱପ୍ନ ଭଳି—ଚଳଚ୍ଚିତ୍ର ଭଳି ବୋଲି କହିଲେ ଅଧିକ ସମୀଚୀନ ହେବ ।

ଦେଖାଗଲା, ପରୀକ୍ଷିତଭିକ୍ଷୁ ଦଣ୍ଡଗ୍ରହଣରୁ ନିଷ୍କୃତି ଖୋଜୁ ନାହାନ୍ତି । ବରଂ ଦାଣ୍ଡଦେବତାମାନେ ଘୋର କ୍ଳାନ୍ତିକର,ଆୟାସସାଧ ଦଣ୍ଡଦାନ ନିଷ୍ପତ୍ତିରୁ ନିଷ୍କୃତି ଖୋଜୁଛନ୍ତି । ସେମାନଙ୍କ ଅନିଚ୍ଛାସତ୍ତ୍ୱେ ଉକ୍ତ ବିଭୀଷିକାମୟ ଏହି ବିକଟ ବିଷାକ୍ତ ଚଳଚ୍ଚିତ୍ରର ପୁନରାବୃତ୍ତି ଅସହନୀୟ ଭାବରେ ଘଟୁଛି । ଦଣ୍ଡଦାତାମାନେ ଖୋଜୁଛନ୍ତି ଏହି ଚଳଚ୍ଚିତ୍ର ପ୍ରଦର୍ଶନର ଅବସାନ ଘଟୁ

Digitized by srujanika@gmail.com

କିମ୍ବା ଏହି ପେକ୍ଷାଳୟରୁ ଅପସର ଯିବାପାଇଁ ପଥ ମିଳୁ । କିନ୍ତୁ କୌଣସିଟି ହିକଳ୍ପ ସମ୍ଭବ ହେଉନାହିଁ । ନ୍ୟାୟାଳୟ ନାମରେ ପୂର୍ବରୁ ପରିଚିତ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟର ନିଥର, ନିବୁଜ, ନିରୁଦ୍ଧ ପରିବେଶରେ ସମସ୍ତେ ବନ୍ଦୀ, ଅବସନ୍ନ । କର୍ତ୍ତା କରଣ ସମସ୍ତେ କ୍ଳାନ୍ତ । ଏକ ଦୁର୍ବିସହ କ୍ଳାନ୍ତି ଅଜାଡ଼ିହୋଇ ପଡ଼ୁଛି । ଦାଣ୍ଡଦାତାମାନେ କ୍ଳାନ୍ତ । ହାତୁଡ଼ି,କଣ୍ଟା, ବନ୍ଧୁକ ଆଦି ସମସ୍ତ ଦଣ୍ଡାୟୁଧମାନ ମଧ୍ୟ କ୍ଳାନ୍ତ ।

ଏବେ ଅସାଧାରଣ ଯୋଗ କୌଶଳରେ "ଦଣ୍ଡଦାତା, ଦଣ୍ଡ ଓ ଦଣ୍ଡିତ" ତିନିପୁଟିକୁ ଚିତ୍‌ସଂଲଗ୍ନ ଚେତନା ସ୍ତର ସହିତ ଧାରଣ କରିଛନ୍ତି ସାକ୍ଷିତଭିକ୍ଷୁ । ଫଳରେ, ଦଣ୍ଡିତର ଯନ୍ତ୍ରଣା ଦଣ୍ଡଦାତାଠାରେ ଓ ଦଣ୍ଡଦାତାର କର୍ତ୍ତାପଣ ଦଣ୍ଡିତଠାରେ ସଞ୍ଚାରିତ ହୋଇଯାଉଛି । ପାରସ୍ପରିକ ସଂସ୍ପର୍ଶ ହେତୁ ଦଣ୍ଡଦାତା ଓ ଦଣ୍ଡିତଙ୍କ ମଧ୍ୟରେ ଇତରେତର ସଂସ୍କ୍ରିୟାଶୀଳ ହୋଇଛି । ଫଳରେ "ଅନ୍ୟତା"ର ଦୁର୍ଲଂଘ୍ୟ ପ୍ରାଚୀରକୁ ଭେଦକରି ଚେତନାର ସଂପ୍ରସାରଣଗତ ସଙ୍କ୍ରମଣ ଘଟୁଛି । ରୂପାନ୍ତରଯୋଗର ସାର୍ଥକ ପ୍ରୟୋଗ ଘଟାଉଛନ୍ତି ତୈଜସ ପୁରୁଷ । ପୃଥକ କରୁଥିବା କାନ୍ଥମାନ ଭୁଷୁଡ଼ି ପଡ଼ୁଛି, ବିଲୁରିଯାଉଛି । ଦାଣ୍ଡଦାତାମାନେ କହୁଛନ୍ତି, "ଆମେ ଆଉ ଦଣ୍ଡିତ ହୋଇ ପାରିବୁ ନାହିଁ । ଆମକୁ ଆଉ ଶାସ୍ତି ଦିଅନା ।" ଦଣ୍ଡ ଦେବା ଯେ ଦଣ୍ଡ ପାଇବା ଏ ସମୀକରଣ ଦଣ୍ଡଦାତାଙ୍କ ଅନୁଭବକୁ ଆସିଯାଇଛି । ଶାସ୍ତାମାନେ ଶାସ୍ତାପଣିଆ ରୂପ ଶାସ୍ତି ଭୋଗୁଛନ୍ତି ।

ଏହା ସମ୍ଭବ ହେଲା କିପରି ? ଗାଢ଼ତର ଚେତନାରେ "ଅନ୍ୟତାର" ସକଳ ପ୍ରତିବନ୍ଧକତାକୁ ଅତିକ୍ରମ କରି ଦଣ୍ଡଦାତା ଓ ଦଣ୍ଡିତ ମଧ୍ୟରେ ଆତ୍ମୈକତା ପ୍ରତିଷ୍ଠା କରିବା ଦ୍ୱାରା ଏହା ସମ୍ଭବ ହେଲା । ନଦୀର ଦୁଇ ବିଚ୍ଛିନ୍ନ ତଟ ମଧ୍ୟରେ ସଂଯୋଜକ ସେତୁ ପ୍ରତିଷ୍ଠା ହୋଇଗଲା । ସେମାନେ ଏଣିକି ଦୁଇ ନୁହନ୍ତି କି ଏକ ନୁହନ୍ତି । ଏକ ଅଭିନବ ସେତୁ-ଚେତନାରେ ସେମାନେ ଦୁଇ ହେଲେ ହେଁ ସଂଯୋଜିତ; ଏକ ହେଲେହେଁ ବିଯୋଜିତ ହୋଇ ଠିଆ-ହୋଇଛନ୍ତି । ଏଣିକି ଦଣ୍ଡିତର ହୃତ୍‌ପିଣ୍ଡରେ ନିଷ୍କରୁଣ ହାତୁଡ଼ି ପ୍ରହାର କଲେ ପ୍ରହାରକମାନଙ୍କ ନିଜ ହୃତ୍‌ପିଣ୍ଡ କ୍ରିୟା ବନ୍ଦ ହୋଇ ଯାଉଛି । କାରଣ, ଉଭୟଙ୍କ ହୃତ୍‌ପିଣ୍ଡ ଯେ ଏକ ଓ ଅଭିନ୍ନ କେନ୍ଦ୍ରରୁ ସ୍ପନ୍ଦନ ଆହରଣ କରୁଛନ୍ତି

Digitized by srujanika@gmail.com

ତାହା ଅନୁଭବସିଦ୍ଧ ହୋଇଯାଇଅଛି । ଏବେ ନର୍ଦ୍ଦିଷ୍ଟ ଦଣ୍ଡଦାତାମାନେ ଦୟାଭିକ୍ଷା କରୁଛନ୍ତି ଦଣ୍ଡିତଙ୍କଠାରୁ, କାରଣ ଏ ନୂଆ ବିଧାନ ପର୍ବରେ ଦଣ୍ଡିତ ହିଁ କର୍ତ୍ତାରୂପେ ରୂପାନ୍ତରିତ ହୋଇ ସାରିଲେଣି । ସେ ତ୍ରାଣ କରିବେ । ସେ ନିରୁଦ୍ଧ ପଥରଘରୁ ମୁକ୍ତ କରିବେ । ଜୀବ-ଯନ୍ତ୍ରମାନଙ୍କ ଗତାନୁଗତିକ ନିଶ୍ଚେତନତାରୁ ସେ ତାଙ୍କୁ ଉଦ୍ଧାର କରିବେ । ନ୍ୟାୟପତି ଘୋଷଣା କଲେ "ଏ ଦଣ୍ଡାଦେଶ ଅସମ୍ଭବ", କାରଣ, ଦଣ୍ଡିତଓ ଦଣ୍ଡଦାତା ମଧ୍ୟରେ ଅନ୍ୟତା, ଭିନ୍ନତା, ପୃଥକ୍ତାର ପାଚେରି ଭୁଷୁଡ଼ିପଡ଼ୁଛି । ଆତ୍ମା ଭିନ୍ନ ଆଉ କିଛି ନ ଥିଲା ବେଳେ କାହା ପ୍ରତି କିଏ ଦଣ୍ଡାଦେଶ କରିବ ? ଯାହା ପ୍ରତି ଯିଏ ଦଣ୍ଡାଦେଶ କଲେ ମଧ୍ୟ ତାହା ଦଣ୍ଡଦାତା ପ୍ରତି ଆତ୍ମ-ଦଣ୍ଡ ହୋଇଯିବ । ଯେଉଁଠି କେହି ଅନ୍ୟ ନାହିଁ, ସେଠି ଦଣ୍ଡାଦେଶ ଦେବା ଅସମ୍ଭବ । ଘର୍ଷିତ ଭିକ୍ଷୁ ନାମିତ ତୈଜସ ପୁରୁଷ ସର୍ବାତ୍ମ ଦର୍ଶନ କରି ଆତ୍ମମୟ ହୋଇସାଇଛନ୍ତି । ସେ ସମସ୍ତଙ୍କର ଆତ୍ମାର ଆତ୍ମା, ପ୍ରାଣର ପ୍ରାଣ,ହୃଦୟର ହୃଦୟ, ଚକ୍ଷୁର କନୀନିକା । ସେ ନିଜେ ମୁକ୍ତ ହୋଇଗଲେ । "ହାତରୁ କଣ୍ଢା ଖସିଗଲା, ଅଣ୍ଟାରୁ ଦଉଡ଼ି ଖସିଗଲା ।" ସେ'ତ ଖାଲି ନିଜେ ମୁକ୍ତ ହୋଇଗଲେ ନାହିଁ, ତାଙ୍କ ମୁକ୍ତି ସଙ୍ଗେ ସଙ୍ଗେ ଅନ୍ୟ ସମସ୍ତେ ମୁକ୍ତ ହୋଇଗଲେ । "ଜନତା ପଥର ପାଚେରି ଭିତରୁ ନିଷ୍କ୍ରାନ୍ତ ହେଲା, ଆଶ୍ୱସ୍ତ ହେଲା, ସ୍ୱଚ୍ଛ ହେଲା ।" ଅଦୃଶ୍ୟ ବୃହତ୍‌ଙ୍କ କଣ୍ଠରୁ ଉଚ୍ଚାରିତ ହେଲା, "ଜଗତ୍ ପ୍ରବାହରେ ଅସମ୍ଭବ ସମ୍ଭବ ହେଲା ।"

ଶରୀରକୁ ସମ୍ପୂର୍ଣ୍ଣ ଆତ୍ମିକ କରିଦେବା, ଅନ୍ୟତା ଉପରେ ଚରମ ବିଜୟ ହାସଲ କରିବା, ସକଳ ଆଞ୍ଚଳିକତା, ସ୍ଥାନିକତାକୁ ଚେତନାର ସର୍ବସ୍ତରରେ ଅତିକ୍ରମଣ କରିଯିବା ଓ ବୈର ବିଦ୍ୱେଷକୁ ମୈତ୍ରୀପ୍ରୀତିରେ ସମ୍ପୂର୍ଣ୍ଣ ବିଗଳିତ କରାଇଦେବା ଭଳି ଅସମ୍ଭବ କ୍ରିୟା ଆଜି ସମ୍ଭବ ହେଲା । ବିଚ୍ଛିନ୍ନତା ବୋଧରେ ଅସ୍ୱଚ୍ଛ ସଂସାର-ସମାଜର ପୂର୍ଣ୍ଣ ରୂପାନ୍ତରକରଣ ସମ୍ଭବ ହେଲା । ରୂପାନ୍ତରକରଣ ଏକ ବାସ୍ତବ ସତ୍ୟ ଭାବରେ ବିଶ୍ୱଚେତନାରେ ସଂପ୍ରତିଷ୍ଠିତ ହେଲା ।

ରୂପ ଓ ସ୍ୱରୂପ

ଏବେ ଅନୁଭବକୁ ଆସିଲା ଯେ "କୌଣସି ରୂପ କାହାର ସ୍ୱରୂପ ନୁହେଁ—ସବୁ କେବଳ ଦେଶକାଳର ଚଳଚ୍ଚିତ୍ର ।" ରୂପର ଅନେକତା,

Digitized by srujanika@gmail.com

ଭିନ୍ନତା, ପରିବର୍ତ୍ତନଶୀଳତା ମଧ୍ୟରେ ଏକ, ଅଭିନ୍ନ, ଅପରିବର୍ତ୍ତନୀୟ ଆତ୍ମ-ସ୍ୱରୂପର ନିତ୍ୟସତ୍ୟତା ଉଦ୍‌ଘାଟିତ ହେଲା ପ୍ରତ୍ୟକ୍ଷରେ ଅନୁଭୂତ ହେଲା । ଆତ୍ମ-ସ୍ୱରୂପ ରୁପେଲି ପର୍ଦ୍ଦା ଉପରେ ନାମ-ରୂପ ପଲ୍ଲବିତ ଦେଶ କାଳର ଘୂର୍ଣ୍ଣାୟିତ ଚୁମ୍ବକ ଘଟଣାଘଟା ଘଟାଇଯାଉଛି । କିନ୍ତୁ ରୁପେଲି ପରଦା ତହିଁରେ ବିଚଳିତ ହେଲେ ଆକ୍ରାନ୍ତ ହେଉନାହିଁ । "ନାର୍ଦ୍ଦି କରୋତି ଊଷର ଭୂମି ଭାଗ ମରୀଚିକା ବାରି ମହାପ୍ରବାହ ।" ଦେଶକାଳ ପରିଚ୍ଛିନ୍ନ ନାମରୂପର ମୃଗତୃଷ୍ଣା ଜଳପ୍ରବାହରେ ଆତ୍ମ-ସ୍ୱରୂପ ମରୁଭୂମି ଅହରହ ପ୍ଲାବିତ ହେଉଥିଲେ ହେଁ ତହିଁରେ କଣିକାଏ ହେଲେ ମରୁବାଲି ଓଦା ହେଉନାହିଁ । ଏହି ନିର୍ବିକାର ସ୍ୱରୂପବୋଧ ହିଁ ମୁକ୍ତି ! ତେଣୁ "ସ୍ୱଭାବତଃ ସମସ୍ତେ ମୁକ୍ତ ।" ସଂସାର କାହାର ସ୍ୱଭାବ ନୁହେଁ, କାରଣ ଏହା ଦେଶ କାଳ ପରିଚ୍ଛିନ୍ନ ଓ ନାମରୂପ ଚିହ୍ନିତ । "ସ୍ୱରୂପ ମାତ୍ର ଗୋଟିଏ" — ଏକ ଓ ଅଭିନ୍ନ । "ସର୍ବତ୍ର ସବୁକାଳରେ ସେ ଗୋଟିଏ ।" ସେହି ବ୍ୟାପକତମ ଏକତ୍ୱରେ ନାନାତ୍ୱର ସ୍ପର୍ଶ ନଥାଏ; କିନ୍ତୁ ସେହି ଏକତ୍ୱର ସ୍ପର୍ଶ ବିନା କୌଣସି ନାନାତ୍ୱ ପ୍ରକଟିତ ହୋଇପାରିବ ନାହିଁ, ବିକଶିତ ହୋଇପାରିବ ନାହିଁ । ସେ ଏକତ୍ୱରେ ଦୁଃଖ, ଶୋକ, ଆଲୋଡ଼ନର ସଂସାର ନାହିଁ, କିନ୍ତୁ ସମସ୍ତ ଦୁଃଖ, ଶୋକ, ଆଲୋଡ଼ନର ସଂସାର ସେହି ସର୍ବାର୍ଥଭୂତ ପୃଷ୍ଠଭୂମିର ଆଶ୍ରିତ ହୋଇ ଅର୍ଥବନ୍ତ ହେଉଅଛି । ନୋହିଲେ ସକଳ ଦୁଃଖ, ଶୋକ, ଆଲୋଡ଼ନ ନିରର୍ଥକ ହୋଇଯାନ୍ତା । ଭୟ, ବିଦ୍ୱେଷ, କଳହ, ସଂଘର୍ଷର ପ୍ରପଞ୍ଚିତ କୋଳାହଳ ସେହି ପୃଷ୍ଠଭୂମିରେ ଉତ୍ଥିତ ହୋଇ ପୁଣି ତହିଁରେ ଅଜାଡ଼ି ହୋଇ ପଡ଼ୁଛି । ସକଳ ଘଟଣାଘଟାକୁ ଧାରଣକରୁଛି ସେହି "ପ୍ରଶାନ୍ତ ନିତ୍ୟ ଅନାବୃତ ଆକାଶ ।" ସେ ଆକାଶରେ "ରୂପ, ରୂପ, ପ୍ରତିରୂପ"ର ଅନେକ ମେଘ ଭାସିବୁଲୁଥାନ୍ତି; କିନ୍ତୁ ଭାସିବୁଲୁଥିବା ମେଘ ଆକାଶ ନୁହେଁ ।" ବୈଶାଖିଆ ପ୍ରଚଣ୍ଡ ରୌଦ୍ର ଦହନରେ ସେ ଆକାଶ ଦଗ୍ଧ ହୁଏ ନାହିଁ, କିମ୍ବା ଶ୍ରାବଣର ଅବିଶ୍ରାନ୍ତ ବର୍ଷଣରେ ତାହା ଆର୍ଦ୍ର ହୁଏ ନାହିଁ । ସକଳ ବିକାରକୁ ଧାରଣକରି ସେ ଚିନ୍ମୟ ଚିଦାକାଶ ନିଜର ନିରାଲମ୍ବ ସ୍ଥିତିରେ ନିତ୍ୟ ନିର୍ବିକାର ରହିଛି । ତାହା ଏକ ଅକମ୍ପିତ ଅବିନଶ୍ୱର ଶୂନ୍ୟତା । ତହିଁରେ ସଂସାର ପ୍ରପଞ୍ଚର ସମୂଳ ଶୂନ୍ୟତା ହେତୁ ତାହା ଶୂନ୍ୟତମ ଶୂନ୍ୟତା ଏବଂ ନିଜସ୍ୱ ମହିମାର ଅଭାବନୀୟ, ଅପରିମେୟ ସମୃଦ୍ଧିରେ ତାହା ପୂର୍ଣ୍ଣତମ ପୂର୍ଣ୍ଣତା । ଶୂନ୍ୟତା ଓ

Digitized by srujanika@gmail.com

ପୂର୍ଣ୍ଣତା ଉଭୟ ତାହା ଠାରେ ସମଅର୍ଥବାଚୀ । ତାହା ଶୂନ୍ୟବ୍ରହ୍ମ, ତାହା ପୂର୍ଣ୍ଣବ୍ରହ୍ମ ।

ଆକାଶ ସ୍ତଲିଙ୍ଗାତ୍ (ବ୍ରହ୍ମସୂତ୍ର ୧।୧।୨୨)

ଏ ସକଳ ଭୂତ ସଂସ୍ଥା ଯେଉଁ ଆକାଶରୁ ଉଦୟ ହୁଅନ୍ତି ଓ ପରିଶେଷରେ ଯେଉଁ ଆକାଶରେ ହିଁ ଅସ୍ତ ଯାନ୍ତି, ସେହି ଜ୍ୟେଷ୍ଠ, ଶ୍ରେଷ୍ଠ ଆକାଶ ହିଁ ଭୂତ ସମୁଦାୟର ଆଶ୍ରୟ, ଗତି ଓ ଆଧାର । ଆକାଶ ହେଉଛି ନାମ ଓ ରୂପର ନିର୍ବାହକ । ନାମରୂପର ଅଭ୍ୟନ୍ତରରେ ଯେଉଁ ଆକାଶ ବିଦ୍ୟମାନ, ଧ୍ୟେୟମାନ ତାହାହିଁ ବ୍ରହ୍ମ । ଏହା ଋତମ୍ଭର । ଶ୍ରୁତିବଚନରେ ଉଦ୍‌ଘୋଷିତ ହୋଇଅଛି । (ଛାନ୍ଦୋଗ୍ୟ ଉପନିଷଦ୍ ୧।୯ ଏବଂ ୮।୧୪ । ଯାହା ସ୍ୱୟଂ 'କାଶଯୁକ୍ତ', ପ୍ରକାଶଯୁକ୍ତ ଅର୍ଥାତ୍ ଯାହା ନିଜକୁ ପ୍ରକାଶ କରି ଅନ୍ୟକୁ ପ୍ରକାଶିତ କରେ, ତାହାହିଁ ଆକାଶ । ସେହି ସ୍ୱଚ୍ଛ ପ୍ରକାଶମୟ 'ସ୍ୱଭାବ'କୁ ବେଦାନ୍ତବିତ୍‌ମାନେ ଆକାଶ ବୋଲି ଅଭିହିତ କରିଛନ୍ତି । ସେ ଆକାଶ ଭୂତାକାଶ ନୁହେଁ । ଅବଶ୍ୟ ସର୍ବଭୂତମାନଙ୍କ ମଧ୍ୟରେ ସୂକ୍ଷ୍ମତମ ହେଉଛି ଭୂତାକାଶ । କିନ୍ତୁ ଏହି ଭୂତାକାଶ ହେଉଛି ସ୍ୱାଭାବାକାଶର ସ୍ଥୂଳ ବିବର୍ତ୍ତନ । ଅର୍ଥାତ୍ ସ୍ୱାଭାବାକାଶ ହେଉଛି ସୂକ୍ଷ୍ମତମ-ଭୂତ ଭୂତାକାଶଠାରୁ ମଧ୍ୟ ସୂକ୍ଷ୍ମତର । ବସ୍ତୁତଃ ତାହା ହେଉଛି ସ୍ଥୂଳ ସୂକ୍ଷ୍ମାତୀତ ବ୍ରହ୍ମ । ପ୍ରାଣୀମାନଙ୍କ ହୃଦୟ ଦେଶରେ ସେ 'ଦହରାକାଶ' ରୂପେ ବିରାଜିତ । ତାଙ୍କୁ କବିମାନେ "ଅନ୍ତରତମ" ବୋଲି ସମ୍ବୋଧନ କରିଛନ୍ତି । ବିଗଳିତ କାରୁଣ୍ୟ ଓ ଅନୁକମ୍ପାର ନିତ୍ୟ ପ୍ରସ୍ରବଣ ସେହି ଅନ୍ତରତମ ଅନ୍ତରଙ୍ଗ ହିଁ ବିଶ୍ୱର ଶ୍ରେଷ୍ଠତମ ଏବଂ ଗମ୍ଭୀରତମ ରହସ୍ୟ, ଯାହାଙ୍କୁ ଯୁଗ ଯୁଗ ଧରି ଖୋଜା ଚାଲିଛି ଅସଂଖ୍ୟ ଜଗତରେ ।ତାଙ୍କୁ ହିଁ ତୈଜସ ପୁରୁଷ ଖୋଜୁଥିଲେ ଚେତନାର ବିଭିନ୍ନ ଭୂମି ଉତ୍‌ଖନନ କରି କରି । ଚେତନାର ଏହି ବ୍ୟାପକ ଓ ତୀବ୍ର ଉତ୍‌ଖନନ ଫଳରେ ସ୍ଥୂଳତମ ଜଡ଼ ଓ ସୂକ୍ଷ୍ମତମ ଚୈତନ୍ୟ ମଧ୍ୟରେ ଅନୁଭବସିଦ୍ଧ ଅନନ୍ୟତା ନିଃଶେଷଭାବେ ଆବିଷ୍କୃତ ହୋଇଗଲା । ବିଶ୍ୱର ବୃହତ୍ତମ ଭେଦ ଗହ୍ୱର ପୋତିହୋଇଗଲା । ତେଣୁ ଅନ୍ୟତା, ଭିନ୍ନତା,ପୃଥକତାଗତ ସମସ୍ୟାର ସର୍ବସ୍ତରୀୟ ସମାଧାନ ହସ୍ତଗତ ହୋଇଗଲା । ଏଣିକି ଏହି ଗୋଟିଏ ଚାବିରେ ସବୁ କୋଲପ ଫିଟିଯିବ । ଏ ଚାବିର ନାମ ହେଉଛି "ଆତ୍ମିକତା" । ଭେଦ

Digitized by srujanika@gmail.com

ନୁହେଁ ଅଭେଦ୍ର, ବୈରି ନୁହେଁ ବନ୍ଧୁତା, ଶାସ୍ତି ନୁହେଁ ସହନ, ଘୃଣା ନୁହେଁ ଆଦର, ବିରକ୍ତି ନୁହେଁ ଶ୍ରଦ୍ଧା, ଅଭିଶାପ ନୁହେଁ ଶୁଭକାମନା, ତାଚ୍ଛଲ୍ୟ ନୁହେଁ ସଦ୍‌ଭାବ, କ୍ରୋଧ ନୁହେଁ ଅନୁକମ୍ପା, ବିନାଶ ନୁହେଁ ବିକାଶ, ନିରାକରଣ ନୁହେଁ ରୂପାନ୍ତରିକରଣ ଦ୍ୱାରା ଏଣିକି ଅସମ୍ଭବ ସମ୍ଭବ ହେବ । ଆମ୍ବିକତାର ଦ୍ୱାରଣ୍ଡୁ କୁଞ୍ଜରେ ଯୁଗ ଯୁଗ ସଞ୍ଚିତ ଜଡ଼ତାମସର କଳଙ୍କିଲଗା କୋଲପମାନ ଫିଟିଯିବ । କିନ୍ତୁ ଏଥିପାଇଁ ଅଟଳ ଧୈର୍ଯ୍ୟ, ଅତୁଟ ବିଶ୍ୱାସ, ଅଖଣ୍ଡ ଅଭୀପ୍‌ସା ଓ ଅକଳିତ ପ୍ରେମର ପ୍ରୟୋଜନ । ବୁଦ୍ଧଙ୍କ ସାହଚର୍ଯ୍ୟରେ ଏହି ଯୋଗ ସମ୍ପଦମାନଙ୍କୁ ବିତରଣ କରୁଛନ୍ତି "ଧାର୍ଷିତ ଭିକ୍ଷୁ ।" ସଂସାର ରୂପାନ୍ତରିତ ହେଉଛି; ମଳୟାନିଳ ସ୍ପର୍ଶରେ ନିମ୍ବ ଚନ୍ଦନ ହୋଇଗଲାପରି, ସ୍ପର୍ଶମଣି ସ୍ପର୍ଶରେ ଲୁହା ସୁବର୍ଣ୍ଣ ହୋଇଗଲାପରି, କତକ ରେଣୁ ସ୍ପର୍ଶରେ ଆବିଲ ଜଳ ଶୁଦ୍ଧ ହୋଇଗଲାପରି, ସଞ୍ଜୀବନୀ ସ୍ପର୍ଶରେ କାୟାର କାୟକଳ୍ପ ହୋଇଗଲାପରି ।

ଜୀବଯାତନା ଓ ନିଷ୍କ୍ରାନ୍ତି

ଆଗରେ ଭୟାର୍ତ୍ତ; ପ୍ରାଣକାତର ସୁନନ୍ଦ । ତା ପଛେ ପଛେ କ୍ରୋଧାନ୍ଧ, ପ୍ରାଣହନ୍ତା ଅହିରାଜ । ସୁନନ୍ଦ ଲୁଚିଯିବ ତ ବଞ୍ଚିଯିବ, ତା ନ ହେଲେ ସେ ଅବଶ୍ୟ ମରିବ । ଅହିରାଜ ଦଂଶନ କରିବ ତ ବଞ୍ଚିଯିବ, ତା ନ ହେଲେ ଜର୍ଜରିତ କ୍ରୋଧରେ ସେ ଖଣ୍ଡ ଖଣ୍ଡ ହୋଇ ମରିଯିବ । ଉଭୟ ଏକଥି ବଞ୍ଚିବାର ଉପାୟ ନାହିଁ । ଜଣେ ବଞ୍ଚିଲେ ଆର ଜଣକ ନିଶ୍ଚୟ ମରିବ । ମୃତ୍ୟୁର ଏହି ନିର୍ମଧନ ବିୟୋଜନ ମୁକାବିଲା ଲୋଡ଼ୁଛି । ମୁକାବିଲା କରୁଛନ୍ତି "ଧାର୍ଷିତ ଭିକ୍ଷୁ" ।

ସେ ବାମକରତଳରେ ସୁନନ୍ଦକୁ ଅଭୟାଶ୍ରୟ ଦେଇ ଡାହାଣ କରରେ ଅହିରାଜର ଦଂଶନକୁ ଗ୍ରହଣ କଲେ । ପ୍ରଚଣ୍ଡ ବିଷଜ୍ୱାଳା ତାଙ୍କୁ ଅଭିସିକ୍ତ କରିଯାଉଥାଏ । ସେ ଉତ୍‌କ୍ରାନ୍ତି ଯୋଗରେ ତାକୁ ଅନବରତ ଅତିକ୍ରମଣ କରୁଥାନ୍ତି । ପଞ୍ଚଭୌତିକ ଶରୀରର ଭୌତିକ ଆୟତନମାନଙ୍କୁ ଉତ୍କ୍ରମଣ କରି ସେ ସ୍ୱାଭାବାକାଶକୁ ସ୍ପର୍ଶ କଲା ମାତ୍ରକେ ବିଷର ଦାହିକାଶକ୍ତି ସ୍ୱତଃ ଉପଶାନ୍ତ ହୋଇଗଲା । ସେ ସଚେତନ ଭାବରେ ବିଷ ଦାବାନଳକୁ ନେଇ ଅମୃତ ମହୋଦଧିରେ ବୁଡ଼ାଇଦେଲେ । ଜ୍ୱରଜର୍ଜ୍ଜରିତ ବିଷ ଅମୃତ ସ୍ନାନ କରି ଉପଶମିତ ହୋଇଗଲା । ଧାର୍ଷିତଭିକ୍ଷୁ ପଞ୍ଚପ୍ରାଣକୁ ଦହନ କରି

Digitized by srujanika@gmail.com

ସର୍ବାଙ୍ଗରେ ସଞ୍ଚରି ଯାଇଥିବା ବିଷାକ୍ତ ବିଶ୍ଳେଷିକା ଏକ ଶାନ୍ତ ଘନମାଳ ପଦାର୍ଥ ମାତ୍ର ହୋଇ ପଦାର୍ଥ ଜଗତକୁ ଖସିଆସିଲା । ସବୁ ପୁଣି ପୂର୍ବପରି ସ୍ୱାଭାବିକ । ଭୟଶୂନ୍ୟ ସୁନନ୍ଦ ଓ କ୍ରୋଧଶୂନ୍ୟ ଅଶ୍ୱରାଜ ଉଭୟ ଧାର୍ଷିତଭିକ୍ଷୁଙ୍କ ପାଖେ ପାଖେ ବସିଛନ୍ତି । ମୃତ୍ୟୁର ନର୍ମଧର୍ମ ବିୟୋଜନ ଉପରେ ଚୂଡ଼ାନ୍ତ ବିଜୟ ହାସଲ ହୋଇଯାଇଛି ।

ଧାର୍ଷିତଭିକ୍ଷୁ ଦର୍ଶାଇଲେ, ସୁନନ୍ଦ-ରୂପାଭିମାନରୁ ଭୟ ଓ ଅଶ୍ୱରାଜ-ରୂପାଭିମାନରୁ କ୍ରୋଧ ଉପଜାତ ହୋଇଅଛି । ଭୟ ଓ କ୍ରୋଧ ଉଭୟ ରୂପାଭିମାନ ହେତୁକ । ତତ୍ତ୍ୱତଃ ଏହି ରୂପାଭିମାନ ଓ କାମାଭିମାନ ମିଥ୍ୟା । ଦେଶକାଳ ପରିଚ୍ଛିନ୍ନ ନାମରୂପର ଚଳଚ୍ଚିତ୍ରରେ ଧାରିହେଲେ, ହନ୍ତାର ଭୟ ଓ ହନ୍ତାର କ୍ରୋଧ ନିଃସନ୍ଦେହ ସତ୍ୟ ପ୍ରାୟ ବୋଧହୁଏ । କିନ୍ତୁ ତତ୍ତ୍ୱଜ୍ଞ ମାନେ ଜାଣନ୍ତି, "ନାୟଂ ହନ୍ତି ନ ହନ୍ୟତେ" , ଆତ୍ମ-ସ୍ୱଭାବ କାହାକୁ ହତ୍ୟା କରେ ନାହିଁ, କିମ୍ବା କାହାଦ୍ୱାରା ହତ ହୁଏନାହିଁ । ଯେଉଁଠି 'ଅନ୍ୟ' ନାହିଁ, ସେଠାରେ କିଏ କାହାକୁ ହତ୍ୟା କରିବ, କିଏ ବା କାହାଦ୍ୱାରା ହତ ହେବ ? "କଂ ଘାତୟତି ହନ୍ତିକମ୍" ! ସେହି ଆତ୍ମ-ସ୍ୱରୂପକୁ ମୃତ୍ୟୁ ସ୍ପର୍ଶ କରିପାରେ ନାହିଁ । ତାହା ଅମୃତ । ସୁନନ୍ଦକୁ ଉପଦେଶ ଦେଇ ଧାର୍ଷିତଭିକ୍ଷୁ କହିଲେ "ସୁନନ୍ଦ ! ତୁମର ମୃତ୍ୟୁ ନାହିଁ । ସ୍ୱରୂପ ଜ୍ଞାନ ହେଲେ ତୁମେ ଭୟ ଓ କ୍ରୋଧ ତଥା ମୃତ୍ୟୁକୁ ଅତିକ୍ରମ କରି ଯାଇପାରିବ ।"

ସଂସାରର ଘନତମିସ୍ର 'ଗହନ ରାଜ୍ୟ'ରେ ବାଟ କାଟି କାଟି ଯାଉଛନ୍ତି ଧାର୍ଷିତଭିକ୍ଷୁ । ଅସତ୍‌ରେ ସତ୍‌ର ଆବାହନ ଘଟାଇ, ଅନ୍ଧକାରର ଗଭୀର ଗର୍ଭରେ ଆଲୋକ ସନ୍ଦୀପିତ କରି, ମୃତ୍ୟୁମୟ ସରଣୀରେ ଅମୃତ ବୀଜ ବପନ କରି ସେ ଚାଲିଛନ୍ତି । ତାଙ୍କୁ ଅନୁସରଣ କରିଛନ୍ତି ଅନେକ ଅନୁଗତ ଶିଷ୍ୟମଣ୍ଡଳୀ । କିନ୍ତୁ ସେହି ଚିରଭାସ୍ୱର ସୂର୍ଯ୍ୟଙ୍କୁ ଜୀବନ-ସର୍ବସ୍ୱ କେନ୍ଦ୍ର କରି ଧେନଷ୍ଟ ତନ୍ମୟତାରେ ଘୂରୁଛନ୍ତି ତିନୋଟି ଉପଗ୍ରହ; ସୁନନ୍ଦ, ସୁବୋଧ ଓ ଅମିୟ । ଏହି ନବୋଦିତ ସୌରମଣ୍ଡଳର ଆବିର୍ଭାବ ହେବା ସଙ୍ଗେ ସଙ୍ଗେ ସମାଜ ଓ ସଂସାରରେ ନୂତନ ପ୍ରାସଙ୍ଗିକତା, ନୂତନ ମୂଲ୍ୟାୟନର ଅଭ୍ୟୁଦୟ ଘଟିଛି । ଚିରାଚରିତ ଭାବରେ ସ୍ୱୀକୃତ ଓ ଗତାନୁଗତିକ ଭାବରେ ଗୃହୀତ ଅନେକ ସ୍ୱତଃସିଦ୍ଧ ସିଦ୍ଧାନ୍ତ ଓ ଆଚରଣ ପ୍ରଶ୍ନବାଚୀ ହୋଇଯାଇଅଛି । ନୂତନ

Digitized by srujanika@gmail.com

ଦୃଷ୍ଟି ପ୍ରତିଷ୍ଠିତ ହେବାରୁ ନୂତନ ଢଙ୍ଗରେ ନୂତନ ପ୍ରଶ୍ନମାନ ଉତ୍ଥିତ ହୋଇଛି । ଶିଶୁସୁଲଭ ସରଳତାରେ ସୁବୋଧ ପଚାରିଛନ୍ତି, "କ୍ଷୁଧା ନଥିଲେ କଅଣ ହୁଅନ୍ତା ? ସତେ କଅଣ କ୍ଷୁଧା ଏଡ଼େ ଦୁର୍ଜ୍ଜୟ !"

ପାର୍ଷିତଭିକ୍ଷୁ ବୁଝାଇଦେଲେ, "ଯେଉଁଠି ଶରୀର ଅଛି ସେଠାରେ କ୍ଷୁଧା ଅଛି । କିନ୍ତୁ ଶରୀରର ରୂପାନ୍ତର ଘଟିଲେ କ୍ଷୁଧାର ଆନୁରୂପିକ ରୂପାନ୍ତର ଘଟିବ । 'ଶରୀର ଅନୁସାରେ ଖାଦ୍ୟ ନିର୍ଣ୍ଣିତ ହୁଏ ।' ଶରୀରର ସୂକ୍ଷ୍ମତା ପ୍ରତିଷ୍ଠା ସମ୍ଭବ ହେଲେ ଆଲୋକ ବା ଆକାଶ ପରି ସୂକ୍ଷ୍ମଧାତୁମାନଙ୍କୁ ଭୋଜନ କରି-ହେବ, ସ୍ଥୂଳ ଅନ୍ନର ପ୍ରୟୋଜନ ରହିବନାହିଁ । ଏଭଳି ସୂକ୍ଷ୍ମ ଅନ୍ନରେ ସ୍ଥୂଳ ଅନ୍ନଠାରୁ ବରଂ ଅଧିକ ପ୍ରାଣଶକ୍ତି ନିହିତ ଅଛି । ନିଜ ଶରୀରକୁ ରୂପାନ୍ତରିତ କରିବା ଲାଗି ସାଧନାର ଆବଶ୍ୟକ । ସଂସାରର ଗତାନୁଗତିକ ସ୍ରୋତରେ ଭାସିଲେ ଚଳିବ ନାହିଁ ।"

"ସଂସାର ସ୍ୱୟଂ ଏକ ଅପରିମେୟ ଶକ୍ତି । ତାର ସ୍ୱରୂପରେ ସେ ଏକ ଅତୁଳନୀୟ ସତ୍ତା ।" "ସଂସାରକୁ ଚିହ୍ନି ସାରି ତା' ଭିତରେ ପ୍ରବେଶ କଲେ, ସେ ଭ୍ରମର ଶକ୍ତି ପରୀକ୍ଷା କରେ, ଶକ୍ତି ବଢ଼ାଏ । ନ ଜାଣି ପଶିଗଲେ ଘୋଷାରି ନିଏ, ବୁଡ଼ାଇଦିଏ ।" ପାର୍ଷିତଭିକ୍ଷୁଙ୍କ ନିର୍ଦ୍ଦେଶରେ ନିଜର ଅନିଚ୍ଛା ସତ୍ତ୍ୱେ ବୈବାହିକ ଜୀବନରେ ପ୍ରବେଶ କରୁଛନ୍ତି ସୁବୋଧ । ସୁବୋଧଙ୍କ ସହିତ ସୂକ୍ଷ୍ମ-ଚେତନାରେ ସହାୟକ ରୂପେ, ପଥପ୍ରଦର୍ଶକ ରୂପେ, ଗୁରୁଶକ୍ତି ରୂପେ ସାଂସାରିକ-ଭୂମିରେ ପ୍ରବେଶ କରୁଛନ୍ତି ପାର୍ଷିତଭିକ୍ଷୁ । ତାଙ୍କର ପ୍ରତିଜ୍ଞା ଓ ପ୍ରତିଶ୍ରୁତି ରହିଛି, ସେ ହାତ ଧରି ଉଦ୍ଧାର କରି ଆଣିବେ ।

ସଂସାର ଏକ ପ୍ରବାହ ଓ କମ୍ପନ । ଏକ ପ୍ରଚଣ୍ଡ ଗୁଣ—ସଂକ୍ଷୋଭ । ସଂସାର ଯେତେବେଳେ ତାର ପ୍ରବଳତମ ବିକ୍ଷେପ ପ୍ରୟୋଗ କରିବ, ସେତେବେଳେ ସ୍ଥିର ରହିବା ହେଉଛି କଠିନତମ ପରୀକ୍ଷା । ଯୋଗ-ସାଧକ-ମାନଙ୍କ ପାଇଁ ଶ୍ରେଷ୍ଠତମ ସୁଯୋଗ । କମ୍ପନରେ ସ୍ଥିରତା, ଆଲୋଡ଼ନରେ ପ୍ରଶାନ୍ତି, ବିକ୍ଷୋଭରେ ଧୀରତା ଧାରଣ କରିବାହିଁ ଯୋଗ-ଜୀବନର ସାର୍ଥକତା ।

ବୈବାହିକ ଜୀବନର ଯୌନଚର୍ଯ୍ୟା···ହୁହୁ ଜଳୁଛି ଦୁର୍ବାର ଦୁର୍ବିସହ ଉପସ୍ଥ ଅଗ୍ନି । ତୃଷ୍ଣା, ତୃଷ୍ଣା ଅଙ୍ଗେ ଅଙ୍ଗେ ପ୍ରବଳ ତୃଷ୍ଣା ! ପ୍ରତି ଲୋମକୂପରେ

Digitized by srujanika@gmail.com

କ୍ଷୁଧାରେ ବାରୁଦ ଗଦା ଅଗ୍ନି ଧରୁଛି—ବିସ୍ଫୋରଣ, ବିଚ୍ଛୁରଣ ଓ ବିକ୍ଷିପ୍ତତା ! ଦେହ ଓ ଦେହର ଅଗ୍ନିବନ୍ୟା ଭିତରେ ଭାସି ବୁଡ଼ି ଅଭିସିକ୍ତ ହେଉଥିଲେ ହେଁ ସୁବୋଧ ତଥାପି ପାର ହୋଇ ଆସୁଛି । ତା' ଅଜାଣତରେ ଗୁରୁଙ୍କ ପ୍ରଚ୍ଛନ୍ନ ବରାଭୟ କରାଶ୍ରୟ ତାକୁ ଆଚ୍ଛନ୍ନ କରି ରଖିଛି । ସୁବୋଧକୁ ପ୍ରତିରୂପ କରି ଦୀକ୍ଷିତଭିକ୍ଷୁ ନିଜେ ସଂସାରର ଦୁର୍ଗମ ମାଂସମୟତା ଅତିକ୍ରମ କରି ଆସୁଛନ୍ତି ଓ ପ୍ରିୟ ଶିଷ୍ୟ ସୁବୋଧକୁ ଅତିକ୍ରମ କରାଇ ଆଣୁଛନ୍ତି ।

ଦୀକ୍ଷିତଭିକ୍ଷୁ ସୂଚାଇ ଦେଲେ, ପ୍ରଜନନ ଲାଗି ଇତର ଜନ୍ତୁଙ୍କ ଭଳି ମଣିଷ ପାଇଁ ମୈଥୁନ ଅପରିହାର୍ଯ୍ୟ ନୁହେଁ । ଜଠର ବାସ ଏତେ ଦୀର୍ଘ ହେବାର ମଧ୍ୟ ଆବଶ୍ୟକତା ନାହିଁ । "ଜନନୀ କୁମାରୀ ରହି ପାରିବ ।" ଶରୀର ଊର୍ଦ୍ଧ୍ୱରେ ରହି ଇଚ୍ଛାକଲେ ମାନସ-ସନ୍ତାନ ରୂପ ପରିଗ୍ରହ କରିବ । ରୂପାନ୍ତରୀକରଣ ଯୋଗରେ ସ୍ଥୂଳ ମୈଥୁନର ରୂପାନ୍ତର ହୋଇଗଲେ ଏହା ସମ୍ଭବ ହେବ ।

ରୂପାନ୍ତରିତ ନ ହୋଇଥିବା ସଂସାର ହେଉଛି ଗୁଡ଼ାଏ ଯାନ୍ତ୍ରିକ, ଜାନ୍ତବ ଅନୁପ୍ରେରଣାଜନିତ ତାଡ଼ନ, ଆଲୋଡ଼ନ ଓ ବିସ୍ଫୋରଣର ମୂଢ଼ କ୍ରିୟା । ଏଠି ସମସ୍ତେ ଅନ୍ଧ ଓ ସବୁ ଅନ୍ଧାର । ଗଣ୍ଡମୂର୍ଖ ବର୍ଣ୍ଣନା କରୁଥିବା ଘନଶବ୍ଦିତ ଓ ଆବେଗ ତାଡ଼ିତ କାହାଣୀ ଭଳି ଏହା ନିରର୍ଥକ । ଏଠି ସମସ୍ତେ "ଆଖିବୁଜା ଅଣ୍ଡାଳି ହେଉଛନ୍ତି ।" "ନାରୀ ପୁରୁଷ ଛନ୍ଦିହୋଇ ରହୁଛନ୍ତି, ଫିଟିଯାଉଛନ୍ତି, ପୁଣି ଛନ୍ଦି ହେଉଛନ୍ତି" ···କେଉଁ "ଅଦୃଶ୍ୟ ସ୍ରୋତ ତାଙ୍କୁ ଠେଲିଦେଇ ନେଇ-ଯାଉଛି ।" ଉତ୍ତପ୍ତ ମାଂସମୟ କଟାହରେ କେଉଁ ଅଦୃଶ୍ୟଶକ୍ତି ଏମାନଙ୍କୁ ଆଦିମକାଳରୁ ସନ୍ତୁଳୁଛି । ସମସ୍ତଙ୍କ ପରଳଗ୍ରସ୍ତ ଚକ୍ଷୁରେ "ଧୂଆଁ, ଭୟ, କ୍ରୋଧ ଏବଂ ମୃତ୍ୟୁ ।" ଅନ୍ଧ, ବିକଟ, ଉତ୍ତପ୍ତ ହତ୍ୟାର ଉତ୍ସବ । ନିସ୍ପୃହତାର ପୃଷ୍ଠଭୂମିରେ ଘୃଣା, କ୍ରୋଧ, ଜିଘାଂସାର ଅକାରଣ ବିସ୍ଫୋରଣ ଅଣାପୂରରେ ଘଟିଯାଉଛି । ସେହି ଆଦିମ ଅନ୍ଧଶକ୍ତିର ବନ୍ୟାରେ "ଖେଳନାପରି ଜନବସତି ସବୁ ଉପୁଡ଼ି ଭାସିଯାଉଛି ।" ନିର୍ମମ, ନିର୍ବେଦ ଅଗ୍ନିଜୁଆରରେ ସବୁ ପୁଣି ଜଳିଯାଉଛି । ଦୁରନ୍ତ, ଅପରିମେୟ ଜୀବଯାତନାମୟ ସ୍ଥିତି ଓ ପରିସ୍ଥିତିକୁ ଧ୍ୟାନଚକ୍ଷୁରେ ଦେଖିଲେ ସୁନନ୍ଦ । "ଯାହା ଦେଖିଲେ ସେ ସମସ୍ତ ସଂସାର," ବରଂ ସଂସାର ଆହୁରି ଖରାପ, ଆହୁରି ଖାଷଣ—ସୂଚାଇଦେଲେ ଦୀକ୍ଷିତଭିକ୍ଷୁ । ଏଇ ସଂସାରରେ ସଚେତନ ଭାବରେ ନ ପଶିବ ତ ଏ ସଂସାରର ରୂପାନ୍ତର

Digitized by srujanika@gmail.com

ହେବ କପରି ? "ଅନ୍ୟଥା"ର ଉତ୍ସକ ନଆଁରେ ଉହ ଉହ ଡାକୁଛି ସଂସାର । କିନ୍ତୁ "ଏକତ୍ୱରେ ନାନାତ୍ୱ ନାହିଁ ।" ସେହି ଏକତ୍ୱର ପ୍ରଶାନ୍ତ ନିସ୍ତରଙ୍ଗ ଶୀତଳ ସାମୁଦ୍ରିକ ଅନୁଭବରେ ସ୍ଥିରତା, ଆନ୍ତରିକତା, ନୀରବତା ସହ ନିଶ୍ଚେଷ୍ଟ ଭାବରେ ସହଜ ଓ ସରଳ ହୋଇ ବୁଡ଼ିଗଲେ, ସଂସାରର ଦୁଃସାଧ୍ୟ ସମସ୍ୟାମାନଙ୍କର ସମାଧାନ ହୋଇ ପାରିବ । ଅମିୟର ଗଛ ଓ ପୋକ ବିଷୟକ ସମସ୍ୟାଟିର ସମାଧାନ ହୋଇଗଲା ସେହି ପନ୍ଥାରେ । ପୋକମାନେ ମନକୁମନ ଗଛକୁ ଛାଡ଼ି କୁଆଡ଼େ ଚାଲିଗଲେ । ଗଛ ପୁଣି ପୂର୍ବବତ୍ ପଲ୍ଲବିବାକୁ ଲାଗିଲା । ଅମିୟ ଦେଖିଲେ, ପକ୍ଷିତଭିକ୍ଷୁଙ୍କ ହବିସର ମୁଠିକ ଭୋଜନକୁ ଆହାର କରୁଛନ୍ତି କୀଟମାନେ । ନିଜେ ଅଭୁକ୍ତ ରହି କୀଟମାନଙ୍କ କ୍ଷୁଧାକୁ ନିଜ ଅନ୍ନ ବିନିମୟରେ ଶାନ୍ତ କରୁଛନ୍ତି ପକ୍ଷିତଭିକ୍ଷୁ ।

ପକ୍ଷିତଭିକ୍ଷୁ ବୁଝାଇଦେଲେ, ନିଜ ପ୍ରୟୋଜନ ଓ ସ୍ୱାର୍ଥକୁ ଉତ୍ସର୍ଗ ନକରି ବଳ ନ ଦେଇ, ସଂସାରକୁ ସଂଶୋଧନ କଲେ, କୌଣସି ସମସ୍ୟାର ଯଥାର୍ଥ ସମାଧାନ ହୁଏ ନାହିଁ । ବରଂ ସେଭଳି ଅପସମାଧାନ ହେତୁ ସଂସାର ଅଧିକରୁ ଅଧିକ ସମସ୍ୟାସଙ୍କୁଳ ହୋଇପଡ଼େ ।

ଗୁରୁତର ଭାବରେ ପୀଡ଼ିତ ସୁବୋଧର ଭିତରେ ବାହାରେ ହତାଶା ଓ ଦୀର୍ଘଶ୍ୱାସ । ଭିତରୁ କିନ୍ତୁ ପକ୍ଷିତଭିକ୍ଷୁଙ୍କ ସ୍ୱର ଶୁଭୁଛି—"ତୁମ ଇଚ୍ଛା ସୁବୋଧ, ତୁମେ ଚାହିଁଲେ ଏଇ ମୁହୂର୍ତ୍ତରେ ନିରାମୟ ସ୍ୱାସ୍ଥ୍ୟକୁ ଫେରି ଆସିପାରିବ ।" କିନ୍ତୁ ଯନ୍ତ୍ରଣାକୁ ଅସ୍ୱୀକାର କରନାହିଁ । ତାକୁ ପୂର୍ଣ୍ଣତଃ ଧାରଣକର, ଅଥଚ ତା'ଠାରୁ ଅଲଗା ରହି ଅତିକ୍ରମଣ କରି ଆସ । ବର୍ଷା ରାତିର ମେଘ ପୁଞ୍ଜକୁ ଭେଦିକ ଉପରକୁ ଉଠିବା ସହଜ ସାଧ୍ୟ ନୁହେଁ, ତଥାପି ତାହା ଅସାଧ୍ୟ ନୁହେଁ । ଦେହ ମନ ଉଭୟ ଆକ୍ରାନ୍ତ ହୋଇଛନ୍ତି ସତ୍ୟ, କିନ୍ତୁ ନାମରୂପମୟ ଦେହ, ମନକୁ ଅତିକ୍ରମ କରିଯିବାପାଇଁ ତୁମ ସ୍ୱଭାବର ସାମର୍ଥ ଅଛି । ସେ ସ୍ୱଭାବଗତ ଅମିତ ସାମର୍ଥ୍ୟକୁ ସ୍ୱୀକାର କର, ଆବାହନ କର, ଉଦ୍‌ବୋଧିତ କର । ବହୁ ଊର୍ଦ୍ଧ୍ୱରୁ "ପ୍ରଶାନ୍ତ ନିତ୍ୟ ଅନାବୃତ ଆକାଶ"ର ଆହ୍ୱାନ ଅବାରିତ ଝରୁଛି । ସେହି ଧାରେଷ୍ଣୁ ଆହ୍ୱାନକୁ ଅନୁସରଣ କରି ଖୁବ୍ ଉପରକୁ ଉଠ । ନାମରୂପର ପ୍ରସ୍ତ ପ୍ରସ୍ତ ଆସ୍ତରଣକୁ ଭେଦିଯାଅ—ତୁମେ ଯାତନାକୁ ଅତିକ୍ରମଣ କରିପାରିବ । ଏଇତ ଉତ୍‌କ୍ରାନ୍ତ ଯୋଗ । ସେହି ଯୋଗକୁ ଅନୁସରଣ କରି ସୁବୋଧ ଅନୁଭବ

Digitized by srujanika@gmail.com

କଲେ ସମସ୍ତ ଲିପ୍ତତା ଉପରେ ସ୍ୱରୂପାକାଶର ନିର୍ଲିପ୍ତ ବ୍ୟାପ୍ତି ନିଥର ସ୍ଥିତିରେ ବିଦ୍ୟମାନ । ନିଜର ସେହି ନିର୍ଲିପ୍ତ ସ୍ୱରୂପକୁ ଆବିଷ୍କାର କଲେ, ବଳେ ବଳେ ଶରୀର ଏବଂ ମନ ଆପୃଓଲ୍କୁ ଆସିଯାନ୍ତି ।

ସେ ସ୍ୱରୂପ ଜଡ଼ ନୁହେଁ କି ଚେତନ ନୁହେଁ । ଶରୀରଧର୍ମୀ ନୁହେଁ କି ମନଧର୍ମୀ ନୁହେଁ । ସେ ହେଉଛି ଜଡ଼ ଚେତନ, ଶରୀର ମନ ଉଭୟର ମୂଳାଧାର, ମୂଳଧାତୁ, ମୂଳପିଣ୍ଡ । ତହିଁରେ ଜଡ଼ ଚେତନ, ଶରୀର ମନର 'ଅନ୍ୟତା' ଅନ୍ତର୍ଦ୍ଧାନ ହୋଇଅଛି । ସେହି ନିତ୍ୟ ନିର୍ଲିପ୍ତ ନିର୍ମଳ ସ୍ୱରୂପାକାଶକୁ ଚିହ୍ନି, ଦୃଷ୍ଟିରେ ଧାରଣ କରି, ତହିଁରେ ପ୍ରବେଶ କରିଯିବାକୁ ହୁଏ ।"ଜ୍ଞାତୁଂ ଦ୍ରଷ୍ଟୁଂଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ।" (ଗୀତା ୧୧ । ୫୪) । "ଆକାଶ ସହିତ ମିଶିପାରିଲେ ସବୁ ଯାତନା ରୂପାନ୍ତର ହୋଇଯାଏ ।" ଆକାଶ ସହିତ ନିଜକୁ ମିଶାଇ ନ ପାରିଲେ ଆକାଶକୁ ଚିହ୍ନି ହୁଏନାହିଁ, ଚିହ୍ନିବା ଓ ମିଶିଯିବା ସେଠାରେ ସମାନ । ତାଦାତ୍ମ୍ୟ ପ୍ରତିଷ୍ଠା ନ କରି ଆକାଶକୁ ଅବବୋଧ କରି-ଯାଇ ପାରିବ ନାହିଁ । ଆକାଶକୁ ଅବବୋଧ କରିବା ଅର୍ଥ ହେଉଛି ଆକାଶ ହୋଇଯିବା । ଯେ ବ୍ରହ୍ମଙ୍କୁ ଜାଣେ ସେ ବ୍ରହ୍ମ ହୋଇଯାଏ । ବ୍ରହ୍ମଜ୍ଞାତା ବ୍ରହ୍ମୈବ ଭବତି ।

ଆକାଶ ଓ ଛନ୍ଦ

ଆକାଶ ହେଉଛି ଏକମାତ୍ର ଅଖଣ୍ଡ ଛନ୍ଦ; କାରଣ ସେ ସ୍ୱୟଂ ନୀରବତା । ସେଇଠି ସବୁପ୍ରକାର ଭଗ୍ନଛନ୍ଦ ଆପେ ଆପେ ଛନ୍ଦରେ ମିଳାଇଥାଏ ।" ସୃଷ୍ଟି ଛନ୍ଦୋମୟ । ଛନ୍ଦ ହିଁ ସୃଷ୍ଟି । ଛନ୍ଦ ଭାଙ୍ଗିଯିବା ଦୁଃଖ । ତାହାହିଁ ମୃତ୍ୟୁ ।" ଯେଉଁ ଜୀବନରେ ଛନ୍ଦ ଭାଙ୍ଗିଛି, ବିଷମତା ଆସିଛି, ତାହା ଦୁଃଖମୟ ଜୀବନ । ମୃତ୍ୟୁ ହେଉଛି ଖୁବ୍ ବେସୁରା ଗୋଟାଏ କୋଳାହଳ ।" ସ୍ୱରୂପାକାଶ ସହିତ ତାଦାତ୍ମ୍ୟ ପ୍ରତିଷ୍ଠିତ ହେଲେ ଛନ୍ଦ ପ୍ରତିଷ୍ଠିତ ହୁଏ । ସ୍ୱରୂପାକାଶର ସହଜ ପ୍ରେରଣାକୁ ବିରୋଧ କଲେ ଛନ୍ଦ ଭଗ୍ନ ହୁଏ । ଦୁଃଖ, ଶୋକ,ପୀଡ଼ା ଅବସନ୍ନତା ମୃତ୍ୟୁ ଏହି ଛନ୍ଦଭଙ୍ଗର ଫଳ । ଭଗ୍ନ ଛନ୍ଦକୁ ସୁଧାରିବା ଲାଗି ଚେତନାରେ ଆକାଶମୟ ହୋଇଯିବାକୁ ହେବ । ଏହି ଆକାଶମୟ ହେବା କ୍ରିୟାରେ ଚେତନାର ଦ୍ୱିବିଧ ସଂପ୍ରସାରଣ ଘଟେ । ଗୋଟିଏ ହେଉଛି ଊର୍ଦ୍ଧ୍ୱପ୍ରସ୍ଥ ସଂପ୍ରସାରଣ ଓ ଅନ୍ୟଟି ହେଉଛି ସମପ୍ରସ୍ଥ ସଂପ୍ରସାରଣ । ଊର୍ଦ୍ଧ୍ୱପ୍ରସ୍ଥ ସଂପ୍ରସାରଣ

Digitized by srujanika@gmail.com

ଘଟିବା ସଙ୍ଗେ ଆନୁପାତିକ ସମପ୍ରସ୍ଥ ସଂପ୍ରସାରଣ ଘଟିବାକୁ ଲାଗିଥାଏ । ଚେତନାର ସମପ୍ରସ୍ଥ ସଂପ୍ରସାରଣ ଫଳରେ "ଅନ୍ୟ"କୁ ଗ୍ରହଣ କରିହୁଏ । ଅନ୍ୟର ମନ, ଶରୀର, ରୋଗଯନ୍ତ୍ରଣା, ଯାତନାକୁ ଶ୍ରଦ୍ଧାରେ ନିଜର ବୋଲି ଗ୍ରହଣ କରିହୁଏ । ଅନ୍ୟକୁ ଗ୍ରହଣ କରିପାରିଥିଲେହିଁ ଛନ୍ଦ ସୃଷ୍ଟି ହୁଏ । ଅନ୍ୟକୁ ଗ୍ରହଣ କରି ନ ପାରିଲେ ଛନ୍ଦଭଙ୍ଗ ହୁଏ ଓ ଜୀବନଶାଣୀ ବେସୁରା ଧରେ । ଯାବତୀୟ ଦୁଃଖ ଏଇ ଛନ୍ଦଭଙ୍ଗର ଫଳ । ତେଣୁ ସାଧକ ଯେତେ ପାରିବ ଅନ୍ୟକୁ ଭଲ ପାଇ ତାକୁ ଶ୍ରଦ୍ଧାର ସହ ଗ୍ରହଣ କରିବ । ସେଥିରେ ସାଧକର ଚେତନାର ବିସ୍ତାର ଘଟେ । ଯଦି ଶ୍ରଦ୍ଧା ନ ଅର୍ଜିଲା, ତେବେ ଚେତନାର ଊର୍ଦ୍ଧ୍ୱପ୍ରସ୍ଥ ସଂପ୍ରସାରଣ ପାଇଁ ଊତ୍କ୍ରାନ୍ତ ଯୋଗରେ ଅଧିକ ସାଧନା କରିବାକୁ ପଡ଼ିବ । ତାହା ସାଧକକୁ ଆହୁରି ଶୁଦ୍ଧ, ଆହୁରି ନିର୍ମଳ, ଆହୁରି ବିସ୍ତୀର୍ଣ୍ଣ ହେବାକୁ ସମର୍ଥ କରେ । ଚେତନାର ଊର୍ଦ୍ଧ୍ୱପ୍ରସ୍ଥ ସଂପ୍ରସାରଣଦ୍ୱାରା ଜ୍ଞାନସିଦ୍ଧି ହେଉଥିଲାବେଳେ ସମପ୍ରସ୍ଥ ସଂପ୍ରସାରଣଦ୍ୱାରା ପ୍ରେମସିଦ୍ଧି ହେଉଥାଏ । ପ୍ରେମର ସ୍ୱରୂପ ନିର୍ଣ୍ଣୟ କରି କୁହାଯାଇଛି, "ପ୍ରେମ ଆକାଶଧର୍ମୀ । ଭିତରେ ବାହାରେ ଅବିଚଳିତ ରହି ସବୁ କିଛି ଗ୍ରହଣ ଓ ଧାରଣ କରିବାର ଅତି ଉଦାର ସାମର୍ଥ୍ୟ ।" ନିର୍ଲିପ୍ତ ଭାବରେ ନିଜସ୍ୱ କରି ଗ୍ରହଣ କରିପାରିବା ହେଉଛି ଜ୍ଞାନସିଦ୍ଧି ଓ ପ୍ରେମସିଦ୍ଧିର ପ୍ରଶସ୍ତ ରାଜପଥ । ରକ୍ଷିତଭିକ୍ଷୁ ଥିଲେ ସେହି ପଥରେ ପଥିକ ଓ ପଥପ୍ରଦର୍ଶକ । ସେ ଥିଲେ ଜ୍ଞାନ ସିଦ୍ଧିଗତ ଶୂନ୍ୟତା ଓ ପ୍ରେମସିଦ୍ଧିଗତ କରୁଣା ଘଟିତ ଏକ ନିର୍ଲିପ୍ତକାରୁଣ୍ୟ ବିଗ୍ରହ, ରୂପାନ୍ତରୀକରଣ ଯୋଗର ଅମୃତ ଶଳାକା ।

ରୂପାନ୍ତରୀକରଣ ଯୋଗର ପ୍ରୟୋଗ

ଜୀବ ଯନ୍ତ୍ରଣାକୁ ଲାଘବ କରିବାପାଇଁ, ଭଗ୍ନଛନ୍ଦକୁ ସୁଧାରି ନେବାପାଇଁ ଏକ କୁଷ୍ଠରୋଗୀର ସକଳ ଯାତନାକୁ ଶ୍ରଦ୍ଧାର ସହିତ ଗ୍ରହଣ କରିଛନ୍ତି ସୁବୋଧ; କିନ୍ତୁ ସେ ବୋଝକୁ ବୋହିବାପାଇଁ, ଭାରକୁ ସମ୍ଭାଳିବା ପାଇଁ ତାଙ୍କର ଯୋଗ-ସାମର୍ଥ୍ୟ ଅକୁଳାନ ହୋଇପଡ଼ୁଛି । "ଶ୍ରଦ୍ଧା ଏବଂ ପ୍ରେମରେ ନିଜକୁ ଉନ୍ମୁକ୍ତ କରିଦେଇ ସେ ଏକାଥରକେ ଅନେକ ବନ୍ୟା ବତାସିରେ ବୋହିଳି ଯାଉଛି ।" ରକ୍ଷିତଭିକ୍ଷୁଙ୍କ ନିର୍ଦ୍ଦେଶରେ ସୁବୋଧଙ୍କ ଚେତନା ସହ ମିଶିଗଲେ ସୁନନ୍ଦ । ଉଭୟଙ୍କ ଚେତନା ଏକ ହୋଇଗଲା । ଏଥରକ

Digitized by srujanika@gmail.com

ଆକାଶ ଧ୍ୟାନରେ ସୁବୋଧଙ୍କ ଅବଶ ଆଶାନ୍ତ ଚେତନାକୁ ରୋଗୀର ଚେତନା-ସହ ଊର୍ଦ୍ଧ୍ୱଗାମୀ କରାଉଛନ୍ତି ସୁନନ୍ଦ । ସ୍ୱାଭାବିକ ନିଶ୍ଚେଷ୍ଟ ଜଡ଼ତାକୁ ପରିହାସ କରି ରୋଗୀଟି ନିଜର ଆରୋଗ୍ୟ କାମନା କରିପାରୁଛି । ସୁନନ୍ଦଙ୍କ ଗାଢ଼ ଆତ୍ମଯୋଗ ଫଳରେ ସ୍ୱରୂପାକାଶର ନିର୍ଲିପ୍ତ ଶୂନ୍ୟତା ସ୍ପର୍ଶକଲାମାତ୍ରକେ ତାପ ବିଲୀନ ହୋଇଗଲା । କମ୍ପନ ଉଭେଇ ଗଲା । କୁଷ୍ଟରୋଗୀ ସନ୍ନ୍ୟାସୀ ସୁବୋଧ ଚେତନାକୁ ରୋଗମୁକ୍ତ କଲେ ସୁନନ୍ଦ । ଦୀକ୍ଷିତଭିକ୍ଷୁଙ୍କ କଣ୍ଠରୁ ଶୁଭିଲା, "ସାବାସ୍ ! ଏହିପରି ଯାତନାକୁ ରୂପାନ୍ତରିତ କରାଯାଏ ।" ନିଜେ ଉଠ, ଅନ୍ୟକୁ ଉଠାଅ, କିନ୍ତୁ ଆକାଶ ପର୍ଯ୍ୟନ୍ତ ଉଠ । ନୋହିଲେ ସୁବୋଧ ପରି ଅତିସିଦ୍ଧ ହୋଇଯିବାର ସମ୍ଭାବନା ଅଛି । ତାହାଏକ ଯୋଗ ବିପର୍ଯ୍ୟୟ । ତହିଁରୁ ଉଦ୍ଧରିବାର ଏକମାତ୍ର ପନ୍ଥା ହେଉଛି ସମୁଚ୍ଚ ଜ୍ଞାନସିଦ୍ଧି ଓ ପ୍ରେମ-ସିଦ୍ଧିର ଅଧିକାରୀ ହେବା ।

ରୂପାନ୍ତରୀକରଣ ଯୋଗର ସଫଳ ପ୍ରୟୋଗ କରି ଜନ୍ମାନ୍ଧକୁ ଦୃଷ୍ଟି-ଦାନ କରୁଛନ୍ତି ଦୀକ୍ଷିତଭିକ୍ଷୁ । ଅନ୍ଧର ନିଥର ଅନ୍ଧକାର ମଧ୍ୟରେ ଆଲୋକ ଲାଭପାଇଁ ଅଭିନବ ଅଭୀପ୍ସାର ବୀଜ ବପନ କରି, ଅଙ୍କୁରୋଦ୍‌ଗମଠାରୁ ଫଳପୁଷ୍ପିତ ହେବା ପର୍ଯ୍ୟନ୍ତ ସେ ତାହାକୁ ଲାଳନ କରିଆସିଛନ୍ତି । ଅନ୍ଧ ଚକ୍ଷୁଷ୍ମାନ୍ ହୋଇଛି ।

ପ୍ରାଣୀମାନଙ୍କ ପ୍ରାଚୀନତମ ସଂସ୍କାର ଯୌନ-ସମ୍ଭୋଗକୁ ରୂପାନ୍ତରୀ-କରଣ ଯୋଗରେ ବିଶୋଧନ କରିବେ ଦୀକ୍ଷିତଭିକ୍ଷୁ । ଦେହ ଓ ଦେହ ସମ୍ଭୋଗକୁ ଅସ୍ୱୀକାର ନକରି ଅତିକ୍ରମ କରିବାର ସୂତ୍ର ସେ ଉପସ୍ଥାପନକରିବେ । ପିଙ୍ଗଳାର ସ୍ୱପ୍ନମୟ ମନୋଭୂମିରେ ତରୁଣ ଶିଷ୍ୟମଣ୍ଡଳୀଙ୍କ ସହିତ ପ୍ରବେଶ କରି ସେମାନଙ୍କୁ ଯୋଗବିଘ୍ନକାରୀ ଚିନ୍ତା ଓ ଚେତନା ସହ ପରିଚୟ କରାଇ-ଦେଲେ ଦୀକ୍ଷିତଭିକ୍ଷୁ । ଶରୀରପରି ମନବୁଦ୍ଧି ଗୋଟିଏ ଗୋଟିଏ ଖୋଳ ବା ଖୋଳପା । ଯୋଗ-ସାମର୍ଥ୍ୟ ଯେଣି କାମନା କରିପାରିଲେ ସେ ଖୋଳ ଖୋଳପା ଖସିଯାଏ; କିନ୍ତୁ ତା ପୂର୍ବରୁ ଶରୀର ତଥା ମନବୁଦ୍ଧି ଭୂମିରେ ପ୍ରବୃତ୍ତିମାନଙ୍କର ଶୋଧନ କରିବାକୁ ପଡ଼େ, ଶୁଭ ସଂସ୍କାର କରିବାକୁ ପଡ଼େ । ରୂପାନ୍ତରୀକରଣ ଯୋଗରେ ଦୀକ୍ଷିତ ହେବାପାଇଁ ଯୋଗ୍ୟତା ଜନ୍ମେ । ପିଙ୍ଗଳାର ସ୍ୱଭାବସୁଲଭ ଚେତନା ପ୍ରବାହରେ ଶୁଭସଂସ୍କାର ଘଟାଇ ତାକୁ ଯୋଗ-ଦୀକ୍ଷିତ କରିବାପାଇଁ ଆଦେଶ ଦେଲେ ଦୀକ୍ଷିତଭିକ୍ଷୁ ।

Digitized by srujanika@gmail.com

ଦୀକ୍ଷିତ ଭିକ୍ଷୁଙ୍କ କାୟାସମ୍ବରଣ

ବାୟୁବ୍ୟ ମୂର୍ତ୍ତି ବୃହତ୍‌ଙ୍କ ଉପସ୍ଥିତିରେ ସୁନନ୍ଦ ଓ ସୁବୋଧଙ୍କୁ ସମ୍ବୋଧନ କରି ଦୀକ୍ଷିତଭିକ୍ଷୁ ନାମରୂପଧାରୀ ଅଦ୍ଭୁତ ତୈଜସ ପୁରୁଷ କହିଲେ ଯେ ତାଙ୍କ ପାଇଁ ଆଉ ସେ ଶରୀରର ପ୍ରୟୋଜନ ନାହିଁ । ଚେତନରୁ ଜଡ଼କୁ ଓ ଜଡ଼ରୁ ଚେତନକୁ ଅବରୋହଣ ଓ ଆରୋହଣ କରିବା ସେ ସିଦ୍ଧ ଆବିଷ୍କାର କରି-ସାରିଛନ୍ତି । ଜଡ଼ ଚେତନ ମଧ୍ୟରେ, ସ୍ଥୂଳ ସୂକ୍ଷ୍ମ ମଧ୍ୟରେ ସେ ସେତୁ-ଚେତନା ଉଦ୍‌ଘାଟିତ କରି ସାରିଛନ୍ତି । ସକଳ ଅନ୍ୟତା, ପୃଥକତା, ଭିନ୍ନତା ଉପରେ ବିଜୟ ହାସଲ ହୋଇ ସାରିଛି । ଅଖଣ୍ଡ ବ୍ୟାପ୍ତିରେ ସକଳ ସ୍ଥାନିକତା, ଆଞ୍ଚଳିକତାର ସତ୍ତାକୁ ବୁଡ଼ାଇ ଦିଆଯାଇଛି । ଏଣିକି ଖାଲି ମୁକ୍ତି । ନାନାତ୍ୱ, ଦେଶକାଳ, ନାମରୂପ ଚଳଚ୍ଚିତ୍ର ପ୍ରବାହରୁ ଚିରମୁକ୍ତ, ଚିରବିଶ୍ରାନ୍ତ । ନାମ-ରୂପ ଚିହ୍ନିତ ବିବିଧ କୋଷମୟ ଶରୀରକୁ ଓ ତତ୍ ସମ୍ବନ୍ଧୀୟ କର୍ମ ଓ କର୍ମଫଳକୁ ସ୍ୱୀକାର କରି, ଗ୍ରହଣ କରି, ଧାରଣ କରି ତୈଜସ ପୁରୁଷ ଅନେକ ଅଭିନବ ଅନୁଭବ କରିଗଲେ । ଅନେକ ଅବରୁଦ୍ଧ ସମ୍ଭାବନା ସ୍ରୋତକୁ ଖୋଲି ଦେଇଗଲେ । ଦୁର୍ଲ୍ଲଭ ଯୋଗବିଭୂତି ଲାଭ ଲାଗି ଚେତନା ଭୂମିର ଉତ୍‌ଖନନ ପନ୍ଥା ସ୍ଥିର କରିଦେଲେ । ଚେତନାର ଊର୍ଦ୍ଧ୍ୱକ୍ରାନ୍ତି ଓ ସଂପ୍ରସାରଣରେ ସେ ସମସ୍ୟା ସମାଧାନ ସୂତ୍ର ଉଦ୍‌ଘାଟନ କରିଦେଇଗଲେ । ଏଥର ସେ ସ୍ୱଧାମ ପ୍ରତ୍ୟାବର୍ତ୍ତନ କରିଯିବେ ।

ସୁନନ୍ଦ ଦେଖୁଥାନ୍ତି, ଦୀକ୍ଷିତଙ୍କ ଶରୀର ଉଜ୍ଜ୍ୱଳ ଧୂଆଁ ରେଖାଏ ଭଳି କ୍ରମେ ଅସ୍ପଷ୍ଟ ହୋଇ ନିର୍ଦ୍ଦିଷ୍ଟ ଆୟତନରୁ ଲିଭିଯାଉଥାଏ । କ୍ରମେ ଦୀକ୍ଷିତଙ୍କ ଚାରିଆଡ଼େ ଗୋଟିଏ ଜ୍ୟୋତିର୍ବଳୟ ପ୍ରଦୀପ୍ତ ହେଲାଭଳି ଦିଶିଲା । ଗୋଟାଏ ଆଲୋକର ବିସ୍ଫୋରଣରେ ସୁନନ୍ଦଙ୍କ ଆଖି ଝଲସି ଗଲା । ଅଣାୟତ୍ତରେ ତାଙ୍କ ଆଖି ବୁଜି ହୋଇଗଲା । ଆଖି ଫିଟାଇ ଚାହିଁଲାବେଳକୁ ଦୀକ୍ଷିତଭିକ୍ଷୁ ଆଉ ନାହାନ୍ତି । ଯେଉଁ ଶରୀରକୁ ସେ ଗ୍ରହଣ କରିଥିଲେ, ସେ ତାକୁ ତାଙ୍କ ଆତ୍ମିକ ସତ୍ତାରେ ଲୀନ କରିଦେଇଛନ୍ତି ।

"ମେଘମଣ୍ଡଳକୁ ତ୍ୟାଗକରି ବିଜୁଳି ଆକାଶ ପ୍ରବେଶ କଲା ମାତ୍ରକେ ସାଧାରଣ ମନୁଷ୍ୟମାନେ ତାହାର ଗତିକୁ ଲକ୍ଷ୍ୟ କରି ନ ପାରିଲା ପରି ଶରୀର

Digitized by srujanika@gmail.com

ସହ ସ୍ୱଧାମ ପ୍ରତ୍ୟାବର୍ତ୍ତନ କରୁଥିବା ଭଗବାନ କୃଷ୍ଣଙ୍କ ଦିବ୍ୟଗତିକୁ ସମବେତ ଦେବତାମାନେ ସୁଦ୍ଧା ଲକ୍ଷ୍ୟ କରିପାରିଲେ ନାହିଁ ।"

(ଭାଗବତ, ଏକାଦଶ ସ୍କନ୍ଧ, ୩୧ । ୯)

ବୃହତ୍ ପ୍ରବୋଧନ ଦେଇ କହୁଥାନ୍ତି, ସେ ଆମର ଅବଚେତନ ମନୋଭୂମିର ଆମନ୍ତ୍ରଣକ୍ରମେ, ଅନୁନୟକ୍ରମେ, ଆବାହନକ୍ରମେ ଆସିଥିଲେ । ଯୁଗେ ଯୁଗେ ଗୁରୁ ରୂପରେ ସେ ଏମିତି ଆସନ୍ତି । "ଭୁଲିଯାଇଥିବା ବାଟ ଦେଖାଇ ଦେଇ ଅପସରି ଯାଆନ୍ତି ।"

ଯାତ୍ରା ତୁମର । ତୁମେ ଯାତ୍ରୀ । ତୁମେ ହେବେ ଚାହିଁବ ସେ ଯାତ୍ରା ସରିଯିବ ।

ଏଥର ବୃହତ୍‌ଙ୍କୁ ଆଶ୍ରୟ କରି, ଦିଗଦେଶୀନ କରି ଅନେକ ପଥ ଚାଲିଲେ ସୁନନ୍ଦ, ସୁବୋଧ, ଅମିୟ । ତାଙ୍କ ସହିତ ପଥ ଚାଲୁଛନ୍ତି ଜନ୍ମ ଅନ୍ଧ ଓ ପିଙ୍ଗଳା । ଯେଉଁଦିନ ସେମାନେ ଚାହିଁବେ, ଯଥାର୍ଥ ଯୋଗ ସାମର୍ଥ୍ୟରେ ଚାହିଁ ପାରିବେ, ଆତ୍ମିକ ପରିଶୁଦ୍ଧି ଓ ନିଷ୍ଠାରେ ଚାହିଁପାରିବେ, ସେ ଦିନ ଏ ଯାତ୍ରାର ପରିସମାପ୍ତି ହେବ । ଯାତ୍ରା ସମ୍ପୂର୍ଣ୍ଣ ଇଚ୍ଛାଧୀନ ।

———

Digitized by srujanika@gmail.com